

ମେକ୍‌ଅପ୍ ନିଅନ୍ତିନି ସାଇପଲ୍ଲବୀ
▶ପୃଷ୍ଠା ୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 42 ◆ISSUE-250 ◆BHUBANESWAR ◆FRIDAY ◆7 MARCH 2025 ◆PAGE-14 ◆₹ 6.00

◆ବର୍ଷ-୪୨ ◆ସଂଖ୍ୟା-୨୫୦ ◆ଭୁବନେଶ୍ୱର ◆ଶୁକ୍ରବାର ◆୭ ମାର୍ଚ୍ଚ ୨୦୨୫ ◆ପୃଷ୍ଠା-୧୪ ◆ଟ.୬.୦୦


## ଲଣ୍ଡନରେ ଜୟଶଙ୍କରଙ୍କୁ ଘେରିଲେ ଖଲିସ୍ତାନୀ



### ଚିରିଲେ ତ୍ରିରଙ୍ଗା

### ତୀବ୍ର ବିରୋଧ କଲା ଭାରତ, ବ୍ରିଟେନର ନିନ୍ଦା

■ **ଲଣ୍ଡନ, ୬।୩ (ଏଜେନ୍ସି):** ବ୍ରିଟେନ ଗସ୍ତରେ ଥିବା ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କରଙ୍କୁ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିଛି । ତାଙ୍କ ସୁରକ୍ଷାରେ ତ୍ରୁଟି ଦେଖା ଦେଇଛି । ଲଣ୍ଡନର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇ ଫେରୁଥିବା ବେଳେ ବୁଧବାର ରାତିରେ ଜୟଶଙ୍କରଙ୍କ ଗାଡ଼ିକୁ ଖଲିସ୍ତାନୀ ସମର୍ଥକ ଘେରି ନେଇଥିଲେ । ଭାରତ ବିରୋଧୀ ସ୍ଲୋଗାନ ଦେଇଥିଲେ । ଏହି ଖଲିସ୍ତାନୀ ପ୍ରଦର୍ଶନକାରୀଙ୍କ ମଧ୍ୟରୁ ଜଣେ ତାଙ୍କ ଗାଡ଼ି ସାମ୍ନାକୁ ଆସି ତ୍ରିରଙ୍ଗା ପତାକା ଚିରି ଦେଇଛି । ପରେ ପୁଲିସ ଉକ୍ତ ବ୍ୟକ୍ତିକୁ ଅଟକାଇ ହେପାଜତକୁ ନେଇଛି । ଏବେ ଏହି ଘଟଣାର ଭିଡିଓ ଭାଇରାଲ ହେବାରେ ଲାଗିଛି । ବ୍ରିଟେନରେ ବାରମ୍ବାର ଏଭଳି ଘଟଣା ଘଟୁଥିବାବେଳେ ସେଠାକାର ସରକାର ମୂକ ଦର୍ଶକ ହୋଇ ରହିଛନ୍ତି ।

ଏହି ଘଟଣାକୁ ନେଇ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରାଯାଇଛି । ବିଚ୍ଛିନ୍ନତାବାଦୀ ଏବଂ ଚରମପନ୍ଥୀଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରି ଗଣତାନ୍ତ୍ରିକ ଅଧିକାରର ଅପବ୍ୟବହାର କରୁଥିବା ଲୋକଙ୍କ ବିରୋଧରେ ବ୍ରିଟେନ ▶ପୃଷ୍ଠା-୭

## ଜଷ୍ଟିସ୍ ହରିଶ ଟଣ୍ଡନ ହେବେ ମୁଖ୍ୟ ବିଚାରପତି



■ **କଟକ, ୬।୩ (ସମିସ):** କଲିକତା ହାଇକୋର୍ଟର ବରିଷ୍ଠ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନଙ୍କୁ ଓଡ଼ିଶା ହାଇକୋର୍ଟର ନୂତନ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପ୍ରଦାନ ପାଇଁ ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ କରାଯାଇଛି । ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ପଦ ଗତ ଜାନୁଆରୀ ୧୯ ତାରିଖକୁ ଖାଲି ପଡ଼ିଥିବାରୁ ଜଷ୍ଟିସ୍ ଟଣ୍ଡନଙ୍କୁ ଏହି ପଦରେ ନିଯୁକ୍ତି ପ୍ରଦାନ ପାଇଁ କଲେଜିୟମ ସୁପାରିସ କରିଛି । ଏ ସଂକ୍ରାନ୍ତରେ ସୁପ୍ରିମକୋର୍ଟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ଜଷ୍ଟିସ୍ ଟଣ୍ଡନ ୧୯୬୪ ମସିହା ନଭେମ୍ବର ୧୬ରେ ଜନ୍ମ ଗ୍ରହଣ କରିଥିଲେ । ୧୯୮୯ରେ କଲିକତା ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ୧୯୮୯ ସେପ୍ଟେମ୍ବର ୨୬ରେ ଆଇନଜୀବୀ ଭାବେ ପଞ୍ଜିକୃତ ହୋଇ କଲିକତା ହାଇକୋର୍ଟରେ ଓକିଲାତି ପେସାରେ ଯୋଗ ଦେଇଥିଲେ । ସିଭିଲ ମାମଲାଗୁଡ଼ିକୁ ସେ ଦକ୍ଷତାର ସହ ପରିଚାଳନା କରିଆସିଥିଲେ । ୨୦୧୦ ଏପ୍ରିଲ ୧୩ରେ କଲିକତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ । ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଅବସର ଗ୍ରହଣ କରିବା ପରେ ଗତ ଜାନୁଆରୀ ୧୯ରୁ ଜଷ୍ଟିସ୍ ଅରିନ୍ଦମ ସିହ୍ନା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି ।

### ପ୍ରଶ୍ନପତ୍ର ପ୍ରଘଟ !

## ପୁଲିସ ଏସ୍ଆଇ ପରୀକ୍ଷା ସ୍ଥଗିତ

### ଆସନ୍ତା ୮ ଓ ୯ ତାରିଖରେ ହୋଇଥାଆନ୍ତା ଲିଖିତ ପରୀକ୍ଷା

### ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ବନ୍ଦ ରହିଲା ନିଯୁକ୍ତି ପରୀକ୍ଷା

### ଘରୋଇ ସଂସ୍ଥାକୁ ପରିଚାଳନା ଦାୟିତ୍ୱ ଦେଇଥିଲା ଓପିଆର୍‌ବି

■ **ଭୁବନେଶ୍ୱର, ୬।୩ (ସମିସ):** ଓଡ଼ିଶା ପୁଲିସ ସବ୍ ଇନ୍ସପେକ୍ଟର (ଏସ୍ଆଇ) ନିଯୁକ୍ତି ପରୀକ୍ଷା ସ୍ଥଗିତ ରହିଛି । ଆସନ୍ତା ୮ ଓ ୯ ତାରିଖରେ ହେବାକୁ ଥିବା ପରୀକ୍ଷାକୁ ଅନିବାର୍ଯ୍ୟ କାରଣ ଦର୍ଶାଇ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଏନେଇ ଓଡ଼ିଶା ପୁଲିସ ରିକ୍ରୁଟମେଣ୍ଟ ବୋର୍ଡ (ଓପିଆର୍‌ବି) ପକ୍ଷରୁ ସୂଚନା ଦିଆଯାଇଛି ଓ ରାଜ୍ୟ ଗୃହ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି । ଅନ୍ୟପକ୍ଷରେ ଆସନ୍ତା ୮ ଓ ୯ ତାରିଖରେ ପ୍ରସ୍ତାବିତ ଏସ୍ଆଇ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇଥିବା ଏକ ବିଶେଷ ସୂତ୍ରରୁ ସୂଚନା ମିଳିଛି । ଯେଉଁଥିପାଇଁ ଏହି ପରୀକ୍ଷାକୁ ସ୍ଥଗିତ ରଖାଯାଇଥିବା କୁହାଯାଉଛି ।

ଏହି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହି ଦିନ ଆର୍‌ପିଏଫ୍ କନଷ୍ଟେବଲ, ଷ୍ଟେଟବ୍ୟାଙ୍କ ପ୍ରୋବସନାରୀ ଅଫିସର, ଓପିଏସ୍‌ସି ଦ୍ୱାରା ପରିଚାଳିତ ସହକାରୀ କୃଷି ଅଧିକାରୀ ଓ ପୁଲିସ ସବ୍‌ଇନ୍ସପେକ୍ଟରର ପରୀକ୍ଷା ନିମନ୍ତେ ନିର୍ଘଣ୍ଟ ପ୍ରକାଶ ପାଇଥିଲା । ମାତ୍ର ଓପିଆର୍‌ବି ପକ୍ଷରୁ ପୁଲିସ ସବଇନ୍ସପେକ୍ଟର ପରୀକ୍ଷା ନିମନ୍ତେ ଏକ ରାଷ୍ଟ୍ରାୟତ୍ତ ସଂସ୍ଥାକୁ ଦାୟିତ୍ୱ ପ୍ରଦାନ କରିଥିଲା । ମାତ୍ର ସମ୍ପୃକ୍ତ ସଂସ୍ଥା ରିଚ୍‌ମାଇଣ୍ଡ ନାମକ ଏକ ଘରୋଇ କମ୍ପାନୀକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ▶ପୃଷ୍ଠା-୭

### ଆଜିଠାରୁ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ

**ମାଳମାଳ ପ୍ରସଙ୍ଗ**

## ଶାଣିତ ହେବ ବିରୋଧୀଙ୍କ ସ୍ୱର



### ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ସରକାରଙ୍କୁ ଘେରିବେ ବିରୋଧୀ

### ପ୍ରମୁଖ ହେବ ବିଜୁ ବାବୁଙ୍କୁ ଅସମ୍ମାନ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା

### କଟ୍‌ନୀଛଟ୍‌ନୀ, ପୋଲାଭରମ, ରଙ୍ଗ ରାଜନୀତି ପ୍ରସଙ୍ଗ ହେବ

■ **ଭୁବନେଶ୍ୱର, ୬।୩ (ସମିସ):** ଆସନ୍ତାକାଲିଠାରୁ ଆରମ୍ଭ ହେବ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ। ପ୍ରଥମ ପର୍ଯ୍ୟାୟ ଅଧିବେଶନ ଉଷ୍ମ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଏହି ତାତି ଅଧିକ ରହିବା ନେଇ ସଙ୍କେତ ମିଳିଛି । ରାଜ୍ୟସ୍ୱାର୍ଥ ସମ୍ବଳିତ ପୁଳାପୁଳା ପ୍ରସଙ୍ଗକୁ ନେଇ ବିରୋଧୀ ବିଜେଡି ଓ କଂଗ୍ରେସ ପ୍ରସ୍ତୁତ ହୋଇ ରହିଛନ୍ତି । ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ନେଇ ବିଜେପିର ରାଜନୀତି, ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ, ମାର୍ଚ୍ଚ ୫ ତାରିଖ ଛୁଟି ବାତିଲ, ପୋଲାଭରମ୍ ପ୍ରସଙ୍ଗ, ସ୍କୁଲରେ ନାବାଳିକାଙ୍କ ପ୍ରସବ, ଧାନକିଣାରେ ଅବ୍ୟବସ୍ଥା, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ସରକାରଙ୍କ ରଙ୍ଗ ବଦଳା ରାଜନୀତିକୁ ନେଇ ଗୃହ ହୁଲସ୍ଥୁଲ ହେବା ସୁରାକ ମିଳିଛି । ବିଶେଷକରି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡ କାଢ଼ି ନେବା ଘଟଣାକୁ ନେଇ ଗୃହରେ ମୁଖ୍ୟ ବିରୋଧୀ ଦଳ ବିଜେଡି ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ଜଣାପଡ଼ିଛି ।

ଫେବୃଆରୀ ୧୩ ତାରିଖରୁ ଆରମ୍ଭ ହୋଇଥିବା ଏହି ୨୮ ଦିନିଆ ଅଧିବେଶନରେ ପ୍ରଥମ ପର୍ଯ୍ୟାୟରେ ମୋଟ ୮ଟି କାର୍ଯ୍ୟଦିବସ ଅନୁଷ୍ଠିତ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଆଇନଶୃଙ୍ଖଳା, ଦରଦାମ ବୃଦ୍ଧି, କଟନୀ ଛଟନୀ, ନେପାଳ ଛାତ୍ରୀଙ୍କ ଆତ୍ମହତ୍ୟା ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ସରକାରଙ୍କୁ ପ୍ରବଳ ଘେରିଥିଲେ । ଅନୁରୂପ ଭାବରେ ଦ୍ୱିତୀୟ ପର୍ଯ୍ୟାୟରେ ଧାନ କିଣାରେ ବ୍ୟାପକ ଅବ୍ୟବସ୍ଥା, ପୋଲାଭରମ୍, ଆଇନ ଶୃଙ୍ଖଳା, ଏବଂ ନାରୀ ନିର୍ଯାତନା ବୃଦ୍ଧିକୁ ନେଇ ସରକାର ଅଡୁଆରେ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ରାଜନୈତିକ ବିଶେଷଜ୍ଞ ମତପ୍ରକାଶ କରିଛନ୍ତି । ଚଳିତ ମାସ ଶେଷରେ ଖରିଫ୍ ଧାନ କିଣା ପ୍ରକ୍ରିୟା ଶେଷ ହେବ । ମାତ୍ର ରାଜ୍ୟବ୍ୟାପୀ ଏହାକୁ ନେଇ ସୃଷ୍ଟି ହୋଇଥିବା ବିଭ୍ରାଟ ଶୀର୍ଷ ଛୁଇଁଛି । ନିକଟରେ ଅକ୍ଷୟ କୁମାରଙ୍କ ନେତୃତ୍ୱରେ ଚାଷୀ ନେତାମାନେ ▶ପୃଷ୍ଠା-୭

### ପ୍ରବାଦ ପୁରୁଷ ବିଜୁ ବାବୁଙ୍କୁ ଅସମ୍ମାନ

## ରାଜ୍ୟବ୍ୟାପୀ ଗର୍ଜିଲା ବିଜେଡି



### ସରକାରଙ୍କ ନିଷ୍ପତ୍ତି ସଂକୀର୍ଣ୍ଣ ମନୋଭାବର ପରିଚୟ

■ **ଭୁବନେଶ୍ୱର, ୬।୩ (ସମିସ):** ମାର୍ଚ୍ଚ ୫ରେ ବିଜୁ ଜୟନ୍ତୀରେ ପ୍ରତିବର୍ଷ ଅନୁଷ୍ଠିତ ହେଉଥିବା ପଞ୍ଚାୟତିରାଜ ଦିବସକୁ ଏପ୍ରିଲ ୨୪କୁ ପରିବର୍ତ୍ତନ ଓ ସରକାରୀ ଛୁଟି ବାତିଲ କରି ରାଜ୍ୟ ସରକାର ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରତିବାଦରେ ସାରା ରାଜ୍ୟରେ ଗର୍ଜିଛି ବିଜେଡି । ସରକାର ସଂକୀର୍ଣ୍ଣ ମନୋଭାବର ପରିଚୟ ଦେବା ସହ ଅସହିଷ୍ଣୁତା ପୋଷଣ କରିଥିବା ଅଭିଯୋଗ କରି ରାଜ୍ୟର ସମସ୍ତ ନିର୍ବାଚନମଣ୍ଡଳୀରେ ପ୍ରତିବାଦ ସମାବେଶ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଦଳର ନେତାମାନେ ରାଜ୍ୟ ସରକାରଙ୍କ ବିଜୁ ବିରୋଧୀ ମନୋଭାବକୁ କଟୁ ସମାଲୋଚନା କରିଛନ୍ତି । ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ରାଜ୍ୟର ପ୍ରତ୍ୟେକ ବର୍ଗର ଲୋକଙ୍କୁ ଆଘାତ ଦେଇଛି ବୋଲି ଦଳ ପକ୍ଷରୁ କୁହାଯାଇଛି ।

ଗତ ୩ ଦଶନ୍ଧି ଧରି ରାଜ୍ୟରେ ପଞ୍ଚାୟତିରାଜ ଦିବସ ମାର୍ଚ୍ଚ ୫ରେ ପାଳିତ ହୋଇ ଆସୁଛି । ମାତ୍ର ରାଜ୍ୟ ସରକାର ଏହାକୁ ଏପ୍ରିଲ ୨୪ ତାରିଖରେ ପାଳନ କରିବାକୁ ଆକସ୍ମିକ ନିଷ୍ପତ୍ତି ନେବା ସହ ମାର୍ଚ୍ଚ ୫ ତାରିଖ ସରକାରୀ ଛୁଟିକୁ ବାତିଲ କରିଛନ୍ତି । ଦେଶରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଲାଗୁ କରିବାରେ ଓଡ଼ିଶା ଅଗ୍ରଣୀ ରାଜ୍ୟର ମାନ୍ୟତା ପାଇଛି । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୧୯୯୧ ମସିହାରେ ଓଡ଼ିଶା ବିଧାନସଭାରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ କରିବା ସହ ମହିଳାମାନଙ୍କ ପାଇଁ ଏକ ତୃତୀୟାଂଶ ଆସନ ସଂରକ୍ଷିତ କରାଯାଇଥିଲା । ଏହି ଐତିହାସିକ ନିଷ୍ପତ୍ତି ନେବାରେ ଦେଶରେ ଓଡ଼ିଶା ପ୍ରଥମ ରାଜ୍ୟ ଥିଲା । ଏହାର ▶ପୃଷ୍ଠା-୭

### ଆୟକର ବିଲ୍‌କୁ ନେଇ ଉଠିଲା ବିବାଦ

## ଆୟକରଦାତାଙ୍କ ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରହିବ ନାହିଁ

### ସାମାଜିକ ଗଣମାଧ୍ୟମ, ବ୍ୟାଙ୍କ ଆକାଉଣ୍ଟ, ଇମେଲ୍ ଖୋଲି ତଥ୍ୟ ହାସଲ କରିପାରିବେ ଆୟକର ଅଫିସର

### ନୋଟିସ ଦରକାର ନାହିଁ, ସନ୍ଦେହ ହିଁ ଯଥେଷ୍ଟ

■ **ନୂଆଦିଲ୍ଲୀ, ୬।୩ (ଏଜେନ୍ସି):** ଆୟକରଦାତାଙ୍କ ବ୍ୟକ୍ତିଗତ ତଥ୍ୟ ଆଉ ସୁରକ୍ଷିତ ରହିବ ନାହିଁ । ଆୟକର ଅଧିକାରୀ ଚାହିଁଲେ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ, ବ୍ୟକ୍ତିଗତ ଇମେଲ୍, ବ୍ୟାଙ୍କ ଆକାଉଣ୍ଟ, ଅନଲାଇନ୍ ଇନଭେଷ୍ଟମେଣ୍ଟ ଆକାଉଣ୍ଟ୍ସ ଏବଂ ଏପରିକି ଟ୍ରେଡିଂ ଆକାଉଣ୍ଟ୍ସ ମଧ୍ୟ ଦେଖିପାରିବେ । ଏଥିପାଇଁ କୌଣସି ସୂଚନା ବା ଅଭିଯୋଗର ଆବଶ୍ୟକତା ନାହିଁ; କେବଳ ସନ୍ଦେହ ହେଲେ ଯଥେଷ୍ଟ । ଗତମାସ ଲୋକସଭାରେ ସରକାର ଆଗତ କରିଥିବା ଆୟକର ବିଲ୍‌ରେ ଏଭଳି ବ୍ୟବସ୍ଥା ରହିଛି । ଆୟକର ଅଧିକାରୀ ଚାହିଁଲେ ଆୟକରଦାତାଙ୍କ ଘର କବାଟ ଭାଙ୍ଗି ପଶିପାରିବେ । ସେମାନେ ବାକ୍ସ, ଲକର, ସେଫ୍ ଓ ଆଲମିରା ମଧ୍ୟ ଭାଙ୍ଗିପାରିବେ । ଲୋକସଭାରେ ଆଗତ ଆୟକର ବିଲର ୨୪୭ ଧାରାରେ ଆୟକର ଅଧିକାରୀମାନଙ୍କୁ ▶ପୃଷ୍ଠା-୭

**ଭିଜିଲାନ୍ସ ପଞ୍ଝାରେ ପରିବହନ ଯୁଗ୍ମ କମିସନର**

## କୁବେରର ସମ୍ପତ୍ତି ଠାବ



■ **ଭୁବନେଶ୍ୱର/କଟକ, ୬।୩ (ସମିସ):** ଆଖି ଖୋସି ହୋଇଯିବା ଭଳି ସମ୍ପତ୍ତି । ସୁନାରୁପା ଅଳଙ୍କାର, ସୁନା ବିସ୍କୁଟ ସହ ଘରୁ ବାହାରୁଛି ପୁଳାପୁଳା ଟଙ୍କା । ଯେଉଁଠୁ ଆଖି ବୁଲାଇ ଆଣିଲେ ଖାଲି ସୁନାଗହଣା । ସୁନା ବିସ୍କୁଟ୍ ସାଙ୍ଗକୁ ସୁନା ଚୁଡ଼ି, କାନଫୁଲ, ଅଣ୍ଟାବିଛା, ମୁଦି ଓ ଭଳିକି ଭଳି ସୁନାହାର । ଆମେରିକାନ ହାରରେ ଖଞ୍ଜା ହୋଇଛି ଦାମିକିଆ ରତ୍ନପଥର । ଖାଲି ସେତିକି ନୁହେଁ, ନୂଆନୂଆ ଶୈଳୀରେ ନିର୍ମାଣ ହୋଇଛି ବହୁତଳ ଅଟ୍ଟାଳିକ । ଅଚଳାଚଳ ସମ୍ପତ୍ତି, କୋଠା ଓ ସୁନାଗହଣା ଦେଖି ଭିଜିଲାନ୍ସ ଅଧିକାରୀ ବି ତାଜୁବ୍ । ଆୟ ବହିର୍ଭୂତ ସମ୍ପତ୍ତି ▶ପୃଷ୍ଠା-୭






## ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ

### ଉଡ଼ିଗଲା ଛାତ; ଜଣେ ମୃତ



**ଯାଜପୁର, ୬।୩ (ସମିସ):** ଯାଜପୁର ବ୍ଲକ୍ ବାସୁଦେବପୁର ପଞ୍ଚାୟତର ଜାଲପୁର ଗ୍ରାମରେ ଚାଲିଥିବା ବେଆଇନ ବାଣ କାରଖାନାରେ ଆଜି ଅପରାହ୍ଣରେ ବିସ୍ଫୋରଣ ଘଟିଛି । ଏଥିରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମୃତ ଶ୍ରମିକଜଣଙ୍କ ହେଲେ, ସ୍ଥାନୀୟ ଗ୍ରାମର ବାଦଲ ପାତ୍ର(୨୨) । ଗୁରୁତରମାନଙ୍କୁ ଜିଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଛି ।

### ହସ୍ପିଟାଲରେ ୩ ଗୁରୁତର

ସୂଚନା ମୁତାବକ, ଜାଲପୁର ଗ୍ରାମରେ ଅଧିକାଂଶ ବେଆଇନ ବାଣ ବ୍ୟବସାୟୀ ଅଛନ୍ତି । ଘରେ ଚୋରାରେ ବେଆଇନ ଭାବେ ବର୍ଷତମାମ ବାଣ ବ୍ୟବସାୟ କରି ଆସୁଛନ୍ତି । ଆଜି ନଳିନୀକାନ୍ତ ପତିଙ୍କ ଘରେ ବେଆଇନ ବାଣ ତିଆରି ଚାଲିଥିଲା । ବାଦଲ ବାଣ ଭିଡୁଥିବା ବେଳେ ହଠାତ୍ ବିସ୍ଫୋରଣ ହେବାରୁ ସେଠାରେ ରହିଥିବା ବାଣ ଏକାଥରରେ ଫୁଟିବା ସହିତ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । ଏହି ବାଣ ତିଆରିରେ ଲାଗିଥିବା ଶ୍ରମିକ ଓ କର୍ମଚାରୀ ଗୁରୁତର ହୋଇପଡ଼ିଥିଲେ । ବିସ୍ଫୋରଣର ମାତ୍ରା ଏତେ ଭୟଙ୍କର ଥିଲା ଯେ ଘରର ଛାତ ସମ୍ପୂର୍ଣ୍ଣ ଉଡ଼ିଯାଇଥିଲା ।

ଗୁରୁତର ଅବସ୍ଥାରେ ବାଦଲ ପାତ୍ର, ନଳିନୀକାନ୍ତ ପତି, ନାରାୟଣ ବେହେରା, ଅଜିତ ଜେନାଙ୍କୁ ପ୍ରଥମେ ଯାଜପୁର ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ସେଠାରେ ପ୍ରାଥମିକ ଚିକିତ୍ସା ପରେ ବାଦଲଙ୍କୁ କଟକ ସ୍ଥାନାନ୍ତର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ତିନିଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ବିସ୍ଫୋରଣସ୍ଥଳ ନିକଟରେ କାମ କରୁଥିବା ଦୁଇଜଣ ଶ୍ରମିକ ମଧ୍ୟ ଛାତରୁ ଖସି ପଡ଼ି ଆହତ ହୋଇଥିବା ଜଣାପଡ଼ିଛି । ଖବର ପାଇ ଯାଜପୁର ଅଗ୍ନିଶମବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ମୁଖ୍ୟାଳୟକୁ ପଠାଇବା ସହ ନିଆଁକୁ ଆୟତ୍ତ କରିଥିଲେ । ଖବର ପାଇ ଯାଜପୁରର ପୂର୍ବତନ ▶ପୃଷ୍ଠା-୭



# ଏକଲାପଣ ଦୂର କରି ଲକ୍ଷ ଲକ୍ଷ ରୋଜଗାର

ବଦଳୁଛି ସମୟ। ଲୋପ ପାଇଯାଇଛି ଏକାନ୍ନବର୍ତ୍ତୀ ପରିବାର। ପରିବର୍ତ୍ତିତ ପରିସ୍ଥିତିରେ ମଣିଷ ହୋଇଯାଇଛି ନିଃସଙ୍ଗ। ସେ ଖୋଜୁଛି ଅନ୍ୟର ସାହାରା। ଆଉ ଏତିକିବେଳେ ଏକଲା ମଣିଷଟିର ମୁହଁରେ ହସ ଫୁଟାଇବା ପାଇଁ କେତେଜଣ ଆଗେଇ ଆସିଥାନ୍ତି। ସେମିତି ଜଣେ ଯୁବକ ହେଉଛନ୍ତି ଜାପାନର ଶୋଝି ମୋରିମୋଟୋ। ନିଃସଙ୍ଗ ଲୋକଙ୍କୁ ସେବା ଯୋଗାଇ ସେ ବେଶ୍ ମୋଟା ଅଙ୍କର ଅର୍ଥ ରୋଜଗାର କରନ୍ତି। ତାଙ୍କର ମୁଖ୍ୟ କାମ ହେଉଛି ସେ ଲୋକଙ୍କୁ ଭାବନାତ୍ମକ ସମର୍ଥନ ଦିଅନ୍ତି। ଲୋକଙ୍କ ଏକଲାପଣକୁ ଦୂର କରନ୍ତି। କେତେବେଳେ ସେ ଲୋକଙ୍କ ସହ ମଧ୍ୟାହ୍ନ ଭୋଜନ କରିବାକୁ ଯାଆନ୍ତି ତ ଆଉ କେତେବେଳେ ପାଖରେ ବସି ସେମାନଙ୍କ କଥାକୁ ଶୁଣନ୍ତି। ଅବଶ୍ୟ ଏହି କାମ ପାଇଁ ସେ ମୋଟା ଅଙ୍କର ଫିସ୍ ନିଅନ୍ତି। ଏଥିପାଇଁ ସେ ବର୍ଷକୁ ପାଖାପାଖି ୬୯ ଲକ୍ଷ ଟଙ୍କା ଆୟ କରନ୍ତି। ତେବେ ମୋରିମୋଟୋଙ୍କ ଏହି କାମକୁ ଜାପାନର ଲୋକ ବହୁତ ପସନ୍ଦ କରୁଛନ୍ତି। ତେବେ ନିଜ କାମକୁ ନେଇ ମୋରିମୋଟୋ କୁହନ୍ତି, ମୋତେ ଯେଉଁ କଥା ପସନ୍ଦ ଆସେନି ଯେମିତିକି ପପ୍ କନ୍‌ସର୍ଟ ଯିବା ଆଦି ଅଫର୍‌କୁ ମୁଁ ଗ୍ରହଣ କରେନି। ଯେଉଁଟା ମୋର ନାପସନ୍ଦ, ସେଠାକୁ ସେ ଆଦୌ ଯାଆନ୍ତିନି ବୋଲି କୁହନ୍ତି। ଅନ୍ୟପଟେ ଏକ ରିପୋର୍ଟ ଅନୁସାରେ, ଜାପାନରେ ଲୋକଙ୍କଠାରେ ଏକାକୀପଣ ସବୁଠୁ ବଡ଼ ସମସ୍ୟା। ଜାପାନରେ ଏବେ ପାଖାପାଖି ୪୦ ହଜାର ଲୋକଙ୍କର ଘରେ ଏକୁଟିଆ ରହିବା ଯୋଗୁଁ ମୃତ୍ୟୁ ହୋଇଥିଲା। ସେହିପରି ଜାପାନରେ ଆତ୍ମହତ୍ୟା ମାମଲା ବୃଦ୍ଧି ମଧ୍ୟ ସବୁଠୁ ବଡ଼ ସାମାଜିକ ସମସ୍ୟା ଭାବେ ଉଭା ହୋଇଛି।

**ଆଜି ବାହୁଡ଼ିଥିଲେ**

# କର୍ମବୀର ଗୌରୀଶଙ୍କର

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦେବା ପାଇଁ ଯେଉଁ କେତେଜଣ ବରେଣ୍ୟ ଓଡ଼ିଆ ଆଗଧାଡ଼ିରେ ଥିଲେ, ସେମାନଙ୍କ ଭିତରେ କର୍ମବୀର ଗୌରୀଶଙ୍କର ରାୟ ଅନ୍ୟତମ। ତାଙ୍କ ନିଷ୍ଠାପର କର୍ମ ପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ଓଡ଼ିଶାରେ ଖବର ପ୍ରକାଶନର ଆଦି କର୍ଣ୍ଣଧାର ଭାବେ ସେ ଓଡ଼ିଆ ସାହିତ୍ୟ ଇତିହାସରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ସୁରକ୍ଷା ଆନ୍ଦୋଳନ କାଳରେ 'ଉତ୍କଳ ଦୀପିକା' ମାଧ୍ୟମରେ ଗୌରୀଶଙ୍କର ଯେଉଁଭଳି ଭାବେ ଓଡ଼ିଆ ବିରୋଧୀ ଶକ୍ତିମାନଙ୍କର ମୁକାବିଲା କରିଥିଲେ, ତାହା ଅତୁଳନୀୟ। ଏହି ଯୋଗଜନ୍ମା ପୁରୁଷଙ୍କର ଆଜି ପୁଣ୍ୟତିଥି।



ଊନବିଂଶ ଶତାବ୍ଦୀରେ ଓଡ଼ିଆ ନବଜାଗରଣର ପୁରୋଧା ଥିଲେ କର୍ମବୀର ଗୌରୀଶଙ୍କର ରାୟ। ୧୮୩୮ ମସିହା ଜୁଲାଇ ୧୩ ତାରିଖରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ତାଙ୍କ ବେତନ ଥିଲା ୨୦ ଟଙ୍କା। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣୀ ଚାକରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ କଟକରେ ପ୍ରିଣ୍ଟିଂ କମ୍ପାନି ଗଢ଼ିଥିଲେ। ୪ ଅଗଷ୍ଟ ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପ୍ରାୟ ୫୨ ବର୍ଷ ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ମାଧ୍ୟମରେ ସେ ସରକାରଙ୍କର ତ୍ରୁଟିପୂର୍ଣ୍ଣ ନୀତିନିୟମ ଏବଂ ସମାଜରେ ପ୍ରଚଳିତ ଘୃଣ୍ୟ ପ୍ରଥା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ। ଜୀବନର ମଧ୍ୟାହ୍ନରେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ। ଶୃଙ୍ଖଳା ଓ ନିୟମାନୁବର୍ତ୍ତିତା ଥିଲା ତାଙ୍କର ବିଶେଷ ଗୁଣ। ୧୯୧୭ ମସିହା ଆଜିର ଦିନରେ ତାଙ୍କର ପରଲୋକ ଘଟିଥିଲା।

# ବାଲ୍‌ଟି, ଡ୍ରମ୍ ନେଇ ସିନେମା ଦେଖା

ସାଧାରଣତଃ ସିନେମା ହଲ୍‌କୁ ଫିଲ୍ମ ଦେଖିବାକୁ ଗଲେ ଦର୍ଶକେ ସାଥିରେ ପପ୍‌କର୍ଣ୍ଣ, କୋଲଡ୍ରିଙ୍କ୍ସ ଆଦି ନେଇ ଯାଇଥାନ୍ତି। କିନ୍ତୁ କେତେକ ସିନେମା ହଲ୍‌ରେ ଏହାର ଦର ଅଧିକ ଥିବାରୁ ଲୋକେ ଘରୁ ଚଟ୍‌ପଟା ସ୍ନାକ୍ସ ନେଇ ଯାଇଥାନ୍ତି। କିନ୍ତୁ ସାଉଦି ଆରବରେ ଏହାକୁ ନେଇ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଫିଲ୍ମ ଦେଖିବାକୁ ଆସୁଥିବା ଲୋକେ ସାଥିରେ ବଡ଼ ବଡ଼ ବାଲ୍‌ଟି ଓ ଡ୍ରମ୍ ଧରିଥିବା ଦେଖାଯାଇଛି। ତେବେ ଏପରି ହେବାର କାରଣ ହେଉଛି, ଫିଲ୍ମସାଇଟକୁ ମାଗଣାରେ ପପ୍‌କର୍ଣ୍ଣ ଦେବା ନେଇ ସିନେମା ହଲ୍ ପକ୍ଷରୁ ଘୋଷଣା କରାଯାଇଥିଲା। ତେଣୁ ଲୋକମାନେ ଏହି ଅଫର୍‌ର ଅଧିକରୁ ଅଧିକ ଲାଭ ଉଠାଇବା ପାଇଁ ବଡ଼ ବଡ଼ ପାତ୍ର ନେଇ ଆସୁଛନ୍ତି। ଡାଇଲଗ୍ ପାକିସ୍ତାନ ନାମକ ଆକାଉଣ୍ଟରେ ସେୟାର ହୋଇଥିବା ଏହି ଭିଡିଓରେ ଜଣେ ଧଳା ରଙ୍ଗର ପୋଷାକ ପିନ୍ଧିଥିବା ବ୍ୟକ୍ତି, ଏକ ବଡ଼ ଡ୍ରମ୍ ନେଇ ସଫି ସେଣ୍ଟରରେ ଥିବା ସିନେମାହଲ୍ ମଧ୍ୟକୁ ଯାଉଥିବାର ଦେଖାଯାଇଛି। ସେ ନୀଳ ରଙ୍ଗର ଏକ ଡ୍ରମ୍ ନେଇ ପପ୍‌କର୍ଣ୍ଣ କାଉଣ୍ଟରରେ ପହଞ୍ଚିବାର ଦେଖାଯାଇଛି। ତାଙ୍କୁ ଦେଖି ସେଠାରେ ଥିବା କର୍ମଚାରୀମାନେ ହସୁଥିବାର ଦେଖାଯାଇଛି। ଏହାପରେ ସେମାନେ ଡ୍ରମ୍ ନେଇ ପପ୍‌କର୍ଣ୍ଣ ଭର୍ତ୍ତି କରି ଉକ୍ତ ବ୍ୟକ୍ତିଙ୍କୁ ବଢ଼ାଇ ଦେଇଛନ୍ତି। ତାଙ୍କ ପଛରେ ଅନ୍ୟ ଲୋକମାନେ ମଧ୍ୟ ବଡ଼ ବଡ଼ ପାତ୍ର ଧରି ଲାଇନ୍‌ରେ ଛିଡ଼ା ହୋଇଥିବାର ଦେଖିବାକୁ ମିଳିଥିଲା। ତେବେ ଉକ୍ତ ସିନେମାହଲ୍ ପକ୍ଷରୁ ୩୦ ରିୟାଲ (ପାଖାପାଖି ୬୯୬ ଟଙ୍କା)ରେ ଅନ୍‌ଲିମିଟେଡ୍ ପପ୍‌କର୍ଣ୍ଣ ଦେବା ପାଇଁ କୁହାଯାଇଥିଲା। ତେଣୁ ଲୋକେ ଅଧିକ ପପ୍‌କର୍ଣ୍ଣ ପାଇବା ପାଇଁ ବଡ଼ବଡ଼ ପାତ୍ର ଧରି ଯାଉଥିବାର କୌତୁହଳ ଦୃଶ୍ୟ ଦେଖିବାକୁ ମିଳିଥିଲା।








# କ୍ଷେତରେ ମଡେଲଙ୍କ ଫଟୋ ଏଡ଼ାଇବ କୁଦୃଷ୍ଟି

ସାଧାରଣତଃ ଲୋକେ କ୍ଷେତକୁ ସୁରକ୍ଷା ଦେବା ପାଇଁ କଣ୍ଟାବାଡ଼, ପାଳଭୂତ ତଥା କୁକୁର ରଖି ରକ୍ଷଣାବେକ୍ଷଣ କରିଥାନ୍ତି। କିନ୍ତୁ ନିକଟରେ କର୍ଣ୍ଣାଟକର ସୋମେଶ ନାମକ ଜଣେ କୃଷକ କ୍ଷେତକୁ ସୁରକ୍ଷା ଦେବା ପାଇଁ ଏକ ନିଆରା ଉପାୟ ଆପଣାଇଛନ୍ତି। ସେ କ୍ଷେତରେ ପାଳଭୂତ ପରିବର୍ତ୍ତେ ମଡେଲ୍‌ଙ୍କ ଫଟୋ ଲଗାଇଛନ୍ତି। ଯାହା ସଭିଙ୍କ ଧ୍ୟାନ ଆକର୍ଷଣ କରିଛି। ମୈସୁର ଜିଲ୍ଲା କଙ୍କାରହଟି ଗାଁର ଏହି କୃଷକ ଜଣକ କ୍ଷେତକୁ ଲୋକମାନଙ୍କ ଲୋଭନୀୟ ଦୃଷ୍ଟିରୁ ରକ୍ଷା କରିବା ପାଇଁ ଏହି ଉପାୟ ଆପଣାଇଛନ୍ତି। ନଞ୍ଜନଗୁଡରୁ ମଡାହଲ୍ଲି ଏବଂ ତଗଡୁର୍ ଯିବା ରାସ୍ତା ମଝିରେ ସେ ନିଜର ଚାରି ଏକର ଜମିରେ କଦଳୀ ଗଛ ଲଗାଇଛନ୍ତି। ଏଥିରେ ଭଲ କଦଳୀ ମଧ୍ୟ ଫଳିଛି। ନଞ୍ଜନଗୁଡ଼ରୁ ମଡାହଲ୍ଲି ଏବଂ ତଗଡୁର୍ ଗାଁକୁ ଯାଉଥିବା ଲୋକେ ନିଶ୍ଚେ ଏହି କଦଳୀ ବଗିଚା ବୁଲି ଦେଖନ୍ତି। ତେଣୁ ସେ ନିଜ କଦଳୀ ବାଡ଼ିକୁ ଲୋକଙ୍କ ଖରାପ ନଜରରୁ ସୁରକ୍ଷା ଦେବା ପାଇଁ ଏହି ପଦ୍ଧତି ଆପଣାଇଛନ୍ତି। ସେ ନିଜ କଦଳୀ ବାଡ଼ିର ଚାରିକଡ଼ରେ ପାଖାପାଖି ୧୦ଟି ସ୍ଥାନରେ ପ୍ରସିଦ୍ଧ କନଡ଼ ଆଙ୍କର ଅନୁଶ୍ରୀ ଏବଂ ଅନ୍ୟ ମଡେଲମାନଙ୍କର ଫଟୋ ଲଗାଇଛନ୍ତି। ଯଦ୍ୱାରା ଲୋକେ କଦଳୀ ବାଡ଼ିକୁ ନ ଦେଖି ମଡେଲମାନଙ୍କ ଫଟୋ ଆଡ଼କୁ ନଜର ଦେବେ। ତେବେ ଏହି ଖବର ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି।

**ଆଜିର ଘଟଣା**

- ୧୮୭୫- ଆଲେକ୍‌ଜାଣ୍ଡାର୍ ଗ୍ରାହମ୍‌ବେଲ୍ ଟେଲିଗ୍ରାଫ୍ ଉଦ୍ଭାବନ କରିଥିଲେ।
- ୧୯୦୬-ଫିନ୍‌ଲ୍ୟାଣ୍ଡରେ ମହିଳାଙ୍କୁ ମତଦାନ ଅଧିକାର ମିଳିଲା।
- ୧୯୬୧- ସ୍ୱାଧୀନତା ସଂଗ୍ରାମୀ ଗୋବିନ୍ଦ ବଲ୍ଲଭ ପନ୍ଥଙ୍କ ଦେହାନ୍ତ।
- ୧୯୬୯- ଇସ୍ରାଏଲ୍ ପ୍ରଥମ ଥର ପାଇଁ ଗୋଲ୍ଡା ମେୟରଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବାଛିଲା।
- ୨୦୦୮- ନାସାର ଫୋନିକ୍ସ ମାର୍ସ ଲ୍ୟାଣ୍ଡରମଙ୍ଗଳଗ୍ରହରେ ହ୍ରଦ ଠାବ କଲେ।



# ମେକ୍‌ଅପ୍ ନିଅନ୍ତିନି ସାଇପଲ୍ଲବୀ

ଫିଲ୍ମ ଦୁନିଆରେ ଏପରି ଅନେକ ସେଲିବ୍ରିଟି ଅଛନ୍ତି ଯେଉଁମାନେ ନିଜ ସ୍ୱତନ୍ତ୍ର ଅଭିନୟ ଓ ଅନ୍ଦାଜ ପାଇଁ ଜଣାଯାନ୍ତି। ସେମିତି ଜଣେ ଅଭିନେତ୍ରୀ ହେଉଛନ୍ତି ସାଇପଲ୍ଲବୀ। ତେଲୁଗୁ, ତାମିଲ ଓ ମାଲାୟାଲମ୍ ଇଣ୍ଡଷ୍ଟ୍ରୀରେ ଅନେକ ହିଟ୍ ଫିଲ୍ମ ଦେଇଥିବା ସାଇପଲ୍ଲବୀ ଏବେ 'ରାମାୟଣ' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଏଥିରେ ସେ ସୀତା ଭୂମିକାରେ ଅଭିନୟ କରୁଛନ୍ତି। ତେବେ ତାଙ୍କ ସମ୍ପର୍କରେ ସବୁଠୁ ଖାସ୍ କଥା ହେଉଛି, ସେ ବିନା ମେକ୍‌ଅପ୍‌ରେ ଫିଲ୍ମରେ ଅଭିନୟ କରିଥାନ୍ତି। ଫିଲ୍ମଗୁଡ଼ିକରେ ମେକ୍‌ଅପ୍ ଓ ହେୟାରଷ୍ଟାଇଲ୍‌କୁ ଗୁରୁତ୍ୱ ଦିଆଯାଉଥିବାବେଳେ ସାଇ କିନ୍ତୁ ଏସବୁରେ ଊର୍ଦ୍ଧ୍ୱରେ। ଅଧିକାଂଶ ଫିଲ୍ମରେ ସେ ନାଚୁ୍ୟରାଲ ଲୁକ୍‌ରେ ନଜର ଆସନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ସାଇ କହିଥିଲେ ଯେ, 'ନିର୍ଦ୍ଦେଶକମାନଙ୍କୁ ମୋ ନାଚୁ୍ୟରାଲ ଲୁକ୍ ଭଲ ଲାଗେ। ଅନେକ ମେକ୍‌ଅପ୍ ନେବା ପରେ ତାଙ୍କର ଆତ୍ମବିଶ୍ୱାସ ବଢ଼ିଯାଏ, ମୁଁ କିନ୍ତୁ ବିନା ମେକ୍‌ଅପ୍‌ରେ ବେଶ୍ ସହଜ ଅନୁଭବ କରିଥାଏ। ଫିଲ୍ମ ପାଇଁ ଭଲ କଷ୍ଟ୍ୟୁମ୍ କି ଭଲ ମେକ୍‌ଅପ୍ ଏତେଟା ଜରୁରି ନୁହେଁ, ଆପଣଙ୍କ ଭୂମିକା କ'ଣ ରହିଛି ତାହା ଅଧିକ ଗୁରୁତ୍ୱ ରଖିଥାଏ। ଆପଣଙ୍କ ଚରିତ୍ର ହିଁ ଆପଣଙ୍କୁ ଭିନ୍ନ କରି ଦର୍ଶାଇଥାଏ।'

# ଖର୍ଚ୍ଚ କମାଇ ସାଇତିଲେଣି ୮୩ ଲକ୍ଷ

ସଞ୍ଚୟ କରିବା ଏକ ଭଲ ଅଭ୍ୟାସ। ଭବିଷ୍ୟତରେ ଏହି ସଞ୍ଚୟ ଅର୍ଥ କାମରେ ଆସିଥାଏ। ଏହାକୁ ଦୃଷ୍ଟି ଦେଇ ଅଧିକାଂଶ ଖର୍ଚ୍ଚକାଟ୍ କରି ଟଙ୍କା ସଞ୍ଚୟ କରିଥାନ୍ତି। ଏମିତି ଜଣେ ଯୁବତୀ ହେଉଛନ୍ତି ମିୟା ମ୍ୟାକଗ୍ରାଥ। ବୟସ ତାଙ୍କୁ ମାତ୍ର ୨୪ ବର୍ଷ। ସେ ଏବେ ଫେଶନ ଇଣ୍ଡଷ୍ଟ୍ରିରେ ଆକାଉଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟରତ। ହେଲେ ମିୟା ଗ୍ଲାମର ଦୁନିଆରେ ରହିବି ଫେସନ୍ ବାବଦରେ କୌଣସି ଅଯଥା ଖର୍ଚ୍ଚ କରି ନ ଥାନ୍ତି। ତାଙ୍କ ସଞ୍ଚୟ କରିବାର ତରିକା ବେଶ୍ ନିଆରା। ସଞ୍ଚୟ କରିବାକୁ ସେ ଘରୁ ରୋଷେଇ କରି ଅଫିସ୍‌କୁ ଖାଦ୍ୟ ନେଇ ଆସନ୍ତି। ତାଙ୍କୁ ଯଦି କଫି ପିଇବାକୁ ଇଚ୍ଛା ହୁଏ, ଏଥିପାଇଁ ଖର୍ଚ୍ଚ ନ କରି ନିଜେ ବନାଇ ପିଅନ୍ତି। ସବୁବେଳେ ନିଜ ସାଙ୍ଗରେ ପାଣି ବୋତଲ ରଖିଥାନ୍ତି। ବିଶେଷ କଥା ହେଉଛି, ଏହି ଯୁବତୀ ଜଣକ ମେକ୍‌ଅପ୍ କି ସ୍କିନ୍‌କେୟାର ପ୍ରଡକ୍ଟ ପାଇଁ ଆଦୌ ଖର୍ଚ୍ଚ କରନ୍ତିନି। ବରଂ ଏହା ଅଯଥା ଖର୍ଚ୍ଚ ବୋଲି ସେ ଭାବନ୍ତି। ସେଥିପାଇଁ ସେ କମ୍ ଦାମ୍‌ର କ୍ରିମ୍, ପାଉଡର, ମେକ୍‌ଅପ୍ ସାମଗ୍ରୀ ବ୍ୟବହାର କରନ୍ତି। ସେହିପରି ଅନ୍ୟମାନଙ୍କର ପିନ୍ଧା ପୋଷାକରେ ଚଳାଇ ନିଅନ୍ତି। ଜଳଖିଆରେ ଅଧିକ ଟଙ୍କା ଖର୍ଚ୍ଚ ନ କରିବାକୁ ସେ ଦୀର୍ଘଦିନରୁ କେବଳ ଅଣ୍ଡା ଓ ବ୍ରେଡ୍ ଖାଉଛନ୍ତି। ଘରଭଡ଼ାରୁ ମୁକ୍ତି ପାଇଁ ସେ ବାପାମା'ଙ୍କ ସହିତ ରୁହନ୍ତି। ସାଜସଜ୍ଜା କି ଅନ୍ୟାନ୍ୟ କୌଣସି ଜିନିଷ ପାଇଁ ସେ କେବେ ବି ଟଙ୍କାଟିଏ ଖର୍ଚ୍ଚ କରନ୍ତି ନାହିଁ। ମିୟାଙ୍କ ମତରେ ଯଦି ଜଣେ ୪୦ ବର୍ଷରୁ ଅବସର ନେଇ ଆରାମ ଜୀବନଯାପନ ଚାହୁଁଛନ୍ତି, ତାଙ୍କୁ କିଛି ତ ତ୍ୟାଗ କରିବାକୁ ପଡ଼ିବ। ଏହି ସୂତ୍ରରେ ଏବେ ସୁଦ୍ଧା ସେ ପାଖାପାଖି



୮୩ଲକ୍ଷ ଟଙ୍କା ସଞ୍ଚୟ କରିସାରିଲେଣି। ଯଦି ଏହି ଧାରା ଜାରି ରୁହେ ତାହେଲେ ଯୁବତୀ ଜଣକ ୪୦ ବର୍ଷ ମଧ୍ୟରେ ୧୧ କୋଟି ଟଙ୍କା ସଞ୍ଚୟ କରି ନିଜ ପାଇଁ ଘର କିଣିବା ଆଶା ରଖିଛନ୍ତି।

## ଆଜିର ରାଶିଫଳ

**ମେଷ:** କଳା, ବିଜ୍ଞାନ ଓ ବାଣିଜ୍ୟରେ ଆଶାନୁରୂପ ଫଳ ମିଳିବ। ପାରିବାରିକ ସୁଖଶାନ୍ତି ବୃଦ୍ଧି ପାଇବ। ମହିଳାମାନଙ୍କର ବିଳାସ ବ୍ୟସନରେ ଦିନଟି କଟିବ। ଆୟ ତୁଳନାରେ ବ୍ୟୟ ଅଧିକ ରହିବ।

**ବୃଷ:** କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ବାଧାବିଘ୍ନର ସମ୍ମୁଖୀନ ହୋଇପାରନ୍ତି। ବ୍ୟବସାୟରେ ନୂତନ ନିବେଶ କରି ଦ୍ୱନ୍ଦ୍ୱରେ ପଡ଼ିବେ। ନିଜ ଲୋକଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**ମିଥୁନ:** ଛାତ୍ରଛାତ୍ରୀମାନେ ଉଚ୍ଚ ଶିକ୍ଷା ପାଇଁ ଯୋଜନା କରିବେ। ନୂତନ ବ୍ୟବସାୟ ଆରମ୍ଭ କରିବାକୁ ଉତ୍ତମ ସମୟ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। କୌଣସି କଥାକୁ ନେଇ ମନ ଊଣା ହୋଇପାରେ।

**କର୍କଟ:** ଦୀର୍ଘ ଦିନରୁ ଅଟକିଥିବା କାର୍ଯ୍ୟ ପୂରା ହେବ। ମହିଳାଙ୍କ ଦୃଷ୍ଟିକୋଣ ସକାରାତ୍ମକ ରହିବ। ପାରିବାରିକ ସହଯୋଗ ପାଇ ମନ ପ୍ରସନ୍ନ ରହିବ। ସମାଜରେ ମାନସମ୍ମାନ ବଢ଼ିବ।

**ସିଂହ:** ବ୍ୟବସାୟରେ କ୍ଷତି ସହିପାରନ୍ତି। ବନ୍ଧୁବାନ୍ଧବଙ୍କ ଆଗମନ ହେବ। ଚକ୍ଷୁ ସମସ୍ୟାରେ ଆକ୍ରାନ୍ତ ହୋଇପାରନ୍ତି। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ପାରିବାରିକ ସମସ୍ୟା ଲାଗିରହିବ। ଆଶା କରିଥିବା ଦିଗରୁ ଅର୍ଥ ମିଳିବନି। ଛାତ୍ରଛାତ୍ରୀମାନେ ଚେଷ୍ଟା ଜାରି ରଖି ସଫଳତା ପାଇବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ରହିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହେବ।

**ତୁଳା:** ନିଜର କ୍ୟାରିୟରକୁ ନେଇ ଚିନ୍ତିତ ରହିବେ। ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଉତ୍ତମ ରହିବ। ଛାତ୍ରଛାତ୍ରୀମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ। ମହିଳାମାନେ ଆତ୍ମନିର୍ଭରଶୀଳା ହେବେ।

**ବିଛା:** ଦୀର୍ଘ ଦିନର କାମ ସଂପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କ ସାହାଯ୍ୟ ପାଇବେ। ଆୟ ଅନୁସାରେ ବ୍ୟୟ ଅଧିକ ହେବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

**ଧନୁ:** ପାରିବାରିକ ସୁଖସମୃଦ୍ଧି ବୃଦ୍ଧି ହେବ। ପଡ଼ୋଶୀଙ୍କ ସହ ମନାନ୍ତର ହୋଇପାରେ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ। ଲେଖାପଢ଼ାରେ ଛାତ୍ରଛାତ୍ରୀମାନଙ୍କ ଏକାଗ୍ରତା ବଢ଼ିବ।

**ମକର:** ବିଭିନ୍ନ କ୍ଷେତ୍ରରେ ସଫଳତା ପାଇବେ। କଳା ଓ ସଂସ୍କୃତିରେ ସମ୍ମାନ ବୃଦ୍ଧି ପାଇବ। ପରିବାରରେ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଛାତ୍ରଛାତ୍ରୀମାନେ ଲେଖାପଢ଼ାରେ ବ୍ୟସ୍ତ ରହିବେ।

**କୁମ୍ଭ:** ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖିବାକୁ ଚେଷ୍ଟା କରନ୍ତୁ। ଧର୍ମକାର୍ଯ୍ୟ ପ୍ରତି ଆସ୍ଥା ବଢ଼ିବ। ଆପଣଙ୍କ ବ୍ୟବହାରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭାବିତ ହେବେ। ପୁରୁଣା ନିବେଶରୁ ଲାଭ ମିଳିବ।

**ମୀନ:** ଆର୍ଥିକ ଲାଭ ମିଳିପାରେ। ସୁସ୍ଥ ଅନୁଭବ କରିବେ। ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନୂଆ ପଦକ୍ଷେପ ନେବେ। ସମାଜରେ ପ୍ରସିଦ୍ଧି ବଢ଼ିବ। କୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଶୁଭ ଖବର ପାଇବେ।

# ସରିଲା ମାଟ୍ରିକ ପରୀକ୍ଷା

## ୧୯ରୁ ଖାତା ଦେଖା, ମେ' ପ୍ରଥମ ସପ୍ତାହରେ ଫଳ

କଟକ, ୬।୩ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଗୁରୁବାର ଶେଷ ହୋଇଛି। ଅନ୍ତିମ ଦିବସରେ ତୃତୀୟ ଭାଷା ସଂସ୍କୃତ ଓ ହିନ୍ଦୀ ବିଷୟରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ରାଜ୍ୟର ସମସ୍ତ କେନ୍ଦ୍ରରେ ଏଥର ମାଟ୍ରିକ୍ ପରୀକ୍ଷା ମୋଟାମୋଟି ଶୃଙ୍ଖଳିତ ଭାବେ ଶେଷ ହୋଇଛି ବୋଲି ବୋର୍ଡ କର୍ତ୍ତୃପକ୍ଷ କହିଛନ୍ତି।



ପରୀକ୍ଷା ସରିଲା ପରେ ରାଜ୍ୟର ୩୧୪ଟି ନୋଡାଲ କେନ୍ଦ୍ରଗୁଡ଼ିକୁ ସମସ୍ତ ଉତ୍ତରଖାତା ପଠାଯାଇ ଏଗୁଡ଼ିକୁ କଡ଼ା ସୁରକ୍ଷାବଳୟରେ ରଖାଯାଇଛି। ଆସନ୍ତା ମାର୍ଚ୍ଚ୧୯ରୁ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହେବ। ନିର୍ଦ୍ଧାରିତ ପ୍ରାୟ ୫୫ଟି ମୂଲ୍ୟାୟନ କେନ୍ଦ୍ରରେ ଶିକ୍ଷକମାନେ ୧୮ ତାରିଖରେ ପହଞ୍ଚିବେ। ୧୦ ତାରିଖ ସୁଦ୍ଧା ମୂଲ୍ୟାୟନ ପାଇଁ ଶିକ୍ଷକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପ୍ରାୟ ୨୦ ହଜାର ଶିକ୍ଷକ ମୂଲ୍ୟାୟନ ପ୍ରକ୍ରିୟାରେ ନିୟୋଜିତ ହେବେ। ମୂଲ୍ୟାୟନ କେନ୍ଦ୍ରରୁ ସିଧାସଳଖ ସର୍ଭରରେ ମାର୍କ ଯୋଗ କରାଯିବ। ଆସନ୍ତା ମେ' ପ୍ରଥମ ସପ୍ତାହରେ ମାଟ୍ରିକ ପରୀକ୍ଷା ଫଳ ପ୍ରକାଶ କରିବା ପାଇଁ ବୋର୍ଡ ଲକ୍ଷ୍ୟ ରଖିଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ କହିଛନ୍ତି।

ଚଳିତ ମାଟ୍ରିକ୍ ପରୀକ୍ଷାରେ ୪୦ରୁ ଅଧିକ ପରୀକ୍ଷାର୍ଥୀ କପି କରି ଧରାପଡ଼ିଥିଲେ। କେତେ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି, ତାହାର ତଥ୍ୟ ସ୍ପଷ୍ଟ ହୋଇନାହିଁ ବୋଲି ବୋର୍ଡ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ସେହିଭଳି କେବଳ ଗଣିତ ବିଷୟ ପରୀକ୍ଷାର ସି-ସେଟ୍ ପ୍ରଶ୍ନପତ୍ରରେ ୪ ମାର୍କର ଏକ ସବ୍‌ଜେକ୍ଟିଭ ପ୍ରଶ୍ନ ଉଭାନ ହୋଇଯାଇଥିଲା। କମ୍ପ୍ୟୁଟର୍ ଭାଇରସ୍ କାରଣରୁ ଏଭଳି ଛାପାଗତ ତ୍ରୁଟି ହୋଇଥିବା ବୋର୍ଡ ପକ୍ଷରୁ କୁହାଯାଇଛି। ଏଥିପାଇଁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ନମ୍ବର ମିଳିବ ବୋଲି ଜଣାପଡିଛି।

ପ୍ରକାଶଥାଉକି, ଗତ ଫେବୃଆରୀ ୨୧ତାରିଖରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହୋଇଥିଲା। ୩୧୩୩ ପରୀକ୍ଷା

### କପି କରି ଧରାପଡ଼ିଲେ ୪୦ ପରୀକ୍ଷାର୍ଥୀ

କେନ୍ଦ୍ରରେ ଚଳିତଥର ୫ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥର ପ୍ରଥମ କରି ପ୍ରଶ୍ନପତ୍ରଗୁଡ଼ିକରେ କ୍ୟୁଆର କୋଡ୍ ଓ ୱାଟର୍ ମାର୍କ ବ୍ୟବସ୍ଥା ରହିଥିଲା। ଯେଉଁଥିପାଇଁ ଚଳିତ ପରୀକ୍ଷାର କୌଣସି ବିଷୟରେ ପ୍ରଶ୍ନପତ୍ର ଭାଇରାଲ ହେବା ଦୃଷ୍ଟିକୁ ଆସିନାହିଁ। କପି ରୋକିବାକୁ ବୋର୍ଡ ପକ୍ଷରୁ ୪୨ଟି ସ୍ପେସିଆଲ ସ୍କ୍ୱାଡ୍, ୭୨ଟି ଫ୍ଲାଇଙ୍ଗ ସ୍କ୍ୱାଡ୍ ଗଠନ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନସ୍ତରରେ ମଧ୍ୟ ସ୍ୱତନ୍ତ୍ର ସ୍କ୍ୱାଡ୍ ବ୍ୟବସ୍ଥା ହୋଇଥିଲା। ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ସିସି କ୍ୟାମେରାକୁ ୬୦୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ ପରୀକ୍ଷା କେନ୍ଦ୍ରରେ ଲଗାଯାଇଥିଲା। ଲାଇଭ ଷ୍ଟ୍ରିମିଙ୍ଗକୁ ମନିଟରିଂ କରିବା ପାଇଁ ବୋର୍ଡ କାର୍ଯ୍ୟାଳୟରେ ଏକ କମାଣ୍ଡ କଣ୍ଟ୍ରୋଲ ରୁମ୍ ସ୍ଥାପନ ହୋଇଥିଲା। ଆଇଟି ବିଶେଷଜ୍ଞମାନଙ୍କ ସହ ବୋର୍ଡର ଅଧିକାରୀମାନେ ଏହାର ତଦାରଖ କରୁଥିଲେ।

# ନବୀନଙ୍କୁ ଭେଟିଲେ ବାବୁଶାନ୍

## ବାପାଙ୍କ ଏକାଦଶାହରେ ଯୋଗଦେବାକୁ ନିମନ୍ତ୍ରଣ



ଭୁବନେଶ୍ୱର, ୬।୩(ସମିସ): ବରିଷ୍ଠ ଓଡ଼ିଆ ସିନେ ଅଭିନେତା ଉତ୍ତମ ମହାନ୍ତିଙ୍କ ଏକାଦଶାହରେ ଯୋଗଦେବାକୁ ଲୋକପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି ପୁଅ ବାବୁଶାନ୍। ଦିଲ୍ଲୀରେ ଏକ ଘରୋଇ ହସ୍ପିଟାଲରେ ଉତ୍ତମଙ୍କ ଚିକିତ୍ସା ଚାଲିଥିବା ବେଳେ ଭିଡିଓ କଲ୍ ମାଧ୍ୟମରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ବାବୁଶାନ୍‌ଙ୍କୁ ପଚାରି ବୁଝି ସେ ଜଣେ ଦରଦୀ ନେତାର ପରିଚୟ ଦେଇଥିଲେ। ଏହାରି ଭିତରେ ଉତ୍ତମ ମହାନ୍ତିଙ୍କ ଦେହାନ୍ତକୁ ୮ ଦିନ ବିତିଯାଇଛି। ଆଜି ବାବୁଶାନ, ତାଙ୍କ ପତ୍ନୀ ତୃପ୍ତି ମହାନ୍ତି, ଓଲିଉଡ୍ ଅଭିନେତା ରବି ମିଶ୍ର, ମିଡ଼ିଆ ପ୍ଲାନର କ୍ରିଏଟିଭ ହେଡ୍ ପ୍ରଣୟ ଜେଠୀ, ଚଳଚ୍ଚିତ୍ର ସହଯୋଗୀ ନିର୍ଦ୍ଦେଶକ ମିଲନ ଜୟସିଂହ ପ୍ରମୁଖ ନବୀନ ନିବାସରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଉତ୍ତମଙ୍କ ଏକାଦଶାହ ସ୍ମୃତି ସମାରୋହରେ ଯୋଗ ଦେବାକୁ ନିମନ୍ତ୍ରଣ କରିଛନ୍ତି। ଏହି ଅବସରରେ ବାବୁଶାନ୍‌ଙ୍କୁ ନବୀନ ପିତୃବିୟୋଗ ଜନିତ ଦୁଃଖ ନିମନ୍ତେ ସମବେଦନା ଜଣାଇବା ସହ ନିୟତିର ଏହି ବାସ୍ତବତାକୁ ଧୈର୍ଯ୍ୟର ସହ ଗ୍ରହଣ କରି ସମସ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ଆଶ୍ୱାସନା ଦେଇଛନ୍ତି। ବଞ୍ଚିଥିବା ପର୍ଯ୍ୟନ୍ତ ପ୍ରତିଟି ଓଡ଼ିଆଙ୍କ ସହିତ ସେ ଅଛନ୍ତି ଓ ରହିବେ ବୋଲି ଏହି ଅବସରରେ ନବୀନ କହିଛନ୍ତି।

## ବିସ୍ଫୋରକ ରୂପ ନେଲା ପୁଞ୍ଜିଭୂତ ଅସନ୍ତୋଷ

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ଗର୍ଜିଲେ ଚାଷୀ

ଭୁବନେଶ୍ୱର, ୬।୩ (ସମିସ): ଧାନ ମଣ୍ଡିରେ କଟ୍‌ନୀଛଟ୍‌ନୀକୁ ନେଇ ଚାଷୀ ଓ ନବ ନିର୍ମାଣ କୃଷକ ସଂଗଠନର ପୁଞ୍ଜିଭୂତ ଅସନ୍ତୋଷ ଆଜି ବିସ୍ଫୋରକ ରୂପ ଧାରଣ କରିଛି। ଦୀର୍ଘଦିନ ଧରି ଅନଶନ ଓ ଆନ୍ଦୋଳନରେ ବସିଥିବା ଚାଷୀମାନେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଫାଟକ ଉପରକୁ ଚଢ଼ି ନାରାବାଜି କରିଛନ୍ତି।



ରାଜ୍ୟର ଧାନମଣ୍ଡିରେ ଚାଲିଥିବା କଟ୍‌ନୀଛଟ୍‌ନୀ ପ୍ରତିବାଦରେ ରାଜ୍ୟ ସରକାରଙ୍କୁ ଘେରିଛି ନବନିର୍ମାଣ କୃଷକ ସଂଗଠନ। ସଂଗଠନର ଯୁବ ନେତା ମନୱର୍ ଅଲ୍ଲୀ, ଶେଷଦେବ ନନ୍ଦଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ ଆନ୍ଦୋଳନକାରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିବାକୁ ଉଦ୍ୟମ କରିଛନ୍ତି। ବିଭିନ୍ନ ଜିଲ୍ଲାରେ କ୍ୱିଣ୍ଟାଲ ପିଛା ୫ ରୁ ୨୦ କିଲୋ ପର୍ଯ୍ୟନ୍ତ କଟନୀ ଛଟନୀ ହେଉଥିବା ଅଭିଯୋଗ କରି ଦୀର୍ଘ ୨୦ ଦିନ ହେବ ଅନଶନରେ ବସିଛନ୍ତି ସଂଗଠନର ଆବାହକ ଅକ୍ଷୟ କୁମାର। ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେଲେ ଆଗକୁ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ଚେତାବନୀ ଦେଇଛି ସଂଗଠନ। କଟ୍‌ନୀଛଟ୍‌ନୀ ପାଇଁ ମିଲର ମାଲାମାଲ ହେଉଥିବା ବେଳେ କ୍ଷତି ସହୁଛନ୍ତି ଚାଷୀ। କୋଟି କୋଟି ଟଙ୍କାର ଦୁର୍ନୀତି ହେଉଛି; କିନ୍ତୁ ସରକାର କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ସଂଗଠନ ଅଭିଯୋଗ କରିଛି। ଏନେଇ ପୂର୍ବରୁ ଆନ୍ଦୋଳନ ଚେତାବନୀ ଦେବାରୁ ସମାଧାନ ପାଇଁ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ରାତିଅଧିଆ ସଂଗଠନକୁ ଡାକି ଆଲୋଚନା କରିଛନ୍ତି। କଟ୍‌ନୀଛଟ୍‌ନୀ ହେବନି ବୋଲି ପ୍ରତିଶୃତି ଦେବା ସହ ଯେଉଁ ମିଲର୍ ଏଭଳି କରିବେ, ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ନେବାକୁ ପ୍ରତିଶ୍ରୁତି ଦେବା ସତ୍ତ୍ୱେ ପ୍ରତିଶୃତି ପାଳନ ନ କରିବାରୁ ଅକ୍ଷୟ କୁମାର ଅନଶନ କରିଛନ୍ତି।

ଅନ୍ୟପକ୍ଷରେ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କୃଷି, ଯୋଗାଣ, ସମବାୟ ଏବଂ ରାଜସ୍ୱ ବିଭାଗର ମନ୍ତ୍ରୀ ସଚିବ ବୈଠକ କରି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ସଂଗଠନ ଦାବି କରିଥିଲା। ଯାହାକୁ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ କରିବାକୁ ଯାଇଥିବା ବିକ୍ଷୋଭକାରୀମାନଙ୍କୁ ପୁଲିସ ଅଟକ ରଖିଛି।

■ ଶ୍ରୀମନ୍ଦିରରେ ଅଘଟଣ

# ଖସିପଡ଼ିଲା ନୀଳଚକ୍ର ବାନା

ପୁରୀ,୬।୩(ସମିସ): ଶ୍ରୀମନ୍ଦିରରେ ଘଟିଛି ଅଘଟଣ। ଗୁରୁବାର ଅପରାହ୍ଣରେ ଧ୍ୱଜା ପରିବର୍ତ୍ତନ କରିବା ଲାଗି ଚୁନରା ସେବାୟତ ମନ୍ଦିରକୁ ଚଢୁଥିଲେ। ହେଲେ ଅସାବଧାନତା ହେତୁ ସାଥୀରେ ନେଇଯାଉଥିବା ନୂଆ ବାନାଗୁଡ଼ିକ ତଳକୁ ଖସିପଡ଼ିଥିଲା। କାଞ୍ଚି ଗଣେଶ ମନ୍ଦିର ସମ୍ମୁଖ ନୃସିଂହ ମନ୍ଦିର ନିକଟରେ ଏହି ବାନା ପଡ଼ିଥିଲା। ଆଉ ଜଣେ ଚୁନରା ସେବାୟତ ତଳେ ପଡ଼ିଥିବା ସମସ୍ତ ବାନା ସେଠାରୁ ନେଇ ନୀଳଚକ୍ର ଉପରକୁ ଚଢ଼ିଥିଲେ। ଏହାପରେ ପୁରୁଣା ବାନାକୁ ପରିବର୍ତ୍ତନ କରାଯାଇ ନୂଆ ବାନା ଲାଗିଥିଲା। ଏହାକୁ ନେଇ ଭକ୍ତଙ୍କ ମହଲରେ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହୋଇଥିଲା। ନିକଟରେ ନୀଳଚକ୍ରରେ ବାନା ବନ୍ଧା ଯାଉଥିବା ବାଉଁଶ ଭାଙ୍ଗି ଯାଇଥିଲା। କେହିକେହି ଏହାକୁ ଅଶୁଭ ସଂକେତ ବୋଲି କହିଥିବା ବେଳେ ଆଉ କେହି ଅଘଟଣର ଆଶଙ୍କା କରିଥିଲେ। ଏହାରି ଭିତରେ ପୁଣି ନୀଳଚକ୍ର ବାନା ଖସିପଡ଼ିଛି।

# ବିଦେଶୀ ଛାତ୍ରଛାତ୍ରୀଙ୍କୁ ସହାୟତା ପାଇଁ ଖୋଲିଲା 'ସ୍ୱତନ୍ତ୍ର ପ୍ରକୋଷ୍ଠ'

ଭୁବନେଶ୍ୱର,୬।୩(ସମିସ): ରାଜ୍ୟରେ ପଢୁଥିବା ବିଦେଶୀ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ବିଭାଗ ଖୋଲିଲା 'ଅନ୍ତର୍ଜାତୀୟ ଛାତ୍ର ସ୍ୱତନ୍ତ୍ର ପ୍ରକୋଷ୍ଠ'। ବିଭିନ୍ନ ଅସୁବିଧା ସମୟରେ ସେମାନଙ୍କୁ ସହାୟତା ପ୍ରଦାନ କରିବ। ଏଥିପାଇଁ ଦୁଇଟି ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଛି। କାର୍ଯ୍ୟଦିବସରେ ସକାଳ ସାଢ଼େ ୧୦ରୁ ସାଢ଼େ ୫ଟା ପର୍ଯ୍ୟନ୍ତ ୦୬୭୪-୨୩୨୩୪୦୩ ଓ ୨୩୨୩୪୦୪ ନମ୍ବରରେ ସମସ୍ୟା ଜଣାଇ ପାରିବେ। ଓଡ଼ିଶାରେ ଆନ୍ତର୍ଜାତୀୟ ଛାତ୍ରଛାତ୍ରୀଙ୍କ ପଢ଼ିବା ପାଇଁ ଅନୁକୂଳ ଓ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏକ୍ସ ହ୍ୟାଣ୍ଡେଲ୍‌ରେ ସୂଚନା ଦିଆଯାଇଛି।

# ହାତୀ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ

ଅନୁଗୋଳ, ୬।୩ (ସମିସ): ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମ କାଳୀମନ୍ଦିର ସାହିର ଜଣେ ଯୁବକ ହାତୀ ଆକ୍ରମଣରେ ପ୍ରାଣ ହରାଇଛି। ମୃତକ ହେଲେ, ବଂଶୀଧର ଦାସ (୪୦)। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ମୃତଦେହକୁ

### ଉତ୍ତେଜନା, ଶବ ରଖି ରାସ୍ତାରୋକ



ବନ୍ତଳା ଛକ ଉପରେ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ ଅନୁଗୋଳରୁ କରତପଟା ଏବଂ ବଡ଼କେରାରୁ ମୈଧରପୁରୁ ରାସ୍ତା ସମ୍ପୂର୍ଣ୍ଣ ବନ୍ଦ ହେଇଯାଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଗାଡ଼ି ମୋଟର ଜାମ୍ ଯୋଗୁଁ ଲୋକେ ସନ୍ଧ୍ୟାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ଦେଖିବାକୁ ମିଳିଛି। ସୂଚନାନୁସାରେ, ବୁଧବାର ରାତିରେ ୧୨ ଘରିଆ ଏକ ହାତୀପଲ ବନ୍ତଳା ଅଞ୍ଚଳକୁ ପଳାଇ ଆସିଥିଲେ। ସକାଳ ହେଇଯିବାରୁ ଆଉ ଜଙ୍ଗଲକୁ ଫେରି ପାରିନଥିଲେ। ହାତୀପଲ ଶଙ୍ଖପୁରୁ କଟାବନ୍ଧ ନିକଟରେ ରହିଯାଇଥିଲେ। ଖବର ପାଇ ଗୁରୁବାର ସକାଳୁ ବନବିଭାଗ କର୍ମଚାରୀ ସେଠାରେ ପହଞ୍ଚି ଲୋକଙ୍କୁ ହାତୀ ଥିବା ସ୍ଥାନକୁ ଯିବା ପାଇଁ ବାରଣ କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ବନ ବିଭାଗ କଥା ନମାନି ହାତୀ ଦେଖିବାକୁ ଧାଇଁଥିଲେ। ବଂଶୀଧର ମଧ୍ୟ ଅପରାହ୍ଣରେ ହାତୀ ଦେଖିବାକୁ ଯାଇଥିଲେ। ଏହି ସମୟରେ ପଛରୁ ଏକ ହାତୀ ଆସି ତାଙ୍କୁ ଆକ୍ରମଣ କରିଥିଲା। ପାଖରେ ଥିବା ଗଜସାଥୀ ତାଙ୍କୁ ରକ୍ଷା କରିବାକୁ ଚେଷ୍ଟା କରିଥିଲେ ହେଁ ବିଫଳ ହୋଇଥିଲେ। ହାତୀଟି ବଂଶୀଧରଙ୍କୁ ଗୋଡ଼ରେ ଦଳି ଦେଇଥିଲା।

# ୩ ହତ୍ୟାକାରୀଙ୍କୁ ଆଜୀବନ ଜେଲ୍

ବଲାଙ୍ଗିର,୬।୩(ସମିସ): ଏକ ହତ୍ୟା ମାମଲାର ଶୁଣାଣି କରି ବଲାଙ୍ଗିର ଅଦାଲତ ଆଡିସନାଲ ସେସନ୍ସ ଜଜ ତିନିଜଣଙ୍କୁ ଆଜୀବନ ଦଣ୍ଡାଦେଶ ଶୁଣାଇଛନ୍ତି। ଦୋଷୀ ତିନି ଜଣ ସଞ୍ଜୀବ ମୁଗ୍ରୀ, ବିଶାଳ ସୁନା ଓ ଶିବ ନାଗ। ଆଡିସନାଲ ସେସନ୍ସ ଜଜ ତିନିଜଣଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ,୧୦ ହଜାର ଟଙ୍କା ଲେଖାଁଏ ଜରିମାନା ଏବଂ ଅନାଦେୟରେ ଅଧିକ ୧ ବର୍ଷ କାରାଦଣ୍ଡାଦେଶ ଶୁଣାଇଛନ୍ତି।ପ୍ରକାଶ ଯେ ୨୦୨୨ରେ ବଲାଙ୍ଗିର ସହର ନିକଟସ୍ଥ ସଦାଇପାଲିଠାରେ ସୁଧୀର ବେହେରାଙ୍କୁ ଦୋଷୀ ସବ୍ୟସ୍ତ ୩ଜଣ ମରଣାନ୍ତକ ଆକ୍ରମଣ କରିବାରୁ ତାଙ୍କର ମୃତ୍ୟୁ ହୋଇଥିଲା।ଏହି ଘଟଣାରେ ୩ ଜଣ ଗିରଫ ହୋଇଥିବା ବେଳେ ମାମଲା ଅଦାଲତରେ ବିଚାରାଧୀନ ରହିଥିଲା।ଗୁରୁବାର ମାମଲାର ରାୟ ପ୍ରକାଶ ପାଇଛି। ମାମଲାକୁ ଆଡିସନାଲ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ପାଢ଼ୀ ପରିଚାଳନା କରିଥିଲେ।

ଓଏସଏସସି ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ବିବାଦ

# ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଲେ ହାଇକୋର୍ଟ

କଟକ, ୬।୩ (ସମିସ): ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓଏସଏସସି) ଅଧ୍ୟକ୍ଷଙ୍କ କାର୍ଯ୍ୟକାଳକୁ ନେଇ ଯେଉଁ ବିବାଦ ଦେଖାଦେଇଥିଲା, ତାହାର ଅନ୍ତ ଘଟିଛି। ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିବାର ବୟସକୁ ସରକାର ବୃଦ୍ଧି କରିସାରିଥିବାରୁ ଏହି ବିବାଦ ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାରେ ହାଇକୋର୍ଟ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରିନ୍ଦମ ସିହ୍ନା ଓ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଉମାଶଙ୍କର ପାଢ଼ୀଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ରାଜ୍ୟ ସରକାରଙ୍କ ନିକଟରୁ ହାଇକୋର୍ଟ ପ୍ରଥମେ ଜବାବ ତଲବ କରିଥିଲେ। ସରକାର ଦେଇଥିବା ସତ୍ୟପାଠ ଅନୁସାରେ, ଗତ ୨୦୨୩ ଜୁନ୍ ୨୬ର ଓଡ଼ିଶା ଗେଜେଟ୍ ବିଜ୍ଞପ୍ତି ଭାବେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୬୨ ବର୍ଷ ବୟସରୁ ୬୫ବର୍ଷକୁ ବୃଦ୍ଧି କରାଯାଇଥିବା ଦର୍ଶାଯାଇଥିଲା।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ତରଫରୁ କମିସନ୍ ଅଧ୍ୟକ୍ଷଙ୍କ ନିଯୁକ୍ତି ସଂପର୍କିତ ୨୦୨୨ ଏପ୍ରିଲ୍ ୧୩ର ବିଜ୍ଞପ୍ତି ସଂକ୍ରାନ୍ତରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏହି ବିଜ୍ଞପ୍ତି ଅନୁସାରେ ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୫ବର୍ଷ ବା ୬୨ ବର୍ଷ ବୟସ ପୂରଣ ପର୍ଯ୍ୟନ୍ତ ରହିବା କଥା। ତେଣୁ ୫ ବର୍ଷ ଅବଧି ପୂର୍ବରୁ ଯଦି ଅଧ୍ୟକ୍ଷଙ୍କୁ ୬୨ବର୍ଷବୟସ ପୂରିଯାଏ, ତେବେ ତାଙ୍କ କାର୍ଯ୍ୟକାଳ ଶେଷ ହେବା କଥା। ବର୍ତ୍ତମାନର ଅଧ୍ୟକ୍ଷଙ୍କୁ ୬୨ ବର୍ଷ ପୂରିସାରିଛି ବୋଲି ଆବେଦନକାରୀ ଅଭିଯୋଗ କରି ମାମଲା ରୁଜୁ କରିଥିଲେ। ସରକାରଙ୍କ ସତ୍ୟପାଠ ଅନୁସାରେ ଉପରୋକ୍ତ ବୟସସୀମା ବୃଦ୍ଧି ପାଇଥିବା ନେଇ ଅଦାଲତ ଅବଗତ ହେବା ପରେ ମାମଲାର ଅନ୍ତ ଘଟାଇଥିଲେ।

ସମ୍ପର୍କୀୟ ଭାଇକୁ ହତ୍ୟା ମାମଲା

# ଦୁଇ ଭାଇଙ୍କୁ ଆଜୀବନ କାରାଦଣ୍ଡ

ଜୟପୁର, ୬।୩ (ସମିସ): ଜୟପୁର ଜିଲ୍ଲା ତଥା ଦୌରାଜଜ୍ କୋର୍ଟ ଆଜି ଏକ ହତ୍ୟା ମାମଲାର ଶୁଣାଣି କରି ଦୁଇଭାଇଙ୍କୁ ଆଜୀବନ କାରାଦଣ୍ଡ ଓ ୧୦ ହଜାର ଟଙ୍କା ଲେଖାଏଁ ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଲେଖାଏଁ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ଜିଲ୍ଲା ତଥା ଦୌରାଜଜ୍ ପ୍ରଦୀପ କୁମାର ମହନ୍ତ ଏହି ମାମଲାର ବିଚାର କରିବା ସହ ୪ ଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସମେତ ୧୧ଜଣଙ୍କ ସାକ୍ଷ୍ୟ, ଡାକ୍ତରଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଭିତ୍ତି କରି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଆସାମୀ ଦୁଇ ଭାଇ ହେଲେ, କୋଟପାଡ଼ ଥାନା ଶଶାହାଣ୍ଡି ଗ୍ରାମର ଲକ୍ଷ୍ମଣ ହରିଜନ (୩୯) ଏବଂ ଚୈତନ୍ୟ ହରିଜନ (୪୨)।

ସୂଚନାନୁଯାୟୀ, ଗତ ୨୦୨୧ ଜାନୁୟାରୀ ୮ ତାରିଖ ପୂର୍ବାହ୍ନ ୮ଟାରେ ଜମିଜମା ବିବାଦକୁ ନେଇ ଦଶରଥ ହରିଜନ(୩୮)ଙ୍କ ସହ ତାଙ୍କ ସଂପର୍କୀୟ ଭାଇ ଲକ୍ଷ୍ମଣ ଓ ଚୈତନ୍ୟଙ୍କ ଗଣ୍ଡଗୋଳ ହୋଇଥିଲା। କଥା ବଢ଼ିବାରୁ ଉଗ୍ରରୂପ ନେଇଥିଲା। ଦଶରଥଙ୍କ ଦୁଇହାତକୁ ଚୈତନ୍ୟ ପଛ ପଟରୁ ଧରିଥିବା ବେଳେ ସାନ ଭାଇ ଲକ୍ଷ୍ମଣ ଏକ ଛୁରୀରେ ତାଙ୍କର ପେଟ, ଛାତି ଏବଂ ବେକକୁ ଭୁସି ଦେଇଥିଲେ। ପରିବାରଲୋକ ଦଶରଥଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ କୋଟପାଡ଼ ଥାନାରେ ପରିବାର ପକ୍ଷରୁ ଅଭିଯୋଗ ହୋଇଥିଲା। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଦୁଇଭାଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଏହି ମାମଲାର ପରିଚାଳନା ଜିଲ୍ଲା କୋର୍ଟର ପବ୍ଲିକ ପ୍ରସିକ୍ୟୁଟର ଶୈଳଜା ପଟ୍ଟନାୟକ କରିଥିଲେ।

# ଜଙ୍ଗଲ ନିଆଁରେ ଓଡ଼ିଶା ଦେଶରେ ଦ୍ୱିତୀୟ

## ୯୨ଟି ସ୍ଥାନରେ ହୁତୁହୁତୁ ଜଳୁଛି ଜଙ୍ଗଲ




ଭୁବନେଶ୍ୱର, ୬।୩ (ସମିସ): ମାର୍ଚ୍ଚ ଆରମ୍ଭରୁ ରାଜ୍ୟରେ ତାତି ହୁ ହୁ ହୋଇ ବଢ଼ି ଚାଲିଛି। ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ନିକଟତର ହୋଇଛି। ଆସନ୍ତା ଦିନେ ଦୁଇ ଦିନରେ ତାତିରେ ଆହୁରି ବୃଦ୍ଧି ହେବାକୁ ଥିବା ବେଳେ ରାଜ୍ୟରେ ଜଙ୍ଗଲ ନିଆଁ ସ୍ଥିତି ଚନ୍ତା ବଢ଼ାଇଛି। ତାପମାତ୍ରା ବୃଦ୍ଧି ଜଙ୍ଗଲ ନିଆଁକୁ ଖୋରାକ ଯୋଗାଉଥିବାରୁ ଜଙ୍ଗଲରେ ଆଗକୁ ଆଗକୁ ବନାଗ୍ନି ବଢୁଛି। ବର୍ତ୍ତମାନ ରାଜ୍ୟର ଶତାଧିକ ସ୍ଥାନରେ ଜଙ୍ଗଲ ନିଆଁ ବ୍ୟାପିଛି ଓ ଏହାମଧ୍ୟରୁ ୯୨ଟି ସ୍ଥାନରେ ବଡ଼ଧରଣର ନିଆଁ ଲାଗିଛି। ସାରା ଦେଶରେ ବର୍ତ୍ତମାନ ୬୩୯ଟି ସ୍ଥାନରେ ବଡ଼ଧରଣର ନିଆଁ ଜଳୁଥିବା ବେଳେ ତେଲେଙ୍ଗାନାରେ ସର୍ବାଧିକ ୧୭୬ ଟି ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ୯୨ଟି ସ୍ଥାନରେ ଜଙ୍ଗଲ ନିଆଁ ସହ ଦ୍ୱିତୀୟ ସ୍ଥାନରେ ଓଡ଼ିଶା ରହିଥିବା ବେଳେ ଓଡ଼ିଶା ତଳକୁ ଛତିଶଗଡ଼ରେ ୭୯, ଆନ୍ଧ୍ରପ୍ରଦେଶରେ ୫୬, ମହାରାଷ୍ଟ୍ର ୭୨, ମଧ୍ୟପ୍ରଦେଶ ୩୪ ଓ ମିଜୋରାମରେ ୩୩ ଟି ସ୍ଥାନରେ ବଡ଼ ଧରଣର ଜଙ୍ଗଲ ନିଆଁ ଲାଗିଛି। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ଏହି ତଥ୍ୟକୁ ଆଧାର କରି ରାଜ୍ୟ ବନ ବିଭାଗ ନିଆଁ ଲିଭା କାର୍ଯ୍ୟ ଜାରି ରଖିଛି।

ବର୍ତ୍ତମାନ କୋରାପୁଟ, ରାୟଗଡ଼ା, କନ୍ଧମାଳ, କଳାହାଣ୍ଡି, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ମାଲକାନଗିରି, ଗଜପତି, ଦେବଗଡ଼ ଆଦି ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ପକ୍ଷରୁ ଅବଗତ କରାଯାଇଛି। ଗତ କିଛି ଦିନ ହେବ ରାଜ୍ୟରେ ଶୁଖିଲା ଓ ଖରାଟିଆ ପାଗ ଲାଗି ରହିଛି। କିଛି ଦିନ ହେବ ବର୍ଷା ହୋଇ ନ ଥିବା ଯୋଗୁଁ ପତ୍ର ଝଡ଼ା ଜଙ୍ଗଲରେ ନିଆଁ ବ୍ୟାପିବାରେ ସହାୟକ ହେଉଛି। ରାଜ୍ୟରେ ଜଙ୍ଗଲ ନିଆଁ ଯୋଗୁଁ ଚଳିତ ବର୍ଷ ୧୨୭୯ ହେକ୍ଟର ଜଙ୍ଗଲ ପ୍ରଭାବିତ ହୋଇଛି। ଜଙ୍ଗଲ ନିଆଁ ପ୍ରଶମନ ପାଇଁ ଏଥର ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଆକ୍ସନ ପ୍ଲାନ ତିଆରି ସରିଛି। ୩୧ ହଜାର କିଲୋମିଟର ଫାୟାର ଲାଇନ କରାଯାଇଛି। ୩୩୪ ଫାୟାର ଫାଇଟିଂ ସ୍କ୍ୱାର୍ଡ ନିୟୋଜନ କରାଯାଇଥିବା ବେଳେ ରିଅଲ ଟାଇମ୍ ଆଧାରରେ ନିଆଁ ଆଲର୍ଟ ପାଇଁ ବିଟ୍‌ସ୍ତର ପର୍ଯ୍ୟନ୍ତ ୬୭୦୦ ମୋବାଇଲ ପଞ୍ଜିକୃତ ହୋଇଛି। ଜଙ୍ଗଲ ନିଆଁ ପ୍ରଶମିତ ପାଇଁ ଶିମିଳିପାଳ ଜଙ୍ଗଲରେ ୫ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଖଞ୍ଜା ଯାଇଥିବା ବେଳେ ସାତକୋଶିଆ, ଅନୁଗୁଳ ଢେଙ୍କାନାଳ ଜଙ୍ଗଲରେ ଆଉ ୬ଟି ଅତ୍ୟାଧୁନିକ ଏଆଇ କ୍ୟାମେରା ଲଗାଯିବାର ପ୍ରକ୍ରିୟା ଜାରି ରହିଛି। ପୂର୍ବରୁ ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ ଏସ୍‌ଏନ୍‌ପିପି ଓ ମୁଡିସ ଭଳି ଦୁଇଟି ସାଟେଲାଇଟ୍ ମାଧ୍ୟମରେ ଦିନକୁ ୪ ଥର ଜଙ୍ଗଲ ନିଆଁ ଖବର ପଠାଉଥିଲେ। ନିଆଁ ଲାଗିବାର ୩ରୁ ୬ ଘଣ୍ଟା ମଧ୍ୟରେ ଏଥିରେ ଖବର ମିଳୁଥିଲା। ଅତ୍ୟାଧୁନିକ ଏଆଇ କ୍ୟାମେରାରୁ ୫ ମିନିଟରେ ଏହି ସୂଚନା ବନ ବିଭାଗ ପାଇ ପାରିବ ବୋଲି ବ୍ୟବସ୍ଥା ହୋଇଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଗହୀରମଥାରେ ଅଲିଭ୍‌ରିଡ୍‌ଲେ ଅଣ୍ଡାଦାନ

ଭୁବନେଶ୍ୱର,୬।୩(ସମିସ): ଗହୀରମାଥାରେ ଆରମ୍ଭ ହୋଇଛି ବିରଳ ଅଲିଭରିଡ୍‌ଲେ କଇଁଛଙ୍କ ଗଣଅଣ୍ଡାଦାନ ପ୍ରକ୍ରିୟା। ଋଷିକୂଲ୍ୟାରେ ଚଳିତ ବର୍ଷ ରେକର୍ଡ ସଂଖ୍ୟକ ୬ ଲକ୍ଷ ୯୮ ହଜାର ୭୧୮ କଇଁଛ ଅଣ୍ଡାଦାନ କରିଥିବା ବେଳେ ଗହୀରମଥାରେ ଏହି ପ୍ରକ୍ରିୟା ଆରମ୍ଭ ହୋଇ ନ ଥିଲା। ତେବେ ବିଳମ୍ବରେ ଏଠାରେ କଇଁଚଙ୍କ ଅଣ୍ଡାଦାନ

■ ୨୪ ଟ୍ରଲର ଜବତ, ୨୨୮ ଗିରଫ
■ ୧୫୯ କ୍ୱିଣ୍ଟାଲ ଜବତ ମାଛ ୧୪.୭ ଲକ୍ଷ ଟଙ୍କାରେ ନିଲାମ

ପ୍ରକ୍ରିୟା ଆରମ୍ଭ ହୋଇଛି ଓ ପ୍ରଥମ ଦିନରେ ୭୮,୭୪୩ଟି କଇଁଛ ଅଣ୍ଡାଦାନ କରିଛନ୍ତି। କଇଁଛଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସାମୁଦ୍ରିକ ପୁଲିସ ସହଯୋଗରେ ୬୭ଟି ପାଟ୍ରୋଲିଂ କ୍ୟାମ୍ପ ପ୍ରତିଷ୍ଠା କରାଯାଇ ୨୪ ଘଣ୍ଟା ନିରୀକ୍ଷଣ କରାଯାଉଛି। ଏଥିପାଇଁ ଏହାସହିତ ହାଇ-ସ୍ପିଡ୍ ଜାହାଜ ସମେତ ୨୨ଟି ପାଟ୍ରୋଲିଂ ବୋଟ୍ ମଧ୍ୟ ନିୟୋଜିତ କରାଯାଇଛି। ବାଲେଶ୍ୱରଠାରୁ ବ୍ରହ୍ମପୁର ପର୍ଯ୍ୟନ୍ତ ଉପକୂଳରୁ ୨୦ କିମି ମଧ୍ୟରେ ବେଆଇନ୍ ପ୍ରବେଶ ପାଇଁ ୨୪ଟି ଟ୍ରଲର ଓ ଗୋଟିଏ ୧ ଯାନ୍ତ୍ରିକ ଡଙ୍ଗା ଜବତ ହୋଇଛି। ଏହାସହିତ ୨୨୮ ଜଣଙ୍କୁ ଗିରଫ କରାଯିବା ସହ ୧୫୯.୧ କୁଇଣ୍ଟାଲ୍ ମାଛ ଜବତ କରାଯାଇ ଏହାକୁ ୧୪.୭ ଲକ୍ଷ ଟଙ୍କାରେ ନିଲାମ କରାଯାଇଛି। ବନ ବିଭାଗ ପକ୍ଷରୁ କୁହାଯାଇଛି ଯେ ନିରନ୍ତର ତଦାରଖ ଏବଂ କଠୋର ନିୟମାବଳୀ ଯୋଗୁଁ ଆଲୋକ, ନିୟମାବଳୀ ଲାଗୁ ହେବା ସହିତ ଅଣ୍ଡାର ସୁରକ୍ଷା ପାଇଁ ଅତିରିକ୍ତ ୮ ଟି କୃତ୍ରିମ ହାଚେରୀ ଗହୀରମଥା ବନ୍ୟପ୍ରାଣୀ ରେଞ୍ଜରେ ସୃଷ୍ଟି କରାଯାଇଛି।



ଚଳିତ ବର୍ଷ ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନ ସହଯୋଗରେ ବନ ବିଭାଗ ଅଲିଭରିଡଲେ କଇଁଛମାନଙ୍କର ପ୍ରବାସୀ ମାର୍ଗ ଉପରେ ନଜର ରଖିବା ପାଇଁ ଏକ ଉପଗ୍ରହ ଟେଲିମେଟ୍ରି ଅଧ୍ୟୟନ ଆରମ୍ଭ କରିଛି। ଏହା ଆଗାମୀ ଦିନରେ ଅଲିଭ୍‌ରିଡଲେ କଇଁଛଙ୍କ ସଂରକ୍ଷଣ ନେଇ ସହାୟକ ହେବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଗୋବିନ୍ଦପୁର ଜୟଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସ୍ୱତନ୍ତ୍ର ଉତ୍ସବ



**ଅସୁରାଳି, ୬ ।୩(ସମିସ):** ଗୋବିନ୍ଦପୁର ଜୟଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ଏକ ସ୍ୱତନ୍ତ୍ର ଉତ୍ସବ ଗୋବିନ୍ଦପୁର ବଜାରଠାରେ ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଫକୀର ମୋହନ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ଧାମନଗର ବରିଷ୍ଠ ନାଗରିକ ମଞ୍ଚ ସଭାପତି ସଚିକାନ୍ତ ପଣ୍ଡା, ସମ୍ମାନିତ ବକ୍ତା ସାହିତ୍ୟିକ ବ୍ରଜକିଶୋର ଦାସ, ସଂଗୀତକାର ତ୍ରିଲୋଚନ ସ୍ୱାଇଁ, ଦୋଳଗୋବିନ୍ଦ ନାୟକ, ଅମୂଲ୍ୟ ପାଣିଗ୍ରାହୀ, ଜୟଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚ ସଭାପତି ବିଷ୍ଣୁମୋହନ ଜେନା ପ୍ରମୁଖ ଯୋଗଦାନ କରିଥିଲେ । ମଞ୍ଚ ସଞ୍ଚାଳନ କରିଥିଲେ ସାମ୍ବାଦିକ ସନ୍ତୋଷ ଦାସ । କାର୍ଯ୍ୟକ୍ରମରେ ୨୫ରୁ ଅଧିକ ବରିଷ୍ଠ ନାଗରିକଙ୍କୁ ବ୍ୟାଚ୍ ପ୍ରଦାନ କରାଯାଇଛି । ଚନ୍ଦ୍ରମଣି ଜେନା, ବିଦ୍ୟାଧର ବସନ୍ତିଆ, ବିଜୟ ଜେନା ଏବଂ ଅମର ବସନ୍ତିଆ ପ୍ରମୁଖ ପରିଚାଳନା କରିଥିଲା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ଅନୁଷ୍ଠାନର ସମ୍ପାଦକ ଦେବେନ୍ଦ୍ର ବସନ୍ତିଆ । କୁନି କୁନି ପିଲାମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରାଯିବା ସହ ଅତିଥିଙ୍କ ଦ୍ୱାରା ଜଗନ୍ନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ବୟସର ତାଳେ ତାଳେ ପରିଣତ ବୟସରେ ପ୍ରତିଟି ମୁହୂର୍ତ୍ତରେ ଉପେକ୍ଷିତ ବରିଷ୍ଠ ନାଗରିକମାନେ ପରିବାର ପ୍ରତି ମଧ୍ୟ ଅଲୋଡ଼ା ହୋଇଯାଉଥିବାର ଦୃଶ୍ୟ ପୁରପଲ୍ଲୀଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ବର୍ତ୍ତମାନ ସମାଜରେ ଦେଖିବାକୁ ମିଳୁଛି । ଯାହାକି ପ୍ରତିଷ୍ଠିତ ମାନବ ସମାଜରେ ବରିଷ୍ଠ ନାଗରିକଙ୍କୁ ସ୍ୱତନ୍ତ୍ର ପରିଚୟ ଏବଂ ଗୁରୁଜନମାନେ ସଦାସର୍ବଦା ପୂଜ୍ୟ ତେଣୁ ସେମାନଙ୍କ ସମସ୍ତ ଜରୁରୀ ସୁବିଧା ହାତ ପାଆନ୍ତାରେ ଯୋଗାଇ ଦେବାପାଇଁ ଅନୁଷ୍ଠିତ ମଞ୍ଚରେ ଉପସ୍ଥିତ ଅତିଥିମାନେ ଦୃଷ୍ଟିପାତ କରିଥିଲେ । ଏଥିସହ ଗରିବ ଶ୍ରେଣୀର ନାଗରିକଙ୍କୁ ସହାୟତା ଓ ବିଭିନ୍ନ ସାମାଜିକ ଉନ୍ନତିମୂଳକ କାର୍ଯ୍ୟ ସହ ମୌଳିକ ଅଧିକାର ତଥା ବିଭିନ୍ନ ସମସ୍ୟା ସମାଧାନ କରିବା ଦିଗରେ ମଞ୍ଚ ପକ୍ଷରୁ ସର୍ବସମ୍ମତି ମତ ପ୍ରକାଶ ପାଇଛି ।

# ସାମ୍ବାଦିକ ଶୁଭେନ୍ଦୁ ଧଳଙ୍କ ସ୍ମୃତିସଭା

**ଭଦ୍ରକ, ୬ ।୩(ସମିସ):** ଭଦ୍ରକର ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଧଳଙ୍କର ଏକାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ତାଙ୍କ ଜନ୍ମସ୍ଥାନ ଅଣ୍ଡିଆ ଗାଁରେ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଣ୍ଡାରିପୋଖରୀ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲାପାଳ ଦିଲୀପ ରାଉତରାଏ, ସହକାରୀ ଜିଲାପାଳ କାର୍ତ୍ତିକନାଥ ମଣ୍ଡଳ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ନାୟକ ପ୍ରମୁଖ ତାଙ୍କ ଭଳି ଜଣେ ଯୁବ ସାମ୍ବାଦିକଙ୍କ ଅକାଳ ବିୟୋଗ ଜିଲ୍ଲା ପାଇଁ ଅପୂରଣୀୟ କ୍ଷତି ବୋଲି ଦର୍ଶାଇଥିଲେ । ବରିଷ୍ଠ ସାମ୍ବାଦିକ ପ୍ରମୋଦ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ସମିତିସଭ୍ୟ ରବିନ୍ଦ୍ର ଧଳ, ଶିକ୍ଷାବିତ୍ ବସନ୍ତ ଦାସ, ଶିକ୍ଷାବିତ୍ ଧର୍ମେନ୍ଦ୍ର ନାରାୟଣ ଜେନା, ଦେବେନ୍ଦ୍ର ଧଳ, ସନ୍ତୋଷ ମଲ୍ଲିକ, ସାମ୍ବାଦିକ ସଂଜୀବ ନାୟକ, ସୁଜୟ ପାକଳ, ଅକ୍ଷୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ଧଳଙ୍କ କନିଷ୍ଠ ଭ୍ରାତା ସଂଜୀବ ଧଳ, ଲଲାଟେନ୍ଦୁ ଧଳ, ଉତରରାୟ ସତ୍ୟରଂଜନ ଓ ଏକମାତ୍ର ପୁତ୍ର ସୁଜିତ ଧଳ ପରିଚାଳନା କରିଥିଲେ ।



## ସୂଚନା ଆଇନ ବେଖାତିର ପ୍ରସଙ୍ଗ

# 'ପ୍ରୋ ଆକ୍ଟିଭ୍ ଡିସ୍‌କ୍ଲୋଜର' ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟକୁ ଚିଠି

ଭଦ୍ରକ, ୬ ।୩(ସମିସ)

ଦେଶରେ ପ୍ରାଶାସନକୁ ସ୍ୱଚ୍ଛ ଓ ଉତ୍ତରଦାୟୀ କରିବାକୁ ସୂଚନା ଅଧିକାର ଆଇନ ବା ଆର୍.ଟି.ଆକ୍ଟ-୨୦୦୫ ୧୨ଅକ୍ଟୋବରରୁ କାର୍ଯ୍ୟକାରୀ ହୋଇଛି । ତେବେ ଏହି ଜନମଙ୍ଗଳକାରୀ ଆଇନ୍‌କୁ ଏବେ ବି ବହୁ ସରକାରୀ କାର୍ଯ୍ୟାଳୟ ଅଣଦେଖା କରି ଚାଲିଛନ୍ତି । ଭଦ୍ରକ ଜିଲ୍ଲାର ବହୁ ସରକାରୀ କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନକୁ ଅଣଦେଖା କରାଯାଉଛି । ବିଶେଷ କରି ଜିଲ୍ଲାର ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ସୂଚନା ଆଇନର ଧାରା ୪(୧)(ଖ)କୁ ଅଣଦେଖା କରି ଆସିଛନ୍ତି ।

ଏନେଇ ସୂଚନା କର୍ମୀ ରମେଶ କୁମାର ମଲ୍ଲିକ ଏହାର ପ୍ରତିବାଦରେ ଧାରଣା ଦେବାକୁ ଜିଲ୍ଲାପାଳଙ୍କୁ ଚିଠି କରିଥିଲେ । ଜିଲ୍ଲାପାଳ ଦିଲୀପ ରାଉତରାଏ ଏହି ପ୍ରସଙ୍ଗରେ ଗତ ୪ତାରିଖରେ ଚିଠି ନମ୍ବର-୧୦୧ରେ ଭଦ୍ରକ ଏସ୍‌ପି, ସିଇଓ, ଜିଲ୍ଲା ପରିଷଦ, ସବୁ ସରକାରୀ ବିଭାଗର ମୁଖ୍ୟଙ୍କ ସମେତ ସବୁ ବିଡିଓ ତଥା ତହସିଲଦାରମାନଙ୍କୁ ପ୍ରୋ ଆକ୍ଟିଭ ଡିସକ୍ଲୋଜରକୁ ଇଂରାଜୀ ଓ ଓଡ଼ିଆରେ ଅପଡେଟ କରିବାକୁ ଚିଠି କରିଛନ୍ତିଫ ଆଉ ଆସନ୍ତା ୩୧ସୁଦ୍ଧା ଏହାକୁ ଗୁରୁତ୍ୱ ଦେଇ ସମ୍ପନ୍ନ କରିବାକୁ ଆଦେଶ କରିଛନ୍ତି ।




ଜିଲ୍ଲାପାଳଙ୍କ ଏଭଳି ନିଷ୍ପତ୍ତିକୁ ସୂଚନା କର୍ମୀ ଶ୍ରୀ ମଲ୍ଲିକଙ୍କ ସମେତ ସୂଚନା ଅଧିକାର କର୍ମୀମାନେ ସ୍ୱାଗତ କରିଛନ୍ତି । ଜନସୂଚନା ଅଧିକାରୀଙ୍କ ଦ୍ୱାରା ସ୍ୱତପ୍ରବୃତ ଭାବେ ପ୍ରଦାନ କରିବାକୁ ଥିବା ୧୭ଟି ପଏଣ୍ଟର ସୂଚନା ଅନଲାଇନରେ ଉପଲବ୍ଧ କରିବା କଥା; ତେବେ ଏହାର ଘୋର ଉଲ୍ଲଙ୍ଘନ କରାଯାଉଛି । ଯାହାକୁ ନେଇ ଗତ ୧୭ ଡିସେମ୍ବର ୨୦୨୪ରେ ଦୈନିକ "ସକାଳ'ରେ ୧୯ବର୍ଷ ପରେ ବି ସୂଚନା ଅଧିକାରକୁ ଅଣଦେଖା, ବହୁ କାର୍ଯ୍ୟାଳୟରେ ସୂଚନା ଆଇନକୁ ବେଖାତିର' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଯହିଁରେ ଏବେ ବି ଜିଲ୍ଲାର ଅଧିକାଂଶ କାର୍ଯ୍ୟାଳୟ ପ୍ରୋ ଆକ୍ଟିଭ ଡିସକ୍ଲୋଜର ସୂଚନା ଅନଲାଇନରେ ସଠିକ୍ ଭାବେ ଉପଲବ୍ଧ କରୁ ନଥିବା ଜଣାପଡ଼ିଥିଲା ।

ଏହି ପ୍ରୋ ଆକ୍ଟିଭ ଡିସକ୍ଲୋଜର ସୂଚନା ଅପଲୋଡ କରିବା ତ ଦୂରର କଥା ଏବାବଦରେ ସେମାନଙ୍କ ଧ୍ୟାନ-ଧାରଣା ନଥିବା ଜଣାଯାଇଛି । ଏହି ନିୟମକୁ ଅଣଦେଖା କରି ନିକଟରେ ଭଦ୍ରକ ତହସିଲଦାର ୧୦ ହଜାର ଟଙ୍କା ଦଣ୍ଡ ଗଣିବାକୁ ସୂଚନା ଆୟୋଗ ନିର୍ଦ୍ଦେଶ ଦେଇଥିଲେ । ସୂଚନାନୁଯାୟୀ, ଏହି ଆଇନର ଧାରା ୪(୧)(ଖ)କୁ ଉଲ୍ଲଙ୍ଘନ କରିଥିବା କାର୍ଯ୍ୟାଳୟଗୁଡ଼ିକ ତାଲିକାରେ ରହିଛି ଭଦ୍ରକ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ । ଏହି କାର୍ଯ୍ୟାଳୟରେ ୨୫.୮.୨୧ ତାରିଖରୁ ପ୍ରୋ ଆକ୍ଟିଭ ଡିସକ୍ଲୋଜରକୁ ଅପଡେଟ କରିନାହାନ୍ତି । ଭଦ୍ରକ ଡ୍ରଗ୍ସ ଇନ୍ସପେକ୍ଟରଙ୍କ ଏ ବାବଦରେ ଆଦୌ ଧ୍ୟାନ କି ଧାରଣା ନାହିଁ । ଗତ ୨୨.୯.୧୭ ଅର୍ଥାତ ଗତ ପ୍ରାୟ ୭ ବର୍ଷ ହେବ ଉକ୍ତ କାର୍ଯ୍ୟାଳୟରେ ପ୍ରୋ ଆକ୍ଟିଭ ଡିସକ୍ଲୋଜର ଅପଡେଟ ହେଉନି । ସେହିଭଳି ଭଦ୍ରକ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଗତ ୧.୧୨.୨୩ରୁ ଅପଡେଟ୍ କରିନାହାନ୍ତି । ସେହିଭଳି ଜିଲ୍ଲା ସମାଜ ମଙ୍ଗଳ ଅଫିସ ଗତ ୨୫.୮.୨୧ରୁ, ଜିଲ୍ଲା ଶ୍ରମ ବିଭାଗ ଗତ ୮.୧.୨୧ରୁ, ଜିଲ୍ଲା ମୁଖ୍ୟ ପଶୁସମ୍ପଦ ଅଧିକାରୀଙ୍କ ଦପ୍ତର ଗତ ୨୭.୨.୨୩ରୁ, ସାଳନ୍ଦୀ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଦପ୍ତରରେ ଗତ ୨୦.୭.୧୮ରୁ, ଭଦ୍ରକ ସ୍ୱୟଂଶାସିତ କଲେଜ ଗତ ୨୧.୧୨.୨୦ରୁ, ଧୂଷୁରୀ ଥାନା ଗତ ୨.୯.୨୨ରୁ, ବ୍ଲକ ଶିକ୍ଷାଧିକାରୀଙ୍କ ଦପ୍ତର(ଭଦ୍ରକ) ଗତ ୬.୨.୧୯ତାରିଖରୁ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଗତ ୩୦.୯.୨୨ରୁ, ଜିଲ୍ଲା ନିର୍ବାଚନ ଅଫିସ ଗତ ୨୮.୨.୨୩ରୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଦପ୍ତର ଗତ ୧୭.୬.୨୩ତାରିଖରୁ, ଜିଲ୍ଲା କ୍ରୀଡା ଅଧିକାରୀଙ୍କ ଦପ୍ତର ଗତ ୭.୪.୧୮ରୁ ଓ ଜିଲ୍ଲା ମତ୍ସ୍ୟ ଅଧିକାରୀଙ୍କ ଦପ୍ତର ଗତ ୧୯.୭.୨୩ତାରିଖରୁ ଉକ୍ତ ଧାରା ୪(୧)(ଖ)କୁ ସମ୍ପୂର୍ଣ୍ଣ ଉଲ୍ଲଙ୍ଘନ କରିଛନ୍ତି । କେବଳ ଉପରୋକ୍ତ ଦପ୍ତରଗୁଡ଼ିକ ନୁହଁ; ଜିଲ୍ଲାର ବହୁ ତହସିଲ, ଥାନା, ଇଞ୍ଜିନିୟରିଂ ବିଭାଗ, ଡାକ୍ତରଖାନାଗୁଡ଼ିକ ମଧ୍ୟ ଏଭଳି ଅଣଦେଖା କରିଚାଲିଛନ୍ତି । ବହୁ ସରକାରୀ ଦପ୍ତର କାର୍ଯ୍ୟାଳୟ ଆର୍.ଟି.ଆଇ-ସିଏମଏ୍ (ସେଣ୍ଟ୍ରାଲ ମନିଟରିଂ ଟେକ୍ନୋଲୋଜି)ର ଲଗଇନ୍ ଆଇଡି ଓ ପାସୱାର୍ଡ ମଧ୍ୟ କରିନାହାନ୍ତି । ସେହିଭଳି ଜନସୂଚନା ଅଧିକାରୀ, ପ୍ରଥମ ଅପିଲ ଅଧିକାରୀଙ୍କ ନାମ, ମୋବାଇଲ ନମ୍ବର, ପଦବୀ ଆଦି ସମ୍ବଳିତ ସାଇନ୍‌ବୋର୍ଡ ଝୁଲିବାର ବ୍ୟବସ୍ଥା ଥିଲେ ହେଁ ଏହାକୁ ବହୁ ସରକାରୀ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଅଣଦେଖା କରିଛନ୍ତି । ଆଉ ଯେଉଁମାନେ ଝୁଲାଇଛନ୍ତି ସେଥିରେ ଅପଡେଟ୍ ତଥ୍ୟ ନଥିବା ଦେଖିବାକୁ ମିଳୁଛି ।

'ସକାଳ'ର ପ୍ରଭାବ

# କୁଆଁସମଢ଼ିଆ ବିଦ୍ୟାଳୟ ବାର୍ଷିକ ଉତ୍ସବ

**ବନ୍ତ/ଆଗରପଡ଼ା,୬।୩(ସମିସ):** ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତଥା ନରାଜପୁର କ୍ଲଷ୍ଟର ଅନ୍ତର୍ଗତ ସରକାରୀ ପ୍ରକଳ୍ପ ଉ.ପ୍ରା ବିଦ୍ୟାଳୟ କୁଆଁସମଢ଼ିଆର ବାର୍ଷିକ ଉତ୍ସବ ଓ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାକୁ ବିଧାୟକ ସଂଜୀବ ମଲ୍ଲିକ ଉଦ୍‌ଘାଟନ କରିଥିବା ବେଳେ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ମୁଖ୍ୟବକ୍ତା ଆଗରପଡ଼ା ଥାନାଧିକାରୀ ଶ୍ରୀକାନ୍ତ ପତି, ସମ୍ମାନିତ ଅତିଥି ପୁରୁଷଣ୍ଡ ସେବା ସମବାୟ ସମିତି ସଭାପତି ପ୍ରଶାନ୍ତ ଦାଶ, ବିଆରସିସି ହରେକୃଷ୍ଣ ଆପଟ, ଯୁବନେତା ସତ୍ୟସାଧନ ବେଜ, ସମାଜସେବୀ ଶ୍ରୀନାଥ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟା ରୁନୀତା ଦାସ, ବଡ଼ମହିଁଷଗୋଠ ସରପଞ୍ଚ ବିନୋଦିନୀ ମହାନ୍ତି, ସମିତିସଭ୍ୟା ପଦ୍ମାବତୀ ନାଥ ଶର୍ମା, ସିଆରସିସି ପ୍ରଦୀପ ପଲାଇ, ବିଦାୟୀ ଶିକ୍ଷୟିତ୍ରୀ ମିନତୀ ସାମଲ, ଏସ୍‌ଏମ୍‌ସି ସଭାପତି ବନମାଳି ସାହୁ, ମୋ ସ୍କୁଲ ସଭାପତି ଶୁଭେନ୍ଦ୍ର ପରିଡ଼ା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଖଗେଶ୍ୱର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ଚାରିଗାଁ ୟୁଜିଏମଇ ଶିକ୍ଷକ ପଞ୍ଚାନନ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମୃତଲାଲ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଶିକ୍ଷୟିତ୍ରୀ ମିନତୀ ସାମଲଙ୍କ ସହ ସରପଞ୍ଚ ବିନୋଦିନୀ ମହାନ୍ତି ଓ ସମିତିସଭ୍ୟା ପଦ୍ମାବତୀ ନାଥ ଶର୍ମାଙ୍କୁ ମଧ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ବିଧାୟକ ଶ୍ରୀ ମଲ୍ଲିକ ବିଦ୍ୟାଳୟର ନୂତନ ଗୃହ ଓ ମୁଖ୍ୟ ଫାଟକକୁ ଉଦ୍‌ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି ।



## ସରିଲା ମାଟ୍ରିକ ପରୀକ୍ଷା

# ଆଖିରେ ଅସୁମାରୀ ସ୍ୱପ୍ନ, ମନରେ ଅନେକ ଆଶା

ଭଦ୍ରକ/ଭଣ୍ଡାରିପୋଖରୀ/ବାରିକପୁର, ୬।୩(ସମିସ)

ଭଦ୍ରକ ଜିଲ୍ଲାର ୧୧୫ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି । ଗତ ଫେବୃୟାରୀ ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ୨ ଜଣ ପରୀକ୍ଷାର୍ଥୀ (ଏମ୍‌ପି) କପିକରି ଧରାପଡିଥିବା ଜଣାଯାଇଛି । ତେବେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂଚନାନୁଯାୟୀ, ୨୧୦୨୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୬୫୨ ପରୀକ୍ଷା ଦେଇଥିବା ବେଳେ ୩୭୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ । ସେହିଭଳି ମଧ୍ୟମାରେ ୨୮୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୩୬ ଜଣ ପରୀକ୍ଷା ଦେଇଥିବା ବେଳେ ୪୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି ।

ଭଣ୍ଡାରିପୋଖରୀ ବ୍ଲକର ୯ଟି କେନ୍ଦ୍ରରେ ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଗୁରୁବାର ଶେଷ ହୋଇଛି । ସମସ୍ତ କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହିତ ପରୀକ୍ଷା ସମ୍ପୂର୍ଣ୍ଣ ହୋଇଥିବା ବେଳେ ଛାତ୍ରଛାତ୍ରୀମାନେ ଆଖିରେ ଅସୁମାରୀ ସ୍ୱପ୍ନ ଓ ମନରେ ଅନେକ ଆଶା ନେଇ ଫଳକୁ ଅପେକ୍ଷା କରିଛନ୍ତି । ବ୍ଲକର ବାରିକପୁର ଉଚ୍ଚବିଦ୍ୟାଳୟଠାରେ ଶେଷ ଦିନରେ ୨୦୫ଜଣ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଛନ୍ତି । ସେହିଭଳି ଭଣ୍ଡାରିପୋଖରୀ ହାଇସ୍କୁଲଠାରେ ୧୬୯, ନପଙ୍ଗ ଚଣ୍ଡିମାତା ହାଇସ୍କୁଲଠାରେ ୧୪୯, ସରସଦା ବିଦ୍ୟାଳୟଠାରେ ୨୦୩, ରହଣିଆ ହାଇସ୍କୁଲଠାରେ ୧୭୬, ବାଲିପୋଖରୀ ଶୁକଦେବ ଜେନା ହାଇସ୍କୁଲଠାରେ ୧୫୨, କୁଲଣା ବିଶୋଳ ମୈତ୍ରୀ ଉଚ୍ଚ ବିଦ୍ୟାପୀଠରେ ୧୧୦, ମଞ୍ଜୁରୀରୋଡ଼ ହାଇସ୍କୁଲରେ ୧୧୬, ଯଶୋଟିକିରି ସୁବର୍ଣ୍ଣମୁଖୀ ହାଇସ୍କୁଲଠାରେ ନିୟମିତ ବିଦ୍ୟାର୍ଥୀ ୧୫୭ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି । ଅନୁରୂପ ଭାବେ ୩୧ ଜଣ ମଧ୍ୟମା ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେଇଥିବା ଜଣାପଡିଛି । ଭଣ୍ଡାରିପୋଖରୀ ହାଇସ୍କୁଲକୁ ନୋଡାଲ କେନ୍ଦ୍ର ଭାବେ ପ୍ରସ୍ତୁତ କରାଯାଇଛି । ସେଠାରେ ଉତ୍ତରଖାତା ରହିବା ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିବା କେନ୍ଦ୍ର ପରିଚାଳକ ରତିକାନ୍ତ ବେହେରା ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ବ୍ଲକର ମୋଟ ୧୪୭୧ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପରୀକ୍ଷାର ବିଭିନ୍ନ ଦିବସରେ ସର୍ବାଧିକ ୩୭ ପରୀକ୍ଷାର୍ଥୀ ଓ ସର୍ବନିମ୍ନ ୩୧ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି ।






# ୪୭ ହୋମଗାର୍ଡ ପାଇଁ ଆଶାୟୀ ୫ ହଜାର ଉପରକୁ

**ଭଦ୍ରକ, ୬ ।୩(ସମିସ):** ଭଦ୍ରକ ଜିଲ୍ଲା ପୁଲିସ ପ୍ରଶାସନରେ ୪୦ ପୁରୁଷ ଓ ୭ ମହିଳା ହୋମଗାର୍ଡ ପଦକୁ ମିଶାଇ ମୋଟ ୪୭ ପଦ ଲାଗି ଆଜି ସୁଦ୍ଧା ୫ହଜାର ଆଶାୟୀ ଆବେଦନ କରିସାରିଛନ୍ତି । ସକାଳୁ ରାତି ପର୍ଯ୍ୟନ୍ତ ଶହ ଶହ ଆଶାୟୀଙ୍କ ଲମ୍ବା ଲାଇନ ଲାଗିଛି ଆବେଦନ କରିବା ପାଇଁ । ଶୁକ୍ରବାର ଆବେଦନର ଶେଷ ତାରିଖ ଥିବାରୁ ୧୦ ହଜାର ଆଶାୟୀ ଆବେଦନ କରିବେ ବୋଲି ଆକଳନରୁ ଜଣାଯାଇଛି ।









## ଅଧା ରହିଗଲା ମାଟ୍ରିକ ପରୀକ୍ଷା

# ଦୁର୍ଘଟଣାରେ ଚାଲିଗଲା ଛାତ୍ରଙ୍କ ଜୀବନ

**ମାଲକାନଗିରି, ୬ ।୩(ସମିସ):** ଅଧା ରହିଗଲା ମାଟ୍ରିକ୍ ପରୀକ୍ଷା । ଶେଷ ପରୀକ୍ଷା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ଜୀବନ । ଏଭଳି ଘଟଣା ଘଟିଛି, ମାଲକାନଗିରି ଜିଲ୍ଲା ଚନ୍ଦନଗୁଡ଼ା



ନିକଟରେ । ମୃତ ଛାତ୍ରଜଣଙ୍କ ହେଲେ, ବିକ୍ରମ ସର୍ଦ୍ଦାର । ସେ ପଦ୍ମଗିରି ହାଇସ୍କୁଲର ଛାତ୍ର । ସେହିପରି ଏହି ଦୁର୍ଘଟଣାରେ ବିକ୍ରମଙ୍କ ସାଙ୍ଗ ତାପସ ସର୍ଦ୍ଦାର ଗୁରୁତର ଆହତ ହୋଇଛନ୍ତି । ତାଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସୂଚନାନୁଯାୟୀ, ଆଜି ମାଟ୍ରିକ୍ ପରୀକ୍ଷାର ଶେଷ ଦିନ ଥିଲା । ବିକ୍ରମ ଓ ତାପସ ସାଙ୍ଗ ହୋଇ ସେରପାଲି ପରୀକ୍ଷା କେନ୍ଦ୍ରକୁ ଏକ ବାଇକ୍‌ରେ ଯାଉଥିବା ବେଳେ ଏହି ଅଘଟଣ ଘଟିତିଲା । ଚନ୍ଦନଗୁଡ଼ା ନିକଟରେ ଏକ ପିକ୍-ଅପ୍ ସେମାନଙ୍କୁ ଧକ୍କା ଦେବାରୁ ବିକ୍ରମଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ବ୍ୟବଚ୍ଛେଦ ପରେ ମାଲକାନଗିରି ପୁଲିସ୍ ଶବକୁ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

■ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ପୁଞ୍ଜିଲାଲର ବୟାନ ରେକର୍ଡ

**ବଲାଙ୍ଗିର/ପାଟଣାଗଡ଼, ୬ ।୩(ସମିସ):** ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ବିଚାର ଶେଷ ଆଡ଼କୁ ଗତି କରୁଛି । ଦୀର୍ଘ ୭ ବର୍ଷ ଧରି ପାଟଣାଗଡ଼ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଦାଲତରେ ମାମଲାର ବିଚାର ହେବା ପରେ ଗୁରୁବାର ଘଟଣାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କ ବୟାନ ରେକର୍ଡ କରାଯାଇଛି । ଜିଲ୍ଲା ଜଜ୍‌ଙ୍କ ପ୍ରଶ୍ନର ଉତ୍ତର ଦେବା ପରେ ପଞ୍ଜିଲାଲ ପୁଣି ଜେଲ୍‌କୁ ଫେରିଛି । ପୁଞ୍ଜିଲାଲ୍‌ର ବୟାନ ରେକର୍ଡ ପରେ ଖୁବ୍‌ଶୀଘ୍ର ମାମଲାର ରାୟ ପ୍ରକାଶ ପାଇପାରେ ବୋଲି ଆଲୋଚନା ଜୋର୍ ଧରିଛି ।



ସୂଚନାନୁଯାୟୀ, ସକାଳ ପ୍ରାୟ ସାଢ଼େ ୧୦ଟାରେ ପୁଞ୍ଜିଲାଲକୁ ବଲାଙ୍ଗିର ଜେଲରୁ କଡ଼ା ସୁରକ୍ଷାବଳୟରେ ଅଣାଯାଇ କୋର୍ଟରେ ହାଜର କରାଯାଇଥିଲା । ଦୀର୍ଘ ସମୟଧରି ତା'ର ବୟାନ ରେକର୍ଡ କରାଯିବା ପରେ ଅପରାହ୍ଣ ପ୍ରାୟ ୩ଟା ୪୦ରେ ପୁଣି ବଲାଙ୍ଗିର ଜେଲ୍‌କୁ ନିଆଯାଇଥିଲା ।

ସରକାରୀ ଓକିଲ ଆଶିଷ ଚନ୍ଦନଙ୍କଠାରୁ ମିଳିଥିବା ସୂଚନାନୁସାରେ, ଅଦାଲତ ସରକାରୀ ପକ୍ଷରୁ ଦିଆଯାଇଥିବା ସମସ୍ତ ଦଲିଲ ଓ ଦସ୍ତାବିଜ୍‌କୁ ଆଧାର କରି ପୁଞ୍ଜିଲାଲଙ୍କୁ ୨୪୫ଟି ପ୍ରଶ୍ନ ପଚରାଯାଇଥିଲା । ପୁଞ୍ଜିଲାଲ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲା । କିନ୍ତୁ ପ୍ରଶ୍ନକାଳ ମଧ୍ୟରେ ସେ ଟିକେ ବିଚଳିତ ହୋଇପଡ଼ିଥିଲା । ଅଦାଲତ ପୁଞ୍ଜିଲାଲଙ୍କୁ ପରିତ୍ରାଣ ସାକ୍ଷୀ ଦେବାକୁ ଇଚ୍ଛୁକ କି ବୋଲି ପଚାରିଥିଲେ । ଏହାର ଜବାବରେ ପରିତ୍ରାଣ ସାକ୍ଷୀ ଦେବାକୁ ପୁଞ୍ଜିଲାଲ ରାଜି ହୋଇଥିଲା ଓ ଆସନ୍ତା ମାର୍ଚ୍ଚ ୧୩ ତାରିଖରେ ପରିତ୍ରାଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯିବା ପାଇଁ ଅଦାଲତ କହିଛନ୍ତି । ପରିତ୍ରାଣ ସାକ୍ଷୀଙ୍କ ବୟାନ ପରେ ଅଦାଲତ ଉଭୟ ପକ୍ଷର ଯୁକ୍ତିକୁ ଆଖି ଆଗରେ ରଖି ଆହୁରି ଗୋଟିଏରୁ ଦୁଇଟି ତାରିଖ ପରେ ମାମଲାର ଶୁଣାଣି ହୋଇପାରେ ବୋଲି ଶ୍ରୀ ଚନ୍ଦନ ସୂଚନା ଦେଇଛନ୍ତି ।

ସୂଚନାନୁସାରେ, ୨୦୧୮ ଫେବୃଆରୀ ୨୩ତାରିଖରେ ପାଟଣାଗଡ଼ ବ୍ଲକ୍ ଛକ ବାସିନ୍ଦା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରକୁ ଏକ ପାର୍ସଲ ପହଞ୍ଚିଥିଲା । ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା । ଏଥିରେ ସୌମ୍ୟଶେଖର ଓ ତାଙ୍କ ଜେଜେମା' ଜେମାମଣି ପ୍ରାଣ ହରାଇଥିଲେ । ସୌମ୍ୟଙ୍କ ପତ୍ନୀ ରିମା ସାହୁ ଅଳ୍ପକେ ବର୍ତ୍ତିଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘ ଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ । ପ୍ରଥମେ ଏ ସଂକ୍ରାନ୍ତରେ ପାଟଣାଗଡ଼ ଥାନାରେ ମାମଲା ରୁଜୁ କରାଯାଇ ପୁଲିସ୍ ତଦନ୍ତ କରିଥିଲା । ହେଲେ ସେଭଳି କୌଣସି ସଫଳତା ନ ମିଳିବାରୁ ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା । କ୍ରାଇମବ୍ରାଞ୍ଚ ତଦନ୍ତ କରି ମାମଲାର ମୁଖ୍ୟ ଅଭିଯୁକ୍ତ ଭାବରେ ପୁଞ୍ଜିଲାଲକୁ ଗିରଫ କରିଥିଲା ।

# ଯୁବକଙ୍କୁ ହତ୍ୟା କରି ଫୋପାଡ଼ିଦେଲେ !

## ଜଙ୍ଗଲ ରାସ୍ତାରୁ ମୃତଦେହ ଉଦ୍ଧାର

**ମାଲକାନଗିରି, ୬।୩(ସମିସ):** ମାଲକାନଗିରି ଜିଲ୍ଲା ଚାଲାଣଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଟିଟିବିରୀ ଗ୍ରାମ ଜଙ୍ଗଲ ରାସ୍ତାକଡ଼ରୁ ଆଜି ଯୁବକଙ୍କ ଶବ ସନ୍ଦେହଜନକ ଅବସ୍ଥାରେ ଜବତ ହୋଇଛି । ମୃତକ ହେଲେ,ମାଲକାନଗିରି ଥାନା ଅନ୍ତର୍ଗତ କୁମୁଟିଗୁଡ଼ାର ଜିତୁ ଟାକ୍ରି । ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ତେବେ ଜିତୁଙ୍କ ଅସ୍ୱାଭାବିକ ମୃତ୍ୟୁକୁ ତାଙ୍କ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି । ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ସାନଭାଇ ଇସାକ ମାଲକାନଗିରି ଥାନାରେ ଅଭିଯୋଗ କରିଛନ୍ତି । ତାଙ୍କ ସୂଚନାନୁଯାୟୀ, ଜିତୁଙ୍କ ସହ ତାଙ୍କ ସାହିର ଡମ୍ବରୁ ଜାନୀ ଓ ରାହୁଲ କଚିମ ମାଲକାନଗିରି ରିକ୍ଲାମେସନ କଲୋନୀର ଠିକାଦାର ଆଶିଷ ହାଲଦାରଙ୍କ ସହ ଘର ଚୂନ କାମ ପାଇଁ ସୁକୁମା ଯାଇଥିଲେ । ଅନ୍ୟ ଦୁଇଜଣ ଘରକୁ ଫେରିଥିବା ବେଳେ ଜିତୁ ଘରକୁ ଫେରିନଥିଲେ । ତେଣୁ ଜିତୁଙ୍କୁ କେହି ହତ୍ୟା କରିଛି ବୋଲି ଇସାକ୍ ଅଭିଯୋଗ କରିଛନ୍ତି । ଏନେଇ ଏକ ଆପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ ଜାରି ରଖିଥିବା ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ କହିଛନ୍ତି ।

# ନିଶା ନିବାରଣ କେନ୍ଦ୍ରରେ ଯୁବକଙ୍କୁ ପିଟିପିଟି ହତ୍ୟା; ୭ ଗିରଫ

**ପିପିଲି, ୬।୩ (ସମିସ):** ନିଶା ନିବାରଣ କେନ୍ଦ୍ରରେ ପୁଣି ଜଣେ ଯୁବକଙ୍କ ଜୀବନ ଯାଇଛି । ପିପିଲି ଥାନା କୌଶଲ୍ୟାଗଙ୍ଗ ଫାଣ୍ଡି ଅନ୍ତର୍ଗତ ଦିଶା ଫାଉଣ୍ଡେସନ୍ ନିଶା ନିବାରଣ କେନ୍ଦ୍ରରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଛି । ମୃତ ଯୁବକ ହେଲେ, ଶୁଭାଶିଷ ନାୟକ(୨୬) । ତାଙ୍କ ଘର ଭୁବନେଶ୍ୱରର ଲକ୍ଷ୍ମୀସାଗର ଅଞ୍ଚଳରେ । ଏ ସଂପର୍କରେ ତାଙ୍କ ବାପା ନବକୃଷ୍ଣ ନାୟକ ପିପିଲି ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୁଲିସ୍ ୭ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ, ଇନ୍ଦ୍ରଜିତ ଦାସ, ପ୍ରଦ୍ୟୁମ୍ନ ମହାରଣା, ମିଟୁ ବିହାରୀ, ତାପସ କୁମାର ସାହୁ, ରତନ ତ୍ରିପାଠୀ, ପବିତ୍ର ଦାସ ଓ ରାଉଳ ପାତ୍ର । ଅପରପକ୍ଷେ, ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ, କୌଶଲ୍ୟାଗଙ୍ଗ ଫାଣ୍ଡି ଅଧିକାରୀ ସନ୍ଦୀପ କୁମାର ଦାସ ପ୍ରମୁଖ ଉକ୍ତ ନିଶା ନିବାରଣ କେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଭଙ୍ଗା ପ୍ଲାଷ୍ଟିକ୍ ଲାଠି, ପ୍ୟାଣ୍ଟ-ସାର୍ଟ, ଅନୁଷ୍ଠାନର ବିଭିନ୍ନ କାଗଜପତ୍ର ଓ ସିସିଟିଭିର ହାର୍ଡଡିସ୍କ ଜବତ କରିଛନ୍ତି । ଅଧିକ ତଦନ୍ତ ପାଇଁ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ବିଭିନ୍ନଦିଗରୁ ଅନୁସନ୍ଧାନ ଜାରି ରଖିଥିବା ନେଇ ଥାନା ଅଧିକାରୀ ଶ୍ରୀ ତ୍ରିପାଠୀ ସୂଚନା ଦେଇଛନ୍ତି ।

ସୂଚନା ମୁତାବକ, ଏହି ନିଶା ନିବାରଣକେନ୍ଦ୍ରରେ ୩୦ରୁ ଅଧିକ ଯୁବକ ବିଭିନ୍ନ କାରଣ ପାଇଁ ରହିଆସୁଥିବା



(ଫାଇଲ୍ ଫଟୋ)

ବେଳେ ଗତବର୍ଷ ଡିସେମ୍ବର ୩ ତାରିଖରେ ଶୁଭାଶିଷଙ୍କୁ ତାଙ୍କ ପରିବାରଲୋକ ଭର୍ତ୍ତି କରାଇଥିଲେ । ସେ 'ସୁଚିବାଇ' ନାମକ ଏକ ମାନସିକ ରୋଗରେ ପୀଡ଼ିତ ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯାଉଥିଲା । ତେବେ ବୁଧବାର ଦିନ ପ୍ରାୟ ସାଢ଼େ ୩ଟାରେ ଅନୁଷ୍ଠାନର ଅଧିକାରୀ ପ୍ରତାପ ମହାନ୍ତି ଶୁଭାଶିଷଙ୍କ ପରିବାରଲୋକଙ୍କୁ ଫୋନ୍ କରି କହିଥିଲେ ଯେ ବାନ୍ତି ଯୋଗୁଁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଏହାର କିଛି ସମୟ ପରେ ପୁଣିଥରେ ଫୋନ୍ କରି ଶୁଭାଶିଷଙ୍କ ମୃତ୍ୟୁ ହୋଇଯାଇଛି ବୋଲି ଜଣାଇଥିଲେ । ଶୁଭାଶିଷଙ୍କ ବାପା ଏକ ବିବାହ ଉତ୍ସବରେ ବହୁ ଦୂରରେ ଥିବାରୁ ତାଙ୍କ ସାଙ୍ଗସାଥୀ କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ । ସେଠାରେ ସେମାନେ ଶୁଭାଶିଷଙ୍କ ମୃତ୍ୟୁ ହୋଇସାରିଥିବା ଦେଖିବାକୁ ପାଇଥିଲେ । ତେବେ ଶୁଭାଶିଷଙ୍କ ମୃତ୍ୟୁ ପାଇଁ ଫାଉଣ୍ଡେସନ୍ ପକ୍ଷରୁ ଯେଉଁ କାରଣ ଦିଆଯାଇଥିଲା, ତାହାକୁ ପରିବାରଲୋକ ସହଜରେ ଗ୍ରହଣ କରିପାରିନଥିଲେ । ଅନୁଷ୍ଠାନ ପରିସରରେ ତାଙ୍କ ପୁଅକୁ ପିଟିପିଟି ହତ୍ୟା କରାଯାଇଛି ବୋଲି ବାପା ନବକୃଷ୍ଣ ପିପିଲି ଥାନାରେ ଅଭିଯୋଗ କରିଥିଲେ ।

ସୂଚନାଥାଉ କି, ୨୦୨୧ ମସିହାରେ ମଧ୍ୟ ଏହି ନିଶା ନିବାରଣ କେନ୍ଦ୍ରରେ ଜଣଙ୍କର ମୃତ୍ୟୁ ହୋଇଥିଲା ।

## ଦୋଳ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ

# ସକାଳ ୮ରୁ ସାଢ଼େ ୯ ମଧ୍ୟରେ ମହାପ୍ରଭୁଙ୍କ ସୁନାବେଶ

**ପୁରୀ, ୬।୩ (ସମିସ):** ଆସନ୍ତା ୧୪ ତାରିଖରେ ଦୋଳ ପୂର୍ଣ୍ଣିମା । ଏହି ଦିନ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ । ଏଥିପାଇଁ ସକାଳ ୮ଟାରୁ ସାଢ଼େ ୯ଟା ମଧ୍ୟରେ ଦାରୁବିଗ୍ରହ ଏହି ଦୁର୍ଲଭ ବେଶରେ ସଜେଇ ହେବେ । ତେଣୁ ଦୋଳପୂର୍ଣ୍ଣିମା ଏବଂ ଏହା ପୂର୍ବଦିନ ହେବାକୁ ଥିବା ମେଣ୍ଢାପୋଡ଼ି ନୀତି କିପରି ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବ, ସେଥିଲାଗି ଗୁରୁବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ ।



ନିର୍ଘଣ୍ଟ ସମୟରେ ନୀତି କରିବାକୁ ସେବାୟତଙ୍କୁ ପରାମର୍ଶ

ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ମାର୍ଚ୍ଚ ୧୩ ତାରିଖରେ ମେଣ୍ଢାପୋଡ଼ି ନୀତିକୁ ସଅଳ ସାରି ରାତି ୧୨ଟାରେ ରାତ୍ର ପହୁଡ଼ କରାଯିବ । ରାତ୍ର ୩ଟାରେ ଦ୍ୱାର ଫିଟାଯାଇ ଅନ୍ୟାନ୍ୟ ନୀତି ଚାଲିବ । ୧୪ ତାରିଖ ପୂର୍ବାହ୍ନ ୧୦ଟାରେ ଶ୍ରୀଦୋଳଗୋବିନ୍ଦ, ଶ୍ରୀଦେବୀ, ଭୂଦେବୀ ବିମାନକୁ ବିଜେ କରିବେ । ପୂର୍ବାହ୍ନ ସାଢ଼େ ୧୧ଟା ସୁଦ୍ଧା ବେଢ଼ା ପରିକ୍ରମା କରିସାରିବା ପରେ ଦୋଳବେଦୀକୁ ବିଜେ କରିବେ । ପରେ ଗୋପାଳ ବଲ୍ଲଭ ଓ ସକାଳ ଧୂପ ସରିବା ପରେ ଅପରାହ୍ଣ ସାଢ଼େ ୧ଟା ସୁଦ୍ଧା ଭୋଗମଣ୍ଡପ ଶେଷ ହେବ । ରାତ୍ର ୯ଟାରେ ଦୋଳବେଦୀ ନୀତି ସାରି ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିବେ । ଅନ୍ୟାନ୍ୟ ନୀତି ବଢ଼ି ରାତି ୧୦ଟା ୩୫ରୁ ୧୨ଟା ମଧ୍ୟରେ ଦାରୁବିଗ୍ରହଙ୍କ ସୁନାବେଶ ମଇଲମ ବା ଓଲାଗି କରାଯିବ । ଏହାପରେ ଅନ୍ୟ ନୀତି ସମ୍ପନ୍ନ ହୋଇ ରାତ୍ର ୩ଟା ୪୫ରେ ରାତ୍ର ପହୁଡ଼ ହେବା ଲାଗି ନୀତି ନିର୍ଘଣ୍ଟ ହୋଇଛି ।

ସେହିପରି ବୈଠକରେ ନୀତିକାନ୍ତିକୁ ଶୃଙ୍ଖଳିତ କରାଯିବା ନେଇ ଆଲୋଚନା କରାଯାଇଛି । ନିର୍ଘଣ୍ଟ ସମୟରେ ନୀତିକାନ୍ତି ଚାଲିଲେ, ଦର୍ଶନ ବ୍ୟବସ୍ଥା ବି ଶୃଙ୍ଖଳିତ ହେବ । ତେଣୁ ଏହା ଉପରେ ଗୁରୁତ୍ୱ ଦେବାକୁ ସବୁ ନିଯୋଗଙ୍କୁ ଅବଗତ କରାଯାଇଛି । ଦୈନନ୍ଦିନ ନୀତିକାନ୍ତି ହେଉ ବା ସ୍ୱତନ୍ତ୍ର ପର୍ବପର୍ବାଣି ପାଇଁ ଯେଉଁ ସମୟ ନିର୍ଘଣ୍ଟ କରାଯାଉଛି, ସେହି ସମୟରେ ନୀତି ସମ୍ପନ୍ନ କରିବାକୁ ସେବାୟତଙ୍କୁ ପରାମର୍ଶ ଦିଆଯାଇଛି ।

ବୈଠକରେ ଏସ୍‌ପି ବିନିତ ଅଗ୍ରୱାଲ, ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଓ ବରିଷ୍ଠ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ ।

# ଶୈଳଜ ରବି ପାଇବେ 'ସାହିତ୍ୟ ଭାରତୀ ସମ୍ମାନ'

## ଡା. ଫାଲଗୁନୀ ରାୟଙ୍କୁ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ'

**କଟକ, ୬।୩ (ସମିସ):** ଶ୍ରୀ ଗଙ୍ଗାଧର ରଥ ଫାଉଣ୍ଡେସନ୍ ପକ୍ଷରୁ ଆଜି "ସାହିତ୍ୟ ଭାରତୀ ସମ୍ମାନ" ସହ ଅନ୍ୟାନ୍ୟ ସମ୍ମାନ ଓ ପୁରସ୍କାର ସଂପର୍କରେ ଘୋଷଣା କରାଯାଇଛି । ଚଳିତ ବର୍ଷ ଫାଉଣ୍ଡେସନ୍ ପକ୍ଷରୁ ମର୍ଯ୍ୟାଦାଜନକ 'ସାହିତ୍ୟ ଭାରତୀ ସମ୍ମାନ : ୨୦୨୫' ବିଶିଷ୍ଟ ସାହିତ୍ୟିକ ଶୈଳଜ ରବିଙ୍କୁ ଦିଆଯିବ ।



ଏହି ସମ୍ମାନ ସହ ତାଙ୍କୁ ଏକ ଲକ୍ଷ ଟଙ୍କା, ଉପାୟନ ଓ କୋଣାର୍କ ମନ୍ଦିରର ଏକ ରୌପ୍ୟ ପ୍ରତିରୂପ ପ୍ରଦାନ କରାଯିବ । ସୁଦୀର୍ଘ ସାରସ୍ୱତ ଯାତ୍ରାରେ ସେ ଜଣେ ସାହିତ୍ୟିକ ଭାବେ ବିଶେଷ ଖ୍ୟାତି ଅର୍ଜନ କରିଛନ୍ତି । ତାଙ୍କର ସାରସ୍ୱତ ସାଧନା ପାଇଁ ଓଡ଼ିଆ ସାହିତ୍ୟ ବିଶେଷ ଭାବରେ ଋଦ୍ଧିମନ୍ତ । ସେହିଭଳି ଫାଉଣ୍ଡେସନ୍‌ର ପ୍ରତିଷ୍ଠାତାଙ୍କ ନାମରେ ପ୍ରତିଷ୍ଠିତ 'ଗଙ୍ଗାଧର ରଥ ସ୍ମାରକୀ ସମ୍ମାନ' ଚଳିତବର୍ଷ ବିଶିଷ୍ଟ ଡାକ୍ତର ଫାଲଗୁନୀ ରାୟଙ୍କୁ ପ୍ରଦାନ କରାଯିବ । ଏହି ସମ୍ମାନ ସହିତ ତାଙ୍କୁ ଏକ ରୌପ୍ୟଫଳକ ଓ ମାନପତ୍ର ପ୍ରଦାନ କରାଯିବ । ଆଜି ଦରଘାବଜାରସ୍ଥିତ ଗଙ୍ଗାଧର ରଥଙ୍କ ବାସଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି ।

କାବ୍ୟ ସାହିତ୍ୟରେ ବିଶେଷ ପରାକାଷ୍ଠା ପାଇଁ ବିଶିଷ୍ଟ କବି ସୂର୍ଯ୍ୟ ମିଶ୍ରଙ୍କୁ 'ଭାନୁଜୀ ରାଓ ସ୍ମାରକୀ ପୁରସ୍କାର' ଏବଂ କଥା ସାହିତ୍ୟରେ ବିଶେଷ କୃତିତ୍ୱ ପାଇଁ ବିଶିଷ୍ଟ କଥାକାର ସଂଯୁକ୍ତା ମହାନ୍ତିଙ୍କୁ 'ବୀଣାପାଣି ମହାନ୍ତି କଥା ସାହିତ୍ୟ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ୨୫ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯିବ । ଯୁବ ସାରସ୍ୱତ ପ୍ରତିଭା ବିରଜା ରାଉତରାୟ ଏବଂ ଇପ୍‌ସିତା ଷଡ଼ଙ୍ଗୀଙ୍କୁ ସାହିତ୍ୟ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ 'ସୁବ୍ରତ ରଥ ସ୍ମାରକୀ ପୁରସ୍କାର' ସ୍ୱରୂପ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କା ଓ ରୌପ୍ୟ ଉପଢ଼ୌକନ ପ୍ରଦାନ କରାଯିବା ନିମନ୍ତେ ଫାଉଣ୍ଡେସନ୍ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

ଆସନ୍ତା ୩୦ ତାରିଖ ରବିବାର ସନ୍ଧ୍ୟା ୬ଟା ୩୦ ଘଟିକା ସମୟରେ କଟକସ୍ଥିତ କଳା ବିକାଶ କେନ୍ଦ୍ରଠାରେ ଆୟୋଜିତ ସ୍ୱତନ୍ତ୍ର ସାରସ୍ୱତ ସମାରୋହରେ ଏହି ପୁରସ୍କାର ପ୍ରଦାନ କରାଯିବ । ସାଂସଦ ଭର୍ତ୍ତୃହରି ମହତାବ ମୁଖ୍ୟଅତିଥି ଭାବରେ ଏହି ଉତ୍ସବକୁ ଉଦ୍‌ଘାଟନ କରିବେ । ବିଶିଷ୍ଟ ଗବେଷକ ଓ ବକ୍ତା ଅସିତ ମହାନ୍ତି ଏହି ସଭାରେ ମୁଖ୍ୟବକ୍ତା ଭାବରେ ଯୋଗଦେବେ । ଫାଉଣ୍ଡେସନ୍‌ର ଟ୍ରଷ୍ଟି ଡାକ୍ତର ଜୟନ୍ତ ରଥ ଏହି ସଭାରେ ପୌରହିତ୍ୟ କରିବେ । ୧୯୯୬ରୁ ଗଙ୍ଗାଧର ରଥଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସମ୍ମାନରେ ବର୍ତ୍ତମାନ ସୁଦ୍ଧା ବହୁ ଯୋଗ୍ୟ ବ୍ୟକ୍ତି ସମ୍ମାନିତ ହୋଇସାରିଛନ୍ତି ।

# ବିଜୁ ବାବୁଙ୍କ ମୂର୍ତ୍ତି ଭଙ୍ଗା ଘଟଣାରେ ମାହାଙ୍ଗା ବିଧାୟକଙ୍କୁ ଗିରଫ କରାଯାଉ: ବିଜେଡି

**ଭୁବନେଶ୍ୱର, ୬।୩(ସମିସ):** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ ଅଲଗା କରିବା ଭଳି ଲଜ୍ଜାଜନକ ଘଟଣାରେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନଙ୍କ ଗିରଫ ଦାବି କରିଛି ବିଜେଡି । ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ

■ ଲଜ୍ଜାଜନକ ଘଟଣା ଘଟାଇ କୁମ୍ଭୀରକାନ୍ଦଣା କାନ୍ଦୁଛି ବିଜେପି
■ ବିଜୁ ବାବୁଙ୍କ ନାମକୁ ଲିଭାଇଦେବାକୁ ବିଜେପିର ଅପପ୍ରୟାସ

ଲେନିନ ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଗତ ୩ ତାରିଖ ସନ୍ଧ୍ୟାରେ ରାଜ୍ୟ ସରକାର ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରାଯିବ ନାହିଁ ବୋଲି ବିଜ୍ଞପ୍ତି ପ୍ରକାଶ କରିଥିଲେ । ଏହାର କିଛି ଘଣ୍ଟା ପରେ ବିଳମ୍ବିତ ରାତିରେ ମାହାଙ୍ଗା ବିଧାୟକ ନିଜ ସମର୍ଥକଙ୍କ ଜରିଆରେ ଉମର ଗାଁରେ ଗ୍ରାମବାସୀଙ୍କ ଦ୍ୱାରା ପ୍ରତିଷ୍ଠିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରୁ ମୁଣ୍ଡକୁ ଅଲଗା କରିଦେଇଥିଲେ । ଏହାକୁ ନେଇ ରାଜ୍ୟରେ ପ୍ରବଳ ପ୍ରତିକ୍ରିୟା ଦେଖା ଦେବାରୁ ପୁଲିସ୍ ଧର୍ମକୁ ଆଖିଠାର



ସଦୃଶ ବିଧାୟକ ସାରଦା ପ୍ରଧାନଙ୍କ ୩ ଜଣ ସମର୍ଥକଙ୍କୁ ଗିରଫ କରିଛି । ମାତ୍ର ବିଜୁ ବାବୁଙ୍କ ଭଳି ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ଓ ରାଜ୍ୟ ତଥା ଦେଶର ସ୍ୱାଧୀନତା ସଂଗ୍ରାମରେ ନିଜର ଅଦମ୍ୟ ସାହସ ଦେଖାଇଥିବା ଜଣେ ରାଷ୍ଟ୍ରନାୟକଙ୍କ ପ୍ରତି ବିଜେପି ନେତାଙ୍କ ଏଭଳି ଲଜ୍ଜାଜନକ ଆଚରଣ ରାଜ୍ୟବାସୀଙ୍କୁ ମର୍ମାହତ କରିଛି । ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ତଥା ମହିଳାଙ୍କୁ ସଂରକ୍ଷଣ ଦେଇ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଜୁ ବାବୁ ସର୍ବଦା ସ୍ମରଣୀୟ ହୋଇ ରହିବେ । ଯେତେବେଳେ ମହିଳାମାନଙ୍କୁ ପଞ୍ଚାୟତିରାଜ ବ୍ୟବସ୍ଥାରେ ସାମିଲ କରିବା ପାଇଁ ସମଗ୍ର ଦେଶରେ କେହି ଚିନ୍ତା କରି ନ ଥିଲେ, ବିଜୁ ବାବୁ ପ୍ରଥମେ ଓଡ଼ିଶାରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିଲେ । ଓଡ଼ିଶା ଭଳି ଏକ ଶାନ୍ତିପ୍ରିୟ ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏଭଳି ବିଶୃଙ୍ଖଳା ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି । ବିଜୁ ବାବୁଙ୍କ ଭଳି ଜଣେ ମହାପୁରୁଷଙ୍କ ପ୍ରତି ଏଭଳି ଅକ୍ଷମଣୀୟ ଅପରାଧ ଘଟାଇଥିବା ବିଧାୟକ ସାରଦା ପ୍ରଧାନଙ୍କୁ ଗିରଫ କରିବା ପାଇଁ ମୁଖ୍ୟମନ୍ତ୍ରୀ ତୁରନ୍ତ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଲେନିନ୍ ଦାବି କରିଛନ୍ତି ।

# ମିଳିଲା ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ 'ସୁଭଦ୍ରା' ଟଙ୍କା

**ଭୁବନେଶ୍ୱର, ୬।୩ (ସମିସ):** ଗୁରୁବାର ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିର ପଞ୍ଚମ ପର୍ଯ୍ୟାୟ ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟକୁ ଆସିଛି । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହି ସୂଚନା ଦେଇଛନ୍ତି । ଗୁରୁବାର ୨ଲକ୍ଷ ୩୦ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କ ଖାତାକୁ ଟଙ୍କା ଆସିଛି । ଏହାକୁ ମିଶାଇ 'ସୁଭଦ୍ରା' ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା ୧କୋଟି ଟପିଛି । ସେହିପରି ଆସନ୍ତା ୮ ତାରିଖରେ ଗୋଟିଏ ପର୍ଯ୍ୟାୟରେ

**ଯୋଜନାର ସଫଳତା ପାଳନ ପାଇଁ ୭ରେ ଦୀପ ଜାଳିବାକୁ ଆହ୍ୱାନ**

ସମସ୍ତଙ୍କୁ 'ସୁଭଦ୍ରା'ର ଦ୍ୱିତୀୟ କିସ୍ତି ଟଙ୍କା ଏକାସଙ୍ଗରେ ମିଳିବ । ସରକାର ଗୋଟିଏ ଦିନରେ ୫ହଜାର କୋଟି ଟଙ୍କା ପ୍ରଦାନ କରିବେ । ବ୍ରହ୍ମପୁରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବ । ଉକ୍ତ ଦିନ ସର୍ଭେ ପରେ ଅବଶିଷ୍ଟ ହିତାଧିକାରୀଙ୍କୁ ଆସନ୍ତା ରାକ୍ଷୀ ପୂର୍ଣ୍ଣିମାରେ ଏକସଙ୍ଗେ ୩ଟି କିସ୍ତି ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ମହିଳାମାନଙ୍କୁ ମାର୍ଚ୍ଚ ୭ ସନ୍ଧ୍ୟାରେ ଘର ମୁଖ୍ୟଦ୍ୱାର ସମ୍ମୁଖରେ ଦୀପ ଜାଳି ଯୋଜନାର ସଫଳତା ପାଳନ କରିବାକୁ ଅନୁରୋଧ କରିଛନ୍ତି ।

**ନାଗେଶ୍ୱରୀ ପର୍ବତ ବକ୍ସାଇଟ ଖନନ**

# ସୁରୁଖୁରୁରେ ସରିଲା ଜନଶୁଣାଣି

**କୋରାପୁଟ/ନନ୍ଦପୁର, ୬।୩(ସମିସ):** ନନ୍ଦପୁର ବ୍ଲକ ଅନ୍ତର୍ଗତ ବାଲଡା ନାଗେଶ୍ୱରୀ ପର୍ବତରୁ ବକ୍ସାଇଟ ଖନନ ନିମନ୍ତେ ଗୁରୁବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ଜନଶୁଣାଣି ସମାବେଶ ସୁରୁଖୁରୁରେ ସଫଳତାର ସହ ଶେଷ ହୋଇଛି । କଳିଙ୍ଗ ଆଲୁମିନା ଲିମିଟେଡ୍‌କୁ ନାଗେଶ୍ୱରୀ ପର୍ବତର ୧୪୪.୯୪୫ ହେକ୍ଟର ଅଞ୍ଚଳରେ



ବକ୍ସାଇଟ୍ ଖଣି ଆବଣ୍ଟନ କରାଯାଇଛି । ଏନେଇ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଦୀପେଶ ବିଶ୍ୱାଳ ଯୋଗଦେଇ ପରିବେଶ ମଞ୍ଜୁରୀ ନିମନ୍ତେ ଥିବା ନିୟମଗୁଡ଼ିକ ଉପରେ ବିବରଣୀ ପ୍ରଦାନ କରିଥିଲେ । ଏହି ପ୍ରକଳ୍ପରେ ବକ୍ସାଇଟ୍ ଖନନ ପାଇଁ ଓପନକାଷ୍ଟ ପଦ୍ଧତି ବ୍ୟବହାର କରାଯିବ, ଯାହାର କ୍ଷମତା ବାର୍ଷିକ ୪ ମିଲିୟନ୍ ଟନ୍ (ଏମଟିପିଏ) ଏବଂ ପିଟ୍ ହେଡ୍ (ଖାଦାନ ମୁଣ୍ଡରେ) ଘଣ୍ଟା ପ୍ରତି ୮୦୦ ଟନ୍ (ଟିପିଏଚ୍) ର କ୍ରସ ସ୍କ୍ରିନିଂ ପ୍ଲାଣ୍ଟ ରହିବ ବୋଲି କଳିଙ୍ଗ ଆଲୁମିନା ଲିମିଟେଡର ପ୍ରକଳ୍ପ ଅଧିକାରୀ ସୂଚନା ଦେଇଥିଲେ ।

ନନ୍ଦପୁର ତହସିଲର ପାର୍ଶ୍ୱବର୍ତ୍ତୀ ଭେଜା, ବାଲଡା, ବାଡେଲ, ଅତଣ୍ଡା ଏବଂ କୁଲାବୀର ଗ୍ରାମ ପଞ୍ଚାୟତର ହଜାର ହଜାର ଗ୍ରାମବାସୀ ଏହି ଜନଶୁଣାଣିରେ ଯୋଗ ଦେଇଥିଲେ । ଦିନ ୧୧ଟାରୁ ଆରମ୍ଭ ହୋଇଥିବା ଏହି ଜନଶୁଣାଣି ପ୍ରାୟ ଅପରାହ୍ଣ ୨ଟା ୪୫ ଶେଷ ହୋଇଥିଲା । ଜନଶୁଣାଣିରେ ଗ୍ରାମବାସୀମାନେ ପରିବେଶ ଉପରେ ପ୍ରଭାବ, ଅଞ୍ଚଳର ବିକାଶ, ନିଯୁକ୍ତି ସୃଷ୍ଟି ଏବଂ ସ୍ୱରୋଜଗାର ସୁଯୋଗ ବିଷୟରେ ଆଲୋଚନା କରିଥିଲେ । କଳିଙ୍ଗ ଆଲୁମିନା ଲିମିଟେଡ ଅଧିକାରୀମାନେ ସେମାନଙ୍କର ମତାମତ ଗ୍ରହଣ କରି ପ୍ରକଳ୍ପର ସମ୍ଭାବ୍ୟ ବିକାଶ ଓ ନିଯୁକ୍ତି ସୁଯୋଗ ବିଷୟରେ ପ୍ରଶ୍ନଗୁଡ଼ିକର ସମାଧାନ କରିଥିଲେ ।

କଳିଙ୍ଗ ଆଲୁମିନା ଅଧିକାରୀ ବାଲଡ଼ା ପ୍ରକଳ୍ପ ଓ ଅଞ୍ଚଳ ପାଇଁ ଏହାର ଉଲ୍ଲେଖନୀୟ ଲାଭ ବିଷୟରେ ଏକ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ସେ ସମସ୍ତ ଗ୍ରାମବାସୀ, ପ୍ରଶାସନିକ ଅଧିକାରୀ, ଅଂଶୀଦାର ଏବଂ ଜନସାଧାରଣଙ୍କୁ ଆୟୋଜନ କରାଯାଇଥିବା ଜନଶୁଣାଣିରେ ଯୋଗ ଦେଇଥିବାରୁ କୃତଜ୍ଞତା ଜଣାଇଥିଲେ । ଏହି ପ୍ରକଳ୍ପ ରାଜ୍ୟର ଆର୍ଥିକ ବିକାଶକୁ ତ୍ୱରାନ୍ୱିତ କରିବ । ପ୍ରସ୍ତାବିତ ଖଣିରୁ ପ୍ରାୟ ୩୦୦-୪୦୦ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା କୁଶଳୀ ଏବଂ ଅଣକୁଶଳି ବ୍ୟକ୍ତିଙ୍କ ପାଇଁ ଉପଲବ୍ଧ ହେବ । ଏହା ବ୍ୟତୀତ ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧର ଅଂଶ ଭାବେ ଗ୍ରାମ ସଡ଼କ, ସଂଯୋଗ ସଡ଼କ, ଡିସପେନସେରି, ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ବଜାର ସ୍ଥାନ ଭଳି ଗୋଷ୍ଠୀ ସମ୍ପତ୍ତିକୁ ମଧ୍ୟ ରକ୍ଷଣାବେକ୍ଷଣ କରିବ ବୋଲି କଳିଙ୍ଗ ଆଲୁମିନା ଅଧିକାରୀ ସୂଚନା ଦେଇଥିଲେ ।

**୧୨୦୦ କୋଟି ଠକେଇ ମାମଲାରେ ଚାଞ୍ଚଲ୍ୟକର ତଥ୍ୟ**

# ନୂଆ ଗ୍ରାହକଙ୍କ ଟଙ୍କା ପୁରୁଣାଙ୍କୁ ଦେଉଥିଲା କମ୍ପାନୀ

**ସମ୍ବଲପୁର, ୬।୩ (ସମିସ):** ନିବେଶ ଆଳରେ ଲୋକଙ୍କଠାରୁ ପ୍ରାୟ ୧୨୦୦ କୋଟି ଟଙ୍କା ଠକି ନେଇଥିବା ସମ୍ବଲପୁର କୁଳଥକାନିସ୍ଥିତ ଏସ୍‌ସିଏକ୍ସ କମୋଡିଟି ଟ୍ରେଡିଂ କମ୍ପାନୀ ସଂପର୍କରେ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି । ଲୋକଙ୍କଠାରୁ ନିବେଶ ନାଁରେ ଆଣୁଥିବା ଅର୍ଥ ପ୍ରକୃତରେ କମ୍ପାନୀ ନିବେଶ କରୁନଥିଲା, ବରଂ ସେହି ଟଙ୍କାକୁ ପୁରୁଣା ଗ୍ରାହକଙ୍କୁ ସୁଧ ସ୍ୱରୂପ ଦେଉଥିଲା । ଏମିତି କରି କମ୍ପାନୀ ପୁଳାପୁଳା ନୂଆ ଗ୍ରାହକ ଯୋଡ଼ି ଚାଲିଥିଲା । କିନ୍ତୁ କମ୍ପାନୀର ଏକ କାରନାମା ସଂପର୍କରେ ଜାଣିନପାରି ପୁରୁଣା ଗ୍ରାହକମାନେ ଅଧିକ ସୁଧ ଲୋଭ ଆଶାରେ ନୂଆ ନୂଆ ଗ୍ରାହକ ଯୋଗାଡ଼ କରିଚାଲିଥିଲେ । କିନ୍ତୁ ଗ୍ରାହକଙ୍କ ସଂଖ୍ୟା ମାତ୍ରାଧିକ ବଢ଼ିଯିବାରୁ କମ୍ପାନୀ ଆଉ ଏକ ଗୋଲକଧନ୍ଦାକୁ ଠିକ୍ ଭାବେ ପରିଚାଳନା କରିପାରିନଥିଲା । ଆଜି ଏଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ମୁକେଶଭାମୂ ଏହି ସୂଚନା ଦେଇଛନ୍ତି । ତେବେ କେତେ କୋଟିର ଠକେଇ ହୋଇଛି, ସେନେଇ ଅଧିକ ତଦନ୍ତ ଚାଲିଛି ବୋଲି ଏସ୍‌ପି କହିଛନ୍ତି । ପ୍ରାଥମିକ ପର୍ଯ୍ୟାୟରେ ପ୍ରାୟ ୧୦୦୦ କୋଟି ଉପରେ ଠକେଇ ହୋଇଥିବା ପୁଲିସ୍ ଆଶଙ୍କା କରୁଛି । ତେଣୁ ଏହି ମାମଲାକୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧିକ ଶାଖା (ଇଓଡବ୍ଲ୍ୟୁ)କୁ ହସ୍ତାନ୍ତର କରାଯାଇଛି । ଏବେ ଇଓଡବ୍ଲ୍ୟୁ ଏହାର ତଦନ୍ତ କରିବ ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି ।

■ ଅଭିଯୁକ୍ତର ରିମାଣ୍ଡ ଶେଷ, ତଦନ୍ତ କରିବ ଇଓଡବ୍ଲ୍ୟୁ
■ ୫୮ ବ୍ୟାଙ୍କ ଖାତାର ୮୨ ଲକ୍ଷ ଟଙ୍କା ଫ୍ରିଜ୍

ଅପରପକ୍ଷେ, ଧନୁପାଲି ପୁଲିସ୍ ଅଭିଯୁକ୍ତ କମ୍ପାନୀ ମାଲିକ ସନ୍ତୋଷ କୁମାର ଆଚାର୍ଯ୍ୟକୁ ୨ ଦିନିଆ ରିମାଣ୍ଡରେ ଆଣି ଜେରା କରି ବିଭିନ୍ନ ତଥ୍ୟ ହାସଲ କରିଛି । ସନ୍ଦେହଜନକ ଟଙ୍କା କାରବାର ପାଇଁ ପ୍ରାୟ ୫୮ ଜଣ ବ୍ୟାଙ୍କ ଖାତାକୁ ସିଜ୍ କରିଛି । ଏଥିରେ ଥିବା ମୋଟ ୮୧.୨୦ ଲକ୍ଷ ଟଙ୍କାକୁ ଫ୍ରିଜ କରାଯାଇଛି । ବେଙ୍ଗାଲୁରୁରେ ଥିବା ମୂଳ କମ୍ପାନୀ ଏମସିଏକ୍ସ ସହ ଏହି କମ୍ପାନୀର କୌଣସି ନେଣଦେଣ ନାହିଁ ବୋଲି ପୁଲିସ୍ କହିଛି ।

ବୁଧବାର ପୁଲିସ୍ କୁଲୁଥକାନି ମାଉଲିନଗରସ୍ଥିତ କମ୍ପାନୀର ଅଫିସ୍‌ରେ ବିଭିନ୍ନ କାଗଜପତ୍ର ଜବତ କରିବା ସହ ଅଫିସକୁ ସିଲ୍ କରିଥିଲା । ତେବେ ଆଜି ସନ୍ତୋଷକୁ ପୁଲିସ୍ ସାଙ୍ଗରେ ନେଇ ଅଫିସକୁ ନେଇଥିଲା । ଏହାସହ ୭କୋଟିର ବାସଭବନର ମଧ୍ୟ ତଲାସି ସହ ଖୋଲତାଡ଼ ଆରମ୍ଭ କରିଛି । ନିବେଶ କରୁଥିବା ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ଦେଉଥିବା ବଣ୍ଡ ପତ୍ରକୁ ମଧ୍ୟ ପୁଲିସ ଜବତ କରିଛି । ୨ଟି ଟଙ୍କା ଗଣନା ମେସିନ, ୨୭ଟି ବ୍ୟାଙ୍କ ଚେକ୍, ୫୪ଟି ପେ' ସ୍ଲିପ ସମେତ ଅନେକ କାଗଜ ଜବତ କରି ତଦନ୍ତ ପରିସରଭୁକ୍ତକୁ ଆଣିଛି ।

## ଡୁବୁରୀ ଜାଗର ମହୋତ୍ସବ ଉଦ୍‌ଯାପିତ



**ସୁକିନ୍ଦା, ୬ ।୩(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ ଡୁବୁରୀସ୍ଥ ସଂରାସ ମନ୍ଦିର ପରିସରରେ ଅନୁଷ୍ଠିତ ଜାଗର ମହୋତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଛି । କପିଳେଶ୍ୱର ମନ୍ଦିର କମିଟି, ଜାଗର ମେଳା କମିଟି ଓ ଡୁବୁରୀ ଗ୍ରାମବାସୀଙ୍କ ସହଯୋଗରେ ଦୀର୍ଘବର୍ଷ ଧରି ଏହି ମହୋତ୍ସବ ଚାଲିଆସିଛି । ଉଦଯାପନୀ ଉତ୍ସବରେ ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ମହୋତ୍ସବର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ଏହି ମହୋତ୍ସବକୁ ବ୍ୟାପକ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ମନ୍ଦିର ପରିଚାଳନା କମିଟି ସମ୍ପାଦକ ଅଲେଖ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସୁକିନ୍ଦା ପଞ୍ଚାୟତ ସମିତି ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ସ୍ଥାନୀୟ ସରପଞ୍ଚ ନିରୁପମା ପାତ୍ର, ଡୁବୁରୀ କୃଷି ସମବାୟ ସମିତି ସଭାପତି ବିଜୟ ଦାସ, ମେଳା କମିଟି ପକ୍ଷରୁ ସଞ୍ଜୟ ରାଉତ, ବିଷ୍ଣୁରଞ୍ଜନ ଦାସ, ଜ୍ଞାନରଞ୍ଜନ ସାହୁ, ବଳରାମ ରାଉତ, ପ୍ରେମନାରାୟଣ ଦାସ, ବିଦ୍ୟାଧର ସାହୁ, ଅଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏ ଅବସରରେ ବିଭିନ୍ନ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା ପ୍ରଦର୍ଶନ କରି ସଫଳତା ହାସଲ କରିଥିବା ୬୦ ଜଣ କୁନି କଳାକାରଙ୍କୁ ପୁରସ୍କୃତ କରାଯାଇଥିଲା । ସଙ୍ଗୀତଜ୍ଞ ଚନ୍ଦନ କୁମାର ଧନ୍ୟବାଦ ଅର୍ପଣ କରିଥିଲେ ।

## ବରୀରେ ସୁଭଦ୍ରା ଶୋଭାଯାତ୍ରା

**ବରୀ, ୬।୩(ସମିସ):** ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ରାଜ୍ୟର ୨୧ ବର୍ଷରୁ ୬୦ ବର୍ଷ ମଧ୍ୟରେ ଥିବା ମହିଳାଙ୍କୁ ସୁଭଦ୍ରା ଯୋଜନା ମାଧ୍ୟମରେ ସ୍ୱାବଲମ୍ବୀ କରାଯିବା ନିମନ୍ତେ ଯୋଜନା ପ୍ରଣୟନ ହୋଇଛି । ଏହି ଯୋଜନାରେ ସାମିଲ ହୋଇଥିବା ମହିଳା ପାଇଥିବା ଆର୍ଥିକ ସହାୟତାକୁ ସଠିକ ଭାବେ ବିନିଯୋଗ କରି କିଭଳି ଆତ୍ମନିର୍ଭରଶୀଳ ହୋଇପାରିବେ, ତାହାକୁ ଆଖି ଆଗରେ ରଖି ସୁଭଦ୍ରା ଶୋଭାଯାତ୍ରା କରାଯାଇଛି । ବିଭିନ୍ନ ପଞ୍ଚାୟତର ମହିଳା ସୁଭଦ୍ରା ଶୋଭାଯାତ୍ରାରେ ସାମିଲ ହୋଇଥିବାବେଳେ ବରୀ ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରିଣୀ ସଙ୍ଗୀତା ଏଡା, ସୁପରଭାଇଜର ସ୍ୱର୍ଣ୍ଣଲତା ପାଣିଗ୍ରାହୀ, ମଲ୍ଲିକା ପରିଡ଼ା, ସୁଜାତା ବେହେରା, ରେଖାମଣି ପରିଡ଼ା, ଆରତୀ ସାମଲ, ସୁଭଦ୍ରା ସହାୟତା ପ୍ରୋଗ୍ରାମ ଅଫିସର ସଂଗ୍ରାମ ବେହେରା, ସରୋଜ କର ପ୍ରମୁଖ ବିଭିନ୍ନ ପଞ୍ଚାୟତ ଗସ୍ତ କରି ସହଯୋଗ କରିଥିଲେ ।

## ରକ୍ତଦାନ ସଚେତନତା ଅଭିଯାନ



**କବାଟବନ୍ଧ, ୬।୩ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବୃନ୍ଦାଦେଇପୁରଠାରେ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ରକ୍ତଦାନ କାର୍ଯ୍ୟକ୍ରମ ପାଇଁ ସଚେତନତା ଅଭିଯାନ ଆରମ୍ଭ ହୋଇଛି । ବିଭିନ୍ନ ବର୍ଗର ଲୋକଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ଓ ନୂତନ ରକ୍ତଦାତା ସୃଷ୍ଟି କରିବା ଲକ୍ଷ୍ୟରେ କଲେଜ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା ପାଇଁ ପ୍ରୟାସ କରାଯାଇଛି । ଆସନ୍ତା ୯ ତାରିଖ ଦିନ ବଣମଲ୍ଲୀ ସାହିତ୍ୟ ଓ ସେବା ସଂଗଠନ ପକ୍ଷରୁ ବୃନ୍ଦାଦେଇପୁର ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ କେନ୍ଦ୍ରୀୟ ରେଡକ୍ରସ ରକ୍ତଭଣ୍ଡାର, କଟକ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ପ୍ରାଥମିକ ପର୍ଯ୍ୟାୟରେ ଜେନାପୁର ଡିଗ୍ରୀ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଶତାଧିକ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନର ଉପସଭାପତି ନିର୍ମାଲ୍ୟ ପ୍ରଧାନ ରକ୍ତଦାନର ପ୍ରାସଙ୍ଗିକତା, ଯୋଗ୍ୟତା ଓ ଉପାଦେୟତା ସମ୍ବନ୍ଧରେ ବୁଝାଇଥିଲେ । ଅନୁଷ୍ଠାନ ପକ୍ଷରୁ ସଦସ୍ୟ ତନପ୍ରୀତ ମହାନ୍ତି, ବିଶାଳ ପଣ୍ଡା, ସିଦ୍ଧାନ୍ତ ପଲାଇ, ପିଣ୍ଟୁ ନାୟକ ଓ ସଦସ୍ୟା ପୂଜାରାଣୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ଲକ୍ଷ୍ମୀ-ନୃସିଂହ ଓ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବ୍ରହ୍ମବରଦା, ୬ ।୩(ସମିସ):** ଯାଜପୁର ବ୍ଲକ ଝାଲପଡ଼ା ପଞ୍ଚାୟତ କାକୁଡିକୁଦ-ନୀଳକଣ୍ଠପୁର ଗ୍ରାମରେ ଶ୍ରୀଶ୍ରୀ ଲକ୍ଷ୍ମୀ-ନୃସିଂହ, ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ସକାଳୁ ପଣ୍ଡିତ ଡ ପ୍ରଭଞ୍ଜନ ପତିଙ୍କ ମନ୍ତ୍ର ଧ୍ୱନିରେ ମୁଖ୍ୟ କର୍ତ୍ତା ଅଜୟ ସାହୁ ଓ ତାଙ୍କ ସହଧର୍ମିଣୀ ମଧୁଶ୍ରୀ ସାହୁଙ୍କ ତତ୍ତ୍ୱାବଧାନରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ କଳସଧାରୀ ବ୍ରାହ୍ମଣୀ ନଦୀରୁ ଜଳ ଉଠାଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମନ୍ଦିର ଯଜ୍ଞ ମଣ୍ଡପ କଳସ ସ୍ଥାପନ କରିଥିଲେ । ପରେ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଥିଲା । ପ୍ରତିଷ୍ଠା ଉତ୍ସବ ୩ ତାରିଖ ସୋମବାରରୁ ଆରମ୍ଭ ହୋଇ ୯ ତାରିଖ ରବିବାର ପର୍ଯ୍ୟନ୍ତ ଚାଲୁ ରହିବ । ପ୍ରଥମ ଦିବସ ସୋମବାର ଅଙ୍କୁରାରୋପଣ, ଦ୍ୱିତୀୟ ଦିବସ ମଙ୍ଗଳବାର କଳସଯାତ୍ରା, ତୃତୀୟ ଦିବସ ବୁଧବାର ସୂର୍ଯ୍ୟପୂଜା, ଗୋ-ପୂଜା ଓ ରୁଦ୍ର ମହାଯଜ୍ଞ, ଚତୁର୍ଥ ଦିବସ ଗୁରୁବାର ଗୀତା ମହାଯଜ୍ଞ ଓ ଦେବତା ପ୍ରତିଷ୍ଠା, ପଞ୍ଚମ ଦିବସ ଶୁକ୍ରବାର ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା, ଷଷ୍ଠ ଦିବସ ଶନିବାର ଚଣ୍ଡି ମହାଯଜ୍ଞ ଓ ସପ୍ତମ ଦିନ ରବିବାର ପୂର୍ଣ୍ଣାହୁତି ସହିତ ଶ୍ରୀବିଗ୍ରହଙ୍କ ନବଯୌବନ ଦର୍ଶନ ଉତ୍ସବ ଅନୁଷ୍ଠିତ ହେବ ।



# ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆବେଦନ

**ବ୍ୟାସନଗର/ଯାଜପୁର, ୬ ।୩(ସମିସ)**



ଗର୍ବ ଓ ଅହଂକାର କାହାରି ରହିନି କି ରହିବନି । ସହରର ବିକାଶରେ ବାଧକ ସାଜିଲେ । ବାରମ୍ବାର ଅନୁରୋଧ ସତ୍ତ୍ୱେ ପାରିଷଦଙ୍କ କଥାକୁ ଗୁରୁତ୍ୱ ନ ଦେଇ ଜଣେ ପରାମର୍ଶଦାତାଙ୍କ ଇସାରାରେ ନାଚିଲେ । ଯାହାର ପରିଣାମ ସ୍ୱରୂପ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ ଗୁରୁବାର ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ଦର୍ଶନ କରିବା ପରେ ପାରିଷଦଙ୍କ ଗହଣରେ ଜିଲ୍ଲାପାଳଙ୍କ ନିକଟରେ ଅନାସ୍ଥା ଦାଖଲ କରାଯାଇଥିବା ବ୍ୟାସନଗର ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନେଇ ସର୍ବପ୍ରଥମେ 'ସକାଳ' ଆକଳନ କରିବା ସହିତ ଗତ ଫେବୃଆରୀ ୧୪ ତାରିଖରେ 'ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା' ଶୀର୍ଷକ ଖବର ପ୍ରକାଶ ପାଇଥିଲା । ଉକ୍ତ ଦିନ ବ୍ୟାସ ସରୋବର ମହୋତ୍ସବ ଚାଲିଥିବାବେଳେ ପ୍ରାୟ ୨୪ ଜଣ ପାରିଷଦ ମହୋତ୍ସବକୁ ବୟକଟ କରି ଭୋଜି କରିବା ଆଳରେ ଏକାଠି ହେବାକୁ ନେଇ ଅନାସ୍ଥା ନିମନ୍ତେ ବାଟ ଫିଟୁଥିବା ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା । ଦୀର୍ଘଦିନ ଅସନ୍ତୋଷର ଏହା ପ୍ରତିଫଳନ ବୋଲି ଜିଲ୍ଲାପାଳଙ୍କୁ ପୌର ଉପାଧ୍ୟକ୍ଷଙ୍କ ସମେତ ପାରିଷଦଙ୍କ ଦାବିପତ୍ର ପରେ ସାମାଜିକ ଗଣମାଧ୍ୟମରେ ମତ ପ୍ରକାଶ ପାଇଛି ।

ସହରର ବିକାଶ ପାଇଁ ତାଙ୍କୁ ସହରବାସୀ ପ୍ରତ୍ୟକ୍ଷ ଭାବେ ନିର୍ବାଚିତ କରାଇଥିବାବେଳେ ନିର୍ବାଚନ ବୈତରଣୀ ପାର ହେବା ପରେ ନିଜ ପରିବାର (ପାରିଷଦ)ଙ୍କୁ ବିଶ୍ୱାସକୁ ନ ନେଇ ଜଣେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଅଘୋଷିତ ପରାମର୍ଶଦାତା ଭାବେ ରଖି ସହରରେ ହେଉଥିବା ସବୁ କାର୍ଯ୍ୟରୁ ନିଜର ଫାଇଦା ହାସଲ କରିଥିଲେ । ସହରର ବିଭିନ୍ନ ସମସ୍ୟା ମଶାଧୂଆଁ, ପରିମଳ, ପାନୀୟଜଳ, ବିଦ୍ୟୁତ୍ ଆଦି କାର୍ଯ୍ୟରେ ସହରବାସୀଙ୍କୁ ସର୍ବନିମ୍ନ ସୁବିଧା ଯୋଗାଇ ଦେବାରେ ପୌର ପରିଷଦ ବିଫଳ ହୋଇଥିବା ବାରମ୍ବାର ଅଭିଯୋଗ ପରେ ମଧ୍ୟ ଶ୍ରୀମତୀ ପିଙ୍ଗୁଆ ଅସମ୍ଭବ ନିରବତା ଅବଲମ୍ବନ କରୁଥିଲେ । ଯାହାକୁ ନେଇ ସହରବାସୀ ସ୍ଥାନୀୟ ପାରିଷଦଙ୍କ ଉପରେ ରାଗ ଶୁଝାଇବାକୁ ପଛାଇ ନ ଥିଲେ । ତେବେ ବ୍ୟାସ ସରୋବର ମହୋତ୍ସବରେ ପାରିଷଦଙ୍କ ଦ୍ୱାରା ଗୃହୀତ ପ୍ରସ୍ତାବକୁ ରାତାରାତି ବଦଳାଇ ନିଜ ମନ ମୁତାବକ ଅତିଥି ତାଲିକା ପ୍ରସ୍ତୁତ କରିବା ସଙ୍ଗୀତାଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି । ସେହିପରି ସହରର ବିଭିନ୍ନ କାର୍ଯ୍ୟରେ ବିଲ୍ ପାଇଁ ଅଧ୍ୟକ୍ଷା ଜଣେ ବ୍ୟକ୍ତିଙ୍କ ଜରିଆରେ ପିସି ମାଗୁଥିବା ଓ ଦୀର୍ଘ ୨ ବର୍ଷ ହେବ ମହୋତ୍ସବ ଇଭେଣ୍ଟ ଅର୍ଥରାଶି ପ୍ରଦାନରେ ଅବହେଳା କରିବା ଘଟଣାକୁ ନେଇ ପୌରପରିଷଦ ନିନ୍ଦିତ ହୋଇଥିଲା ।

**'ସକାଳ' ଆକଳନ ସତ ହେଲା**

ଆଜି ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବିରୋଧରେ ବିଜେଡିର ୨୦ ଜଣ ପାରିଷଦ ଅନାସ୍ଥା ନେଇ ଦାବିପତ୍ର ଜିଲ୍ଲାପାଳଙ୍କୁ ଅପରାହ୍ନ ୫.୩୦ ମିନିଟ ସମୟରେ ପ୍ରଦାନ କରିଥିଲେ । ତେବେ ଅନାସ୍ଥା ନେଇ ପାରିଷଦଙ୍କ ଦାବିପତ୍ର ପାଇବା ପରେ ପୌର ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ସୂଚନା ଦେଇଛନ୍ତି । ଏହି ଦାବିପତ୍ର ପ୍ରଦାନ ବେଳେ ପାରିଷଦ ବିଜୟ କୁମାର ଜେନା, କୁନି ହାଁସଦା, ସରୋଜିନୀ ସେଠୀ, ମୋନାଲିସା ସାହୁ, ଅଶୋକ ଦାସ, ମଣିନ୍ଦ୍ର ସାହୁ, ସରିତା ଜେନା, ସନ୍ତୋଷ ବରାଳ, ସିଦ୍ଧାର୍ଥ ସାମଲ, ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଶିବାନନ୍ଦ ନାୟକ, ଉର୍ମିଳା ପରିଡ଼ା, ପାର୍ଥସାରଥୀ ନାୟକ, ଅଶୋକ ରାଉତ, ଦିଲ୍ଲୀପ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ । ବ୍ୟାସନଗର ଫେରିବା ବାଟରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ବିଜୁ ପଟ୍ଟନାୟକ ଅମର ରହେ ନାରା ଦେଇଥିଲେ ।

## ଜିଲ୍ଲାସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ



**ଯାଜପୁର, ୬।୩(ସମିସ):** ଯାଜପୁର ଜିଲ୍ଲା ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ପଞ୍ଜିକୃତ ଶ୍ରମିକ ଓ ସେମାନଙ୍କ ପରିବାରକୁ ବିଭିନ୍ନ ସହାୟତା ରାଶି ଓ ପରିଚୟ ପତ୍ର ବଣ୍ଟନ କରାଯାଇଥିଲା । ଶିକ୍ଷା ସହାୟତା ବାବଦରେ ୮୨ ଜଣଙ୍କୁ ୯ ଲକ୍ଷ ୭୬ ହଜାର ୪୦୦ ଟଙ୍କା, ବିବାହ ସହାୟତାରେ ୧୫୨ ଜଣଙ୍କୁ ୭୫ ଲକ୍ଷ ୫୦ ହଜାର ଟଙ୍କା, ପ୍ରସୂତିକାଳୀନ ସହାୟତାରେ ୬ ଜଣଙ୍କୁ ୬୦ ହଜାର ଟଙ୍କା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୩୦ ଜଣଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ସମେତ ମୋଟ ୧ କୋଟି ୪୭ ଲକ୍ଷ ୪୦୦ ଟଙ୍କା ବଣ୍ଟନ କରାଯାଇଥିଲା । ଯାଜପୁର ଶ୍ରମ ବିଭାଗ ଇନ୍ସପେକ୍ଟର ସଞ୍ଜୀବ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବଡ଼ଚଣା ବିଧାୟକ ଅମର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଅଣସଂଗଠିତ ଶ୍ରମିକଙ୍କ ସାମାଜିକ ନିରାପତ୍ତା ଆଇନର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ । ଏଥିରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଯୁଗ୍ମ ଶ୍ରମ ଆୟୁକ୍ତ ଶିବଶଙ୍କର ମିଶ୍ର, ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ବିଡିଓ ରବୀନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ଶ୍ରମିକ କାର୍ଡର ଉପଯୋଗିତା ନେଇ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଭୂମିପୁତ୍ର ବିଜୁ ପଟ୍ଟନାୟକ ଶ୍ରମିକ ସଂଘର ସାଧାରଣ ସମ୍ପାଦକ କାର୍ତ୍ତିକ ସ୍ୱାଇଁ ଯାଜପୁର ଜିଲ୍ଲାରେ ଶ୍ରମ ବିଭାଗର ଏଭଳି କାର୍ଯ୍ୟକ୍ରମ ନେଇ ସନ୍ତୋଷ ପ୍ରକାଶ କରିଥିଲେ ।

## କୁଡୁମାଲି ଲିପି ଓ ଭାଷା ପ୍ରଚଳନ ପାଇଁ ପ୍ରୟାସ



**ସୁକିନ୍ଦା, ୬ ।୩(ସମିସ):** କୁଡୁମାଲି ଲିପି ଓ ଭାଷା ପ୍ରଚଳନକୁ ପ୍ରତ୍ୟେକ କୁଡୁମି ପରିବାର ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆନ୍ତର୍ଜାତିକ କୁଡୁମି ସଂଗଠନ ଅନୁବନ୍ଧିତ ଯାଜପୁର ଜିଲ୍ଲାର ନିର୍ଭୟାନନ୍ଦ ସାଂସ୍କୃତିକ ସଂଘ ପକ୍ଷରୁ ଅଭିନବ ପ୍ରୟାସ ଆରମ୍ଭ ହୋଇଛି । ଏ ଅବସରରେ ସୁକିନ୍ଦା ବ୍ଲକ ଅଧୀନସ୍ଥ ପିମ୍ପୁଡିଆ ପଞ୍ଚାୟତର ବାଲିଅଞ୍ଜାରୀ ଗ୍ରାମର ଏକ ଉତ୍ସବରେ ସଂଘକୁ ଆମନ୍ତ୍ରଣ କରାଯାଇଥିଲା । ସଂଗଠନର ନିଷ୍ପତ୍ତି ଅନୁଯାୟୀ ସଂଘର କର୍ମକର୍ତ୍ତା କୁଡୁମାଲୀ ଲିପି ଫଳକକୁ ଶିଶୁ ଗୁଗୁଲ ଓ ତାଙ୍କ ମାତା ମୋନାଲିସା, ପିତା ରାଜେଶ ମହାନ୍ତଙ୍କୁ ସପରିବାର, ଆତ୍ମୀୟସ୍ୱଜନ, ବନ୍ଧୁ ବର୍ଗ ଓ ଗ୍ରାମ ଲୋକଙ୍କ ଉପସ୍ଥିତିରେ ସଂଘର ସଭାପତି ଦୋଳଗୋବିନ୍ଦ ମହାନ୍ତ, ସମ୍ପାଦକ ଇନ୍ଦ୍ରଜିତ ମହାନ୍ତ, ଯୁବ ସଭାପତି ବିଶ୍ୱନାଥ ମହାନ୍ତ, ଯୁବ ସମ୍ପାଦକ ଲଲାଟେନ୍ଦୁ ମହାନ୍ତ, ସନ୍ତୋଷ ମହାନ୍ତ, ରବୀନ୍ଦ୍ର ମହାନ୍ତ, କେନ୍ଦୁଝର ଜିଲ୍ଲା ସଂଘର ଅନେକ ସଦସ୍ୟଙ୍କ ଗହଣରେ ପ୍ରଶିକ୍ଷଣ ପାଇଁ କୁଡୁମାଲି ଲିପି ଫଳକକୁ ପ୍ରଦାନ କରାଯାଇଥିଲା । ନବଜାତ ଶିଶୁଙ୍କ ଦୀର୍ଘ ଜୀବନ କାମନା କରିବା ସହ ସବୁଜ ପରିବେଶ ସୃଷ୍ଟି କରିବାକୁ ତାଙ୍କ ବାଡ଼ିରେ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିଲା । ଏହାଦ୍ୱାରା କୁଡୁମି ସମାଜ ସୁଶିକ୍ଷିତ ଓ ସଂଗଠିତ ହୋଇ ନିଜ ଭାଷା, ସଂସ୍କୃତି, ପରମ୍ପରା, ଝୁମର ଗୀତ ନାଚ ଓ କଳା ସାହିତ୍ୟକୁ ବଳିଷ୍ଠ କରି ସମାଜରେ ଆଗକୁ ବଢ଼ିବାର ବାର୍ତ୍ତା ପହଞ୍ଚାଇବାରେ ସକ୍ଷମ ହୋଇପାରିବ ବୋଲି ସମସ୍ତେ ମତ ପୋଷଣ କରିଥିଲେ ।

## ପାଚିକା ସହାୟିକା ସଂଘ ପକ୍ଷରୁ ବିକ୍ଷୋଭ




**ଧର୍ମଶାଳା, ୬।୩ (ସମିସ):** ଏଆଇୟୁଟିୟୁସି ସହବନ୍ଧିତ ଓଡ଼ିଶା ମିଳିତ ବିଦ୍ୟାଳୟ ପାଚିକା ସହାୟିକା ସଂଘ ପକ୍ଷରୁ ଆଜି ଧର୍ମଶାଳା ବିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ପାଚିକା ସହାୟିକାଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ, ସରକାରୀ ଘୋଷିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ବର୍ଷକୁ ଦଶ ମାସ ପରିବର୍ତ୍ତେ ବାର ମାସର ପାରିଶ୍ରମିକ ପ୍ରଦାନ କରିବା, ଅବସର ବୟସ ସୀମା ୬୫କୁ ବୃଦ୍ଧି କରିବା, ରୋଷେଇ ବ୍ୟତୀତ ଅନ୍ୟ କାମ ପାଇଁ ଚୁକ୍ତି ଭିତ୍ତିରେ ଅତିରିକ୍ତ ପାରିଶ୍ରମିକ ପ୍ରଦାନ କରିବା, ଅବସରକାଳୀନ ସହାୟତା ଓ ବୀମା ସୁବିଧାର ବନ୍ଦୋବସ୍ତ କରିବା ଆଦି ଦାବିରେ ଶତାଧିକ ପାଚିକା ସହାୟିକା ଏକ ଶୋଭାଯାତ୍ରାରେ ଆସି ବିଇଓଙ୍କ ଅଫିସରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ପ୍ରତିବାଦ ସଭା କରିଥିଲେ । ବିଶିଷ୍ଟ ସଂଗଠକ ପ୍ରଭାତୀ ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସିର ଯାଜପୁର ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ ଓ ମନୋଜ ସେଠୀ, ମିନାକ୍ଷୀ ମହାନ୍ତି, ପୁଷ୍ପଲତା ସୁବୁଦ୍ଧି, ସାବିତ୍ରୀ ନାୟକ, ସ୍ୱର୍ଣ୍ଣଲତା ଦାସ, ରେବ ଦାସ, ସସ୍ମିତା ମହାରଣା ପ୍ରମୁଖ ନେତା ସରକାରୀ ଉଦାସିନତାର ତୀବ୍ର ପ୍ରତିବାଦ କରିଥିଲେ । ସେମାନଙ୍କ ପାରିଶ୍ରମିକ ନିୟମିତ ମାସ ଆରମ୍ଭରେ ନ ଦେଇ ତିନି/ଚାରି ମାସକୁ ଥରେ ଦେବା ବିରୁଦ୍ଧରେ ସେମାନେ ସରକାରଙ୍କ ସମାଲୋଚନା କରିଥିଲେ । ପାଚିକାଙ୍କ ମଧ୍ୟରୁ ଏକ ପ୍ରତିନିଧି ଦଳ ବିଇଓଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ । ଦାବି ପୂରଣ ନହେଲେ ଆଗାମୀ ଦିନରେ ବିଧାନସଭା ଘେରଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଥିଲେ ।

## ଆମେ ବି ସକ୍ଷମ ଦିବ୍ୟାଙ୍ଗ ସଂଗଠନ ପକ୍ଷରୁ ଆଲୋଚନାଚକ୍ର

**ଧର୍ମଶାଳା, ୬।୩(ସମିସ):** ଧର୍ମଶାଳା ବ୍ଲକ ଜାରକାସ୍ଥ ପାଣ୍ଡୁଆ କାର୍ଯ୍ୟାଳୟରେ ଆମେଲବି ସକ୍ଷମ ଦିବ୍ୟାଙ୍ଗ ସଂଗଠନ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି କାହ୍ନୁଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଜୟ ଦେବତା, ସମାଜସେବୀ ସତ୍ୟପ୍ରକାଶ ମଲ୍ଲିକ, ସାମ୍ବାଦିକ ଅଖିଳ ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଦିବ୍ୟାଙ୍ଗଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଆଗାମୀ ଦିନରେ ବ୍ଲକ ଅଧୀନରେ ଥିବା ୪୫ଟି ପଞ୍ଚାୟତରୁ ଦିବ୍ୟାଙ୍ଗଙ୍କୁ ଏହି ସଂଗଠନରେ ସାମିଲ କରାଯିବା ସହ ସେମାନଙ୍କ ପାଇଁ କାର୍ଯ୍ୟ କରାଯିବ ବୋଲି ସଭାପତି ଶ୍ରୀ ଦାଶ କହିଥିଲେ । ସମ୍ପାଦନ ଡକ୍ଟର କୈବଲ୍ୟ ମହାପାତ୍ର ସୂଚନା ପ୍ରଦାନ କରିଥିଲେ । ସଂଗଠନର କାର୍ଯ୍ୟକର୍ତ୍ତା ସରୋଜ ସାହୁ, ପ୍ରଶାନ୍ତ ବେହେରା, ମଦନ ଗୁପ୍ତା, ଦେବେନ୍ଦ୍ର ସୁର, ହାଫିଜ ଖାନ, ଉପେନ୍ଦ୍ର ରାଓ, ପୀତବାସ ଦାସ, ଯୁଧିଷ୍ଠିର ନାୟକ, ସୋମନାଥ ଦାସ ପ୍ରମୁଖ ଯୋଗଦେଇ ସେମାନଙ୍କ ବିଭିନ୍ନ ଅସୁବିଧା ଦର୍ଶାଇଥିଲେ । ସଦସ୍ୟ ଦେବରାଜ ନାୟକ ଧନ୍ୟବାଦ ଦେଇଥିଲେ । ଏ ସମ୍ପର୍କରେ ସଂଗଠନ ପକ୍ଷରୁ କର୍ମକର୍ତ୍ତା ଧର୍ମଶାଳା ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇଦେବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ ।

## ପଞ୍ଚାୟତସ୍ତରୀୟ ସୁଭଦ୍ରା ଯୋଜନା ସଚେତନତା

**ଧର୍ମଶାଳା, ୬।୩(ସମିସ):** ଧର୍ମଶାଳା ବ୍ଲକର କେତେକ ପଞ୍ଚାୟତରେ ମହିଳାଙ୍କ ଦ୍ୱାରା ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ମହିଳା ସଶକ୍ତିକରଣ ଓ ସାମାଜିକ କଲ୍ୟାଣ ବାର୍ତ୍ତା ଆଧାରରେ ଏହି ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଏଥିରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ପ୍ରତିନିଧି, ଅଙ୍ଗନବାଡ଼ି କର୍ମୀ ଓ ଛାତ୍ରୀମାନେ ସାମିଲ ହୋଇଥିଲେ । ଜାରକା ପଞ୍ଚାୟତ କାର୍ଯ୍ୟାଳୟରୁ ସଚେତନତା ଶୋଭାଯାତ୍ରା ବାହାରି ଜାରକା ବଜାର ପରିକ୍ରମା କରିଥିଲା । ସୁଭଦ୍ରା ସହକାରୀ ଅଧିକାରିଣୀ ଦୀପ୍ତିଲତା ସାହୁ, ସିଡିପିଓ ସ୍ୱର୍ଣ୍ଣରେଖା ବେହେରା, ସୁପରଭାଇଜର୍ ସ୍ନେହମୟୀ ଶତପଥୀ, ଜାରକା ସରପଞ୍ଚ ସୁଦାମ ଚରଣ ବେହେରା, ଜାରକା ପିଇଓ ସଞ୍ଜୟ ପିଙ୍ଗୁଆ, ଏମ୍‌ବିକେ, ସିଆରପି, ଅଙ୍ଗନବାଡ଼ି କର୍ମଚାରୀ, ଆଶା ଓ ସୁଭଦ୍ରା ହିତାଧିକାରୀ ସାମିଲ ହୋଇଥିଲେ । ସେହିପରି ଗଙ୍ଗାଧରପୁର ପଞ୍ଚାୟତରେ ସରପଞ୍ଚ ତ୍ରିଲୋଚନ ଜେନାଙ୍କ ନେତୃତ୍ୱରେ ସୁଭଦ୍ରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଭୟପୁର ପଞ୍ଚାୟତରେ ସରପଞ୍ଚ ସ୍ନେହାଞ୍ଜଳି ଗନ୍ତାୟତ ଓ ପିଇଓ ସୁଦେଷ୍ଣା ସାମଲଙ୍କ ନେତୃତ୍ୱରେ ସୁଭଦ୍ରା ହିତାଧିକାରୀଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଛି ।

## ଭାଗୀରଥି ପଣ୍ଡା ସ୍ମାରକୀ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ




**ମଙ୍ଗଳପୁର, ୬ ।୩ (ସମିସ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ଥ ମଲ୍ଲିପୁରଠାରେ ଗାୟକ ସୌରଭ ଭାଗୀରଥି ପଣ୍ଡା ମେମୋରିଆଲ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ବୈକୁଣ୍ଠନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘ ସଭାପତି ତଥା ଚଳଚିତ୍ର ଅଭିନେତା ହରିହର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଡଃ କୈଳାସ ବେହେରା, ସମ୍ମାନିତ ଅତିଥି ରୂପେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଳମଣି ମଲ୍ଲିକ, କମାରଡିହ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ ମଳୟ ପଣ୍ଡା, ବିଜେଡି ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ଶେଷଦେବ ଦାସ ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଓ ଗାୟକ ସୌରଭ ଭାଗୀରଥି ପଣ୍ଡାଙ୍କ ପାଲା ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ପ୍ରତାପ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଜୟାଲକ୍ଷ୍ମୀ ନାୟକ, ଗଦାଧର ନାୟକ, ଅଭିମନ୍ୟୁ ମଲ୍ଲିକ, ଦୀନବନ୍ଧୁ ସାହୁଙ୍କୁ ଶିକ୍ଷା ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା । ସୁଚିତ୍ରା ଜେନା ଓ ହରିହର ସ୍ୱାଇଁଙ୍କୁ ମାଟିର ମହକ ସମ୍ମାନରେ ସମ୍ମାନିତ କରାଯାଇଥିଲାବେଳେ ପାଲା ଗାୟକ ଅର୍ଜୁନ ଚରଣ ଦାସଙ୍କୁ ଭାଗୀରଥି ପଣ୍ଡାଙ୍କ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଲୋକନୃତ୍ୟ ଶିଳ୍ପୀ ଶୁଭସ୍ମିତା ପଣ୍ଡା, ଶୁଭସ୍ମିତା ବିଶ୍ୱାଳ, ପୁଷ୍ପରାଣୀ ଜେନା ପ୍ରମୁଖ ନୃତ୍ୟ ପରିବେଷଣ କରିଥିଲେ । ପାଲା ଗାୟକ ଅର୍ଜୁନ ଚରଣ ଦାସ ଓ ସାଥୀ କଳାକାର ପାଲା ପରିବେଷଣ କରିଥିଲେ । ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

**ବିଞ୍ଝାରପୁର ଅଞ୍ଚଳର ଚାଷଜମିରୁ ଜଳ ନିଷ୍କାସନ ସମସ୍ୟା**

# ଜୋକେଇ ନାଳର ପୁନରୁଦ୍ଧାର କାର୍ଯ୍ୟ ଜାରି

**ବିଞ୍ଝାରପୁର, ୬ ।୩ (ସମିସ)**



ବିଞ୍ଝାରପୁର ଅଞ୍ଚଳରେ ଚାଷଜମିରୁ ଜଳ ନିଷ୍କାସନ ସମସ୍ୟା ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି । ଖରାଦିନେ ଚାଷୀ ଜମିକୁ ପାଣି ପାଉ ନ ଥିବାବେଳେ ବର୍ଷାଦିନେ ଚାଷଜମିରୁ ଜଳ ନିଷ୍କାସିତ ହୋଇ ନ ପାରିବାରୁ ଫସଲ ହାନୀ ହେଉଛି । ବିଞ୍ଝାରପୁର ଅଞ୍ଚଳର ଚିକଣା, ବରପଦା, ତଳବନ୍ଧ, କପିଳା, ଟିଣା, ଫତେପୁର, ଅଳକୁଣ୍ଡ, ଆଉଁରୀ, ହଳଦୀଡିହ ଆଦି ପଞ୍ଚାୟତର ଚାଷ ଜମି ଖାଲୁଆ ଅଞ୍ଚଳରେ ଅବସ୍ଥିତ । ପ୍ରତିବର୍ଷ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଶାରଦ ଧାନ ଫସଲ ଶତ ପ୍ରତିଶତ ନଷ୍ଟ ହୋଇଥାଏ । ଚାଷୀକୁଳ କ୍ଷତି ସହି ଚାଷ ଛାଡ଼ିଦେବା ଫଳରେ ଏବେ ଅନେକ ସ୍ଥାନରେ ଏକର ଏକର ଚାଷ ଜମିରେ ବେଣା ଭର୍ତ୍ତି ହୋଇଗଲାଣି । ତେବେ ପ୍ରଶାସନ ପକ୍ଷରୁ ଜୋକେଇ ନାଳର ପୁନରୁଦ୍ଧାର କାର୍ଯ୍ୟ ଚାଲିଛି । ଏହି କାର୍ଯ୍ୟର ଅଗ୍ରଗତି ନେଇ ଚାଷୀ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ।

ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହୋଇ ମଧ୍ୟ ସମସ୍ୟା ସମାଧାନ ହୋଇ ନ ପାରିବାରୁ ୨୦୨୨ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା । ଉଚ୍ଚ ନ୍ୟାୟାଳୟ ଯାଜପୁର ଜିଲ୍ଲାପାଳଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେବା ଓ ଜିଲ୍ଲାପାଳଙ୍କ ସୁପାରିସ ଆଧାରରେ ଚଳିତ ବର୍ଷ ଦୀର୍ଘ ୩୫ କିମି ଜୋକେଇ ନାଳ ଗଭୀର ଓ ଚଉଡା ହେବା ପାଇଁ ଓସିସିକୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି ଓ ଖୋଳିବା କାର୍ଯ୍ୟ ଆରମ୍ଭ ହୋଇଛି । ଏଥିପାଇଁ ଗତକାଲି ଏହି ଅଞ୍ଚଳର ଚାଷୀ ଏକାଠୀ ହୋଇ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ଉପସ୍ଥିତିରେ ରାହାସ ଗୁହାଳି ଗ୍ରାମରେ ଜଳ ନିଷ୍କାସନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ନାଳକୁ ପ୍ରଶସ୍ତ ଓ ଗଭୀର କରିବାକୁ ଲୋକଙ୍କ ସହଯୋଗ ଲୋଡିଥିଲେ । ଅଣ୍ଟାଳୋଠାରୁ ନୂଆମାହାରା ପର୍ଯ୍ୟନ୍ତ ସଂଯୋଗ କରିବାକୁ ପ୍ରସ୍ତାବିତ କାମ ଦେବମାହାରାର ପୂର୍ଣ୍ଣାଙ୍ଗ ହେବା ସମ୍ପର୍କରେ ପଚାରିବାରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ଏହି ସ୍ଥିତି ସମ୍ପର୍କରେ ଚାଷୀଙ୍କୁ ସୂଚନା ଦେଇଥିଲେ । ଆଉ ପାଞ୍ଚଜଣ ଚାଷୀଙ୍କ ଜମି ଅଧିଗ୍ରହଣ ବାକି ଥିବାରୁ ଏହା ଟେଣ୍ଡର ହୋଇପାରି ନ ଥିବା ଜଣାପଡ଼ିଛି । ଆଗାମୀ ଦିନରେ ଏହାକୁ ପୂର୍ଣ୍ଣାଙ୍ଗ କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ । କପିଳା ଓ ଗୁହାଳି ମଧ୍ୟରେ ପ୍ରସ୍ତାବିତ ତିନୋଟି ବକ୍ସରେ ପୋଲ ଏଯାବତ ଆରମ୍ଭ ହୋଇ ନ ଥିବାରୁ

**ଆଡ଼ିବନ୍ଧ ଉଚ୍ଛେଦ କରାଯିବାକୁ ଚାଷୀଙ୍କ ଦାବି**

ପାଣି ନିଷ୍କାସନରେ ବାଧାସୃଷ୍ଟି ହେଉଛି । ଏହାବ୍ୟତୀତ ନାଳ ମଧ୍ୟରେ ବେଆଇନ ଆଡିବନ୍ଧ କରି ଜଳ ପ୍ରବାହରେ ଘୋର ବାଧା ସୃଷ୍ଟି କରାଯାଉଥିବା ରବିନାରାୟଣ ସାମଲ, ରବୀନ୍ଦ୍ର ଦାସ, ପୁରୋତ୍ତମ ଦାଶ, ବ୍ରଜସୁନ୍ଦର ସାମଲ, ପ୍ରମୋଦ ସାମଲ, କୈଳାସ ସାମଲ, ବିନୋଦ ମଲ୍ଲିକ, କୈଳାସ ଜେନା, ବାଙ୍କବିହାରୀ ମଲ୍ଲିକ, ଉଦକର ପଲାଇ, ସରୋଜ ମଲ୍ଲିକ, ସୁରେନ୍ଦ୍ର ପତି ପ୍ରମୁଖ ବହୁ ଚାଷୀ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କୁ ଏହାର ଉଚ୍ଛେଦ ପାଇଁ ଦାବି କରିଛନ୍ତି ।

## ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ଦାୟିତ୍ୱମୁକ୍ତ

ଭୁବନେଶ୍ୱର,୬।୩(ସମିସ):ଆଜି ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ମନ୍ଦାକିନୀ କର ଓ ୫ ଜଣ ସଦସ୍ୟ ସସ୍ମିତା ନନ୍ଦ, ରୁବି ବିଶ୍ୱାଳ, ଜାଲିନା ପ୍ରିୟଦର୍ଶିନୀ, ଛବି ମାହାଲି ଓ ଅନିତା ବେହେରାଙ୍କୁ ଦାୟିତ୍ୱମୁକ୍ତ କରାଯାଇଛି । ୨୦୨୪ ନଭେମ୍ବର ୧୬ ତାରିଖରେ ଏକ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଏବଂ ସଦସ୍ୟମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ଏହା ବିରୋଧରେ ଶ୍ରୀମତୀ କର ଏବଂ ଅନ୍ୟ ସଦସ୍ୟମାନେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ସମସ୍ତ ତଥ୍ୟକୁ ବିଚାରକୁ ନେଇ ଉଚ୍ଚ ନ୍ୟାୟାଳୟ ଆବେଦନକୁ ଖାରଜ କରିବା ପରେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ସମସ୍ତଙ୍କୁ ଦାୟିତ୍ୱମୁକ୍ତ କରାଯିବା ସଂକ୍ରାନ୍ତ ନିର୍ଦ୍ଦେଶନାମା ଜାରି କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଲଣ୍ଡନରେ ଜୟଶଙ୍କରଙ୍କୁ...

ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଦାବି କରାଯାଇଛି । ନିଜର କୂଟନୈତିକ ଦାୟିତ୍ୱକୁ ସରକାର ପାଳନ କରନ୍ତୁ ବୋଲି ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ରଣଧୀର ଜୟସ୍ୱାଲ କହିଛନ୍ତି । ଅନ୍ୟପକ୍ଷରେ ଜୟଶଙ୍କରଙ୍କ ସୁରକ୍ଷା ତ୍ରୁଟି ମାମଲାକୁ ବ୍ରିଟେନ ସରକାରଙ୍କ ପକ୍ଷରୁ ନିନ୍ଦା କରାଯାଇଛି । ଧମକ ଏବଂ ଭୟ ଦେଖାଇବାର କୌଣସି ପ୍ରୟାସକୁ ଗ୍ରହଣ କରାଯିବ ନାହିଁ ବୋଲି କୁହାଯାଇଛି । ପୁଲିସ ଏହି ମାମଲାରେ କାର୍ଯ୍ୟାନୁଷ୍ଠାନ ନେଉଥିବା ସୂଚନା ଦିଆଯାଇଛି ।

### ପୁଲିସ ଏସ୍ଆଇ...

ଦେଇଥିଲା । ପୂର୍ବରୁ ପରୀକ୍ଷା ବିବାଦରେ ବିବାଦୀୟ ରିଚ୍‌ମାଇଣ୍ଡ କମ୍ପାନୀର ମୁଖ୍ୟ ନିଶିକାନ୍ତ ସିହ୍ନା ଗିରଫ ହୋଇଥିଲେ ଏବଂ ସିବିଆଇ, ଗୁଜରାଟ ଏସ୍‌ଟିଏଫ୍‌ର ତଦନ୍ତ ପରିସରଭୁକ୍ତ ହୋଇଥିଲେ । ଗୁଜରାଟରେ ଜିପିଏସଏସ୍‌ବି ପରୀକ୍ଷାରେ ଅନିୟମିତାରେ ସମ୍ପୃକ୍ତ କମ୍ପାନୀର ସମ୍ପୃକ୍ତି ଥିବା ଅଭିଯୋଗ ହୋଇଥିଲା ଓ ପ୍ରଶ୍ନପତ୍ର ପ୍ରଘଟ ଆଦି ବିବାଦରେ କମ୍ପାନୀ ଛନ୍ଦି ହୋଇଥିଲା । ଯାହାକୁ ନେଇ ଓଡ଼ିଶାରେ ଛାତ୍ର କଂଗ୍ରେସ ମଧ୍ୟ ପ୍ରତିବାଦ କରିଥିଲା ଓ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରାଉ ଉଦ୍ୟମ କରିଥିଲା ।

ଏହିକ୍ରମରେ ଓଡ଼ିଶାରେ ଆସନ୍ତା ୮ ଓ ୯ ତାରିଖରେ ହେବାକୁଥିବା ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ଚର୍ଚ୍ଚା ସଂପୃକ୍ତ ସଂସ୍ଥା ଓ ଓପିଆର୍‌ବିର ଭୂମିକା ଉପରେ ପ୍ରଶ୍ନ ଉଠାଇଛି । ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଏହି ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ପୋଷଣ କରିବା ସହ ପରୀକ୍ଷାକୁ ସ୍ୱଚ୍ଛ ଭାବରେ ପରିଚାଳନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଜି ଅପରାହ୍ନରେ ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଓ ଏଡ଼ିଜି (ମୁଖ୍ୟାଳୟ) ଦୟାଲ ଗଙ୍ଗୱାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଡ଼କରା ଆସିଥିଲା । ଉଭୟ ଅଧିକାରୀଙ୍କ ସହ ଆଲୋଚନା ପରେ ଏ ସଂକ୍ରାନ୍ତରେ ବିଧିବଦ୍ଧ ନିଷ୍ପତ୍ତି ନିଆଯାଇଥିବା ଏହି ସୂତ୍ରରୁ ସୂଚନା ମିଳିଛି । ଅନ୍ୟପକ୍ଷରେ ଏ ସଂକ୍ରାନ୍ତରେ ପରୀକ୍ଷା ପରିଚାଳନା ସହ ସମ୍ପୃକ୍ତ ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ମଧ୍ୟ କୈଫିୟତ ତଲବ କରାଯାଇଥିବା ସୂଚନା ମିଳିଛି ।

### ଶାଣିତ ହେବ...

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ଏହି ପ୍ରସଂଗରେ ହସ୍ତକ୍ଷେପ କରିବାକୁ ଅନୁରୋଧ କରିଛନ୍ତି ।ଗୃହରେ ଉପରୋକ୍ତ ପ୍ରସଙ୍ଗକୁ ବିଜେଡି ଦୃଢ଼ ଭାବେ ଉପସ୍ଥାପନ କରିବ ବୋଲି ନିଜେ ନବୀନ ଅକ୍ଷୟଙ୍କୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ସମାନ ଭାବେ ପୋଲାଭରମ୍ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ନିରବତା ଏବଂ କେନ୍ଦ୍ର ସରକାରଙ୍କ ଏକପାଖିଆ ଆନ୍ଧ୍ରକୁ ସମର୍ଥନ ନେଇ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଗୃହରେ ଗର୍ଜିବ । ଅନୁରୂପ ଭାବରେ ଦଶମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ ପରି ସ୍ପର୍ଶକାତର ଘଟଣା, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ସ୍କୁଲ ଘର ରଙ୍ଗ ବଦଳ ନିଷ୍ପତ୍ତିକୁ ନେଇ ଉଭୟ ବିରୋଧୀ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ କରିବାକୁ ଯାଉଛନ୍ତି ।

ବିଜେଡିର ବରିଷ୍ଠ ବିଧାୟକ ଗଣେଶ୍ୱର ବେହେରା କହିଛନ୍ତି ଯେ ରାଜ୍ୟସ୍ୱାର୍ଥ ସମ୍ବଳିତ ସମସ୍ତ ପ୍ରସଙ୍ଗ ବିଜେଡି ଗୃହରେ ଉତ୍ଥାପନ କରିବ । ସରକାରଙ୍କଠାରୁ କୈଫିୟତ ତଲବ କରିବ । ସରକାର ଯଦି ସନ୍ତୋଷ ଜନକ ଉତ୍ତର ନଦିଅନ୍ତି, ବିଜେଡି ଗଣତାନ୍ତ୍ରିକ ଉପାୟରେ ଏହାର ଦୃଢ଼ ବିରୋଧ କରିବ ବୋଲି ସେ କହିଛନ୍ତି । ଅପରପକ୍ଷେ ବିରୋଧୀଙ୍କ ସମସ୍ତ ଆଲୋଚନାର ଉତ୍ତର ଦେବାକୁ ଆମେ ପ୍ରସ୍ତୁତ ବୋଲି ବିଜେପି ପକ୍ଷରୁ କୁହାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆସନ୍ତାକାଲି ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିର ରିପୋର୍ଟ ଗୃହରେ ଉପସ୍ଥାପିତ କରାଯିବ । ସେହିପରି ଆସନ୍ତା ୧୦ ତାରିଖରୁ ବଜେଟରେ ବିଭିନ୍ନ ବିଭାଗ ପାଇଁ ଧାର୍ଯ୍ୟ ଅନୁଦାନ ଉପରେ ଆଲୋଚନା ଆରମ୍ଭ ହୋଇ ୨୮ ପର୍ଯ୍ୟନ୍ତ ଜାରି ରହିବ । ୨୯ ତାରିଖରେ ଗୃହରେ ବ୍ୟୟମଞ୍ଜୁରୀ ବିଲ ଆଗତ ହେବ । ଆସନ୍ତା ଏପ୍ରିଲ ୫ ତାରିଖରେ ବଜେଟ ଅଧିବେଶନ ସରିବାକୁ ଯାଉଛି ।

### ରାଜ୍ୟବ୍ୟାପୀ ଗର୍ଜିଲା...

ଗୁରୁତ୍ୱକୁ ଉପଲବ୍ଧି କରି ୧୯୯୨ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ସମ୍ବିଧାନର ୭୩ ଓ ୭୪ ତମ ସଂଶୋଧନ ଆଣି ଏହି ବ୍ୟବସ୍ଥାର ପ୍ରାବଧାନ କରିଥିଲେ । ପରେ ୧୯୯୪ ମସିହା ଏପ୍ରିଲ ୨୪ ତାରିଖରେ ଏହି ବିଲ୍ ପାରିତ ହୋଇଥିଲା । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତାଧାରା ଯୋଗୁଁ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଭାରତରେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଲାଗୁ ହୋଇପାରିଥିଲା । ଏହାପରେ ୧୯୯୩ ମସିହାରେ ତତ୍କାଳୀନ ଓଡ଼ିଶା ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ବିଜୁ ବାବୁଙ୍କ ଜୟନ୍ତୀ ମାର୍ଚ୍ଚ ୫ ତାରିଖକୁ ରାଜ୍ୟ ପଞ୍ଚାୟତିରାଜ ଦିବସ ଭାବେ ମାନ୍ୟତା ଦେଇଥିଲା । ୧୯୯୩ ମସିହାରୁ ରାଜ୍ୟରେ ମାର୍ଚ୍ଚ ୫ ତାରିଖରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇଆସୁଛି । କେନ୍ଦ୍ର ସରକାର ୨୦୧୦ ମସିହା ଏପ୍ରିଲ ୨୪ ତାରିଖରେ ଜାତୀୟ ପଞ୍ଚାୟତିରାଜ ଦିବସ ଭାବେ ଘୋଷଣା କରିଥିଲେ । ବର୍ତ୍ତମାନର ବିଜେପି ସରକାର ଏହି ନିଷ୍ପତ୍ତିକୁ ବଦଳେଇ ଦେଇ ଓଡ଼ିଶାର ଗୌରବକୁ କ୍ଷୁଣ୍ଣ କରିଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।

### ବାଣ କାରଖାନାରେ...

ବିଧାୟକ ପ୍ରଣବ ପ୍ରକାଶ ଦାସ ପହଞ୍ଚି କ୍ଷତିଗ୍ରସ୍ତ ପରିବାରକୁ ସାହାଯ୍ୟର ହାତ ବଢ଼ାଇବା ସହ ଗୁରୁତର ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି । ଅନ୍ୟପକ୍ଷରେ ଅଶୋକ ଦାସ ଫାଉଣ୍ଡେସନ୍‌ର ମହାସଚିବ ଭବପ୍ରକାଶ ଦାସ ଯାଜପୁର ମେଡିକାଲରେ ଆହତଙ୍କୁ ଭେଟି ସମବେଦନା ଜ୍ଞାପନ କରିବା ସହ ସହଯୋଗର ହାତ ବଢ଼ାଇଥିବା ଜଣାପଡ଼ିଛି । ପୂର୍ବରୁ ଏହି ଗାଁରେ ଚାଲିଥିବା ବେଆଇନ ବାଣ କାରଖାନା ସମ୍ପର୍କରେ ଯାଜପୁର ଟାଉନ୍ ଥାନାରେ ବିଭିନ୍ନ ସମୟରେ ୫ଟି ମାମଲା ରୁଜୁ ହୋଇଛି । ଆଗକୁ ଏଠାରେ ଜୋରଦାର ଚଢ଼ଉ କରାଯିବ ବୋଲି ଯାଜପୁର ଟାଉନ୍ ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି ।

### ଆୟକରଦାତାଙ୍କ ବ୍ୟକ୍ତିଗତ...

ଏଭଳି ଅଖଣ୍ଡ କ୍ଷମତା ଦିଆଯାଇଛି । କେବଳ ସନ୍ଦେହ ହେଲେ ସେମାନେ ଯେକୌଣସି ସ୍ଥାନ ହେଉ କି ଘର ସେଠାରେ ପଶି ଛାନଭିନ୍ କରିପାରିବେ । କଂପ୍ୟୁଟର/ ଲ୍ୟାପଟପ୍ ଖୋଲି ସେମାନେ ଛାନଭିନ୍ କରିପାରିବେ । ଜଣେ ବ୍ୟକ୍ତି କାହା ସହିତ ବ୍ୟକ୍ତିଗତ କଥା ହୋଇଥିଲେ, ସେସଂକ୍ରାନ୍ତ ତଥ୍ୟ ମଧ୍ୟ ଅଧିକାରୀ ହାସଲ କରିପାରିବେ । ଆୟକର ଦାଖଲର ସରଳୀକରଣ ନାମରେ ନୂଆ ବିଲ୍‌ରେ କରାଯାଇଥିବା ଏହିସବୁ ବ୍ୟବସ୍ଥା ନେଇ ଘୋର ଆପତ୍ତି ଜଣାଇଛନ୍ତି ବିଭିନ୍ନ ରାଜନୈତିକ ଦଳ ଓ ସାମାଜିକ ସଂଗଠନ । ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିଛନ୍ତି । ଏହାକୁ ଦୃଢ଼ ବିରୋଧ କରିଛି କଂଗ୍ରେସ । ପାର୍ଟି ପକ୍ଷରୁ କୁହାଯାଇଛି ଯେ ଏନ୍‌ଡିଏ ସରକାର ପ୍ରଥମେ ପେଗାସସ୍ ଜରିଆରେ ଆମ ଉପରେ ଗୁଇନ୍ଦା ନଜର ରଖିଲେ, ଏ ।।ବେ ସେମାନେ ଆମର ବ୍ୟକ୍ତିଗତ ଅଧିକାରକୁ ମଧ୍ୟ ନେଇଯିବାକୁ ବସିଲେଣି । ଆମର ଡିଜିଟାଲ ଜୀବନ ମଧ୍ୟ ଆଉ ସୁରକ୍ଷିତ ନୁହେଁ । ଚଢ଼ଉ କି ଖାନତଲାସି ପାଇଁ କୌଣସି ନୋଟିସ ବା ୱାରାଣ୍ଟ ଦରକାର ନାହିଁ । ଆପଣ ଟିକସ ଫାଙ୍କୁଛନ୍ତି ବୋଲି ଆୟକର ଅଧିକାରୀ କେବଳ ସନ୍ଦେହ ଆଧାରରେ ଆପଣଙ୍କର ବ୍ୟକ୍ତିଗତ ଅଧିକାରକୁ ଛଡ଼ାଇନେବେ । ଏହାର ସମସ୍ତେ ବିରୋଧ କରିବା ଉଚିତ । ଅନେକ ସଂଗଠନ କହିଛନ୍ତି ଯେ ଏହି ବିଲ୍ ଗୋପନୀୟତା ରକ୍ଷା ପାଇଁ ସମ୍ବିଧାନ ଦେଇଥିବା ମୌଳିକ ଅଧିକାରର ଏହା ଉଲ୍ଲଂଘନ କରୁଛି ।

ସୂଚନାଯୋଗ୍ୟ ଯେ ଏହି ବିଲ ଆଗତ ହେବାପରେ ଲୋକସଭା ବାଚସ୍ପତି ଏହା ଉପରେ ଅଧିକ ଆଲୋଚନା ପାଇଁ ୩୧ ଜଣିଆ ସିଲେକ୍ଟ କମିଟିକୁ ପଠାଇଛନ୍ତି ।

### କୁବେର ସମ୍ପତ୍ତି...

ଠୁଳ ଅଭିଯୋଗରେ ଭିଜିଲାନ୍ସ ଆଜି ପରିବହନ ବିଭାଗର ଯୁଗ୍ମ କମିସନର ପ୍ରଦୀପ କୁମାର ମହାନ୍ତିଙ୍କ ଘରେ ଚଢ଼ଉ କରି ଏସବୁ ବିପୁଳ ସଂପତ୍ତି ଠାବ କରିଛି । ଗୁରୁବାର ପ୍ରଦୀପଙ୍କ ଘର ସମେତ ୯ଟି ସ୍ଥାନରେ ଏକକାଳୀନ ଚଢ଼ଉ କରିଛି ଭିଜିଲାନ୍ସ ।

ପ୍ରଦୀପଙ୍କ ମୈତ୍ରୀବିହାରରେ ଥିବା ୨୪୦୦ ବର୍ଗଫୁଟ୍ ୩ ମହଲା କୋଠା, ରଘୁନାଥପୁରରେ ଥିବା ଏକ ଆପାର୍ଟମେଣ୍ଟରେ ୪ ବିଏଚ୍‌କେ ଫ୍ଲାଟ୍ ଲାଗି ସେ ୧ କୋଟି ଟଙ୍କା ଦେଇଥିଲେ । ସେ ଓ ତାଙ୍କ ପତ୍ନୀଙ୍କ ନାମରେ ଉକ୍ତ ଫ୍ଲାଟ୍ ରହିଛି । ପୁରୀ ବାଲୁଖଣ୍ଡରେ ୭୫୦୦ ବର୍ଗଫୁଟ୍‌ର ନିର୍ମାଣଧୀନ ୩ ମହଲା କୋଠା, ପୁରୀ କ୍ରିଷ୍ଣା ସମୁଦ୍ରକୂଳରେ ଥିବା ୨ଟି ୱାନ୍-ବିଏଚ୍‌କେ ଫ୍ଲାଟ୍ ଠାବ ହୋଇଛି । ଏହି କୋଠା ଓ ଫ୍ଲାଟ୍ ବେନାମୀ ରହିଛି । ଏଥିସହ ପ୍ରଦୀପଙ୍କ ଖୋର୍ଦ୍ଧା ଟାଙ୍ଗୀର ପୈତୃକ ଗାଁରେ ଥିବା କୋଠାଘର, ନୟାଗଡ଼ କୁଶପଲ୍ଲୀରେ ଥିବା ୧୪ ଏକର ବିଶିଷ୍ଟ ଏକ ଫାର୍ମ ହାଉସ୍ ଠାବ ହୋଇଛି । ସେହିପରି ଖୋର୍ଦ୍ଧା, ରଣପୁର, ନୟାଗଡ଼ର ପ୍ରମୁଖ ସ୍ଥାନରେ ୧୧ଟି ଦାମୀ ପ୍ଲଟ୍ ମିଳିଛି । ଏଥିସହ ନୟାଗଡ଼ ରଣପୁରରେ ୧୧ ଏକର ବଡ଼ ଚାଷ ଜମି ମଧ୍ୟ ରହିଛି । କିଣାବିକା ସମୟରେ ଦଲିଲ୍‌ରେ ଉକ୍ତ ଜମିର ମୂଲ୍ୟ ମାତ୍ର ୨୯ ଲକ୍ଷ ବୋଲି ଉଲ୍ଲେଖ ରହିଛି । କିନ୍ତୁ ସେହି ଜମିର ମୂଲ୍ୟ ଆହୁରି ଅଧିକ ଟଙ୍କା ହେବ ବୋଲି ଭିଜିଲାନ୍ସ ଆକଳନ କରିଛି । ପ୍ରଦୀପଙ୍କର ଏହି ସବୁ ଘର ଓ ପ୍ଲଟ୍‌ଗୁଡ଼ିକର ମାପଚୁପ ଏବଂ ମୂଲ୍ୟାୟନ କାର୍ଯ୍ୟ ଜାରି ରଖିଛି ଭିଜିଲାନ୍ସର ବୈଷୟିକ ଟିମ୍ ।

ଅନୁରୂପ ଭାବେ ପ୍ରଦୀପଙ୍କ ଘରୁ ନଗଦ ୧୫ଲକ୍ଷ ୫୫ହଜାର ଟଙ୍କା, ୨୬ଟି ୨ହଜାର ଟଙ୍କିଆ ନୋଟ୍, ୩ଟି ସୁନାବିସ୍କୁଟ୍ ମିଶାଇ ମୋଟ୍ ଦେଢ଼ କିଲୋ ସୁନା, ବ୍ୟାଙ୍କ, ପୋଷ୍ଟାଲରେ ୧୭ ଲକ୍ଷ ଟଙ୍କାର ଜମାରାଶି, ଦୁଇଟି ଦାମୀ କାର ଓ ଗୋଟିଏ ଗୋଟିଏ ବୁଲେଟ୍ ସହ ଘରର ଆସବାବପତ୍ର ଠାବ ହୋଇଛି । ପ୍ରଦୀପ ଓ ତାଙ୍କ ପରିବାର ନାମରେ ରହିଥିବା କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରଯାଇଛି । ତେଣୁ ପ୍ରଦୀପଙ୍କ ଅଟକ ରଖି ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି ଭିଜିଲାନ୍ସ । ପ୍ରଦୀପଙ୍କ ଆଖି ଝଲସିଲା ଭଳି କୋଠାର ଇଣ୍ଟିରିୟର ଡିଜାଇନରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଭିଜିଲାନ୍ସ କହିଛି । ନାମୀଦାମୀ କାଠରେ ଘରର ଇଣ୍ଟିରିୟର୍ ଡିଜାଇନ୍ କରାଯାଇଛି । ଖାଲି ସେତିକି ନୁହେଁ, ତାଙ୍କର କୁକୁର ପାଳିବାର ସଉକ ମଧ୍ୟ ରହିଛି । ଘରେ ଗୋଟିଏ ଲାବ୍ରାଡର୍ ଓ ଜର୍ମାନ ସେଫାର୍ଡ କୁକୁର ରହିଛି । ଏହି କୁକୁର ଦୁଇଟିର ମୂଲ୍ୟ ଦୁଇ ଲକ୍ଷ ଟଙ୍କା ହେବ । କୁକୁର ଲାଗି ପ୍ରତିଦିନ ହଜାର ହଜାର ଟଙ୍କା ଖର୍ଚ୍ଚ ହେଉଥିଲା । ଭିଜିଲାନ୍ସ ତଦନ୍ତ ବେଳେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି । ଠାବ ହୋଇଥିବା କୋଠା, ଫ୍ଲାଟ୍, ଗାଡ଼ି ଓ ଅନ୍ୟ ସମ୍ପତ୍ତିରୁ ଅନେକ ବେନାମୀ ରହିଛି । ଉକ୍ତ ସମ୍ପତ୍ତି ପ୍ରଦୀପ ତାଙ୍କ ଶାଳକ ନାମରେ ରଖିଥିବା ତଦନ୍ତରୁ ଜଣାପଡ଼ିଛି ।

ଆଜି ଏକାସାଥିରେ ଭିଜିଲାନ୍ସ ପକ୍ଷରୁ ପ୍ରଦୀପଙ୍କ ମୈତ୍ରୀବିହାରସ୍ଥିତ ବାସଭବନ, ରଣପୁର ଫାର୍ମହାଉସ୍, ରଘୁନାଥପୁର ଘର, ଗୋବିନ୍ଦପ୍ରସାଦରେ ନିର୍ମାଣଧୀକ କୋଠା, ଖୋର୍ଦ୍ଧା ଟାଙ୍ଗୀର ପୈତୃକ ଘର, ପୁରୀର ସମ୍ପର୍କୀୟଙ୍କ ଘର, ମଳିପଡାରେ ସମ୍ପର୍କୀୟଙ୍କ ନାମରେ ଥିବା ପେଟ୍ରୋଲ ପମ୍ପ, କଟକସ୍ଥିତ ସରକାରୀ କାର୍ଯ୍ୟାଳୟରେ ସମେତ ୯ଟି ସ୍ଥାନରେ ଚଢ଼ଉ କରାଯାଇଥିଲା । ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳ ବଡ଼ଧରଣର ଚଢ଼ଉ କରାଯାଇଥିଲା । ଏଥିରେ ୨ଜଣ ଅତିରିକ୍ତ ଏସ୍‌ପି, ୧୩ଜଣ ଡିଏସ୍‌ପି, ୧୨ ଜଣ ଇନ୍ସପେକ୍ଟର, ୨୫ଜଣ ଏଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ହୋଇଥିଲେ ।

ସୂଚନାଯୋଗ୍ୟ ଯେ, ମୟୂରଭଞ୍ଜ ଜାମୁଶୋଳାରେ ୧୯୯୦ ମସିହାରେ କନିଷ୍ଠ ଏମ୍‌ଭିଆଇ ଭାବେ ଚାକିରି କରିଥିଲେ ପ୍ରଦୀପ । ୨୦୦୩ ମସିହାରେ ପଦୋନ୍ନତି ପାଇ ସେ ବାରିପଦାରେ ଏମ୍‌ଭିଆଇ ତଥା ଅତିରିକ୍ତ ପରିବହନ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ । ୨୦୦୬ରେ ଜଗତସିଂପୁରରେ ଭାରପ୍ରାପ୍ତ ଆର୍‌ଟିଓ ଭାବେ କାର୍ଯ୍ୟ କରୁଥିଲେ । ପଦୋନ୍ନତି ପାଇ କଟକ (ଏନ୍‌ଫୋର୍ସମେଣ୍ଟ)ରେ ଅତିରିକ୍ତ ପରିବହନ ଅଧିକାରୀ ଭାବେ ୨୦୦୬ରୁ ୨୦୨୨ ମସିହାର ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ୧୬ ବର୍ଷ ଧରି ସେ ବିଭିନ୍ନ ଜିଲ୍ଲାରେ ଏମ୍‌ଭିଆଇ ଓ ପରିବହନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । ସେ ଡେପୁଟି କମିସନର ଭାବେ ପଦୋନ୍ନତି ପାଇ ଛତ୍ରପୁର, ଗଞ୍ଜାମରେ ବର୍ଷେ ଯାଏଁ କାର୍ଯ୍ୟ କରୁଥିଲେ । ପରେ ସେ ଭୁବନେଶ୍ୱରସ୍ଥିତ ଡ୍ରାଇଭିଂ ଟ୍ରେନିଂ ସ୍କୁଲର ଯୁଗ୍ମ କମିସନର ଥିଲେ । ୨୦୨୩ ମସିହାର ଜୁଲାଇ ମାସରୁ ସେ କଟକ ପରିବହନ କାର୍ଯ୍ୟାଳୟରେ ଯୁଗ୍ମ କମିସନର (ସଡ଼କ ସୁରକ୍ଷା)ରେ କାର୍ଯ୍ୟ କରି ଆସୁଥିଲେ ।

## କିଡନୀ ଆବଶ୍ୟକ

0+ କିମ୍ବା B+ କିଡନୀ ଆବଶ୍ୟକ, କେହି ସହୃଦୟ ବ୍ୟକ୍ତି ଦାନ କଲେ ଆମେ ଚିର ଉପକୃତ ହେବୁ ।

ଯୋଗାଯୋଗ:

**9556776884**
**6371369262**

## AFFIDAVIT

By virtue of an affidavit sworn before Executive Magistrate, Puri, dated 06/03/2025.I Pratap Kumar Dalai, address-Senapatia, Malatipatpur, Po-chandanpur, Puri. Declare that I have changed the name of my son from Ashish Dalei to Ashish Kumar Dalai. Hence forth, he shall be known as Ashish Kumar Dalai for all purposes.

## AFFIDAVIT

By virtue of an Affidavit CF No. 1947, dtd. 04.03.2025 in the Court of the Executive Magistrate, Champua, Dist.-Keonjhar, I, Kuni Mahapatra, have changed my son's name from Ananda Mahapatra to Ananda Chandra Mahapatra. Henceforth he will be known as Ananda Chandra Mahapatra instead of Ananda Mahapatra for all purposes.

Sd/- Kuni Mahapatra

## SALE

Gharabari Plot for immediate sale at Bandhabahal, Lakhanpur, Jharsuguda, Area- 09 dec., Plot No. 714, Khatiyan No. 101/438, Owner- Birendra Bhoi, Caste- Ganda.

**9937301526**
**9777673420**

## AFFIDAVIT

I, Parth Manish Gupta, S/o-Manish Gupta, resident of Room No. 3A-188, Kings Palce-XV, Campus-12, Kiit-Du, Bhubaneswar, Pin-751024, Dist- Khordha, Odisha declared by this affidavit No. 2191, dated-05/03/2025 that now onwards I shall be known as **PARTH GUPTA** for all future purposes.

## AFFIDAVIT

I, Baikrusna Nath Jena, S/O-Bankabihari Jena, resident of At-Korabandi (Sahadakoli), Po-Ragadi, Ps- korai, Dist- Jajpur, Pin-755019, Odisha declare by this affidavit No- 69AA119350, dated-3/10/2024, that in according my driving licence my name is Baikuntha Jena. But I Baikrusna Nath Jena and Baikuntha Jena known as same person. Now I shall be known as **Baikrusna Nath Jena** for all future purposes.

## AFFIDAVIT

I, Smt Kamala Satpathy, W/o-Kishor Kumar Ratha, resident of At- Near Circuit House, Shamuka Bhawan, Manoharpur, Balangir Town, Po/Ps/Dist-Balangir, Pin-767001, Odisha declared by this affidavit No. 220, dtd- 05/02/2025 that now onwards I shall be known as Smt. Kamala Satapathy for all future purposes.

## NOTICE

**By virtue of an Affidavit sworn before the Executive Magistrate, Astarang CF No: 410 on dated 06.03.2025, I Judhishtira Swain S/o Gokalananda Swain Address At- Ostapur, Po- Khandasahi, PS- Kakatpur, Dist- Puri, Pin: 752119, Odisha have changed my name from Yudhistir Swain to Judhishtira Swain. Henceforth, he shall be known as JUDHISHTIRA SWAIN for all future purposes.**

## AFFIDAVIT

By virtue of an affidavit C.F. No.-189/25, dtd. 28.02.2025 in the court of the Executive Magistrate-cum-Tahasildar, Patrapur, Dist.- Ganjam, I, Rabindranath Sahu have changed my name from Rabindra Sahu to Rabindranath Sahu. Henceforth I shall be known as Rabindranath Sahu for all pruposes.

Sd/- Rabindranath Sahu

## MUNICIPAL OFFICE, JHARSUGUDA

C-

No. 961/JM, Dt. 05.03.2025

**QUOTATION CALL NOTICE**

Sealed quotations are hereby invited from the intending supplier having Registration of Farm, MSME, Trade License, ISO Certification, PAN, GST and Experience (Work Order) for supply and installation of MS Pipe hoarding board as per specification mentioned in the table below in different places of Jharsuguda Municipality. Quotation in letter pad of Farm in proforma below with other relevant documents in sealed cover should reach to the undersigned on or before Dt. 17.03.2025 at 1 PM and will be opened on the same day at 3 PM. The undersigned reserves the right to reject any or all the quotation without assigning any reason thereof.

| Sl. No. | Specification | Rate per piece including GST |
|---|---|---|
| 1 | MS Pipe Board made up of 40x40 mm frame, Leg 50x50 mm MS Pipe two support in frame with ACP Sheet, radium writing, one coat primer and two coat enable paint, transporting, fitting and fixing in different place of Jharsuguda Municipality, size of board – 3 feet x 5 feet, length of leg – 7 feet(2 Ft. Grouting) Total Length – 10 Feet. | |

Executive Officer,
Jharsuguda Municipality

OIPR-13165/11/0051/2425

## AFFIDAVIT

I, Manish Jitendra Nath Gupta, S/o- Jitendra Nath Gupta, resident of Ubic -3, Near Adm Office Madhuban Paradip, Pin-754142, Dist- Jagatsinghapur, Odisha declared by this affidavit No. 2193, dated-05/03/2025 that now onwards I shall be known as **MANISH GUPTA** for all future purposes.

## DISTRICT PROJECT OFFICE, SAMAGRA SHIKSHA, NUAPADA

ସମଗ୍ର ଶିକ୍ଷା Samagra Shiksha

No. 867/Civil/2025 | Dated 06.03.2025

**TENDER CALL NOTICE**

Sealed tenders are invited from the reputed & credible Manufacturers/ authorized Firms for Supply & installation of 5 numbers of Solar Power System in 5 nos. of Kasturaba Gandhi Balika Vidyalay (KGBV) hostels of NUAPADA District in two bid systems (Technical &Financial Bid) as detailed below.

| Name of the Tender | Tender paper cost | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Supply & installation of 5 numbers of Off-Grid Solar Power System in 5 Nos of Kasturaba Gandhi Balika Vidyalay (KGBV) hostel of NUAPADA District | Rs. 5,000/- | Rs. 50,000/- | Dt. 17.03.2025 Up to 05.00 PM | Dt. 18.03.2025 At 11.00 AM |

The detailed BID document is available in the website http://nuapada.odisha.gov.in & www.osepa.odisha.gov.in . Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web sites. Hence potential bidders are requested to be in continuous touch with the above web sites.

The Tender Inviting Authority (TIA) reserves the right to accept / reject any full or part / all BID/ cancel the entire selection process at any stage without assigning any reason thereof.

District Education Officer-cum-DPC
Samagra Shiksha, Nuapada

## AFFIDAVIT

I, Bibhasha Chandra Nanda, S/o- Padma Charan Nanda, resident of At- Sasansima, Po-Dhanmandal, Sasansima, Jajpur, Pin-754024, Odisha declared by this affidavit No. 520, dtd- 05/03/2025 that now onwards I shall be known as **BIBHAS CHANDRA NANDA** for all future purposes.

## CENTRE FOR DISTANCE AND ONLINE EDUCATION (CDOE)
## FAKIR MOHAN UNIVERSITY
## VYASA VIHAR, BALASORE - 756019

FAKIR MOHAN UNIVERSITY

**ADMISSION NOTIFICATION: 2024-2025**

Letter No: FMU/CDOE-Admission-01/2025/76 | Date: 06.03.2025

Applications are invited from Eligible candidate for admission into the following UGC approved programmes under ODL mode for the Academic Year 2024-2025, Academic Session beginning February 2025 and Onwards.

Admission Opening Date: 03-03-2025 | Closing Date: 17-03-2025

**COURSES OFFERED**

**Post- Graduate (PG) Programmes**

| Courses | Duration | Intake Capacity | Eligibility | Counsellor |
|---|---|---|---|---|
| MA in Odia | 2 years | 120 | Any Graduate | Dr. Sushree Sangita Swain, M.: 7008040325 |
| MA in English | 2 years | 72 | Any Graduate | Ms. Ipsita Das, M.: 7873783005 |
| MA in Sanskrit | 2 years | 72 | Any Graduate | Dr. Pritiranjan Majhi, M.:7001509190 |
| MA in Economics | 2 years | 96 | Any Graduate | Mr. Anirudha Bal, M.: 9853651156 |
| MA in Political Science | 2 years | 96 | Any Graduate | Dr. Chandan Panigrahi, M.: 9650226218 |
| MA in History | 2 years | 96 | Any Graduate | Dr. Sikhashree Ray, M.: 8700146566 |
| MA in Sociology | 2 years | 96 | Any Graduate | Ms. Monalisha Khuntia, M.: 7735868997 |
| MA in Social Work | 2 years | 48 | Any Graduate | Ms. Rashmirekha Rout, M.: 8342846579 |
| MA in Education | 2 years | 120 | Any Graduate | Dr. Liparani Panda, M.: 9692678737 |
| Master in Commerce | 2 years | 120 | Any Graduate | Dr. RajaRam Majhi, M.:7205176195 |

Regular P.G. Continuing students are also eligible for applying for admission in above ODL P.G. Programmes under dual degree mode.

**Admission Procedure:**

Visit the website at **https:fmuniversity.nic.in** and Click on **"Admission to Distance mode (ODL) Programme for the Academic Year 2024-2025"** link for detail information. By paying the Application fee Rs. 600/- through online, the Candidates can apply online through google link by filling up the given criteria for consideration of the admission into concerned programme by **17.03.2025**. For Online payment visit the website.

**Contact Time: 10.30 A.M. - 5 P.M.**

SD/- DIRECT

## AFFIDAVIT

I, Medha Manish Gupta, W/o- Manish Gupta, resident of Ubic-4, Near Adm Office Madhuban Paradip, Pin- 754142, Dist- Jagatsinghapur, Odisha declared by this affidavit No. 2192, dated-05/03/2025 that now onwards I shall be known as **MEDHA GUPTA** for all future purposes.

## AFFIDAVIT

By virtue of an affidavit before the Executive Magistrate, Sub Collector Office, Baripada, Mayurbhanj, C.F No - C.F No-4154, dtd 11/12/24. I Rabikanta Tudu, At: Chakradharpur, Po-Kuradiha, P.S- Badashi, Dist: Mayurbhanj, Pin-757017. My daughter actual name is Saraswati Tudu which is mentioned on school certificate and birth certificate also. But in her Aadhar Card wrongly it is mentioned as Swapna Tudu. Henceforth she will be known as **Saraswati Tudu** for all purpose.

## AFFIDAVIT

By virtue of an affidavit sworn before Notary Public, Athagarh dtd. 04.03.2025 I Prashant Kumar Dash of Vill/Po-Kadalibadi, Ps-Banki, Dist-Cuttack declare that I changed my son's name form SUVAGYA RANJAN DASH to SOUBHAGYA RANJAN DASH. Henceforth he shall be known as Soubhagya Ranjan Dash for all purpose.

Sd/- Prashant Kumar Dash

## AFFIDAVIT

By an affidavit CF No. 62/ Dtd. 06/03/2025 sworn before Executive Magistrate, Bhubaneswar. I, **Sita Meher,** D/o- Late Brundaban Meher, At/PO- Machhakuta, PS-Chhendipada, Dist-Angul, Pin-759124 declare that I have changed my name from **Pujarani Mishra, D/o- Aditya Mishra to Sita Meher, D/o- Brundaban Meher** which is correct as per Aadhaar. Henceforth, I shall be known as **Sita Meher,** D/o- Late Brundaban Meher for all purposes.

## ସତ୍ୟପାଠ

ଆଫିଡେଭିଟ୍ ନଂ. R896579, ତାରିଖ- ୦୬.୦୩.୨୦୨୫ ଅନୁଯାୟୀ ମୁଁ ସତ୍ୟପାଠ କରୁଛି ଯେ, ମୁଁ ଅରୁଣବାଲା ମିଶ୍ର, ସ୍ୱାଃ- ରଘୁନାଥ ମିଶ୍ର, ଗ୍ରାମ- ବଲାଣି, ଥାନା- ଲାଠିକଟା, ଜିଲ୍ଲା- ସୁନ୍ଦରଗଡ, ଓଡ଼ିଶା - ୭୭୦୦୩୭, ଖାତା ନଂ. ୧୧୮, ପ୍ଲଟ୍ ନମ୍ବର - ୮୩୪ ରେ ମୋର ଏବଂ ମୋ ଭାଇ ଅକ୍ଷିତ ଆଚାର୍ଯ୍ୟ ନାମ ଅଛି । କିନ୍ତୁ ମୋ ଭାଇ ଅକ୍ଷିତ ଆଚାର୍ଯ୍ୟଙ୍କର ମୃତ୍ୟୁ ହୋଇଯାଇଛି ଏବଂ ତାଙ୍କର ସ୍ତ୍ରୀ ସୁବର୍ଣ୍ଣରେଖା ଆଚାର୍ଯ୍ୟଙ୍କର ମଧ୍ୟ ମୃତ୍ୟୁ ହୋଇଯାଇଛି । ତେଣୁ ମୁଁ ଉପରୋକ୍ତ ଜମିର ଏକା ମାଲିକ । ଯଦି କାହାର କିଛି ଆପତ୍ତି ଥାଏ ତାହେଲେ claim କରିପାରିବେ । ନହେଲେ ମୁଁହିଁ ଏହି ଜମିର ମାଲିକ ।

## AFFIDAVIT

By virtue of an Affidavit sworn before Notary public, Bhubaneswar, dtd. 06.03.2025. I, SABITA PATRA, aged about 40, W/o- Shraban Kumar Patra resident of Flat No. 308, 3rd Floor, Oro Tower, Lingipur, P.S.-Dhauli, P.O.- Sisupalgarh, Bhubaneswar, Dist- Khordha, Odisha, Pin- 751002, declare that I have changed my son's name from PUNIT KUAMR PATRA to PUNIT KUMAR PATRA. Henceforth, he shall be known as PUNIT KUMAR PATRA for all purposes.

Sd/- Sabita Patra

ସକାଳ
THE SAKALA

# ସମ୍ପାଦକୀୟ



ଯୁଦ୍ଧରେ ମହିଳାମାନେ ହିଁ ସବୁବେଳେ ଓ ସର୍ବପ୍ରଥମେ ପୀଡ଼ିତ ହୁଅନ୍ତି।
-ହିଲାରି କ୍ଲିଣ୍ଟନ୍

## କଥା ମିଠା

ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅନମନୀୟ ବ୍ୟବହାର ଓ ମନୋଭାବରୁ ବିଶ୍ୱ ବାଣିଜ୍ୟ ବ୍ୟବସ୍ଥାରେ ସୃଷ୍ଟି ହୋଇଥିବା ଅନିଶ୍ଚିତ ଅବସ୍ଥା ଦ୍ରୁତ ଶିଳ୍ପାୟନର ଗତିରୋଧ କରିଛି। ଏହା ମଧ୍ୟ ଆମ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇବାର ପ୍ରାକ୍ ସୂଚନା ହସ୍ତଗତ ହେବାରେ ଲାଗିଛି। ବ୍ୟାଙ୍କ ଅପେକ୍ଷା ପୁଞ୍ଜିବଜାର ଉପରେ ନିର୍ଭର କରୁଥିବା କର୍ପୋରେଟ୍ ହାଉସ୍ ସଂସ୍ଥା ହଠାତ୍ ବଡ଼ଧରଣର ନିବେଶ ପାଇଁ ସାହସ କରୁନାହାନ୍ତି। ଗତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ରିପୋର୍ଟରେ ଜିଡିପି ହାର ୬.୨ ପ୍ରତିଶତକୁ ବୃଦ୍ଧି ପାଇବା ଆଶ୍ୱାସନାର ବିଷୟ ହୋଇପାରେ। କିନ୍ତୁ ଏହା ପରିବର୍ତ୍ତିତ ସ୍ଥିତିର ପୂର୍ବ ଆକଳନଠାରୁ କମ୍। ଆମକୁ ଏଠାରେ ସୂଚାଇ ଦେବାକୁ ପଡୁଛି ଯେ ସେପ୍ଟେମ୍ବରରେ ପ୍ରକାଶ ପାଇଥିବା ଦ୍ୱିତୀୟ ରିପୋର୍ଟରେ ଅଭିବୃଦ୍ଧି ହାର ୫.୬ ପ୍ରତିଶତକୁ ହ୍ରାସ ପାଇଥିବା ବେଳେ ସ୍ଥିତି ସୁଧୁରିବ ବୋଲି ଆଶ୍ୱସନା ଦିଆଯାଇଥିଲା। ସେତେବେଳେ ଏହି ଅଭିବୃଦ୍ଧି ହାର ୬.୪ ପ୍ରତିଶତ ହେବ ବୋଲି ଦର୍ଶାଯାଇଥିଲା। ସମସ୍ତ ପ୍ରଚେଷ୍ଟା ସତ୍ତ୍ୱେ ତାହା ଧାର୍ଯ୍ୟ ଲକ୍ଷ୍ୟ ଠାରୁ ୦.୨ ପ୍ରତିଶତ ପଛରେ ପଡ଼ିଯାଇଛି। କୃଷିକ୍ଷେତ୍ରର ସଫଳତା ସରକାରଙ୍କ ଅର୍ଥନୈତିକ ପରାମର୍ଶଦାତାଙ୍କ ମୁହଁ ରକ୍ଷା କରିଛି। ଆମେ ଏସବୁ ଉଲ୍ଲେଖ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ରାଜ୍ୟସ୍ତରରେ ପୁଞ୍ଜି ନିବେଶ ପାଇଁ ବ୍ୟାପକ ଆୟୋଜନ ସତ୍ତ୍ୱେ କର୍ପୋରେଟ ସଂସ୍ଥାମାନେ ପ୍ରତିଶ୍ରୁତି ଦେଇ ସେଥିରୁ ଓହରି ଯାଉଥିବାର ପରିଲକ୍ଷିତ ହେଉଛି। ସେମାନେ ସବୁଠାରେ ମୁହଁ ଦେଖାଉଥିଲେ ମଧ୍ୟ ଖୋଜି ଚାଲିଛନ୍ତି କେଉଁଠି ଅଧିକ ଅନୁକୂଳ ପରିବେଶ ଓ ସୁବିଧା ସୁଯୋଗ ମିଳୁଛି। ନିକଟରେ 'ଉତ୍କର୍ଷ ଓଡ଼ିଶା' ଭଳି ବିଶାଳ ଆୟୋଜନରେ ଯୋଗଦେଇଥିବା ଏକାଧିକ ସଂସ୍ଥା ମୁହଁ ଫେରାଇ ଅନ୍ୟ ରାଜ୍ୟରେ ନିବେଶ ସକାଶେ ଅଣ୍ଟା ଭିଡ଼ିଥିବାର ପରିଲକ୍ଷିତ ହୋଇଛି।

ଏବେ ହସ୍ତଗତ ହୋଇଥିବା ରିପୋର୍ଟରୁ ପ୍ରକାଶ ଯେ ଆର୍ସେଲ ମିତ୍ତଲର ପ୍ରସ୍ତାବିତ କେନ୍ଦ୍ରାପଡ଼ା ପ୍ରକଳ୍ପ ଓଡ଼ିଶା ଛାଡ଼ିବା ନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଖୁବ୍ ଜୋର ଧରିଛି। ସବୁଠାରୁ ଉଲ୍ଲେଖଯୋଗ୍ୟ ହେଲା ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା କେନ୍ଦୁଝରରେ ପୋସ୍କୋ ଓ ଜେଏସ୍‌ଡବ୍ଲ୍ୟୁ ସହଭାଗିତାରେ ପ୍ରସ୍ତାବିତ ଇସ୍ପାତ କାରଖାନାକୁ ଅଞ୍ଚଳବାସୀଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଅନୁକୂଳ ପରିବେଶ ଅଭାବରୁ ସମ୍ପୃକ୍ତ ସଂସ୍ଥା କରଛଡ଼ା ଦେଲାଭଳି ମନେହୁଏ। ରାଜ୍ୟରେ ବିପୁଳ ଖଣିଜ ସମ୍ପଦ ମହଜୁଦ ଅଛି ଏବଂ ମୌଳିକ ସୁବିଧା ସୁଯୋଗ ସକାଶେ କେନ୍ଦ୍ର ପ୍ରସ୍ତୁତ ହୋଇ ରହିଛି। ତେବେ ଅସୁବିଧା କେଉଁଠି? ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି ଏବଂ କାର୍ଯ୍ୟାନ୍ୱୟନ ସକାଶେ ସୁଦକ୍ଷ ପ୍ରଶାସନ ଅଭାବ ସାଙ୍ଗକୁ ଅନିୟନ୍ତ୍ରିତ ଆଇନ ଶୃଙ୍ଖଳା ପରିସ୍ଥିତି ନିବେଶକଙ୍କୁ ନିରୁତ୍ସାହିତ କରୁଥିବା ଭଳି ମନେହୁଏ। ଜଗତପୁରରେ ବିଦ୍ୟୁତଚାଳିତ ମୋଟରଗାଡ଼ି ପ୍ରକଳ୍ପ ଖୁବ୍ ଶୀଘ୍ର କାର୍ଯ୍ୟାରମ୍ଭ କରିବା ଭଳି ମନେ ହେଉଥିଲା। ଜେଏସ୍‌ଡବ୍ଲ୍ୟୁ ଏହି ପ୍ରକଳ୍ପ ନେଇ ଅନ୍ୟ ରାଜ୍ୟ ସହ ଯୋଗାଯୋଗରେ ଥିବା ଚର୍ଚ୍ଚା ହେଉଛି। ଆଦାନୀ କମ୍ପାନୀ ପ୍ରତିନିଧି ଓ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ମୁଖ୍ୟ ମୁକେଶ ଅମ୍ବାନୀ 'ଉତ୍କର୍ଷ ଓଡ଼ିଶା' ସମାବେଶରେ ଯୋଗଦେଇ ନିବେଶର ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ତାହାକୁ ସେମାନେ ଭୁଲିଗଲା ଭଳି ମନେହେଉଛି। ସେମାନେ ଏବେ ଆସାମ ଓ ପଶ୍ଚିମବଙ୍ଗକୁ ପ୍ରାଧାନ୍ୟ ଦେଉଛନ୍ତି। ଦୁଇଗୋଷ୍ଠୀର ମାଲିକ ଆସାମ ଶିଳ୍ପ ସମାବେଶରେ ଯୋଗଦେଇ ସେଠାରେ ଲକ୍ଷାଧିକ କୋଟି ଟଙ୍କାର ପ୍ରକଳ୍ପ ସ୍ଥାପନ ସକାଶେ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ରାଜ୍ୟରେ ଡବଲ ଇଞ୍ଜିନ୍ ସରକାର। ଓଡ଼ିଶା ପରେ ଆସାମକୁ ମୁହାଁଇବାର ଉଦ୍ଦେଶ୍ୟକୁ ଅନୁଶୀଳନ କଲେ ଆମେ କେଉଁଠି ପଛରେ ପଡ଼ିଯାଇଛୁ, ତାହା ଆପେ ଆପେ ସାମ୍ନାକୁ ଆସିଯିବ।

କେବଳ ଆୟୋଜନ ଓ ଘୋଷଣାରେ କାର୍ଯ୍ୟସୂଚୀ ସୀମିତ ରହିଲେ ଦ୍ରୁତ ଶିଳ୍ପାୟନର ମହତାକାଂକ୍ଷା ପୂରଣ ହୁଏନି। କ୍ରମାଗତ ସମ୍ପର୍କ ରକ୍ଷା ହିଁ ଏହି ପ୍ରକ୍ରିୟାର ଗତିଶୀଳତାରେ ରହୁଥିବା ପ୍ରତିବନ୍ଧକକୁ ତୁରନ୍ତ ଦୂର କରିପାରିବ। ଏ କ୍ଷେତ୍ରରେ ଯେଉଁ ପ୍ରତିଶ୍ରୁତିବଦ୍ଧତା ଓ ପ୍ରଶାସନିକ ନିଷ୍ଠା, ଦକ୍ଷତା ଆବଶ୍ୟକ, ତାହା କାର୍ଯ୍ୟରେ ଅନୁଭୂତ ହେଉନି। ଶିଳ୍ପ ସଂସ୍ଥା ସକାଶେ ନିବେଶ ଅନୁକୂଳ ବ୍ୟବସାୟିକ ସଂସ୍କାର କାର୍ଯ୍ୟ ଯୋଜନା (ବିଆଇଏଏଫ୍) ପ୍ରସ୍ତୁତ ହେବା ଜରୁରୀ। ସୂଚନାଯୋଗ୍ୟ ଯେ ୨୦୨୨ରେ ଅନୁରୂପ ଖସଡ଼ା ପ୍ରସ୍ତୁତ କରି ଓଡ଼ିଶା 'ଟପ ଆଚିଭର' ରାଜ୍ୟ ଭାବେ ପୁରସ୍କୃତ ହୋଇଥିଲା। ସରକାର ଏକକ ବାତାୟନ(ସିଙ୍ଗଲ୍ ୱିଣ୍ଡୋ) ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସହ ବିଭିନ୍ନ ବର୍ଗରେ ୯ ୯ଟି ସଂସ୍କାର ଆଣିଥିଲେ। ଏହି ସଫଳତା ପାଇଁ ଗତ ତିନିମାସ ତଳେ କେନ୍ଦ୍ର ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋଏଲ ରାଜ୍ୟକୁ ପୁରସ୍କୃତ କରିଥିଲେ। ସର୍ବାଧିକ ପୁଞ୍ଜିନିବେଶ କରି ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ୨୦୨୩ରେ ଦେଶର ବିଭିନ୍ନ ରାଜ୍ୟକୁ ୫ଲକ୍ଷ ୧୦ ହଜାର ୮୫୨ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଆସିଥିବା ବେଳେ ଏଥିରୁ ଓଡ଼ିଶାକୁ ଆସିଥିଲା ୨ ଲକ୍ଷ ୧୦ ହଜାର ୮୩୭ କୋଟି ଟଙ୍କାର ପ୍ରସ୍ତାବ। ନିକଟରେ ଅନୁଷ୍ଠିତ 'ଉତ୍କର୍ଷ ଓଡ଼ିଶା' ସମ୍ମେଳନ ପରେ ପରେ ସରକାର ୧୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରସ୍ତାବ ଏବଂ ଆନୁପାତିକ ନିଯୁକ୍ତିର ସୁଯୋଗ ସମ୍ପର୍କରେ ଉଲ୍ଲେଖ କରି ରାଜ୍ୟବାସୀଙ୍କ ମନରେ ଯେଉଁ ସମ୍ଭାବନାର ସ୍ୱପ୍ନ ବୁଣିଥିଲେ, ତାହା କେତେଦୂର ସାକାର ହେଉଛି, ସମୟ କହିବ।

ସ୍ୱପ୍ନ ଦେଖିବାକୁ ମନା ନାହିଁ। ତେବେ ପରିଲକ୍ଷିତ ପ୍ରତିକୂଳ ପରିବେଶରେ ନୂଆ ନିବେଶ ଓ ଦ୍ରୁତ ଶିଳ୍ପାୟନର ସୁଯୋଗ କେତେ ଅଛି, ତାହାର ଆକଳନ ହେବା ଉଚିତ। ଦେଶ ସମ୍ପ୍ରତି ବାଣିଜ୍ୟ କୂଟନୀତିରେ ଫସି ରହିଥିବା ବେଳେ ଶେଷ ତ୍ରୟମାସିକ ଅର୍ଥନୈତିକ ରିପୋର୍ଟକୁ ଅନୁଧ୍ୟାନ କରିବା ଉଚିତ। ଉଭୟ ବିନିର୍ମାଣ ଓ ଖଣି କ୍ଷେତ୍ରରେ ଖରାପ ପ୍ରଦର୍ଶନ ଏବେ ମଧ୍ୟ ଜାରିରହିଛି। ଏହାକୁ ବାଦଦେଲେ କ୍ରମାଗତ ଭାବେ ଭାରତୀୟ ମୁଦ୍ରା ଦୁର୍ବଳ ହେବାରେ ଲାଗିଛି। ପୁଞ୍ଜିବଜାର ଥିଲା ଶେଷ ଭରସା। ତାହା ମଧ୍ୟ ଧରାଶାୟୀ ହୋଇଛି। କ୍ରମାଗତ ୫ମାସ ଧରି ସେନ୍‌ସେକ୍ସ ହ୍ରାସ ପାଇ ୩୦ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛି। ଏଥିମଧ୍ୟରେ ନିବେଶକଙ୍କର ୯୦.୧୩ ଲକ୍ଷ କୋଟି ଟଙ୍କା ବୁଡ଼ିଯାଇଛି। ଉପରୋକ୍ତ ସ୍ଥିତିରୁ ଅର୍ଥନୀତିର ଗତିଶୀଳତା କେଉଁ ସ୍ତରରେ ପହଞ୍ଚିଛି, ତାହା ଅନୁମାନ କରିବା କଷ୍ଟକର ନୁହେଁ। ତେଣୁ ଦୃଢ଼ ଆସ୍ଥା ଓ ବିଶ୍ୱାସ ସହ ଅନୁକୂଳ ପରିବେଶ ସୃଷ୍ଟି ନ କଲେ ନିବେଶକଙ୍କ ଭରସା ହାସଲ କରିବା ଏତେ ସହଜ ନୁହେଁ। ସମୟୋପଯୋଗୀ ପଦକ୍ଷେପ ନେବାର ଜରୁରୀ ଆବଶ୍ୟକତା ପ୍ରତି ସରକାର ଧ୍ୟାନ ଦେବା ଉଚିତ।

# ଶିମିଳିପାଳ ସୁରକ୍ଷାରେ ଜନଜାତିଙ୍କ ଭୂମିକା

**ରଘୁନାଥ ଟୁଡୁ**

ଶିମିଳିପାଳ ଜୈବ ମଣ୍ଡଳ ଏହାର ବିବିଧତା ସକାଶେ ସାରା ଭାରତରେ ଏକ ପ୍ରମୁଖ ସ୍ଥାନ ଅଧିକାର କରେ। ୨୭୫୦ ବର୍ଗ କିଲୋମିଟର ବ୍ୟାପୀ ପ୍ରକୃତିର ଏହି ଗନ୍ତାଘର ବିଭିନ୍ନ ପଶୁ-ପକ୍ଷୀ, ବୃକ୍ଷ-ଲତା, ଗୁଳ୍ମ, କୀଟ-ପତଙ୍ଗଙ୍କୁ ତା' କୋଳରେ ଆଶ୍ରୟ ପ୍ରଦାନ କରିଛି। ଏଠାରେ ୧୦୭୬ ପ୍ରଜାତିର ବୃକ୍ଷରାଜି, ୯୪ ପ୍ରଜାତିର ଅର୍କିଡ, ୫୫ ପ୍ରଜାତିର ସ୍ତନପାୟୀ ପ୍ରାଣୀ, ୩୬୧ ପ୍ରଜାତିର ପକ୍ଷୀ ଓ ୧୬୪ ପ୍ରଜାତିର ପ୍ରଜାପତି ସହ ବିଭିନ୍ନ ପ୍ରାଣୀ ଓ ଉଦ୍ଭିଦ ଦେଖା ଯାଇଥା'ନ୍ତି। ଏମାନଙ୍କ ମଧ୍ୟରେ ରୟାଲ ବେଙ୍ଗଲ ଟାଇଗର, ଏସୀୟ ପ୍ରଜାତି ହସ୍ତୀ, ବଣୁଆ ବିରାଡ଼ି, ବଣମଇଁଷି, ଲୁପ୍ତପ୍ରାୟ ବିଭିନ୍ନ ଲତା, ବୃକ୍ଷ ଅନ୍ତର୍ଭୁକ୍ତ।

ସମ୍ପ୍ରତି ଜନସଂଖ୍ୟା ବିସ୍ଫୋରଣ ଏବଂ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏହି ଜୈବମଣ୍ଡଳ ଉପରେ ବିଶେଷ ପ୍ରଭାବ ପକାଉଛି। କେତେକ ଜୀବଜନ୍ତୁଙ୍କ ସଂଖ୍ୟା ହ୍ରାସ ପାଉଥିବା ବେଳେ ନିର୍ଝରିଣୀଗୁଡ଼ିକ ପୂର୍ବବତ ଚିରସ୍ରୋତା ହୋଇ ରହୁନାହି। ଏଗୁଡ଼ିକର ସୁରକ୍ଷା ପାଇଁ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମମାନ ପରିଚାଳନା କରାଯାଉଛି। କେତେକ ବେସରକାରୀ ସଂସ୍ଥା ଓ ପରିବେଶବିତ ମଧ୍ୟ ଏଥିରେ ସହଯୋଗ କରୁଛନ୍ତି। କିନ୍ତୁ ସ୍ଥାନୀୟ ଅଧିବାସୀଙ୍କ ସମ୍ପୃକ୍ତି ବିନା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା କଦାପି ସମ୍ଭବ ନୁହେଁ।

ଶିମିଳିପାଳ ବନାଞ୍ଚଳ ଏବଂ ଏହାର ପାଦଦେଶରେ ଅନେକ ଜନଜାତି ଆଦିମ କାଳରୁ ବସବାସ କରୁଛନ୍ତି। ବିଭିନ୍ନ ସମୟରେ ଜଙ୍ଗଲକ୍ଷୟ ଓ ପଶୁପକ୍ଷୀ ହ୍ରାସ ନିମନ୍ତେ ଏମାନଙ୍କୁ ପରୋକ୍ଷରେ ଦାୟୀ କରାଯାଇଥାଏ। ପରନ୍ତୁ ଶିମିଳିପାଳକୁ ବାସ୍ତବରେ ସ୍ଥାନୀୟ ଜନଜାତି ଯଥା ସାନ୍ତାଳ, ହୋ, ମୁଣ୍ଡା, କଲହୋମାହାଲି, ଖଡ଼ିଆ, ଭୂୟାଁ, ବାଥୁଡି, ବିରହୋଲ ଇତ୍ୟାଦିମାନେ ହିଁ ସଂରକ୍ଷଣ କରିବାରେ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି। ସେମାନେ ପାରମ୍ପରିକ ଜ୍ଞାନକୌଶଳ ଦ୍ୱାରା ପରିବେଶ ସହ ଓତପ୍ରୋତ ଭାବେ ଜଡ଼ିତ ଅଛନ୍ତି ଏବଂ ପରିବେଶକୁ ସୁରକ୍ଷିତ ରଖିବାରେ କେକେତାଂଶରେ ସଫଳତା ଲାଭ କରିଛନ୍ତି।

ଶିମିଳିପାଳ ଆଖପାଖରେ ବସତି ସ୍ଥାପନ କରିଥିବା ଜନଜାତି ସମୂହ ଜଙ୍ଗଲକୁ ପବିତ୍ର ତଥା ପୂଜ୍ୟ ବସ୍ତୁ ଭାବେ ଗ୍ରହଣ କରନ୍ତି। ସେମାନଙ୍କ ଧର୍ମ-ପରମ୍ପରା, ସାହିତ୍ୟସଂସ୍କୃତି, ରୀତିନୀତି, ଖାଦ୍ୟପେୟ, ପର୍ବପର୍ବାଣି ଇତ୍ୟାଦି ସହିତ ଶିମିଳିପାଳର ସମ୍ବନ୍ଧ ଅତୁଟ ରହିଛି। ଅନ୍ୟ ବ୍ୟବସାୟୀ ଗୋଷ୍ଠୀ ଭଳି ଜଙ୍ଗଲକୁ ଲାଭଦାୟକ ଉତ୍ସ ଭାବେ ବ୍ୟବହାର ନ କରି ସେମାନେ ତା'କୁ ଯୋଗାଣକାରୀ ଏବଂ ରକ୍ଷାକର୍ତ୍ତା ଭାବେ ଗ୍ରହଣ କରନ୍ତି।



ସୁତରାଂ, ଏହାର ସୁରକ୍ଷା ପ୍ରତି ଜନଜାତିମାନେ ସଦା ସଚେତନ ଓ ସମର୍ପିତ ଥା'ନ୍ତି।

ଜଙ୍ଗଲ ସମ୍ପଦର ସୁରକ୍ଷା ଏବଂ ଚିରସବୁଜ ରଖିବା ସକାଶେ ଜନଜାତିମାନେ ସୀମିତ ପରିମାଣ ହିଁ ବ୍ୟବହାର କରନ୍ତି। 'ଜାହେର ଗାଳ', 'ଦେବସ୍ଥଳୀ' ଇତ୍ୟାଦି ଅଞ୍ଚଳରୁ ବୃକ୍ଷଛେଦନ, ପତ୍ରସଂଗ୍ରହ ଓ ଶିକାର ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ। 'ସାନ୍ତାଳ', 'କଲହୋ', 'ମୁଣ୍ଡା' ଓ 'ମାଲହେ' ମାନେ ମାଘ ଓ ଆଷାଢ଼ ମାସର ଏକ ନିର୍ଦ୍ଦିଷ୍ଟ ଦିନ ପୂର୍ବରୁ ଜୀବିତ ବୃକ୍ଷକଟାକୁ ଜୀବହତ୍ୟା ସହ ତୁଳନା କରନ୍ତି। ଫଗୁଣ ମାସ ନୂତନ ଫୁଲଫଳ ଦେବାଦେବୀଙ୍କୁ ଅର୍ପଣ ବିନା ଜଙ୍ଗଲ ପ୍ରବେଶକୁ ଅପରାଧ ବୋଲି ବିବେଚନା କରନ୍ତି। ଜୀବଜନ୍ତୁ ହ୍ରାସ ଫଳରେ ପ୍ରଚଳିତ ପାରମ୍ପରିକ ତିନିଦିନ ବ୍ୟାପୀ ଧାର୍ମିକଶିକାର ପର୍ବକୁ ମଧ୍ୟ ପ୍ରତୀକାତ୍ମକ ରୂପେ ପାଳନ କରୁଛନ୍ତି।

ଏବେ ପ୍ରତିବର୍ଷ ଶିମିଳିପାଳ ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ପ୍ରଭୂତ ପରିମାଣରେ କ୍ଷୟକ୍ଷତି ଘଟୁଛି। ଜନଜାତିମାନେ ବୃହତ ଜଙ୍ଗଲ ନିଆଁକୁ ଆୟତ୍ତ କରିବା ସକାଶେ ଅଗ୍ନିରେଖା ବିଚ୍ୟୁତି ଏବଂ ନିୟନ୍ତ୍ରିତ ଅଗ୍ନି ସଂଯୋଗ ପଦ୍ଧତି ଅବଲମ୍ବନ କରିଥା'ନ୍ତି। ଅବାଧ ବୃକ୍ଷଛେଦନକୁ ସେମାନେ ପ୍ରବଳ ବିରୋଧ କରନ୍ତି। ସେମାନଙ୍କ ବିଶ୍ୱାସ ଅଛି ଯେ, ଅବାଧ ଜଙ୍ଗଲ କଟା ଦ୍ୱାରା ଜଙ୍ଗଲ ଦେବତା ରୁଷ୍ଟ ହୁଅନ୍ତି ଏବଂ ମରୁଡ଼ି ଓ ବିଭିନ୍ନ ରୋଗ ସୃଷ୍ଟି କରନ୍ତି। ଶିମିଳିପାଳ ପରିସୀମାରେ ଥିବା ଜନଜାତି ହେଉଛନ୍ତି ପାରମ୍ପରିକ ଫରେଷ୍ଟ ଗାର୍ଡ, ଫରେଷ୍ଟର ଓ ରେଞ୍ଜର। ବେନିୟମ ଗଛକଟା ଓ ଶିକାରର ସୁରାକ ମିଳିଲେ ସେମାନେ ଜଙ୍ଗଲ ଅଧିକାରୀଙ୍କୁ ସେ ସମ୍ପର୍କରେ ଅବଗତ କରାଇଥା'ନ୍ତି। ପୋଡୁ ଚାଷ ସାଧାରଣତଃ ଶିମିଳିପାଳ ଅଞ୍ଚଳରେ ଅଧିକ ପରିମାଣରେ ଦୃଷ୍ଟିଗୋଚର ହୁଏ ନାହିଁ। ଜନଜାତିମାନେ ଏହି ଅଞ୍ଚଳରେ ପରିବେଶ ଅନୁକୂଳ କୃଷି ଓ ଜଳ ଅମଳ ପଦ୍ଧତି ଅନୁସରଣ କରି କେବଳ ନିଜସ୍ୱ ଉପଯୋଗ ନିମନ୍ତେ ଖାଦ୍ୟଶସ୍ୟ ଅମଳ କରନ୍ତି। ଆଜିକାଲି କେତେକ ଜନଜାତି ଜୈବ-ପର୍ଯଟନ ଓ ଜୈବିକ କୃଷି ଆପଣାଉଛନ୍ତି। ଏତଦ୍ୱାରା ପରିବେଶ ଉପରେ ଚାପ ମଧ୍ୟ ହ୍ରାସ ପାଉଛି।

ଶିମିଳିପାଳ ସୁରକ୍ଷା ଦିଗରେ ଜନଜାତିଙ୍କ ଉଲ୍ଲେଖନୀୟ ଅବଦାନ ଥିଲେ ମଧ୍ୟ ସେମାନେ ଅନ୍ୟାନ୍ୟ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଜଙ୍ଗଲ ଜମିର ମୂଳବାସିନ୍ଦା ହେଉଛନ୍ତି ସ୍ଥାନୀୟ ଜନଜାତି ସମୂହ। ସେମାନଙ୍କ ମଧ୍ୟରୁ ଅନେକଙ୍କ ନିକଟରେ ଜମି ପ୍ରମାଣପତ୍ର ଅଭାବ ଯୋଗୁଁ ବାସସ୍ଥାନରୁ ବିସ୍ଥାପନ ହେବାର ଆଶଙ୍କା ସେମାନଙ୍କୁ ଆତଙ୍କିତ କରିଥାଏ। ଭୂମଣ୍ଡଳୀକରଣ ଓ ସ୍ଥାନାନ୍ତର ପ୍ରଭାବରେ ଜନଜାତିଙ୍କ ନୂତନ ପିଢ଼ି ପାରମ୍ପରିକ ଜ୍ଞାନକୌଶଳ ଆପଣେଇବାକୁ କୁଣ୍ଠାବୋଧ କରୁଛନ୍ତି। ସ୍ଥଳବିଶେଷରେ ଜଙ୍ଗଲଜାତ ଦ୍ରବ୍ୟର ମାଲିକାନା ଏବଂ ବ୍ୟବହାରକୁ ନେଇ ଜଙ୍ଗଲ ଅଧିକାରୀମାନଙ୍କ ସହିତ ଜନଜାତିମାନେ ମୁହାଁମୁହିଁ ହେଉଛନ୍ତି। ସେମାନଙ୍କ ସରଳତାର ସୁଯୋଗ ନେଇ ଜଙ୍ଗଲ ସମ୍ବନ୍ଧୀୟ ଅପରାଧମାନ କରିବାକୁ କେତେକ ଅସମାଜିକ ଲୋକ ପ୍ରବର୍ତ୍ତାଉଥିବା ଅଭିଯୋଗ ହେଉଛି।

ଅବଶେଷରେ ଏତିକି କହିହେବ ଯେ, ଶିମିଳିପାଳର ସୁରକ୍ଷାରେ ସ୍ଥାନୀୟ ଜନଜାତିଙ୍କ ଭୂମିକାକୁ ଆଦୌ ଗୌଣ କରିହେବ ନାହିଁ। ସରକାରୀ ଓ ବେସରକାରୀ ସଂସ୍ଥା ସେମାନଙ୍କ ଜଙ୍ଗଲ ସୁରକ୍ଷା କାର୍ଯକ୍ରମରେ ସ୍ଥାନୀୟ ଜନଜାତିଙ୍କୁ ସାମିଲ କରିବା ଉଚିତ। ଜଙ୍ଗଲ ସୁରକ୍ଷା କମିଟି ଓ ବନ ସୁରକ୍ଷା ସମିତିଗୁଡ଼ିକରେ ଜନଜାତି ମହିଳାଙ୍କୁ ଅଗ୍ରାଧିକାର ଦିଆଯିବା ଉଚିତ। ଜୈବ ବିକାଶ କାର୍ଯକ୍ରମ ମାଧ୍ୟମରେ ଜନଜାତିଙ୍କ ବିକଳ୍ପ ଜୀବିକା ସନ୍ଧାନ କରି ଜଙ୍ଗଲ ଉପରେ ମାନବିକ ଚାପକୁ ହ୍ରାସ କରାଯାଇ ପାରିବ। ସ୍ଥାନୀୟ ଅଧିବାସୀଙ୍କ ସହଯୋଗ ବିନା ଶିମିଳିପାଳର ସୁରକ୍ଷା ଚିନ୍ତା କରିବା ଅସମ୍ଭବ। ସେମାନଙ୍କ ପାରମ୍ପରିକ ଜ୍ଞାନକୌଶଳ, ପରିବେଶ ଅନୁକୂଳ କୃଷି ପଦ୍ଧତି ଏବଂ ବୃକ୍ଷ, ପଶୁପକ୍ଷୀ ଓ ଜଙ୍ଗଲ ପ୍ରତି ସମ୍ମାନବୋଧ ସେମାନଙ୍କୁ ଶିମିଳିପାଳର ମୂଳ ସିପାହୀ ରୂପେ ପ୍ରମାଣିତ କରେ। ତେଣୁ ଶିମିଳିପାଳ ସୁରକ୍ଷାରେ ଜନଜାତିଙ୍କୁ ଜ୍ଞାନ ସହଯୋଗୀ ରୂପେ ନେଇ, ସଶକ୍ତୀକରଣ କରି, ସେମାନଙ୍କ ଜୀବନ ଓ ଜୀବିକାକୁ ନିଶ୍ଚିତ କରିବା ସହ ମନୁଷ୍ୟର ଆବଶ୍ୟକତା ଓ ପରିବେଶ ସୁରକ୍ଷା ପ୍ରତି ଧ୍ୟାନ ଦେଲେ ଆହୁରି ଶିମିଳିପାଳ ଚିରସବୁଜ ଓ ସୁନ୍ଦର ହୋଇ ରହିଥିବ।

ତହସିଲଦାର, ବାଂଗିରିପୋଷି
ମୋ: ୯୪୩୮୫୧୦୭୯୩

# ସାଇବର ଠକେଇର ନୂଆରୂପ: ପିଗ ବୁଚରିଙ୍ଗ

**ଡ.ଉଷାରାଣୀ ଦାଶ**

ବିଜ୍ଞାନ ନିଜର କରାମତିରେ ଯେତେ ଜୋରରେ ଦୌଡ଼ି ଚାଲିଛି, ସାଇବର ଠକେଇ ଜନସାଧାରଣଙ୍କୁ ନୂଆ ନୂଆ ରୂପରେ ସେତିକି ଶିକାର କରିଚାଲିଛି। ଏହାର ସଦ୍ୟତମ ରୂପ ହେଉଛି 'ପିଗ ବୁଚରିଙ୍ଗ'। ସାଧାରଣ ଅର୍ଥରେ ବୁଝିବାକୁ ହେଲେ ଗୋଟିଏ ଘୁଷୁରୀକୁ ପ୍ରଥମେ ଖୁଆଇ ପିଆଇ ହୃଷ୍ଟପୁଷ୍ଟ କରାଯାଏ। ତା'ପରେ ତା'କୁ ହତ୍ୟା କରି ମାଂସ ବିକ୍ରି କରି ପ୍ରଚୁର ଲାଭ କରାଯାଏ। ୨୦୧୬ ମସିହାରେ ଏହି ଠକେଇର ପରିକଳ୍ପନା ଚୀନରୁ ଆରମ୍ଭ ହୋଇଥିବା ଅନୁମାନ କରାଯାଏ।

ସାଧାରଣତଃ, ସାଇବରଠକମାନେ ବେକାର ଯୁବକଯୁବତୀ, ଛାତ୍ରଛାତ୍ରୀ, ଗୃହିଣୀ ଓ ହତାଶ ବର୍ଗଙ୍କୁ ଶିକାର କରିଥା'ନ୍ତି। କମ ଅର୍ଥ ବିନିଯୋଗ କରି ଅଳ୍ପସମୟରେ ଅଧିକ ଅର୍ଥ ରୋଜଗାର କରିବାର ପ୍ରଲୋଭନ ଦେଖାଇଥା'ନ୍ତି। ସେଥିପାଇଁ ଅଜଣା ଫୋନ ନମ୍ବରରୁ ବାରମ୍ବାର କଲ୍ ଓ ମେସେଜ୍ ଦେଇଥା'ନ୍ତି। ବିଶେଷକରି ସରଳବିଶ୍ୱାସୀମାନଙ୍କ ସହିତ ସେମାନେ ବନ୍ଧୁତାସ୍ଥାପନ କରନ୍ତି ଏବଂ ତା'ପରେ ସେମାନଙ୍କୁ କ୍ରିପ୍ଟୋକରେନ୍ସି କିମ୍ବା ଅନ୍ୟ କୌଣସି ଲାଭଦାୟକ ଯୋଜନାରେ ଅନଲାଇନ ମାଧ୍ୟମରେ ନିବେଶ କରିବାକୁ ପ୍ରବର୍ତ୍ତାଇ ଥା'ନ୍ତି। ହିତାକାଂକ୍ଷୀ ହେବାର ପ୍ରମାଣ ଦେବା ପାଇଁ ବିନିଯୋଗ କରିଥିବା ଟଙ୍କାରେ ଲାଭ ଦେଖାଇ ଲାଭଟଙ୍କାକୁ ଶୀଘ୍ର ଉଠାଇ ନେବାକୁ ପ୍ରବର୍ତ୍ତାଇଥା'ନ୍ତି। ଏହାଫଳରେ ବିନିଯୋଗକାରୀ ଉତ୍ସାହିତ ହୋଇପଡ଼େ ଏବଂ ପରବର୍ତ୍ତୀ ସମୟରେ ଅଧିକ ଟଙ୍କା ବିନିଯୋଗ କରେ। ଏହି ପ୍ରକ୍ରିୟାରେ ସେ ଶେଷରେ ସର୍ବସ୍ୱାନ୍ତ ହୋଇଯାଏ।

ପିଗ ବୁଚରିଙ୍ଗ ଠକେଇରେ ଲିପ୍ତ ସାଇବର ଅପରାଧୀମାନେ ଭାରତରେ ଗୁଗୁଲ୍, ଫେସବୁକ୍, ଭଳି ଅନ୍ୟାନ୍ୟ ବଡ଼ ବଡ ଟେକ୍ ଓ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ହାଇପରଲିଙ୍କ୍ ସୃଷ୍ଟି କରନ୍ତି ଏବଂ ସେଗୁଡିକୁ ବ୍ୟବହାର ପାଇଁ ନିଜ ଦ୍ୱାରା ଫାସରେ ପଡ଼ିଥିବା ଗ୍ରାହକଙ୍କୁ ବାଧ୍ୟକରନ୍ତି। ପରବର୍ତ୍ତୀ ସମୟରେ ପରିସ୍ଥିତି ଏପରି ହୋଇଥାଏ ଯେ ଠକେଇର ଶିକାର ହୋଇଥିବା ବ୍ୟକ୍ତି ନିଜର ସ୍ୱଅର୍ଜିତ ଅର୍ଥ ହରାଇବା ସହିତ ଅପରାଧଚକ୍ରରେ ଏକ ଅଂଶ ହେବାକୁ ବାଧ୍ୟ ହୋଇଥା'ନ୍ତି। ଏହା ସେମାନଙ୍କୁ ଏକପ୍ରକାର ସାଇବର ଦାସତ୍ୱ ସ୍ୱୀକାର କରିବାକୁ ବାଧ୍ୟ କରିଥାଏ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ନିକଟରେ ପ୍ରକାଶିତ ବାର୍ଷିକ ରିପୋର୍ଟରେ ଏଭଳି ଅପରାଧକୁ ଚିହ୍ନଟ କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଅଧିକାରୀଙ୍କ ସୂଚନା ଅନୁସାରେ, 'ପିଗ୍ ବୁଚରିଂ ସ୍କାମ୍' ଏକ ବିଶ୍ୱବ୍ୟାପୀ ଘଟଣା, ଯେଉଁଥିରେ ବଡ଼ ପରିମାଣର ମନିଲଣ୍ଡରିଂ ଓ ସାଇବର ସ୍କାମ୍ ଜଡ଼ିତ ରହିଛି। ୨୦୨୪ ମସିହାରେ କ୍ରିପ୍ଟୋ ଠକେଇ ୯.୯ ବିଲିୟନ ଆମେରିକୀୟ ଡଲାର ହୋଇଥିବା ବେଳେ ପିଗ ବୁଚରିଙ୍ଗ ଠକେଇର ଅଂଶ ଥିଲା ୫୦.୨%। ଏପରିକି ପିଗ ବୁଚରିଙ୍ଗ ଠକେଇ ବାର୍ଷିକ ୪୦% ହାରରେ ବୃଦ୍ଧି ପାଇଥିବା ଜଣାପଡ଼ିଛି। ଅକ୍ଟୋବର ୨୦୨୩ରେ ଡେଟିଂ ଆପ୍ ବ୍ୟବହାର କରୁଥିବା ୧୨% ଆମେରିକୀୟ ଏହି ଠକେଇର ସମ୍ମୁଖୀନ ହୋଇଥିଲେ। 'ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ୍' ଅନୁଯାୟୀ, ୨୦୧୬ରେ ଚୀନରୁ ଆରମ୍ଭ ହୋଇଥିବା ଏହି ଠକେଇ ପାଇଁ ଦକ୍ଷିଣ-ପୂର୍ବ ଏସିଆ ହଟସ୍ପଟ ପାଲଟିଛି। କାମ୍ବୋଡିଆ, ଲାଓସ ଓ ମିଆଁମାରରେ ଗ୍ୟାଙ୍ଗମାନେ ଏକ ସଂସ୍ଥା ଗଠନ କରିଛନ୍ତି। ଏହି ସଂସ୍ଥାରେ ଚାଲାଣର ଶିକାର ହୋଇଥିବା ମଣିଷମାନଙ୍କୁ ବ୍ୟବହାର କରାଯାଏ।

ପିଗ ବୁଚରିଙ୍ଗ ପରି ଉନ୍ନତ ସାଇବର ଠକେଇରୁ ସୁରକ୍ଷା ପାଇବା ନିମିତ୍ତ ନିମ୍ନୋକ୍ତ ମାର୍ଗକୁ ଗ୍ରହଣ କରାଯାଇପାରେ। ଡେଟିଂ ୱେବସାଇଟ୍ କିମ୍ବା ସାମାଜିକ ଗଣମାଧ୍ୟମରେ ଆପଣ ଯେଉଁ ଲୋକମାନଙ୍କୁ ଭେଟିବେ ଏବଂ ଯେଉଁମାନେ ଆପଣଙ୍କୁ ଅନାବଶ୍ୟକ ଆର୍ଥିକ, ନିବେଶ କିମ୍ବା କ୍ରିପ୍ଟୋକରେନ୍ସିରେ ନିବେଶ ପରାମର୍ଶ ଦେବେ ସେମାନଙ୍କ ପ୍ରତି ସତର୍କ ରୁହନ୍ତୁ ଏବଂ ସେମାନଙ୍କ ଫୋନନମ୍ବରକୁ ବ୍ଲକ କରିଦିଅନ୍ତୁ। କଲ୍, ମେସେଜ୍, ଇମେଲ୍, ସୋସିଆଲ ମିଡିଆ କିମ୍ବା ବ୍ୟକ୍ତିଗତ ପ୍ରଦାନ କରାଯାଇଥିବା ଅନାବଶ୍ୟକ ନିବେଶ ସୁଯୋଗ ବିଷୟରେ ସତର୍କ ରୁହନ୍ତୁ। ସର୍ବଦା ଏପରି ଯୋଜନାଗୁଡ଼ିକର ବୈଧତା ଉପରେ ପ୍ରଶ୍ନ ଉଠାନ୍ତୁ, ଯାହା ଶୁଣିବା ପାଇଁ ବହୁତ ଭଲ ଲାଗେ। ବିଶେଷକରି କମ୍ ନିବେଶରେ ଉଚ୍ଚ ଲାଭାଂଶ ଦେୟ ସମ୍ପର୍କିତ ଯୋଜନାଗୁଡ଼ିକର ବିଜ୍ଞାପନ ପ୍ରତି ସତର୍କ ରୁହନ୍ତୁ। ଆପଣଙ୍କୁ କ୍ରିପ୍ଟୋକରେନ୍ସି ଟ୍ରେଡିଂ ପ୍ଲାଟଫର୍ମରେ ଏକ ଆକାଉଣ୍ଟ ଖୋଲିବାକୁ ଏବଂ କ୍ରିପ୍ଟୋକରେନ୍ସି ପ୍ରକଳ୍ପରେ ନିବେଶ କରିବା ପାଇଁ ଆପଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ପାଣ୍ଠି ସ୍ଥାନାନ୍ତର କରିବାକୁ ଯଦି ଉତ୍ସାହିତ କରାଯାଏ, ସେମାନଙ୍କୁ କେବେ ବି ବ୍ୟକ୍ତିଗତ ଆର୍ଥିକ ସୂଚନା ପ୍ରଦାନ କରନ୍ତୁନାହିଁ। ଆପଣଙ୍କୁ ସମ୍ବେଦନଶୀଳ ସୂଚନା, ଯେପରିକି ଆପଣଙ୍କର ଆଧାର ବା ପ୍ୟାନ ନମ୍ବର କିମ୍ବା ବ୍ୟାଙ୍କ ଆକାଉଣ୍ଟ ବିବରଣୀ କେହି ମାଗୁଛନ୍ତି, ଆପଣଙ୍କୁ ନିବେଶ କରିବାକୁ ବାଧ୍ୟ କରିବା ପାଇଁ ଚାପ ପ୍ରୟୋଗ କରୁଛନ୍ତି କିମ୍ବା ଆପଣଙ୍କୁ ବ୍ୟକ୍ତିଗତ ଦସ୍ତାବିଜ ପ୍ରଦାନ କରିବାକୁ କିମ୍ବା ଦେୟ ଦେବାକୁ ହେବ ବୋଲି ନିର୍ଦ୍ଦେଶ ଦେଉଛନ୍ତି ସେମାନଙ୍କ ସହିତ ତୁରନ୍ତ ସମ୍ପର୍କ ଛିନ୍ନ କରନ୍ତୁ। କୌଣସି ପ୍ରସ୍ତାବିତ ନିବେଶ, ନିବେଶ ଫାର୍ମ କିମ୍ବା ନିଜକୁ ଏକ ଦଲାଲ ବା ପ୍ରତିନିଧିତ୍ୱ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ଦେବା କିମ୍ବା ଅଭିଯୋଗ କରିବା ପାଇଁ ନିୟାମକ କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରନ୍ତୁ। କୌଣସି ନିର୍ଦ୍ଦିଷ୍ଟ ନିବେଶ କିମ୍ବା କ୍ରିପ୍ଟୋକରେନ୍ସି ପ୍ରକଳ୍ପଗୁଡ଼ିକୁ ଚିହ୍ନଟ କରିବା ପାଇଁ ଇଣ୍ଟରନେଟ୍ ସର୍ଚ୍ଚ ଇଞ୍ଜିନ୍ ମାଧ୍ୟମରେ ସନ୍ଧାନ କରନ୍ତୁ। କୌଣସି ପ୍ରସ୍ତାବିତ ନିବେଶ ପାଇଁ ଆର୍ଥିକ ବିବରଣୀ, ବାର୍ଷିକ ରିପୋର୍ଟ କିମ୍ବା ଅଡିଟ୍ ଫଳାଫଳ ସମୀକ୍ଷା କରନ୍ତୁ। ଠକେଇର ଶିକାର ହେଲେ ତୁରନ୍ତ ସେ ସମ୍ପର୍କରେ ସ୍ଥାନୀୟ ଆଇନ ପ୍ରବର୍ତ୍ତନ ସଂସ୍ଥାକୁ ଜଣାନ୍ତୁ।

ମୋଟାମୋଟି କହିବାକୁ ଗଲେ ସହଜରେ ଟଙ୍କା ପାଇବାର ଲୋଭ ଠିକ ହୋଇ ନ ଥାଏ। ତେଣୁ ଅଯଥାରେ ଅନଲାଇନରେ କୌଣସି ଲାଭଜନକ ବ୍ୟବସାୟ ପାଇଁ କୌଣସି ଫୋନ ବା ମେଲ ବା ମ୍ୟାସେଜ ଆସିଲେ ତା'ଠାରୁ ଦୂରେଇ ରହିବା ବୁଦ୍ଧିମାନର କାର୍ଯ୍ୟ ହୋଇଥାଏ। ଏପରି କେତୋଟି ଛୋଟ ଛୋଟ କଥାକୁ ଧ୍ୟାନ ଦେଲେ ହୁଏତ ଆମେ ଘୁଷୁରୀ ଆଖ୍ୟା ପାଇବା ନାହିଁ କିମ୍ବା ପିଗ ବୁଚରିଙ୍ଗ ଠକେଇର ଶିକାର ହେବା ନାହିଁ।

(ଏମ୍ସ) ଭୁବନେଶ୍ୱର, ମୋ: ୯୪୩୮୧୩୩୬୧୨

# ଆଧ୍ୟାତ୍ମିକ ଓ ବୈଜ୍ଞାନିକ ଦୃଷ୍ଟିରେ ଗୋମୂତ୍ର

**ବେଦ-ବିଜ୍ଞାନ**

**ଓଜସ୍ୱିନୀ**

ଗୋମାତାଙ୍କ ଶରୀରରେ ୩୩କୋଟି ଦେବାଦେବୀ ବାସ କରନ୍ତି ବୋଲି ହିନ୍ଦୁଧର୍ମରେ ବିଶ୍ୱାସ ରହିଛି। ତେଣୁ ଗୋମାତାଙ୍କଠାରୁ ପ୍ରାପ୍ତ ୫ଟି ଦ୍ରବ୍ୟ - କ୍ଷୀର, ଦହି, ଘିଅ, ଗୋମୂତ୍ର ଓ ଗୋବରର ସମ୍ମିଶ୍ରଣ 'ପଞ୍ଚଗବ୍ୟ'କୁ ପୂଜାରେ ବ୍ୟବହାର କରାଯାଏ। ଏହା ମଙ୍ଗଳମୟ। ବାସ୍ତୁଶାସ୍ତ୍ରରେ ନକାରାତ୍ମକ ଶକ୍ତି ଦୂର କରିବା ପାଇଁ ପ୍ରତିଦିନ ବ୍ରାହ୍ମମୁହୂର୍ତ୍ତରେ ଗୋମୂତ୍ର ଓ ଗୋବର ପାଣିକୁ ଘର ଅଗଣାରେ ସିଞ୍ଚନ କରିବାକୁ ଉପଦେଶ ଦିଆଯାଇଛି। କୌଣସି ବିଶେଷ ପୂଜା, ଯଜ୍ଞାନୁଷ୍ଠାନ ଓ ବିବାହବ୍ରତରେ ମଧ୍ୟ ପୂଜାସ୍ଥଳକୁ ଗୋବରରେ ଲିପାପୋଛା କରିବା ସହ ଗୋମୂତ୍ର ସିଞ୍ଚନ କରିବାର ପରମ୍ପରା ରହିଛି। ସମୁଦ୍ର ମନ୍ଥନରୁ ଗୋମାତା କାମଧେନୁ ଆବିର୍ଭୂତା ହୋଇଥିବାରୁ ସମ୍ପୂର୍ଣ୍ଣ ଗୋଧନ ଅତ୍ୟନ୍ତ ପବିତ୍ର।

ଏସବୁ ଆଧ୍ୟାତ୍ମିକ କାରଣ ସହିତ ଗୋମୂତ୍ର ବ୍ୟବହାରର ବୈଜ୍ଞାନିକ କାରଣ ମଧ୍ୟ ଅଛି। ଗୋମୂତ୍ରରେ ନାଇଟ୍ରୋଜେନ୍, ସଲଫର୍, ଆମୋନିଆ, ତମ୍ବା, ଲୁହା ଉପାଦାନ, ୟୁରିକ୍ ଏସିଡ୍, ୟୁରିଆ, ଫସଫେଟ୍, ସୋଡିୟମ୍, ପୋଟାସିୟମ୍, ମାଙ୍ଗାନିଜ୍, କାର୍ବୋଲିକ୍ ଏସିଡ୍, କ୍ୟାଲସିୟମ୍, ଲୁଣ, ଭିଟାମିନ୍ ବି, ଏ, ଡି, ଇ, ଏନଜାଇମ୍, ଲାକ୍ଟୋଜ୍, ହିପୁରିକ୍ ଏସିଡ୍, କ୍ରିଆଟିନିନ, ଆରିମ ହାଇଡ୍ରକ୍ସାଇଡ୍ ରହିଛି। ୟୁରିଆ ହେଉଛି ଜୀବାଣୁନାଶକ। ପୋଟାସିୟମ୍ ହେଉଛି କ୍ଷୁଧାବର୍ଦ୍ଧକ ଓ ରକ୍ତଚାପ ନିୟନ୍ତ୍ରକ। ସୋଡିୟମ୍ ସ୍ନାୟୁ ଶକ୍ତି ବୃଦ୍ଧି କରେ। ମ୍ୟାଗ୍ନେସିୟମ୍ ଓ କ୍ୟାଲସିୟମ୍ ହୃଦ୍‌ରୋଗ ନିରାକରଣ ପାଇଁ ଲାଭଦାୟକ। ତେଣୁ ପୂଜାସ୍ଥଳରେ ଗୋମୂତ୍ରର ସିଞ୍ଚନ କରିବା ଦ୍ୱାରା ବାୟୁ ମଣ୍ଡଳରେ ଥିବା ଜୀବାଣୁ ନଷ୍ଟ ହୋଇଥା'ନ୍ତି। ଏହାବ୍ୟତୀତ ଗୋମୂତ୍ରରେ ଥିବା ପ୍ରାକୃତିକ ତତ୍ତ୍ୱଗୁଡ଼ିକ ପ୍ରଶ୍ୱାସ ଦ୍ୱାରା ଶରୀର ଭିତରକୁ ଯିବା ଦ୍ୱାରା ଶରୀର କୀଟାଣୁ ଓ ଅନିଷ୍ଟକାରୀ ଜୀବାଣୁମୁକ୍ତ ହୁଏ। ଏହା ସହିତ ପୂଜାସ୍ଥଳ ବିଶୁଦ୍ଧ ହୋଇଥାଏ।

ଆୟୁର୍ବେଦରେ ମଧ୍ୟ ଗୋମୂତ୍ରର ଅନେକ ମହତ୍ତ୍ୱ ରହିଛି। ଅଧୁନା ଅନେକ ଆଣ୍ଟିବାଓଟିକ୍ ଔଷଧ ବ୍ୟାକ୍ଟେରିଆ ରେଜିଷ୍ଟାଣ୍ଟ ବା ବୀଜାଣୁ ସହନଶୀଳ ହୋଇସାରିବା ବା ଜୀବାଣୁ, ଭୂତାଣୁ ଓ କୀଟାଣୁମାନଙ୍କୁ ବିନାଶ କରିବାରେ ପ୍ରଭାବହୀନ ସାବ୍ୟସ୍ତ ହେଉଥିବା ବେଳେ ଗୋମୂତ୍ର ଏକମାତ୍ର ଉପାଦାନ ଯାହା ସଦାସର୍ବଦା ବୀଜାଣୁନାଶକ ଭାବେ ପ୍ରଭାବଶାଳୀ ରହିଛି ଏବଂ ତାହାର ଔଷଧୀୟ ଗୁଣ ଏ ପର୍ଯ୍ୟନ୍ତ ଅକ୍ଷୁଣ୍ଣ ରହିଛି। ଏପରିକି ବର୍ତ୍ତମାନର ଦ୍ରୁତ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଯୋଗୁଁ ଡିଏନ୍‌ଏ ପ୍ରତି ଯେଉଁ ବିପଦ ଆଶଙ୍କା ଦେଖାଦେଇଛି ତାହାକୁ ମଧ୍ୟ ଗୋମୂତ୍ର ପ୍ରତିହତ କରିବାର କ୍ଷମତା ରଖିଛି। ଋଗବେଦ୍ ସମେତ ସୁଶ୍ରୁତ ସଂହିତା, ଚରକ ସଂହିତା, ଅଷ୍ଟାଙ୍ଗ ସଂଗ୍ରହ, ଭବ ପ୍ରକାଶ ନିଘଣ୍ଟୁ ଆଦିରେ ଗୋମୂତ୍ରର ଔଷଧୀୟ ଗୁଣ ଓ ଉପଯୋଗ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି। ବିଶେଷକରି ଶରୀରର ଓଜନ ହ୍ରାସ, ବିଭିନ୍ନ ହୃଦ୍‌ରୋଗ, ଅଜୀର୍ଣ୍ଣ, ପେଟରୋଗ, ହଇଜା, କାମଳ, ରକ୍ତହୀନତା, ମୂତ୍ରଦୋଷ, ଜ୍ୱର, କର୍କଟ, ଗଳାରୋଗ, ଆଜ୍‌ମା, ସଂଜ୍ଞାହୀନତା, ଇତ୍ୟାଦିର ଉପଚାର ପାଇଁ ଗୋମୂତ୍ର ବିଶେଷ ଉପଯୋଗୀ। ଗୋମୂତ୍ରରେ ୯୫% ଜଳ ସହିତ ୨.୫% ୟୁରିଆ, ୨୪ ପ୍ରକାରର ଲବଣ, ଖଣିଜ, ହରମୋନ୍, ୨.୫% ଏନ୍‌ଜାଇମ୍, କ୍ୟାଲସିୟମ, ଲୌହ, ଭରପୂର ରହିଥିବାରୁ ଶରୀରର ମେଟାବୋଲିଜିମ୍ ପ୍ରକ୍ରିୟାକୁ ସନ୍ତୁଳିତ ରଖିବାରେ ସହାୟତା କରେ। ଆମେରିକାର ଡେଓଲାପାର ଆଣ୍ଡ ଦ ନ୍ୟାଶ୍‌ନାଲ୍ ଏନ୍‌ଭାର୍ୟନମେଣ୍ଟାଲ୍ ଇଞ୍ଜିନିୟରିଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ୨୦୧୦ରେ ଗୋମୂତ୍ରରୁ ପ୍ରସ୍ତୁତ ଔଷଧକୁ ସ୍ୱତ୍ତ୍ୱାଧିକାର ପ୍ରାପ୍ତ କରିଛି।

କେବଳ ମଣିଷ ଶରୀରରେ ନୁହେଁ, ଫସଲ ବା ବୃକ୍ଷଲତାରେ ରୋଗପୋକ ବିନାଶକାରୀ ଭାବେ ଗୋମୂତ୍ରକୁ ବ୍ୟବହାର କରାଯାଉଛି। ତେଣୁ ଜୈବିକ କୃଷିରେ ଗୋମୂତ୍ରର ବ୍ୟବହାର ଉପରେ ଅନେକ କୃଷି ଗବେଷଣା ସଂସ୍ଥା ଗୁରୁତ୍ୱାରୋପ କରୁଛନ୍ତି।

ମୋ:୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରବାଦ ପୁରୁଷଙ୍କୁ ବିଜେପିର ଅସମ୍ମାନ ପ୍ରତିବାଦରେ ବ୍ଲକ୍ ଓ ପୌରପାଳିକା କାର୍ଯ୍ୟାଳୟ ସମ୍ମୁଖରେ ବିଜେଡିର ଧାରଣା

# 'ବିଜୁବାବୁଙ୍କ ପ୍ରତି ଅସମ୍ମାନକୁ ସହ୍ୟ କରିବେନି ସ୍ୱାଭିମାନୀ ଓଡ଼ିଆ'


ବରୀ


ଧର୍ମଶାଳା




ବଡ଼ଚଣା


ରଗଡ଼ି/କୋରେଇ


ଦଶରଥପୁର


କୁଆଖିଆ

ଯାଜପୁର, ୬ ।୩(ସମିସ)

ଓଡ଼ିଶାର ବରପୁତ୍ର ବିଜୁ ପଟ୍ଟନାୟକ ଓଡ଼ିଶାର ସ୍ୱାଭିମାନ ଓ ଅସ୍ମିତା ପ୍ରତୀକ। ସେହି ବିଜୁବାବୁଙ୍କ ସମୟର ଓଡ଼ିଶାକୁ ସମଗ୍ର ଦେଶରେ ସ୍ୱତନ୍ତ୍ର ପରିଚୟ ମିଳିଥିଲା। ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ ଓ ମହିଳାଙ୍କୁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା ଲାଗୁ କରି ମହିଳାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିଥିଲେ। ବିଜୁବାବୁଙ୍କ ଅନେକ କୀର୍ତ୍ତି ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କ ମନରେ ସ୍ୱତନ୍ତ୍ର ଛାପ ରହିଛି। ସେଥିପାଇଁ ବିଜୁବାବୁଙ୍କ ଭଳି ଜାତୀୟ ସ୍ତରର ନେତାଙ୍କୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ କରାଯାଇଥିଲା। କିନ୍ତୁ ଏବର ବିଜେପି ସରକାର ବିଜୁବାବୁଙ୍କ ଜନ୍ମଦିନକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ନ କରି ଓଡ଼ିଶାର କୋଟି କୋଟି ଓଡ଼ିଆଙ୍କ ଭାବାବେଗକୁ ଆଘାତ ଦେଇଛନ୍ତି ଓ ବିଜୁବାବୁଙ୍କୁ ଅପମାନିତ କରିଛନ୍ତି। ଯେଉଁ ସରକାର ଓଡ଼ିଆ ଅସ୍ମିତାର ଆଖ୍ୟା ଦେଇ କ୍ଷମତାକୁ ଆସିଲା, ସେହି ସରକାର ଏବେ ଓଡ଼ିଆ ଅସ୍ମିତାକୁ ଧ୍ୱଂସ କରିବା ଦଳର ଦୋମୁହାଁ ନୀତିକୁ ପଦାରେ ପକାଇଛି। ଏହାକୁ କୋଟି କୋଟି ସ୍ୱାଭିମାନୀ ଓଡ଼ିଆ କେବେ ବି ବରଦାସ୍ତ କରିବେ ନାହିଁ ବୋଲି ଆଜି ବିଜେଡି ପକ୍ଷରୁ ଚେତାବନୀ ଦିଆଯାଇଛି। ଯାଜପୁର ଜିଲ୍ଲାର ୧୦ଟି ବ୍ଲକ ଓ ୨ଟି ପୌରପାଳିକା ସମ୍ମୁଖରେ ବିଜୁ ଜନତା ଦଳର କର୍ମୀ ବିଜେପି ସରକାର ବିରୋଧରେ ଧାରଣା ଦେବା ସହିତ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରାଯାଇଛି। ଯାଜପୁର ବ୍ଲକ ସମ୍ମୁଖରେ ବ୍ଲକ ସଭାପତି ପରେଶ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ବିଜେଡି ନେତା ଭବପ୍ରସାଦ ଦାସ, ଗଣେଶ ମହାକୁଡ, ସୁଜିତ ରାୟଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ହୋଇ ବିଜେପି ସରକାର ବିରୋଧରେ ନାରାବାଜି କରିଥିଲେ। ସେହିପରି ଯାଜପୁର ପୌରପାଳିକା ସମ୍ମୁଖରେ ନଗର ବିଜେଡି ସଭାପତି ମନୋଜ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଧାରଣରେ ଯାଜପୁର ପୌରପାଳିକା ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ସମସ୍ତ ପାରିଷଦ ସାମିଲ ହୋଇ ବିଜେପି ସରକାର ବିରୋଧରେ ନାରା ଦେଇଥିଲେ। ଏ ଅବସରରେ ବିଜେଡି କର୍ମୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବୀପତ୍ର ବିଡିଓଙ୍କୁ ପ୍ରଦାନ କରିଥିଲେ।



**ବ୍ୟାସନଗର:** ବିଜୁବାବୁଙ୍କ ପ୍ରତି ରାଜ୍ୟ ସରକାରଙ୍କ ଅସହିଷ୍ଣୁତା ପ୍ରତିବାଦରେ ଗୁରୁବାର ବ୍ୟାସନଗର ବିଜେଡି ପକ୍ଷରୁ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଗଣଧାରଣା ଦିଆଯାଇଛି। ବିଜେଡି ନେତା ବଳଭଦ୍ର ଦାସ, ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ଇନ୍ଦିରା ପ୍ରିୟଦର୍ଶନୀ ମହାନ୍ତି, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ରାଉତ, ଭରତ ବେହେରା, ତପସ୍ୱିନୀ ଶତପଥୀ, ସରିତା ଜେନା, ବିଜୟ ଜେନା, ପାର୍ଥସାରଥୀ ନାୟକ, ମୋନାଲିସା ସାହୁ, ଅମୂଲ୍ୟ ନାୟକ, ବ୍ୟାସନଗର ବିଜେଡି ସମ୍ପାଦକ ମହେଶ ଧଳ, ଶିବାନନ୍ଦ ନାୟକ, ମନୋଜ ପରିଡ଼ା, ବିଶ୍ୱନାଥ ସେଠୀ, ସନ୍ତୋଷ ବରାଳ, ଯାଜପୁରରୋଡ୍ ବଣିକ ସଂଘ ସମ୍ପାଦକ ସଦାଶିବ ଦାଶ, ଅଶୋକ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

**ଧର୍ମଶାଳା:** ବିଜେପି ସରକାରର ବିଜୁବାବୁଙ୍କୁ ଅସମ୍ମାନ ପ୍ରତିବାଦରେ ଧର୍ମଶାଳା ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସମ୍ମୁଖରେ ପ୍ରତିବାଦ କରାଯାଇଛି। ଏହି ପ୍ରତିବାଦ ସଭାରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି, ରସୁଲପୁର ବ୍ଲକ ସଭାପତି ଲୋକନାଥ ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ନରେଶ ମହାନ୍ତି, ଡ. ପ୍ରିୟନାଥ ମହାପାତ୍ର, ଦୁଃଶାସନ ସାହୁ, ଉତ୍କଳମଣି ଦାସ, ରାଜକିଶୋର ମହାନ୍ତି, ଅମରେନ୍ଦ୍ର ରାୟ, ଯୁବ ସଭାପତି କ୍ଷିତୀଶ ନାୟକ, ଛାତ୍ର ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଛାତ୍ର ବ୍ଲକ ସଭାପତି ଜଗଦାନନ୍ଦ ରାଉତ, ଜିଲ୍ଲା ପରିଷଦ ସଭ୍ୟ ସୁଧାଂଶୁ ସାହୁ, ଚକ୍ରଧର ବେହେରା, ପ୍ରସନ୍ନ ରାଉତ, କାର୍ତ୍ତିକ ମଲ୍ଲିକ, ମମତା ଦଣ୍ଡପାଟଙ୍କ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପ୍ରତିବାଦ କରିଥିଲେ।

**ବରୀ:** ବିଜୁବାବୁଙ୍କ ଅସମ୍ମାନ ପ୍ରତିବାଦରେ ବରୀ ବିଜେଡି ପକ୍ଷରୁ ବିରୋଧ କରାଯାଇଛି। ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କ ଆହ୍ୱାନରେ ବରୀ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ଉପାଧ୍ୟକ୍ଷା ଅର୍ଚ୍ଚନା ମଲିକ, ଜିଲ୍ଲା ପରିଷଦ ସଭ୍ୟ ଦିଲ୍ଲୀପ ମହାନ୍ତି, ଅଶୋକ ସାମଲ, ସନ୍ତୋଷ ସାମଲ, ବ୍ଲକ ବିଜେଡି ସଭାପତି କେଦାର ସାମଲଙ୍କ ସମେତ ଅନ୍ୟାନ୍ୟ ସରପଞ୍ଚ, ସମିତି ସଭ୍ୟ ମିଶି ବ୍ଲକରେ ଏହି ଘଟଣାକୁ ବିରୋଧ କରିବା ସହିତ ବିଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ବିଜୁବାବୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତି ଆଣିଥିବାରୁ ତାଙ୍କ ଜନ୍ମ ଜୟନ୍ତୀରେ ଏହି ଦିବସ ପାଳନ କରିବାକୁ ବିଜେଡି ଦାବି ରଖିଛି।

**ଦଶରଥପୁର:** ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ପ୍ରତିବାଦ କରି ଦଶରଥପୁର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦଶରଥପୁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ପ୍ରତିବାଦ ସଭାରେ ଜିଲ୍ଲା ବିଜେଡି ସଭାପତି ସଭାପତିତ୍ୱ କରିଥିଲେ। ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ, ପ୍ରଦୀପ ମହାନ୍ତି, ବ୍ଲକ ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ, ଉପାଧ୍ୟକ୍ଷା ଝିଲି ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ମନସ୍ୱିନୀ ଦାସ, ମାମିନା ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବିଧାୟିକା ଶ୍ରୀମତୀ ସାହୁ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ଦୁର୍ଭାଗ୍ୟଜନକ ବୋଲି କହିବା ସହିତ ପଞ୍ଚାୟତିରାଜ ଦିବସ ତାରିଖ ପରିବର୍ତ୍ତନ ରାଜ୍ୟବାସୀଙ୍କୁ ଆଘାତ ଦେଇଛି ବୋଲି କହିଥିଲେ। ସରକାରଙ୍କ ସଂକୀର୍ଣ୍ଣ ମନୋଭାବର ଏହା ନିକୃଷ୍ଟ ଉଦାହରଣ ବୋଲି ବରିଷ୍ଠ ବିଜେଡି ନେତା କର୍ଣ୍ଣାଟକେଶରୀ ଦାସ ମତବ୍ୟକ୍ତ କରିବା ସହ ବିଜୁବାବୁଙ୍କୁ ରାଜ୍ୟ ସରକାର ଯେତେ ଚେଷ୍ଟା କଲେ ମଧ୍ୟ ଓଡ଼ିଶାବାସୀଙ୍କ ହୃଦୟରୁ ଦୂରେଇ ପାରିବେ ନାହିଁ ବୋଲି କହିଥିଲେ। ଏହି ପ୍ରତିବାଦ ସଭାରେ ଚମ୍ପେଇପାଳ ସରପଞ୍ଚ ହିମାଂଶୁ ନାୟକ, ଚିତାଳୋ ସରପଞ୍ଚ ବିଜୟଲକ୍ଷ୍ମୀ ଶତପଥୀ, ପୂର୍ବତନ ସରପଞ୍ଚ ସୀତାକାନ୍ତ ଶତପଥୀ, କୁଞ୍ଜବିହାରୀ ଦାସ, ନିରାକାର ସାହୁ, ଅମୀୟ ଜେନା, ଏସ୍‌କେ ନାଦର, ଜ୍ୟୋତିରଞ୍ଜନ ପରିଡ଼ା, ଧିରେନ୍ଦ୍ର ମଲ୍ଲିକ, ଭାଗୀରଥି ସାହୁ, ମନୋଜ ରାଉତ, ପ୍ରଦୀପ ଯେନା ଆନନ୍ଦ ମହଲ ପ୍ରମୁଖ ଉପସ୍ଥିତ ଥିଲେ।

**ବଡ଼ଚଣା:** ବିଜୁବାବୁଙ୍କୁ ଅସମ୍ମାନ କରିବା ପ୍ରତିବାଦରେ ଆଜି ବଡ଼ଚଣା ବ୍ଲକ ବିଜେଡି ପକ୍ଷରୁ ବଡ଼ଚଣା ବ୍ଲକ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ବ୍ଲକ ବିଜେଡି ସଭାପତି ଅରବିନ୍ଦ ସାମଲଙ୍କ ଅଧ୍ୟକ୍ଷତାରେ ଧାରଣା ସ୍ଥଳରେ ଆୟୋଜିତ ପ୍ରତିବାଦ ସଭାରେ ବିଜେଡି ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ର ଯୋଗଦେଇ କହିଲେ, ବିଜୁବାବୁ କେବଳ ଓଡ଼ିଶା କି ଭାରତ ନୁହେଁ, ସାରା ବିଶ୍ୱରେ ତାଙ୍କର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ସେ ପ୍ରଥମେ ଆମ ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆରମ୍ଭ କରିବା ସହିତ ମହିଳାଙ୍କ ପାଇଁ ୩୩ ଭାଗ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ଏବେର ସରକାର ଏଭଳି ଜଣେ ଦକ୍ଷ ନେତାଙ୍କ ଜୟନ୍ତୀ ଦିବସକୁ ପଞ୍ଚାୟତିରାଜ ଦିବସ ଭାବେ ପାଳନ ନ କରି ତାହାକୁ ବାତିଲ କରିବା ନିନ୍ଦନୀୟ ଘଟଣା। ଆଗାମୀ ବର୍ଷରେ ଏହା କରା ନ ଗଲେ ବିଜେଡି ପକ୍ଷରୁ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଶ୍ରୀ ମହାପାତ୍ର ଚେତାବନୀ ଦେଇଥିଲେ। ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ ଯୋଗଦେଇ ବିଜୁବାବୁ ଜଣେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଥିଲେ ଓ ଜଣେ ଯୋଦ୍ଧା ଥିଲେ। ତାଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନ କରା ନ ଯିବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ବିଜେଡି ଉପସଭାପତି ଅମର ମହାନ୍ତି, ବ୍ଲକ ଅଧ୍ୟକ୍ଷା ମିନତୀ ସେନାପତି, ଉପାଧ୍ୟକ୍ଷ ବିଭାସ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ, ସରପଞ୍ଚ ଜ୍ଞାନରଞ୍ଜନ ସାହୁ, ଜୟନ୍ତୀ ସ୍ୱାଇଁ, ଦମୟନ୍ତୀ ସାମଲ, ସମିତିସଭ୍ୟ କୁଳମଣି ବାରିକ, ଆଶିଷ ଚୌଧୁରୀ, ଜଗନ୍ନାଥ ମୁଦୁଲି, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ, ଗଣେଶ୍ୱର ସାମଲ, ବରଦାପ୍ରସାଦ ରାୟ ଓ ନିରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ତୀବ୍ର ନିନ୍ଦା କରିଥିଲେ।

**ରଗଡ଼ି/କୋରେଇ:** ରାଜ୍ୟ ବିଜେଡିର ଡାକରାରେ ଗୁରୁବାର ବିଭିନ୍ନ ସ୍ଥାନରେ ବିଜେଡିର ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତବତ୍ସଳ ସ୍ୱାଇଁଙ୍କ ନେତୃତ୍ୱରେ କୋରେଇ ବ୍ଲକ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜେଡି ଯୁବ ସଭାପତି ପ୍ରତାପ ମହାନ୍ତି, ତାରକେଶ୍ୱର ମହାନ୍ତି, ରାକେଶ ମହାନ୍ତି, ସରପଞ୍ଚ ରବୀନ୍ଦ୍ର ବେହେରା, ଶ୍ୟାମସୁନ୍ଦର ମାଝି, ରାଜେନ୍ଦ୍ର ରାଉତରାୟ, ସନ୍ତୋଷ ସ୍ୱାଇଁ ଓ ସୁନୀତା ଆଇଚ, ଜିଲ୍ଲା ପରିଷଦ ସଭ୍ୟ ଉମାକାନ୍ତ ମାଝି, ସମିତି ସଭ୍ୟ ଶମ୍ଭୁନାଥ ଜେନା, ପୂର୍ବତନ ସରପଞ୍ଚ ସୁରେଖା ସେଠୀ, ସୌଭାଗ୍ୟ ମହାନ୍ତି ଓ ଗାଲେଖ ମାଝି, ସୁଶାନ୍ତ ମହାପାତ୍ର, ବିଜୟ ଘଡ଼ାଇ, ମଜବୁର ରେହେମାନ ଓ ଲଲାଟେନ୍ଦୁ ନାୟକ ପ୍ରମୁଖ ସାମିଲ ଥିଲେ।

**କୁଆଖିଆ:** ପ୍ରବାଦ ପୁରୁଷ ତଥା ରାଷ୍ଟ୍ରନୀତିଜ୍ଞ ବିଜୁବାବୁଙ୍କୁ ବିଜେପି ସରକାରଙ୍କ ଅପମାନ ବିରୁଦ୍ଧରେ କୋରେଇ ବିଜେଡି ପକ୍ଷରୁ ରସୁଲପୁର ବ୍ଲକ ସମ୍ମୁଖରେ ଗଣବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅପରାହ୍ନ ୩ ଘଟିକା ସମୟରେ କୋରେଇ ନିର୍ବାଚନମଣ୍ଡଳୀର ୯ ପଞ୍ଚାୟତର କର୍ମୀ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସ୍ୱାଧୀନତା ସଂଗ୍ରାମୀ ତଥା ଭୂମିପୁତ୍ର ବିଜୁବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସ ପାଳନକୁ ବାତିଲ କରିବା ଭାରତୀୟ ଜନତା ପାର୍ଟିର ହୀନ ରାଜନୀତିର ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ପ୍ରଶାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ସରପଞ୍ଚ ଅଶୋକ ମଲ୍ଲିକ, ମହେନ୍ଦ୍ର ଦାସ, ଚନ୍ଦ୍ରଶେଖର ସାମଲ, ଅଭିମନ୍ୟୁ ମଲିକ, ଅଭିମନ୍ୟୁ ତରାଇ, ସମିତିସଭ୍ୟ ସୌମ୍ୟରଞ୍ଜନ ରାଉତ, ଶତ୍ରୁଘ୍ନ ମଲିକ୍, ଅନନ୍ତ ପାତ୍ର, ବିଜୁ ଘଡ଼ାଇ, ଅଭିରାମ ମଲିକ ପ୍ରମୁଖ ଯୋଗଦେଇ ବିଜୁବାବୁଙ୍କ ପ୍ରତି ହୋଇଥିବା ଅପମାନ ଆଗାମୀ ଦିନରେ ଦୃଢ଼ ଜବାବ ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ୯ଟି ପଞ୍ଚାୟତର ବିଜେଡି ସରପଞ୍ଚ, ସମିତି ସଭ୍ୟ ଓ ଦଳର କର୍ମୀ ଯୋଗ ଦେଇଥିଲେ। ପ୍ରତାପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

---

ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ

## ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତାରୋକ



**ଧର୍ମଶାଳା, ୬।୩ (ସମିସ):** ଗୋକର୍ଣ୍ଣେଶ୍ୱରଠାରୁ ରମାପୁରକୁ ସଂଯୋଗ କରୁଥିବା କେଲୁଆ ନଦୀବନ୍ଧ ରାସ୍ତାର ଗୋପନଗର ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତକ ଭଗବାନପୁର ଗ୍ରାମର ରବୀନ୍ଦ୍ର ମଲିକଙ୍କ ପୁଅ ଦେବାଶିଷ (୨୬)। ଏଥିରେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଲୋକେ କ୍ଷତିପୂରଣ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ପରେ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ହଟିଥିଲା।

ସୂଚନା ମୁତାବକ, ଦେବାଶିଷ ଓ ନୂଆପାଟଣା ଗ୍ରାମର ନିଧିରାମ ମଲିକଙ୍କ ପୁଅ ସାଗର (୨୨) ବାଇକ୍‌ରେ କୋଟପୁରରୁ ଜାରକା ଆସୁଥିବାବେଳେ ଭୋର ପ୍ରାୟ ୫ଟା ୩୦ରେ ଗୋପନଗର ନିକଟରେ ଏକ ବାଲି ବୋଝେଇ ଟ୍ରାକ୍ଟର ସହ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଥିବାବେଳେ ସାଗରଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ବେଆଇନ ଭାବେ ବାଲିଘାଟ ଚାଲିବା ଫଳରେ ସ୍ଥାନୀୟ ଅଞ୍ଚଳରେ ନାନା ପ୍ରକାର ସମସ୍ୟା ଦେଖା ଦେଉଛି। ବେଆଇନ ବାଲିଘାଟ ବନ୍ଦ କରିବା ସହ ମୃତକ ପରିବାରକୁ କ୍ଷତିପୂରଣ ପ୍ରଦାନ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିଲେ। ଆଜି ଦଶମ ପରୀକ୍ଷାର ଶେଷ ଦିନ ହୋଇଥିବାରୁ ଜାମ ମଧ୍ୟ ଦେଇ ପରୀକ୍ଷାର୍ଥୀଙ୍କୁ ଯିବାକୁ ପଡ଼ିଥିଲା। ଧର୍ମଶାଳା ପୁଲିସ, ଅତିରିକ୍ତ ତହସିଲଦାର ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ଅବରୋଧ ହଟି ନ ଥିଲା। ପରେ ମୃତକଙ୍କ ପରିବାରଙ୍କୁ ବିଧାୟକ ଶ୍ରୀ ସାହୁ ୨ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବା ସହ ପରିବାରରୁ ଜଣକୁ ରୋଜଗାର ଦେବା ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ସେହିପରି ଦୁର୍ଘଟଣାରେ ଗୁରୁତର ପରିବାର ଲୋକଙ୍କୁ ସମସ୍ତ ମେଡିକାଲ ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ମିଳିବା ପରେ ଅବରୋଧ ହଟିଥିଲା। ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ ପହଞ୍ଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ପୁଲିସ ଜବତ କରିଥିବାବେଳେ ଡ୍ରାଇଭର ଫେରାର ଥିବା ଧର୍ମଶାଳା ଥାନା ଅଧିକାରୀ ରଞ୍ଜନ ମାଝୀ ସୂଚନା ଦେଇଛନ୍ତି।

---

## ମଣ୍ଡିରୁ ଧାନ ନେଉନି ମିଲର; ଜିଲ୍ଲାପାଳଙ୍କୁ ଭେଟିଲେ ଚାଷୀ

# ସାତଦିନ ମଧ୍ୟରେ ଧାନ ନ କିଣିଲେ ଆନ୍ଦୋଳନ ଚେତାବନୀ

ଦଶରଥପୁର, ୬ ।୩ (ସମିସ)



ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଓ ବୋନସ ବୃଦ୍ଧି କରିଥିବାବେଳେ ଏହାର ସୁଫଳ ଚାଷୀ ପାଇପାରୁନାହାନ୍ତି। ଧାନକିଣାରେ ପରିଚାଳନାଗତ ସମସ୍ୟା ଯୋଗୁଁ ଦଶରଥପୁର ବ୍ଲକର ସମସ୍ତ ଧାନ ମଣ୍ଡିରେ ଧାନ କିଣାରେ ବିଭ୍ରାଟ ଉପୁଜିଛି। ମନ୍ତ୍ରୀ ଓ ଜିଲ୍ଲାପାଳଙ୍କ ତାଗିଦ୍ ସତ୍ତ୍ୱେ ମଣ୍ଡିରେ ଅବ୍ୟବସ୍ଥା ନିୟନ୍ତ୍ରଣକୁ ଆସୁନାହିଁ। ଫଳରେ କେଉଁଠି ୧୦ ଦିନ ହେବ ମଣ୍ଡିରେ ଚାଷୀ ଧାନ ବିକିବାକୁ ଆଣି ଦିନରାତି ଉଜାଗର ହୋଇ ଧାନକୁ ଜଗିଛନ୍ତି। ତଥାପି ଧାନ କିଣାଯାଉନାହିଁ। ମଣ୍ଡିରୁ ଧାନ କିଣିବାକୁ ଚୁକ୍ତିବଦ୍ଧ ମିଲର ଏହାକୁ ଏଡାଇ ଚାଲିଛନ୍ତି। ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ଧାନ କ୍ୱିଣ୍ଟାଲ ମୂଲ୍ୟ ବୃଦ୍ଧି କରିବା ସହିତ ବୋନସ୍ ବାବଦରେ ୮ ଶହ ଟଙ୍କା ପ୍ରଦାନ କରୁଥିବାବେଳେ ମଣ୍ଡି ପରିଚାଳନାରେ ବିଭ୍ରାଟ ସରକାରଙ୍କୁ ଅଡୁଆରେ ପକାଇଛି। ଚାଷୀ ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

ଦଶରଥପୁର ବ୍ଲକରେ ଚଳିତ ବର୍ଷ ୧୧ଟି ପ୍ୟାକ୍ସ ଓ ୧୨ଟି ଏସ୍‌ଏଚ୍‌ଜି ମାଧ୍ୟମରେ ଚାଷୀଙ୍କଠାରୁ ୧ ଲକ୍ଷ ୯୮ ହଜାର ୯୫୩ କ୍ୱିଣ୍ଟାଲ ଧାନ କିଣିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ଏଫ୍‌ଏକ୍ୟୁ ଆଳରେ ସବୁ ଧାନମଣ୍ଡିରେ ଚାଷୀଙ୍କଠାରୁ ୫ରୁ ୬ କିଲୋ ଧାନ କଟ୍‌ନୀ ଛଟ୍‌ନୀ କରାଯାଉଛି। ଧାନ ଓଜନ ଓ ପରିବହନ ବାବଦକୁ ପ୍ରତି କ୍ୱିଣ୍ଟାଲରେ ୩୦ ଟଙ୍କା ଦେବାକୁ ପଡୁଛି। ଏହାକୁ ନଗଦ ନ ଦେଲେ ମଣ୍ଡିରେ ଧାନ ମଧ୍ୟ ରଖାଇ ଦିଆଯାଉନାହିଁ। ଏସବୁ ବାଦ୍ ବ୍ଲକର ସମସ୍ତ ଧାନମଣ୍ଡିରେ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣିବାରେ ଅହେତୁକ ବିଳମ୍ବ ହେଉଥିବା ହେତୁ ଶତାଧିକ ଚାଷୀ ବର୍ଷକର ଝାଳବୁହା ଉପାର୍ଜିତ ଫସଲକୁ ଏବେବି ୧୮ ଶହ ଟଙ୍କାରୁ ୨ ହଜାର ଟଙ୍କାରେ ସ୍ଥାନୀୟ ଦଲାଲ୍‌କୁ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ବ୍ଲକ ଅନ୍ତର୍ଗତ ପାଲଟପୁର ପଞ୍ଚାୟତରେ ଚଳିତ ବର୍ଷ ମା'ତାରିଣୀ ସ୍ୱୟଂସହାୟକ ଗୋଷ୍ଠୀ ଅଧୀନରେ ଚଳିତବର୍ଷ ଧାନବିକ୍ରି କରିବା ପାଇଁ ପଞ୍ଜୀକରଣ କରିଥିବା ମୁରାରିପୁର ଓ ନୀଳକଣ୍ଠପୁର ଗ୍ରାମର ୪୧ ଜଣ ଚାଷୀଙ୍କ ଟୋକନ୍ ଅବଧି ଲାପ୍‌ସ କରିଯାଇଛି। ଏହି ଚାଷୀଙ୍କ ଟୋକନ୍ ଅବଧି ଗତ ଜାନୁଆରୀ ମାସ ୧୦ରୁ ଫେବୃଆରୀ ୯ ତାରିଖ ପର୍ଯ୍ୟନ୍ତ ଥିବାବେଳେ ଏବେ ସେମାନେ ମଣ୍ଡିରେ ଧାନ ବିକିବେ କି ନାହିଁ ଚିନ୍ତାରେ ପଡ଼ିଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିଲେ ମଧ୍ୟ ସେମାନେ କର୍ଣ୍ଣପାତ କରୁନାହାନ୍ତି। କେବଳ ପାଲଟପୁର ନୁହେଁ ବ୍ଲକର ମଲ୍ଲିକାପୁର, ଅସନପୁର, ଚଷାଖଣ୍ଡ, ମଙ୍ଗଳପୁର, ଗ୍ରାମନନ୍ଦିପୁର, ଅକରପଡ଼ା, ତଳିହା, ଖଣ୍ଡରା, ବିହାରୀ ଆଦି ପଞ୍ଚାୟତରେ ବହୁ ସଂଖ୍ୟାରେ ଚାଷୀଙ୍କ ଟୋକନ ଅବଧି ଅତିକ୍ରାନ୍ତ କରିଯାଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏପରିକି ଅଧିକାଂଶ ମଣ୍ଡିରେ ଆଇସ୍କାନ୍ ପରେ ମଧ୍ୟ ମଣ୍ଡିକୁ ଧାନ ଆଣି ଉଜାଗର ରହିବାକୁ ପଡୁଛି। ଯାହାକୁ ନେଇ ଗୁରୁବାର ବ୍ଲକର ଚାଷୀମାନଙ୍କ ପକ୍ଷରୁ କଂଗ୍ରେସ ନେତା ସନ୍ତୋଷ ନନ୍ଦ, ଚନ୍ଦ୍ରଶେଖର ସାହୁ, ଭରତ ଚନ୍ଦ୍ର ପରିଡ଼ା, ବିଜୟ ନନ୍ଦ, ଦୁର୍ଯ୍ୟୋଧନ ରାଉତ, ଦେବେନ୍ଦ୍ର ମଲ୍ଲିକ, ଗୌରାଙ୍ଗ ମଲ୍ଲିକ, ଅକ୍ଷୟ ନାୟକ, ସୌମ୍ୟରଞ୍ଜନ ବେହେରା, ଅଜୟ ନାୟକ, ଏକାଦଶୀ ତ୍ରିପାଠୀ, ଅନୁପମ ମଲ୍ଲିକ, ଉମାକାନ୍ତ ନାୟକ ପ୍ରମୁଖ ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ମଣ୍ଡିରେ ଜାରି ରହିଥିବା ଅବ୍ୟବସ୍ଥା ଦୂର କରିବା ସହିତ ଟୋକନ୍ ଅବଧି ଲାପ୍‌ସ କରିଯାଇଥିବା ଚାଷୀଙ୍କ ଧାନ କିଣିବାରେ ଦୃଷ୍ଟି ଦେବାକୁ ଦାବି କରିଥିଲେ। ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ କରାନଗଲେ ଚାଷୀଙ୍କ ପକ୍ଷରୁ ମଙ୍ଗଳପୁର ବଜାରରେ ରାସ୍ତାରୋକ ଭଳି ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେଇଥିଲେ।

---

ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର ଘଟଣା

## ଅଭିଯୁକ୍ତକୁ ଆଜୀବନ ଜେଲ୍, ୨୦ ହଜାର ଜରିମାନା

**ଯାଜପୁର, ୬।୩(ସମିସ):** ଏକତରଫା ପ୍ରେମକୁ ନେଇ ଡବଲ ମର୍ଡର ଘଟଣାରେ ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରି ଏକ ରାୟ ପ୍ରକାଶ କରିଛନ୍ତି। ସୂଚନା ମୁତାବକ, ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅନ୍ତର୍ଗତ ମିର୍ଜାପୁର (ସାଲେପୁର) ଅଞ୍ଚଳର ନୀଳମଣି ଜେନାଙ୍କ ପୁଅ ସୁନୀଲ ଜେନା (୨୪) ବି.କମ୍ ପଢୁଥିବା ସମୟରେ ମିର୍ଜାପୁର ଗ୍ରାମର ମହାନ୍ତି ସାହିରେ ଭଡାଘର ନେଇ ରହିଥିବା ନିତ୍ୟରଞ୍ଜନ ମଲ୍ଲିକଙ୍କ ଝିଅଙ୍କୁ ଏକତରଫା ପ୍ରେମ କରୁଥିଲେ। ସେ କଟକର ଏକ ବେସରକାରୀ କଲେଜରେ +୨ ବିଜ୍ଞାନ ଛାତ୍ରୀ ଭାବେ ହଷ୍ଟେଲ୍‌ରେ ରହି ପଢୁଥିଲେ। ସୁନୀଲ ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ୨୦୨୦ ଜୁଲାଇ ୫ ତାରିଖ ପ୍ରାୟ ରାତି ୧୦.୩୦ ମିନିଟ୍‌ରେ ନିତ୍ୟରଞ୍ଜନଙ୍କ ଘରେ ପଶି ଏକ ଧାରୁଆ ଅସ୍ତ୍ରରେ ନିତ୍ୟରଞ୍ଜନ ଓ ତାଙ୍କ ସ୍ତ୍ରୀ ତରୁଲତା ବିଶ୍ୱାଳଙ୍କୁ ଆକ୍ରମଣ କରିଥିଲେ। ଘଟଣାସ୍ଥଳରେ ତରୁଲତା ବିଶ୍ୱାଳଙ୍କ ମୃତ୍ୟୁ ହୋଇଥିବାବେଳେ ନିତ୍ୟରଞ୍ଜନଙ୍କୁ ଗ୍ରାମବାସୀ ଉଦ୍ଧାର କରି ଭୁବନେଶ୍ୱର ଏମ୍ସ ହସ୍ପିଟାଲକୁ ପଠାଇଥିଲେ। ୨୦ଦିନ ଚିକିତ୍ସିତ ହେବାପରେ ନିତ୍ୟରଞ୍ଜନ ମୃତ୍ୟୁବରଣ କରିଥିଲେ। ସୁନୀଲ ନିତ୍ୟରଞ୍ଜନଙ୍କ ଝିଅଙ୍କୁ ମଧ୍ୟ ଛାଡି ନ ଥିଲେ। ତାଙ୍କୁ ଆକ୍ରମଣ କରି ତାଙ୍କ ବାମ ଆଖିକୁ ନଷ୍ଟ କରିଦେଇଥିଲା। ନିତ୍ୟରଞ୍ଜନଙ୍କ ସ୍ତ୍ରୀ ସରକାରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ନିତ୍ୟାରଞ୍ଜନ ମଲ୍ଲିକ ଇଂଜିନିୟର ଭାବେ କାର୍ଯ୍ୟ କରୁଥିଲେ। ଘଟଣା ପରଦିନ ନିତ୍ୟରଞ୍ଜନଙ୍କ ଶଳା ବ୍ରଜ କିଶୋର ବିଶ୍ୱାଳ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ। ଏତଲାକୁ ଆଧାର କରି ଧର୍ମାଶାଳା ଥାନା ପୁଲିସ ୨୬୫/୨୦ରେ ମାମଲା ରୁଜୁ କରି ଆସାମୀ ସୁନୀଲ ଜେନାକୁ ଗିରଫ କୋର୍ଟ ଚାଲାଣ କରିଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୨୩ ଜଣ ସାକ୍ଷୀ ଓ ୩୫ଟି ଦସ୍ତାବିଜ୍‌ର ପ୍ରମାଣକୁ ଭିତ୍ତିକରି ବୁଧବାର ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦ ଅଭିଯୁକ୍ତକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ମୋନାଲି ରାଇସା ଓ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ସମରେନ୍ଦ୍ର ଦାସ ପରିଚାଳନା କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

**ଦାନଗଦି, ୬ ।୩(ସମିସ):** ଦାନଗଦି ଫାଣ୍ଡି ଅନ୍ତର୍ଗତ ଉଲ୍ଲଳ ପଞ୍ଚାୟତର ରାମ୍ପିଲୋ ଗ୍ରାମରେ ଗୁରୁବାର ସକାଳେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳା ଜଣକ ନଗେନ୍ଦ୍ର ଜେନାଙ୍କ ସ୍ତ୍ରୀ ସାରତୀ ଜେନା (୩୦)। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ଘରେ କେହି ନ ଥିବା ସୁଯୋଗ ନେଇ ମହିଳା ଜଣକ ଆତ୍ମହତ୍ୟା କରିଥିଲେ। ପରିବାର ଲୋକେ ଘରେ ପହଞ୍ଚି ମହିଳାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରଙ୍କୁ ହସ୍ତାନ୍ତର କରିଛି।

### ହମାସକୁ ଟ୍ରମ୍ପଙ୍କ ଧମକ
## ପଣବନ୍ଦୀଙ୍କୁ ଛାଡ଼; ନ ହେଲେ ମରିବ



ୱାସିଂଟନ,୬।୩(ଏଜେନ୍ସି): ଇସ୍ରାଏଲ ଏବଂ ହମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଅସ୍ତ୍ରବିରତି ଅବଧି ଶେଷ ହୋଇଥିଲା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଅସ୍ତ୍ରବିରତି ବୁଝାମଣା ଲାଗି ସଙ୍କଟ ଲାଗି ରହିଛି। ବିଶେଷକରି ହମାସ ପକ୍ଷରୁ ଅସହଯୋଗ କରାଯିବା ସହିତ ସର୍ତ୍ତ ପରେ ସର୍ତ୍ତ ରଖାଯାଇ ଏହାକୁ ଟାଳି ଦେବାକୁ ଉଦ୍ୟମ କରାଯାଉଛି। କିନ୍ତୁ ଏହାମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଇସ୍ରାଏଲ ଏଜେଣ୍ଡାକୁ ଫେରି ଆସିବା ସହିତ ଗାଜାରେ ବନ୍ଧକ ରଖାଯାଇଥିବା ଇସ୍ରାଏଲୀମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଚେତାବନୀ ଦେଇଛନ୍ତି। ହମାସ ବନ୍ଧକମାନଙ୍କୁ ତୁରନ୍ତ ମୁକ୍ତ ନ କରିଲେ ମୃତ୍ୟୁ ନିଶ୍ଚିତ ବୋଲି ଟ୍ରମ୍ପ ହମାସ ଆତଙ୍କବାଦୀମାନଙ୍କୁ ଶେଷ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ତାଙ୍କ ଅଫିସିଆଲ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ବାର୍ତ୍ତା ଜାରି କରି ହମାସକୁ ଏଭଳି ଧମକ ଦେଇଛନ୍ତି।ସେ ନିଜ ପୋଷ୍ଟରେ ଉଲ୍ଲେଖ କରି କହିଛନ୍ତି ଯେ ସମସ୍ତ ବନ୍ଧକଙ୍କୁ ଏବେ ମୁକ୍ତ କରିବା ସହ ହମାସ ହତ୍ୟା କରିଥିବା ଲୋକଙ୍କ ମୃତଦେହକୁ ତୁରନ୍ତ ଫେରାଇ ଦେଉ ।ନଚେତ ସେମାନେ ମୃତ୍ୟୁ ପାଇଁ ପ୍ରସ୍ତୁତ ରୁହନ୍ତୁ। ସେ କହିଛନ୍ତି ଯେ କେବଳ ମାନସିକ ବିକୃତ ଲୋକମାନେ ମୃତଦେହକୁ ନିଜ ପାଖରେ ରଖନ୍ତି । କିନ୍ତୁ ହମାସ ଏଭଳି କରି ନିଜକୁ ମାନସିକ ବିକୃତିର ପ୍ରମାଣ ଦେଇଛି। ହମାସ ବିରୋଧରେ କାମ ଶେଷ କରିବାକୁ ଇସ୍ରାଏଲକୁ ଯାହାକିଛି ଦରକାର ତାହାକୁ ସେ ପଠାଇ ଦେବେ। କିନ୍ତୁ ତାଙ୍କ ନିର୍ଦ୍ଦେଶ ଅନୁସାରେ ଯଦି ହମାସ କାର୍ଯ୍ୟ ନ କରେ ତେବେ ହମାସର କୌଣସି ସଦସ୍ୟ ସୁରକ୍ଷିତ ରହିବେ ନାହିଁ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି।

## ଟ୍ରମ୍ପଙ୍କ ଜ୍ଞାନକୁ ନେଇ ପ୍ରଶ୍ନ; ବିଦାହେଲେ ନ୍ୟୁଜିଲାଣ୍ଡ ରାଷ୍ଟ୍ରଦୂତ

ନୂଆଦିଲ୍ଲୀ,୬।୩(ଏଜେନ୍ସି): ବ୍ରିଟେନରେ ଅବସ୍ଥାପିତ ନ୍ୟୁଜିଲାଣ୍ଡ ରାଷ୍ଟ୍ରଦୂତ ଫଲ ଗଫ୍‌ଙ୍କୁ ନ୍ୟୁଜିଲାଣ୍ଡ ସରକାର ବିଦା କରିଦେଇଛନ୍ତି। ଗଫ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜ୍ଞାନ ଆଧାରକୁ ନେଇ ପ୍ରଶ୍ନ ଉଠାଇଥିଲା ବେଳେ ଏଥିରେ ଉଦବେଗ ପ୍ରକାଶ କରି ନ୍ୟୁଜିଲାଣ୍ଡ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଲଣ୍ଡନସ୍ଥିତ ଆନ୍ତର୍ଜାତିକ ଥିଙ୍କଟ୍ୟାଙ୍କ ସଂସ୍ଥା ଛଟାମ୍ ହାଉସ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗଫ୍ ଯୋଗ ଦେଇଥିଲା ବେଳେ ଏହି ସମୟରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ଜ୍ଞାନକୁ ନେଇ ପ୍ରଶ୍ନ ଉଠାଇଥିଲେ। ଏପରିକି ବିଶ୍ୱ ଇତିହାସ ସମ୍ପର୍କରେ ଟ୍ରମ୍ପଙ୍କ ଜ୍ଞାନ ଅଛି କି ନାହିଁ ପ୍ରଶ୍ନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା ବେଳେ ଗଫ୍ ୧୯୩୮ ମସିହାର ମ୍ୟୁନିକ୍ ରାଜିନାମାର ଉଦାହରଣ ଦେଇଥିଲେ। ସେ କହିଥିଲେ ଯେ, ଏହି ରାଜିନାମା ଅନୁସାରେ ସେତେବେଳେ ଚେକୋସ୍ଲୋଭାକିଆକୁ ଅଧିକାର କରିବାକୁ ଆଡଲଫ୍ ହିଟଲରଙ୍କୁ ଅନୁମତି ଦିଆଯାଇଥିଲା ବୋଲି କହିଥିଲେ। ହେଲେ ଗଫ୍‌ଙ୍କ ଏଭଳି ମନ୍ତବ୍ୟ ଅତ୍ୟନ୍ତ ଦୁଃଖଦାୟକ ଏବଂ ଏହା ଆନ୍ତର୍ଜାତିକ ସ୍ତରରେ ନ୍ୟୁଜିଲାଣ୍ଡ ଛବିକୁ ମଳିନ କରିଛି ବୋଲି କହି ନ୍ୟୁଜିଲାଣ୍ଡ ସରକାର ଗଫ୍‌ଙ୍କୁ ହଟାଇ ଦେଇଛନ୍ତି।

### ପରମ୍ପରା ଓ ଶକ୍ତିର ମିଳିତ ପ୍ରଦର୍ଶନ
## ବଡିବିଲ୍ଡରଙ୍କ ବଧୂ ବେଶ ଭିଡିଓ ଭାଇରାଲ୍



ବେଙ୍ଗାଲୁରୁ, ୬।୩ (ଏଜେନ୍ସି): କର୍ଣ୍ଣାଟକର ଜଣେ ମହିଳା ବଡି ବିଲ୍ଡର ଏବଂ ଫିଟନେସ୍ ପ୍ରଶିକ୍ଷକଙ୍କ ବଧୂ ବେଶର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। କାଞ୍ଜିବରମ୍ ଶାଢି ସହିତ କମର ବନ୍ଧ, ମୁଣ୍ଡରେ ସିନ୍ଥି, ଗଳାରେ ହାର ଏବଂ ବାହୁରେ କଙ୍ଗଣ ଭଳି ବିଭିନ୍ନ ଅଳଙ୍କାର ଆଭୂଷିତ ମହିଳା ବଡି ବିଲ୍ଡର ଚିତ୍ରା ପୁରୁଷୋତ୍ତମ ତାଙ୍କ ସୁନ୍ଦର ସ୍ୱାସ୍ଥ୍ୟ ପ୍ରଦର୍ଶନ କରିଥିଲା ବେଳେ ଏହା ପରମ୍ପରା ଏବଂ ଶକ୍ତିର ମିଳିତ ପ୍ରଦର୍ଶନ ବୋଲି ଅନେକ ମତ ଦେଇଛନ୍ତି। ତାଙ୍କର ଏହି ଭିଡିଓକୁ ଏକ କୋଟିରୁ ଅଧିକ ଲୋକ ଦେଖିବା ସହିତ ସେମାନଙ୍କ ମତାମତ ଦେଇଛନ୍ତି।

# ବିଚାରପତିଙ୍କ ମନ୍ତବ୍ୟ ଲାଗି ଭାଙ୍ଗିଗଲା ବିବାହ

**ବିନ୍ଦି ନାହିଁ କି ମଙ୍ଗଳସୂତ୍ର; ସ୍ୱାମୀ କାହିଁକି ଆକୃଷ୍ଟ ହେବେ: କୋର୍ଟ**

**କର୍ମଜୀବୀ ମହିଳା ଅଧିକ ଆୟ କରୁଥିବା ସ୍ୱାମୀ ଖୋଜନ୍ତି**

**ପୁରୁଷ ଯେକୌଣସି ମହିଳାଙ୍କୁ ବିବାହ କରିନିଅନ୍ତି**



ପୁନେ, ୬।୩ (ଏଜେନ୍ସି): ମଥାରେ ବିନ୍ଦି ଏବଂ ବେକରେ ମଙ୍ଗଳସୂତ୍ର ପିନ୍ଧି ନାହାନ୍ତି। ଯଦି ବିବାହିତାଙ୍କ ଭଳି ବ୍ୟବହାର କରିବେ ନାହିଁ ତେବେ ସ୍ୱାମୀ କାହିଁକି ଆପଣଙ୍କ ପ୍ରତି ଆକର୍ଷିତ ହେବେ ବୋଲି ମହାରାଷ୍ଟ୍ର ପୁନେ ଜିଲ୍ଲାର ଜଣେ ସେସନ ଜଜ୍ ପ୍ରଶ୍ନ କରିଛନ୍ତି। ଘରୋଇ ହିଂସା ମାମଲାରେ ମହିଳା ନିଜ ସ୍ୱାମୀଙ୍କ ବିରୋଧରେ ଦାଏର କରିଥିବା ଆବେଦନର ଶୁଣାଣି କରି ବିଚାରପତି ଏହି ମନ୍ତବ୍ୟ ଦେଇଥିଲେ। ପୁନେର ଓକିଲ ଅଙ୍କୁର ଆର ଜାହାଗିରଦାର ଲିଙ୍କଡ୍‌ଇନ୍‌ରେ ଏହି ମାମଲା ବିଷୟରେ ସେୟାର କରିଛନ୍ତି। ତାଙ୍କ ପୋଷ୍ଟ ଅନୁଯାୟୀ ମହିଳା ସ୍ୱାମୀଙ୍କଠାରୁ ଅଲଗା ରହୁଥିଲେ। ସେ ଛାଡ଼ପତ୍ର ପାଇଁ ଆବେଦନ କରିସାରିଥିଲେ। ମଧ୍ୟସ୍ଥତାରେ ମାମଲାର ସମାଧାନ ପାଇଁ ପ୍ରୟାସ ଚାଲିଥିବାବେଳେ ବିଚାରପତି ମହିଳାଙ୍କୁ ଉପରୋକ୍ତ ପ୍ରଶ୍ନ ପଚାରିଥିଲେ। ଏହା ଶୁଣି ମହିଳା କାନ୍ଦି ପକାଇ ଥିଲେ। ପରେ ବିବାହ ଭାଙ୍ଗି ଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଯେ ବିଚାରପତି ଏପରି କହିବା ବେଳେ ତାଙ୍କୁ କେହି ବିରୋଧ କରି ନ ଥିଲେ।

ସେହିପରି ଓକିଲ ଜହାଗିରଦାର ଏଭଳି ଅନ୍ୟ ଏକ ମାମଲା ସେୟାର କରିଛନ୍ତି। ଏକ ଭରଣପୋଷଣ ମାମଲାର ବିଚାର କରି ବିଚାରପତି ମହିଳାଙ୍କୁ ଅଜବ ପରାମର୍ଶ ଦେଇଥିଲେ। ବିଚାରପତି କହିଥିଲେ ଯେ ଭଲ ଆୟ କରୁଥିବା କୌଣସି ମହିଳା ସବୁବେଳେ ନିଜଠାରୁ ଅଧିକ ଆୟକାରୀ ସ୍ୱାମୀ ଖୋଜିଥାନ୍ତି। ସେ କେବେ ବି ନିଜଠାରୁ କମ୍ ଆୟ କରୁଥିବା ପୁରୁଷଙ୍କୁ ବାହା ହୋଇ ନ ଥାଆନ୍ତି। କିନ୍ତୁ ଭଲ ଆୟ କରୁଥିବା ପୁରୁଷ ଘରେ ବାସନ ମାଜୁଥିବା ମହିଳାଙ୍କୁ ବିବାହ କରିନିଅନ୍ତି। ଦେଖନ୍ତୁ ତ ପୁରୁଷ କେତେ ଉଦାର ହୋଇଥାନ୍ତି। ମହିଳା ବି ଏଭଳି ଉଦାରତା ଦେଖାଇବା ଉଚିତ। ଏତେ କଠୋର ହେବା ଅନୁଚିତ। ଓକିଲ ଜହାଗିରଦାର କହିଛନ୍ତି ଯେ ପ୍ରଥମ ମାମଲାରେ ବିଚାରପତି ଦେଇଥିବା ମନ୍ତବ୍ୟ ଯୋଗୁଁ ମହିଳାଙ୍କ ବିବାହ ଭାଙ୍ଗି ଯାଇଥିଲା। ବିଚାରପତିଙ୍କ ମନ୍ତବ୍ୟ ସବୁକିଛି ବିଗାଡ଼ି ଦେଇଥିଲା। ସେହିପରି ଦ୍ୱିତୀୟ ମାମଲାଟି ସେ ନିଜେ ଲଢୁଛନ୍ତି। ଏବେ ବି ତାହା ବିଚାରାଧୀନ ରହିଛି। ୨୦୨୩ରେ ଉଭୟ ପକ୍ଷ ମଧ୍ୟରେ ମଧ୍ୟସ୍ଥତା ଜାରି ରହିଥିବାବେଳେ ବିଚାରପତି ଏଭଳି ଦାୟିତ୍ୱହୀନ ମନ୍ତବ୍ୟ ଦେଇଥିଲେ। ଏହା ଶୁଣି ତାଙ୍କ କ୍ଲାଇଣ୍ଟ କୋର୍ଟରେ କାନ୍ଦି ପକାଇ ଥିଲେ। ଏଭଳି ସ୍ଥିତିରେ ଭରସା ଭାଙ୍ଗି ଯାଇଥାଏ। ବୁଝାମଣାର ସମ୍ଭାବନା ମଧ୍ୟ ହ୍ରାସ ପାଇଥାଏ। କୋର୍ଟରେ ମହିଳାଙ୍କ ପ୍ରତି ଉଚିତ ବ୍ୟବହାର କରିବା ଆବଶ୍ୟକତା ରହିଛି ବୋଲି ଓକିଲ କହିଛନ୍ତି। ମଧ୍ୟସ୍ଥତାର ଅର୍ଥ ମାନସିକ ଉତ୍ପୀଡ଼ନ ଦେବା ନୁହେଁ ବୋଲି ଉଲ୍ଲେଖ କରିଛନ୍ତି।

# ୟୁକ୍ରେନ ପ୍ରସଙ୍ଗରେ ଫ୍ରାନ୍ସ-ରୁଷିଆ ମୁହାଁମୁହିଁ

**ଫ୍ରାନ୍ସ, ୟୁରୋପ ପ୍ରତି ପୁତିନ ବିପଦ: ମାକ୍ରନ**

**ପରମାଣୁ ଯୁଦ୍ଧ ଧମକ ବନ୍ଦ କରନ୍ତୁ ମାକ୍ରନ: ରୁଷିଆ**



ନୂଆଦିଲ୍ଲୀ,୬।୩(ଏଜେନ୍ସି): ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗକୁ ନେଇ ଆମେରିକା ଏବଂ ୟୁରୋପୀୟ ସଂଘ ରାଷ୍ଟ୍ରମାନଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ୟୁକ୍ରେନ ରାଷ୍ଟ୍ରପତି ଜେଲେଁସ୍କି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ହୋଇଥିବା ବିତର୍କକୁ ବହୁ ୟୁରୋପୀୟ ରାଷ୍ଟ୍ର ପରୋକ୍ଷରେ ସମାଲୋଚନା କରିଥିଲା ବେଳେ ପରବର୍ତ୍ତୀ ସମୟରେ ୟୁକ୍ରେନକୁ ସମର୍ଥନ ଜଣାଇଥିଲେ। ଏପରିକି ଜେଲେଁସ୍କି ଆମେରିକା ଗସ୍ତ ସାରି ବ୍ରିଟେନରେ ପହଞ୍ଚିଥିଲା ବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ଭବ୍ୟ ସ୍ୱାଗତ କରିବା ସହିତ ବ୍ରିଟେନ ୟୁକ୍ରେନ ସହିତ ରହିଛି ବୋଲି କହିଥିଲେ। ଏହାପରେ ୟୁରୋପୀୟ ସଂଘ ପ୍ରମୁଖ ଉର୍ସୁଲା ମଧ୍ୟ ଜେଲେଁସ୍କିଙ୍କ ସମର୍ଥନ କରିଥିଲେ। ଏବେ ୟୁକ୍ରେନ ପ୍ରସଙ୍ଗକୁ ନେଇ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ ରୁଷ ବିରୋଧୀ ଟିପ୍ପଣୀ ଦେବା ପରେ ଉଭୟ ରାଷ୍ଟ୍ର ମୁହାଁମୁହିଁ ହୋଇଛନ୍ତି।

ମାକ୍ରନ ଗତକାଲି ଦେଶବାସୀଙ୍କୁ ଟେଲିଭିଜନରେ ସମ୍ବୋଧିତ କରି ରୁଷିଆ ଫ୍ରାନ୍ସ ଏବଂ ୟୁରୋପ ପ୍ରତି ବିପଦ ବୋଲି କହିଛନ୍ତି। କେବଳ ବିପଦର କଥା ନୁହେଁ, ମାକ୍ରନ ଆଣବିକ ଅସ୍ତ୍ରକୁ ନେଇ ମଧ୍ୟ ସଙ୍କେତ ଜାରି କରିଛନ୍ତି। ଫ୍ରାନ୍ସ ୟୁରୋପୀୟ ରାଷ୍ଟ୍ର ସଂଘର ଏକମାତ୍ର ଆଣବିକ ଅସ୍ତ୍ର ସମ୍ପନ୍ନ ରାଷ୍ଟ୍ର ହୋଇଥିଲା ବେଳେ ସହଯୋଗୀ ରାଷ୍ଟ୍ରଙ୍କ ସୁରକ୍ଷା ଦିଗରେ ଫ୍ରାନ୍ସ ସୁଚିନ୍ତିତ ଉପାୟ ସ୍ଥିର କରିବ ବୋଲି କହିଛନ୍ତି। ଏହାଛଡ଼ା ସେ ଆମେରିକା ବିରୋଧୀ ମନ୍ତବ୍ୟ ମଧ୍ୟ ଦେଇଛନ୍ତି। ସେ କହିଛନ୍ତି ୟୁକ୍ରେନ ଯୁଦ୍ଧକୁ ନେଇ ବର୍ତ୍ତମାନ ଆମେରିକା ତାହାର ଆଭିମୁଖ୍ୟରେ ପରିବର୍ତ୍ତନ କରିଛି। ତେଣୁ ଆମେରିକା ଆଉ ୟୁରୋପୀୟ ରାଷ୍ଟ୍ରଙ୍କ ସହଯୋଗୀ ହୋଇ ରହିଛି କି ନା ତାହା ସନ୍ଦେହ ଆଣିଛି ବୋଲି ମାକ୍ରନ କହିଛନ୍ତି। ଅନ୍ୟପକ୍ଷରେ ମାକ୍ରନଙ୍କ ମନ୍ତବ୍ୟକୁ ନେଇ ରୁଷିଆ ତୁରନ୍ତ ଜବାବ ରଖିଛି। ପରମାଣୁ ଅସ୍ତ୍ରର ଭୟ ଦେଖାଇ ଫ୍ରାନ୍ସ ରୁଷିଆକୁ ଡରାଇବା ବନ୍ଦ କରୁ ବୋଲି ରୁଷିଆ କହିଛି। ଏହାଛଡ଼ା ୟୁକ୍ରେନକୁ ନାଟୋ ସଦସ୍ୟ ରାଷ୍ଟ୍ରମାନଙ୍କୁ ଶାନ୍ତିସେନା ମୁତୟନ ଯେଭଳି ନ କରାଯିବ ତାହାକୁ ଧ୍ୟାନ ଦେବାକୁ ରୁଷିଆ ଫ୍ରାନ୍ସକୁ ଚେତାବନୀ ଦେଇଛି।

## ଗିରଫଦାରୀରୁ ଉଦୟନିଧିଙ୍କୁ ସୁପ୍ରିମକୋର୍ଟଙ୍କ ସୁରକ୍ଷା

ନୂଆଦିଲ୍ଲୀ,୬।୩(ଏଜେନ୍ସି): ସନାତନ ଧର୍ମକୁ ବିରୋଧ କରିବା ସହିତ ଏହାକୁ ହଟାଯିବା ଦରକାର ବୋଲି ପୂର୍ବରୁ ମନ୍ତବ୍ୟ ଦେଇଥିବା ତାମିଲନାଡୁ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନଙ୍କୁ ସୁପ୍ରିମକୋର୍ଟ ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଏହି ପ୍ରସଙ୍ଗକୁ ନେଇ ଉଦୟନିଧିଙ୍କ ବିରୋଧରେ ଆଉ ନୂଆ ମାମଲା ରୁଜୁ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିବା ସହିତ ତାଙ୍କୁ ଗିରଫ କରିବାରୁ ମଧ୍ୟ ସୁରକ୍ଷା ଦେଇଛନ୍ତି। ଉଦୟନିଧି ସନାତନ ଧର୍ମ ବିରୋଧରେ କଦର୍ଯ୍ୟ ଟିକା ଟିପ୍ପଣୀ କରିବା ପରେ ଦେଶର ବିଭିନ୍ନ ଭାଗରେ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା। ତେବେ ସବୁ ମାମଲାକୁ ଏକାଠି କରି ଗୋଟିଏ ମାମଲା ଭାବେ ଶୁଣାଣି କରିବାକୁ ଡିଏମକେ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। କିନ୍ତୁ ପରେ ପରେ ବିହାରରେ ଉଦୟନିଧିଙ୍କ ବିରୋଧରେ ପୁଣି ଏକ ମାମଲା ରୁଜୁ କରାଯିବା ପରେ ପ୍ରଧାନବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନାଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି ଉପରୋକ୍ତ ରାୟ ଦେଇଛନ୍ତି।

# ୩ ଭାଷା ନୀତିକୁ ନେଇ ତାମିଲନାଡୁରେ ବିବାଦ ଜୋର୍ ଧରିଲା

**■ ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା**

**■ ବିଜେପିର ଦସ୍ତଖତ ଅଭିଯାନକୁ ରୋକିଲା ପୁଲିସ**



ଚେନ୍ନଇ,୬।୩(ଏଜେନ୍ସି): ଜନସଂଖ୍ୟା ଆଧାରରେ ସଂସଦୀୟ କ୍ଷେତ୍ରର ସୀମା ପୁନଃ ନିର୍ଦ୍ଧାରଣ ଏବଂ ଜାତୀୟ ଶିକ୍ଷା ନୀତି ଆଧାରରେ ତିନି ଭାଷା ପ୍ରଣୟନ ନୀତିକୁ ନେଇ ଏବେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକରେ ବିବାଦ ବଢିବାରେ ଲାଗିଛି। ବିଶେଷକରି ତାମିଲନାଡୁର ଷ୍ଟାଲିନ ସରକାର କେନ୍ଦ୍ର ସରକାରଙ୍କ ଏହି ନୀତିକୁ ବିରୋଧ କରି କେନ୍ଦ୍ର ବିରୋଧରେ ଅନ୍ୟ ରାଜ୍ୟମାନଙ୍କୁ ଏକାଠି କରିବାରେ ଲାଗିଛନ୍ତି।

କିନ୍ତୁ ଏହାମଧ୍ୟରେ ତିନି ଭାଷା ନୀତି ପ୍ରଚଳନ କରାଯିବା ସପକ୍ଷରେ ଏକ ଜନସ୍ୱାର୍ଥ ମାମଲା ସୁପ୍ରିମକୋର୍ଟରେ ଦାଏର ହେବା ସହିତ ତାମିଲନାଡୁ, କେରଳ ଏବଂ ପଶ୍ଚିମବଙ୍ଗରେ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରିବାକୁ ଦାବି କରାଯାଇଛି। ବିଜେପି ସଦସ୍ୟ ରହିଥିବା ଆଇନଜୀବୀ ଜି ଏସ ମଣି ଏହି ମାମଲା ଦାଏର କରିବା ସହିତ ଯଦି ତାମିଲନାଡୁରେ ଜାତୀୟ ଶିକ୍ଷା ନୀତି ଲାଗୁ କରାନଯାଏ ତେବେ ରାଜ୍ୟବାସୀଙ୍କ ସମୂହ ସ୍ୱାର୍ଥ ପ୍ରତି ଆଞ୍ଚ ଆସିବା ସହିତ ସେମାନଙ୍କ ଅଧିକାର କ୍ଷୁଣ୍ଣ ହେବ ବୋଲି ସେ କହିଛନ୍ତି। ସେହିପରି ତାମିଲନାଡୁ ବିଜେପି ପକ୍ଷରୁ ଜାତୀୟ ଶିକ୍ଷା ନୀତି ଲାଗୁ କରିବା ସମର୍ଥନରେ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି। ତାମିଲନାଡୁ ବିଜେପି ସଭାପତି ତଥା ତେଲଙ୍ଗାନାର ପୂର୍ବତନ ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ତେବେ ତାଙ୍କୁ ତାମିଲନାଡୁ ପୁଲିସ ରୋକିବା ସହିତ ଅଭିଯାନ ଚଳାଇବାକୁ ଦେଇ ନାହିଁ ବୋଲି କୁହାଯାଇଛି। ଏହି ପ୍ରସଙ୍ଗରେ ରାଜ୍ୟ ସରକାର କଦାଚିତ ମୁଣ୍ଡ ନୁଆଁଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଏମ କେ ଷ୍ଟାଲିନ କହିଛନ୍ତି। ଏହାପୂର୍ବରୁ ଗତକାଲି ସଂସଦୀୟ କ୍ଷେତ୍ର ସୀମାର ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ଷ୍ଟାଲିନ ଏକ ସର୍ବଦଳୀୟ ବୈଠକରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଯଦି କେନ୍ଦ୍ର ସରକାର ଜନସଂଖ୍ୟା ଆଧାରରେ ସାଂସଦଙ୍କ ସଂଖ୍ୟା ବଢାଇବାକୁ ଚାହୁଁଛନ୍ତି ତେବେ ଏଥିପାଇଁ ୧୯୭୧ ଜନସଂଖ୍ୟା ଆଧାରରେ କରିବାକୁ ଦାବି କରିଥିଲେ। ଆସନ୍ତା ବର୍ଷ ଠାରୁ ୩୦ ବର୍ଷ ପାଇଁ ୧୯୭୧ ଜନସଂଖ୍ୟାକୁ ଆଧାର କରି ସଂସଦୀୟ କ୍ଷେତ୍ର ସୀମାର ପୁନଃ ନିର୍ଦ୍ଧାରଣ କରାଯିବା ସହିତ ଏଥିପାଇଁ ସମ୍ବିଧାନରେ ଆବଶ୍ୟକ ସଂଶୋଧନ ମଧ୍ୟ କରାଯାଉ ବୋଲି କହିଥିଲେ। କୌଣସି ସ୍ଥିତିରେ କେନ୍ଦ୍ର ସରକାର ଯେଭଳି ତାମିଲନାଡୁ ସାଂସଦ ସଂଖ୍ୟାରେ ପରିବର୍ତ୍ତନ ନ କରନ୍ତି ତାହାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ଷ୍ଟାଲିନ କହିଥିଲେ।

## ନିଜ ଲୋକଙ୍କ ଉପରେ ବୋମାମାଡ଼ କଲା ଦକ୍ଷିଣ କୋରିଆ ବିମାନ

ସିଓଲ, ୬।୩ (ଏଜେନ୍ସି): ଦକ୍ଷିଣ କୋରିଆରେ ସାମରିକ ଯୁଦ୍ଧାଭ୍ୟାସ ବେଳେ ବଡ଼ ଅଘଟଣ ଘଟିଛି। ଏଠାକାର ଏକ ଯୁଦ୍ଧ ବିମାନ ଗୁରୁବାର ସକାଳ ୧୦ଟା (ସ୍ଥାନୀୟ ସମୟ)ରେ ନିଜ ଲୋକଙ୍କ ଉପରେ ବୋମାମାଡ଼ କରିଛି। ପାଇଲଟ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୮ଟି ବୋମା ପକାଇ ଦେଇଛନ୍ତି। ତେବେ ସୌଭାଗ୍ୟର ବିଷୟରେ ଏଥିରୁ ମାତ୍ର ଗୋଟିଏ ବୋମା ବିସ୍ଫୋରଣ ହୋଇଥିଲା। ଏହି ବିସ୍ଫୋରଣରେ ୧୫ ଲୋକ ଆହତ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଗୋଟିଏ ଚର୍ଚ୍ଚ ଏବଂ ଅନେକ ଘର ମଧ୍ୟ ଧ୍ୱଂସ ହୋଇଯାଇଛି। ସ୍ଥିତିକୁ ଦେଖି ଯୁଦ୍ଧାଭ୍ୟାସକୁ ରଦ୍ଦ କରିଦିଆଯାଇଛି। ପାଇଲଟ୍‌ଙ୍କ ଭୁଲ୍ ଯୋଗୁଁ ଏପରି ହୋଇଥିଲା ବୋଲି ଅଧିକାରୀମାନେ କହିଛନ୍ତି।

# ୫ ବର୍ଷରେ କିଣାଯିବ ୯ ଲକ୍ଷ କୋଟିର ଯୁଦ୍ଧାସ୍ତ୍ର

## ପ୍ରତିରକ୍ଷା ନୀତି ବଦଳାଇବ ଭାରତ

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ସେନା ଆଧୁନିକୀକରଣକୁ ଦ୍ରୁତ କରିବା ପାଇଁ ଭାରତ ପ୍ରତିରକ୍ଷା କ୍ରୟ ନୀତି (ଡିପିପି) ରେ ବଡ଼ ପରିବର୍ତ୍ତନ ପାଇଁ ପ୍ରସ୍ତୁତି କରୁଛି। ଏବେଠାରୁ ସାମରିକ ସାମଗ୍ରୀ କ୍ରୟକୁ ଫାଷ୍ଟଟ୍ରାକ କରାଯିବ। ଡିପିପିରେ ସୁଧାର ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ମଧ୍ୟ ଏକ କମିଟି ଗଠନ କରିଛନ୍ତି। ଏବେ ୮ଟି ପର୍ଯ୍ୟାୟରେ ଅସ୍ତ୍ରଶସ୍ତ୍ର ଏବଂ ସାମରିକ ଉପକରଣ କରାଯାଇଥାଏ। ପ୍ରଥମେ କେଉଁ ଅସ୍ତ୍ରଶସ୍ତ୍ର ବାହାରୁ କିଣାଯିବ ତାହାର ଆକଳନ କରାଯାଇଥାଏ। ପରେ ସୂଚନା ଆହ୍ୱାନ, ପ୍ରସ୍ତାବ, ଟେକ୍ନିକାଲ ଟ୍ରାଏଲ, ଫିଲ୍ଡ ଟ୍ରାଏଲ, ବାଣିଜ୍ୟିକ ଦାବି ମଗାଇବା, ସବୁଠୁ କମ୍ ଦାମରେ ଦେଉଥିବା ବିକ୍ରେତା ଚୟନ କରାଯାଇଥାଏ। ଏହି ସବୁ କାର୍ଯ୍ୟ ଶେଷ ହେବା ପାଇଁ ପ୍ରାୟ ୮ ବର୍ଷ ଲାଗି ଯାଇଥାଏ। ବେଳେବେଳ ତ ଏଥିପାଇଁ ୧୫-୨୦ ବର୍ଷ ଲାଗିଥାଏ। ତେଣୁ ଜ୍ଞାନକୌଶଳ ମଧ୍ୟ ପୁରୁଣା ହୋଇଯାଇଥାଏ। ପ୍ରତିରକ୍ଷାମନ୍ତ୍ରୀ ଗଠନ କରିଥିବା କମିଟି ଏହି ସବୁ କାମକୁ ୨ ବର୍ଷ ମଧ୍ୟରେ କେମିତି ସରାଯିବ ତାହା ଦେଖିବ। ସେନାକୁ ଠିକ୍ ସମୟରେ ଉପକରଣ ନ ମିଳିବାରୁ ଏହି ଡିପିପିରେ ପରିବର୍ତ୍ତନ କରିବାକୁ ଦାବି ହେଉଛି।

ଚଳିତ ବର୍ଷ ତିନି ସେନା ପାଇଁ ସାମରିକ ଉପକରଣ କିଣିବାକୁ ଲକ୍ଷେ ୮୦ ହଜାର କୋଟି ଟଙ୍କାର ବଜେଟ ନିର୍ଦ୍ଧାରଣ କରାଯାଇଛି। ୫ ବର୍ଷରେ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର ସାମଗ୍ରୀ କିଣାଯିବ। ଏଥିରୁ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର କ୍ରୟ ପାଇଁ କେତେ ବଜେଟ ରଖାଯିବ ତାହା କମିଟି ଧାର୍ଯ୍ୟ କରିବ।

## ଚୀନ୍‌ର ପ୍ରତିରକ୍ଷା ବଜେଟ ଭାରତଠୁ ୩ ଗୁଣ

ବେଜିଂ, ୬।୩ (ଏଜେନ୍ସି): ଚୀନ୍ ବୁଧବାର ନିଜର ବାର୍ଷିକ ପ୍ରତିରକ୍ଷା ବଜେଟ ଉପସ୍ଥାପନ କରିଛି। ଗତ ବର୍ଷ ଅପେକ୍ଷା ଏହାକୁ ୭.୨ ପ୍ରତିଶତ ବୃଦ୍ଧି କରାଯାଇଛି। ଏହି ବଜେଟକୁ ୧.୭୮ ଟ୍ରିଲିୟନ ୟୁଆନ ଅର୍ଥାତ୍ ୨୪୯ ବିଲିୟନ ଡଲାର କରିଦିଆଯାଇଛି। ଏହା ଭାରତର ସାମରିକ ବଜେଟ (୭୯ ବିଲିୟନ ଡଲାର) ତୁଳନାରେ ପ୍ରାୟ ୩ ଗୁଣ ଅଧିକ। ରିପୋର୍ଟ ଅନୁଯାୟୀ ଚୀନ୍‌ର ବାସ୍ତବିକ ପ୍ରତିରକ୍ଷା ଖର୍ଚ୍ଚ ଏହି ଦେଶ କହିଥିବା ବ୍ୟୟଠାରୁ ୪୦ରୁ ୫୦ ପ୍ରତିଶତ ଅଧିକ। ଚୀନ୍ ନିଜର ସାମରିକ ବ୍ୟୟକୁ କମ୍ କରି ଦେଖାଇବା ପାଇଁ ଅଲଗା ଅଲଗା କ୍ଷେତ୍ର ଅଧିନରେ ପାଣ୍ଠି ଆବଣ୍ଟନ କରୁଛି। ବିଶ୍ୱରେ ଆମେରିକା ପରେ ଚୀନ୍ ପ୍ରତିରକ୍ଷା କ୍ଷେତ୍ର ପାଇଁ ସର୍ବାଧିକ ବ୍ୟୟ କରୁଛି। ଆମେରିକା ବଜେଟ ୯୦୦ ବିଲିୟନ ଡଲାର ହୋଇଥିବାବେଳେ ୮୬ ବିଲିୟନ ଡଲାର ସହ ଜର୍ମାନୀ ତୃତୀୟ ଏବଂ ଭାରତ ଚତୁର୍ଥ ସ୍ଥାନରେ ରହିଛି।

### ତହବୁର ରାଣାର ଆବେଦନ
## ଭାରତ ଗଲେ ଶୀଘ୍ର ମରିଯିବି



ନୂଆଦିଲ୍ଲୀ,୬।୩(ଏଜେନ୍ସି): ୨୬/୧୧ ମୁମ୍ବାଇ ଆକ୍ରମଣର ଅନ୍ୟତମ ଅଭିଯୁକ୍ତ ତହବୁର ରାଣାକୁ ଭାରତ ପ୍ରତ୍ୟର୍ପଣ କରିବା ଲାଗି ଆମେରିକାର ଟ୍ରମ୍ପ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇସାରିଛି। ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ଭାବେ ଦାୟିତ୍ୱ ନେବାର କିଛି ଦିନ ପରେ ଏ ସମ୍ପର୍କରେ ଘୋଷଣା କରାଯିବା ପରେ କୌଣସି ମୁହୂର୍ତ୍ତରେ ରାଣାକୁ ଭାରତ ଅଣାଯାଇପାରେ ବୋଲି କୁହାଯାଇଥିଲା। ହେଲେ ଏହାପୂର୍ବରୁ ତହବୁର ରାଣା ଆମେରିକା ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶରଣ ପଶିଛି। ଭାରତକୁ ତା'ର ପ୍ରତ୍ୟର୍ପଣ ନିର୍ଦ୍ଦେଶ ଉପରେ ରୋକ୍ ଲଗାଇବାକୁ ସେ ଆବେଦନ କରି ଜରୁରୀକାଳୀନ ରହିତାଦେଶ ଲଗାଇବାକୁ ଅନୁରୋଧ କରିଛି। ରାଣା ତା' ଆବେଦନରେ ଦର୍ଶାଇଛି ଯେ, ଯଦି ତାକୁ ଭାରତକୁ ପ୍ରତ୍ୟର୍ପଣ କରାଯାଏ ତେବେ ତାକୁ ସେଠାରେ କଠୋର ନିର୍ଯାତନା ଦିଆଯିବ। ସେ ମୁସଲମାନ ଏବଂ ପାକିସ୍ତାନୀ ବଂଶୋଦ୍ଭବ ହୋଇଥିବାରୁ ତାକୁ ଭାରତରେ ବହୁତ ହଇରାଣ କରାଯିବ। ଫଳରେ ସେ ବେଶି ଦିନ ବଞ୍ଚିବ ନାହିଁ ଏବଂ ମରିଯିବ ବୋଲି ଉଲ୍ଲେଖ କରିଛି। ତା'ର ପ୍ରତ୍ୟର୍ପଣ ନିର୍ଦ୍ଦେଶ ଉପରେ ରୋକ ନ ଲାଗିଲେ ତାକୁ ଭାରତ ପଠାଇ ଦିଆଯିବ ଏବଂ ଏହି ଆବେଦନ ଉପରେ ଆଉ ସମୀକ୍ଷା କରିବା ସମ୍ଭବ ହେବ ନାହିଁ। କାରଣ ଆମେରିକୀୟ ଅଦାଲତ ଏହି ମାମଲା ଉପରେ ବିଚାର କରିବାର କର୍ତ୍ତୃତ୍ୱ ହରାଇବେ। ଏହାବ୍ୟତୀତ ସେ ବହୁ ରୋଗରେ ପୀଡ଼ିତ ରହିଥିବାରୁ ତା'ର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଆହୁରି ଜଟିଳ ହୋଇପଡ଼ିବ। ତେଣୁ ତା'ର ପ୍ରତ୍ୟର୍ପଣ ଉପରେ ତୁରନ୍ତ ରୋକ୍ ଲଗାଇବାକୁ ସେ ସୁପ୍ରିମକୋର୍ଟଙ୍କୁ ଗୁହାରି କରିଛି। ଉଲ୍ଲେଖଯୋଗ୍ୟ ଯେ ପାକିସ୍ତାନରେ ଜନ୍ମଗ୍ରହଣ କରିଥିବା ତହବୁର ରାଣା ଆର୍ମି ମେଡିକାଲ କଲେଜରେ ପାଠପଢ଼ିବା ପରେ ୧୦ ବର୍ଷ ଧରି ପାକିସ୍ତାନ ସେନାରେ ଡାକ୍ତର ଭାବରେ କାର୍ଯ୍ୟ କରିଥିଲା। କିନ୍ତୁ ଏହି କାର୍ଯ୍ୟ ପସନ୍ଦ ନ ହେବାରୁ ସେ ଚାକିରି ଛାଡିଦେଇଥିଲା। ୨୦୦୬ରୁ ନଭେମ୍ବର ୨୦୦୮ ମଧ୍ୟରେ ସେ ପାକିସ୍ତାନରେ ଡେଭିଡ ହେଡଲି ଏବଂ ଅନ୍ୟମାନଙ୍କ ସହିତ ମିଶି ଭାରତ ଉପରେ ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରିଥିଲା। ପରେ ପରେ ରାଣା ବିଦେଶ ପଳାଇଥିଲା।

### ମହାକୁମ୍ଭକୁ ନେଇ ହାଭାର୍ଡ ବିଶେଷଜ୍ଞଙ୍କ ମତାମତ
# ଐତିହ୍ୟ ସହ ବିଜ୍ଞାନ; ବାଣିଜ୍ୟ-ଆଧ୍ୟାତ୍ମ୍ୟର ନିଆରା ସମ୍ମେଳନ



ନୂଆଦିଲ୍ଲୀ,୬।୩(ଏଜେନ୍ସି): ପ୍ରୟାଗରାଜ ମହାକୁମ୍ଭ ଶେଷ ହୋଇସାରିଛି। ଧାର୍ମିକ ଆସ୍ଥାକୁ ଆଧାର କରି ବିଶ୍ୱର ଏହି ସର୍ବବୃହତ ମହାମିଳନରେ ସାମିଲ ହୋଇଥିବା ସାଧୁ, ସନ୍ଥଙ୍କ ସମେତ ଦେଶ ବିଦେଶରୁ ଆସିଥିବା ଶ୍ରଦ୍ଧାଳୁ ଫେରିଯାଇଛନ୍ତି ସତ। ହେଲେ ଏଭଳି ଏକ ଧାର୍ମିକ ମହାମିଳନକୁ ନେଇ ଚର୍ଚ୍ଚା ବଢ଼ିଛି ସିନା କମି ନାହିଁ। ବିଶେଷକରି ମହାକୁମ୍ଭର ଆୟୋଜନ ଏବଂ ଏଠାକୁ ଆସିଥିବା କୋଟି କୋଟି ଶ୍ରଦ୍ଧାଳୁଙ୍କ ଭିଡ଼ ନିୟନ୍ତ୍ରଣ ସବୁଠାରୁ ଚର୍ଚ୍ଚାର ବିଷୟ ହୋଇଛି।

ଏହିକ୍ରମରେ ନ୍ୟୁୟର୍କରେ ଭାରତୀୟ କନସୁଲେଟ୍ ଜେନେରାଲ ବିନୟ ପ୍ରଧାନଙ୍କ ଦ୍ୱାରା ଆୟୋଜିତ 'ୱାର୍ଲଡସ୍ ଲାର୍ଜେଷ୍ଟ ସ୍ପିରିଚୁଆଲ ଗାଦରିଂ-ମହାକୁମ୍ଭ' ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଆମେରିକାର ପ୍ରତିଷ୍ଠିତ ହାଭାର୍ଡ ବିଜନେସ ସ୍କୁଲର ବରିଷ୍ଠ ପ୍ରଫେସର ଏବଂ ବିଶେଷଜ୍ଞମାନେ ମହାକୁମ୍ଭ ଆୟୋଜନକୁ ନେଇ ଭୁରି ଭୁରି ପ୍ରଶଂସା କରିଛନ୍ତି। ଧାର୍ମିକ ଆସ୍ଥା ଓ ବିଶ୍ୱାସର ଏହି ମହାମିଳନ ପରମ୍ପରା ଓ ଐତିହ୍ୟ ସହିତ ଅତ୍ୟାଧୁନିକ ଜ୍ଞାନ ବିଜ୍ଞାନର ସମ୍ମେଳନ ବୋଲି ସେମାନେ କହିଛନ୍ତି। କେବଳ ସେତିକି ନୁହେଁ,ମହାକୁମ୍ଭ ବାଣିଜ୍ୟ, ବ୍ୟବସାୟ ସହିତ ଆଧ୍ୟାତ୍ମିକତାର ଏକ ମିଳନସ୍ଥଳ ଥିଲା ବୋଲି ସେମାନେ ମତ ଦେଇଛନ୍ତି। ଏହି ଆଲୋଚନାଚକ୍ରରେ ଯୋଗ ଦେଇଥିବା ହାଭାର୍ଡ ବିଜନେସ ସ୍କୁଲର ପ୍ରଫେସର ତରୁଣ ଖାନ୍ନା, ଡିଆନା ଏକ୍, ତିଓନା ଜୁଜୁଲ ପ୍ରମୁଖ କହିଛନ୍ତି ଯେ, ମହାକୁମ୍ଭ ସମ୍ପର୍କରେ ସେମାନଙ୍କ ଗବେଷଣା ଏବଂ ଅନୁଭୂତି ଅତ୍ୟନ୍ତ ରୋଚକ ହୋଇପଡ଼ିଛି। ଏଠାରେ ଭାରତୀୟ ପରମ୍ପରା ଓ ଐତିହ୍ୟ ସହିତ ଆଧୁନିକ ଜ୍ଞାନ ବିଜ୍ଞାନ ଓ ବୈଷୟିକ ଦିଗର ଯେଭଳି ସମନ୍ୱୟ ଘଟିଛି ତାହା ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଏହାଦ୍ୱାରା ଭାରତୀୟ ସମାଜ କିଭଳି ଉନ୍ନତି କରିଛି ତାହା ମଧ୍ୟ ପ୍ରମାଣିତ ହୋଇଛି ବୋଲି ସେମାନେ କହିଛନ୍ତି। ମହାକୁମ୍ଭ ଭିଡ଼ରେ ହଜିଯାଇଥିବା ଲୋକ କିମ୍ବା ଜିନିଷପତ୍ରକୁ ଖୋଜି ବାହାର କରିବା ଏବଂ ସେଗୁଡିକୁ ଉପଯୁକ୍ତ ସ୍ଥାନରେ ପହଞ୍ଚାଇବା ଲାଗି ଯେଭଳି ଡିଜିଟାଲ ବ୍ୟବସ୍ଥା କରାଯାଇଥିଲା ତାହା ଅତ୍ୟାଧୁନିକ ବୈଷୟିକ ଦିଗର ଏକ ମହତ୍ତ୍ୱପୂର୍ଣ୍ଣ ଦିଗକୁ ସଫଳ କରାଇଛି ବୋଲି ସେମାନେ କହିଛନ୍ତି। କୃତ୍ରିମ ବୁଦ୍ଧିମତା(ଏଆଇ) ଉପଯୋଗରେ ଲୋକଙ୍କ ଗଣତି ଏବଂ ସୁରକ୍ଷା ଦିଗକୁ ମଜବୁତ କରିବା ଲାଗି ନିଆଯାଇଥିବା ପଦକ୍ଷେପ ଆହୁରି ଉତ୍ସାହଜନକ ବୋଲି ସେମାନେ କହିଛନ୍ତି।

ସେହିପରି ୨୦୨୫ ମହାକୁମ୍ଭକୁ 'ସ୍ୱଚ୍ଛ କୁମ୍ଭ' ଭାବେ ନାମିତ କରାଯାଇଥିଲା ବେଳେ କୋଟି କୋଟି ଲୋକଙ୍କ ଉପସ୍ଥିତି ସତ୍ତ୍ୱେ ଏଠାରେ ପରିମଳ ପରଚାଳନା ଦିଗରେ ଯେଭଳି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ତାହା ମଧ୍ୟ ଏକ ଅନବଦ୍ୟ କୃତି ବୋଲି ସେମାନେ କହିଛନ୍ତି। ଖୁବ କମ୍ ସମୟରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଅସ୍ଥାୟୀ ସହର ନିର୍ମାଣ କରିବା, ପାନୀୟ ଜଳ ସୁରକ୍ଷିତ ରଖିବା , ଭିଡ଼ ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହିତ କୌଣସି ସଂକ୍ରମଣ ନ ବ୍ୟାପିବା ଦିଗରେ ଆୟୋଜନକାରୀଙ୍କ ପକ୍ଷରୁ ଯେଭଳି ବ୍ୟବସ୍ଥା କରାଯାଇଥିଲା ତାହା ଅତ୍ୟନ୍ତ ନିଆରା ବୋଲି ଏହି ବିଶେଷଜ୍ଞମାନେ କହିଛନ୍ତି।

## ପଞ୍ଚାୟତିରାଜ ଦିବସ ପରିବର୍ତ୍ତନ ପ୍ରସଙ୍ଗ

# ବିଜେଡି ପକ୍ଷରୁ ଜିଲ୍ଲାସାରା ବିକ୍ଷୋଭ ଓ ପ୍ରତିବାଦ ସଭା

## ବିଜୁବାବୁଙ୍କୁ ବିଜେପିର ଅପମାନ ଓଡ଼ିଶାବାସୀ ସହିବେ ନାହିଁ







**ଭଦ୍ରକ, ୬ ।୩(ସମିସ)**

ଓଡ଼ିଶାର ବରପୁତ୍ର, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ମାର୍ଚ୍ଚ ୫ରେ ପାଳିତ ହୋଇଆସୁଥିବା ପଞ୍ଚାୟତିରାଜ ଦିବସକୁ ପରିବର୍ତ୍ତନ କରିବା ନେଇ ବିଜେଡି ପକ୍ଷରୁ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରତିବାଦ କରାଯାଇଛଇ । ପୂର୍ବ ନିଷ୍ପତ୍ତିକ୍ରମେ ବିଜୁ ଜନତା ଦଳର ପୂର୍ବତନ ଭଦ୍ରକ ବ୍ଲକ ସଭାପତି ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଭଦ୍ରକ ବ୍ଲକ ଅଫିସ ସମ୍ମୁଖରେ ଭଦ୍ରକ ନିର୍ବାଚନମଣ୍ଡଳୀ ପକ୍ଷରୁ ଏକ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ଆୟୋଜିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ, ଭଦ୍ରକ ପୌରାଧକ୍ଷା ଗୁଲମକ୍କି ଦଲାୱାଜି, ହବିବ କ୍ଷୀରୋଦ ରାଉତ, ରମେଶ ବେହେରା, ଯୋଗେନ୍ଦ୍ର ଘଡେଇ, ନିରଞ୍ଜନ ମଲ୍ଲିକ, ରତ୍ନାକର ସାମଲ, ପ୍ରଣୟ ଦାସ, ଅକ୍ଷୟ ମହାନ୍ତି, ପଙ୍କଜ ବଳ, ନଳିନୀ ପଣ୍ଡା, ରଘୁନାଥ ପଣ୍ଡା, ମେହେବୁବ ଖାନ, ବଟକୃଷ୍ଣ ଜେନା, ଦେବବ୍ରତ ତ୍ରିପାଠୀ, ବିଦ୍ୟୁତଲତା ନାୟକ, ଦେବୀଦତ୍ତା ମହାନ୍ତି, ପଦ୍ମାବତୀ ପୃଷ୍ଟି, ଯାହିରୁଦ୍ଦିନ ଖାନ, ଇଂ ପ୍ରିୟବ୍ରତ ନାୟକ, ବିକାଶ ଶ୍ରେଷ୍ଠା, ନିରୋଧ ରାଉତ, ତାପସ ରାୟ, ଆଶିଷ ମହାନ୍ତି, ସୁମନ ମହାପାତ୍ର, ନସିରୁଦ୍ଦିନ ଖାନ, ଜୀବନ ତ୍ରିପାଠୀ, ଦେବାଶିଷ ଭାରତୀ, କାମେଶ ବାରିକ ଓ ବରିଷ୍ଠ, ମହିଳା, ଯୁବ ଓ ଛାତ୍ର ନେତୃତ୍ୱ ଉପସ୍ଥିତ ଥିଲେ ।

ସେହିପରି ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟଙ୍କ ନେତୃତ୍ୱରେ ଚାନ୍ଦବାଲି ବ୍ଲକ୍ ସମ୍ମୁଖରେ ବିଜୁ ଜନତା ଦଳର ଶହ ଶହ ନେତା ଓ କର୍ମୀ ଯୋଗ ଦେଇ ଓଡ଼ିଶା ସରକାରଙ୍କ ହୀନ ରାଜନୀତିକୁ ସମାଲୋଚନା କରିଥିଲେ । ବ୍ଲକ୍ ଅଧକ୍ଷା ମିନତୀ ସୂତାର, ଏନଏସି ଅଧକ୍ଷା ଶାନ୍ତିଲତା ସେଠୀ, ଜିଲ୍ଲା ପରିଷଦ ପ୍ରିନ୍ସ ରାକେଶ ନାୟକ, ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ଯୁବନେତା ପ୍ରଭାସ ନାୟକ, ବରିଷ୍ଠ ନେତା ପ୍ରତାପଚନ୍ଦ୍ର ଧଳ, ପୂର୍ବତନ ବ୍ଲକ ଅଧକ୍ଷ ନରେଶଚନ୍ଦ୍ର ମାଝୀ, ପ୍ରାକ୍ତନ ବିଜେଡି ବ୍ଲକ ସଭାପତି ଦ୍ୱିଜବର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

**ଭଣ୍ଡାରିପୋଖରୀ/ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ ଶନି ମନ୍ଦିରଠାରେ ବିଜେଡି ପକ୍ଷରୁ ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା



ଅନୁଷ୍ଠିତ ହୋଇଥିଲା । ସଂପ୍ରତି ରାଜ୍ୟ ସରକାରଙ୍କ ଏଭଳି ଘୃଣ୍ୟ ନିଷ୍ପତ୍ତି ଓଡ଼ିଶାବାସୀଙ୍କ ପ୍ରତି ଉପହାସ ସଦୃଶ ହୋଇଥିବା ବେଳେ ବିଜୁ ବାବୁଙ୍କୁ ଅସମ୍ମାନ କରିଥିବା ହେତୁ ବିଜେପିକୁ ଆଗାମୀ ଦିନରେ ଏହା ମହଙ୍ଗା ପଡ଼ିବ ବୋଲି ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଚେତାବନୀ ଦେଇଥିଲେ । ଆଗାମୀ ପଞ୍ଚାୟତ ଓ ଏନଏସି ନିର୍ବାଚନରେ ବିଜେଡି ଏହାର କଡ଼ା ଜବାବ ଦିଆଯିବ ବୋଲି ବିଧାୟକ କହିଥିଲେ । ଜିଲ୍ଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଜେନା, ବ୍ଲକ ଅଧକ୍ଷା ସୁମତୀ ସେଠୀ, ପ୍ରାକ୍ତନ ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସ୍ୱାଇଁ, ବରିଷ୍ଠନେତା ପ୍ରଶାନ୍ତ କୁମାର ଦାସ, ପ୍ରାକ୍ତନ ବ୍ଲକ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରମୁଖ ବିଜେପି ଇତିହାସକୁ କଳଙ୍କିତ କରୁଥିବା କହିବା ସହିତ ଘଟଣାର ତୀବ୍ର ନିନ୍ଦା କରିଛନ୍ତି । ଯୁବ ବିଜେଡିନେତା ଅମୂଲ୍ୟ ନାୟକ, ପରମେଶ୍ୱର ବାରିକ, ବିରେନ୍ଦ୍ର ନାୟକ, ଲାଲା ସ୍ୱାଇଁ, ସତ୍ୟସାଧନ ବେଜ, ଭବେନ୍ଦ୍ର ମହାପାତ୍ର, ଜଗତ ଜୀବନ ବାରିକ ପ୍ରମୁଖ ଯୋଗ ଦେଇଥିଲେ । ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

**ଧାମନଗର:** ବିଜୁ ବାବୁଙ୍କ ଜୟନ୍ତୀରେ ପଞ୍ଚାୟତିରାଜ ଦିବସକୁ ବାତିଲ କରିବା ପଛରେ ବିଜେପି ସରକାରଙ୍କ ହୀନମାନ୍ୟତା ପ୍ରତିବାଦରେ ଧାମନଗର ବିଜୁ ଜନତା ଦଳ ତରଫରୁ ବିଜେପି ସରକାର ବିରୋଧରେ ବ୍ଲକ ସମ୍ମୁଖରେ ଧାରଣା ସହ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି । ପ୍ରାକ୍ତନ ବ୍ଲକ ବିଜେଡି ସଭାପତି ଉମେଶଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ପ୍ରତିବାଦ ସଭାରେ ଧାମନଗର ନିର୍ବାଚନମଣ୍ଡଳୀସ୍ତରୀୟ ନେତା ଡାକ୍ତର ସଞ୍ଜୟ ଦାସ, ଜିଲ୍ଲା ପରିଷଦ ଉପାଧକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧକ୍ଷ ଅଶୋକ ନାୟକ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାରଦା ପ୍ରସନ୍ନ ସାହୁ,ଏନ୍ଏସି ଅଧକ୍ଷା ନିବେଦିତା ଜେନା, ବ୍ଲକ ଉପାଧକ୍ଷ ଜଗବନ୍ଧୁ ପ୍ରଧାନ, ଭାରତ ବିଜୟ ଦଳେଇ, ସୁଶାନ୍ତ ରାଉତ, ଏନଏସି ଉପାଧକ୍ଷ ଓସିମ ଏଜଦାନି କାଦରି, ସରପଞ୍ଚ ସୁପ୍ରଭା ଆଚାର୍ଯ୍ୟ, ଅଜୟ ମଲ୍ଲିକ,ନରେନ୍ଦ୍ର ନାରାୟଣ ନାୟକ,ସମିତିସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ସୁଦୀପ୍ତ ଖଟୁଆ, ଜ୍ଞାନରଞ୍ଜନ ମହାକୁଡ, ସରପଞ୍ଚ ଓ ସମିତିସଭ୍ୟ ଏବଂ କର୍ମୀମାନେ ଯୋଗ ଦେଇଥିଲେ । ବିଜୁ ବାବୁଙ୍କୁ ଅପମାନ ଓ ହୀନମନ୍ୟତାକୁ ଘୋର ବିରୋଧ ଓ ନିନ୍ଦା କରିବା ସହ ମୋହନ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ । ଏହାର ଜବାବ ଭୋଟ ମାଧ୍ୟମରେ ଦିଆଯିବ ବୋଲି ବିଜେଡିର ବରିଷ୍ଠ ନେତାମାନେ ଚେତାବନୀ ଦେଇଛନ୍ତି ।

**ବାସୁଦେବପୁର:** ବାସୁଦେବପୁର ବ୍ଲକ ଆଗରେ ବିଜେଡି ବିକ୍ଷୋଭ କରିବା ସହ କର୍ମୀମାନେ ଡବଲ ଇଞ୍ଜିନ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । କେବଳ ଭାରତର ନୁହେଁ ୩ଟି ଦେଶର ଗର୍ବ ଓ ଗୌରବର ପ୍ରତୀକ ଭାରତର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପଞ୍ଚାୟତିରାଜ ବ୍ୟବସ୍ଥାର କର୍ଣ୍ଣଧାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତି ରାଜ୍ୟ ସରକାର ସଂକୀର୍ଣ୍ଣ ମନୋଭାବ ରଖିବା ଏବଂ ହୀନମନ୍ୟତାର ପରିଚୟ ଦେଇ ରାଜନୈତିକ ଆକ୍ରୋଶରୁ ପଞ୍ଚାୟତିରାଜ ଦିବସକୁ ପରିବର୍ତ୍ତନ କରିଥିବାରୁ କର୍ମୀମାନେ ଦୃଢ଼ ନିନ୍ଦା କରିଥିଲେ । ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ନେତୃତ୍ୱରେ ବିଜୁ ଜନତାଦଳ ଏକ ବିଶାଳ ଶୋଭାଯାତ୍ରା ନୀଳମଣି ଟାଉନହଲ ଛକରୁ ବାହାରି ସହର ପରିକ୍ରମା କରିଥିଲା । ବ୍ଲକ ଅଧକ୍ଷ ନଗେନ୍ଦ୍ର ବିଶ୍ୱାଳ, ପୌର ଉପାଧକ୍ଷ ଉତ୍ତମ ବାରିକ, ସୁଦର୍ଶନପୁର ସରପଞ୍ଚ ଚନ୍ଦ୍ରକାନ୍ତ ମଳିକ, ଆରୁହା ସରପଞ୍ଚ ରାଜେନ୍ଦ୍ର ସାହୁ, ଅରଣ୍ଡୁଆ ସମିତିସଭ୍ୟ ରମାକାନ୍ତ ଦାଶ, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ଦାସ, ଯୁବନେତା ଅଶୋକ ନାୟକ, ଚୂଡାମଣୀ ସରପଞ୍ଚ ଅଗଣୀ ପ୍ରସାଦ ଯେନା, ବିଜେଡିର ବ୍ଲକ ସଭାପତି ଦୀନବନ୍ଧୁ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପଳିତା, ଚିନ୍ମୟ ବାରିକ, କୃଷ୍ଣଚନ୍ଦ୍ର ଘଡେଇ, ଦେବଦର୍ଶନ ଦାଶ, ମାନସ ରଞ୍ଜନ ସାହୁ, ସାରଦାପ୍ରସାଦ ମହାନ୍ତି, ପ୍ରଫୁଲ୍ଲ ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଯଦୁନାଥ ନାୟକ, ଗୋପବନ୍ଧୁନଗର ପଞ୍ଚାୟତର କୃଷକ ନେତା ବିଦ୍ୟାଧର ମୁଦୁଲି ଶହ ଶହ ବିଜୁ ପ୍ରେମୀ ଶୋଭାଯାତ୍ରାର ଆସି ବ୍ଲକ ଫାଟକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।



## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଭଣ୍ଡାରିପୋଖରୀ, ୬।୩(ସମିସ):** ଭଣ୍ଡାରିପୋଖରୀ ବ୍ଲକ ସଦର ପଞ୍ଚାୟତ ଦକ୍ଷିଣବାଡ ବଣସାହି ଗ୍ରାମରେ ନବନିର୍ମିତ ହନୁମାନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ବହୁ ସଂଖ୍ୟକ ପୁରୁଷ ଓ ମହିଳା ଶ୍ରଦ୍ଧାଳୁ କହରାପୋଖରୀ ସତସଙ୍ଗବିହାର ପୋଖରୀରୁ ଜଳଘଟ ଉତ୍ତୋଳନ କରି ଶୋଭାଯାତ୍ରାରେ ମା' ଚେକା ସାଆନ୍ତାଣି ମନ୍ଦିର ନିକଟକୁ ଆସିଥିଲେ । ସେଠାରେ ମଣ୍ଡଳ ପ୍ରସ୍ତୁତ କରାଯାଇ ଦେବତା ଆବାହନ, ସୂର୍ଯ୍ୟପୂଜା, ଗୋ ପୂଜା, ଅଗ୍ନିସ୍ଥାପନ, ମହାସ୍ନାନ, ନାମଯଜ୍ଞ, ଘୃତଯଜ୍ଞ ଆଦି ପୂଜାବିଧି ସମାପନ କରାଯାଇଥିଲା । ବିଗ୍ରହକୁ ଗଙ୍ଗାଜଳରେ ଶୁଦ୍ଧପୂତ କରାଯାଇ ପ୍ରତିଷ୍ଠା କରାଯାଇଥିଲା । ପୁରେହିତମାନଙ୍କ ଦ୍ୱାରା ମନ୍ତ୍ରଧ୍ୱନି ସହ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଥିଲା । ସାମୂହିକ ପ୍ରସାଦ ସେବନ କରାଯାଇ ଉତ୍ସବ ସମାପନ କରାଯାଇଥିଲା । ଗ୍ରାମବାସୀ ଉତ୍ସବ ପରିଚାଳନା କରିଥିଲେ ।

## ନୂତନ ଆଇନ ସଚେତନତା କାର୍ଯ୍ୟକ୍ରମ

**ଧାମନଗର, ୬ ।୩(ସମିସ):** ଧାମନଗର ଥାନାରେ ଭାରତୀୟ ନାଗରିକ ସୁରକ୍ଷା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ପରିବର୍ତ୍ତନ କାର୍ଯ୍ୟକାରିତା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧାମନଗର ଏସଡିପିଓ ତ୍ରିଲୋଚନ ସେଠୀଙ୍କ ଅଧକ୍ଷତାରେ ଉପସ୍ଥିତ ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ, ବ୍ଲକ ଉପାଧକ୍ଷ, ସମାଜସେବୀ, ସାମ୍ବାଦିକ ଓ ବୁଦ୍ଧିଜୀବୀଙ୍କୁ ଗ୍ରାମାଞ୍ଚଳରେ ଓ ସହରରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଅତିଥିଗଣ ଆଇନର ଏହି ପରିବର୍ତ୍ତିତ ଧାରା ବିଷୟରେ ସଚେତନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଏସ୍ଆଇ ରାଜେଶ ସେଠୀ, ପ୍ରଦୀପ ନାୟକ, କୈଳାସଚନ୍ଦ୍ର ପରିଡା, ସୁରେନ୍ଦ୍ର ରାଉତ, କୁଜୁର ସାରଙ୍କ ସମେତ ଅନ୍ୟ କର୍ମଚାରୀ ଯୋଗ ଦେଇଥିଲେ । ଧାମନଗର ଥାନାଧିକାରୀ ଗୋପାଳକୃଷ୍ଣ ଜେନା ଧନ୍ୟବାଦ ଦେଇଥିଲେ ।

## ବିଭିନ୍ନ ସ୍ଥାନରେ ସୁଭଦ୍ରା ପଥପ୍ରାନ୍ତ ସଚେତନତା ସଭା

**ବନ୍ତ/ଆଗରପଡ଼ା/ବାରିକପୁର, ୬।୩(ସମିସ):** ଆଗରପଡାସ୍ଥିତ ଇଲେଭେନ୍ ଷ୍ଟାର କ୍ଲବ ପରିସରରେ ଗୁରବାର ମହିଳାଙ୍କୁ ନେଇ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ସାମାଜିକ କର୍ମୀ ଗୋପାଳକୃଷ୍ଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ସୁପରଭାଇଜର ପ୍ରିୟଙ୍କା ସିଂ ଅଧକ୍ଷତା କରିଥିଲେ । ବ୍ଲକ ଅଧକ୍ଷ ମନୋରଞ୍ଜନ ଘଡ଼େଇ, ବିଟିପୁର ସରପଞ୍ଚ ସୁଭଦ୍ରା ସିଂହ, ବିଜେପି ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ଯୁବନେତା ଅଶୋକ ପରିଡ଼ା, ଆଇନଜୀବୀ ଚିନ୍ମୟ ମହାପାତ୍ର, ପ୍ରଫୁଲ ସିଂହ, ଗୋ÷ରାଙ୍ଗ ପୃଷ୍ଟି ପ୍ରମୁଖ ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନା ସମ୍ପର୍କରେ ସଚେତନ କରିଥିଲେ । କିଛି ଅଙ୍ଗନୱାଡ଼ି କର୍ମୀ ସୁଭଦ୍ରା ଯୋଜନାର ପ୍ରଥମ କିସ୍ତିକୁ କିପରି ବିନିଯୋଗ କରିଛନ୍ତି ତାହା ଉଲ୍ଲେଖ କରିଥିଲେ । ବିଟିପୁର, ପୁରୁଷଣ୍ଡ, ବଡ଼ମହିଁଷଗୋଠ ଆଦି ପଞ୍ଚାୟତରୁ ସିଆରପି, ଆଶା, ଅଙ୍ଗନବାଡ଼ି କର୍ମୀଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ ।

ସେହିପରି ଭଣ୍ଡାରିପୋଖରୀ ବ୍ଲକର ତିନୋଟି ଜୋନରେ ସୁଭଦ୍ରା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧୀନସ୍ଥ ୨୨ନମ୍ବର ଜୋନର ତେସିଙ୍ଗା ପାଲା ମଣ୍ଡପଠାରେ ସଭା ଅନୁଷ୍ଠିତ ହୋଇଥିବା ବେଳେ ୨୩ ନମ୍ବର ଜୋନର ଭଣ୍ଡାରିପୋଖରୀ କଲ୍ୟାଣ ମଣ୍ଡପ ଓ ୨୪ ନମ୍ବର ଜୋନର ରହଣିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ସୁଭଦ୍ରା ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଯାଇଛି । ସୁଭଦ୍ରା ଯୋଜନା ଅର୍ଥକୁ ନେଇ କେଉଁଭଳି ଭାବେ ସ୍ୱାବଲମ୍ବୀ ହୋଇଛନ୍ତି ସେନେଇ ବିଭିନ୍ନ ଆଲୋଚନା ହୋଇଥିଲା । ବିଡିଓ ଦେବଦତ ଦାଶ, ସିଡିପିଓ ରୀତାରାଣୀ ମାଝୀ, ମିଶନ ଶକ୍ତି ଅଧିକାରୀ ଶ୍ରୀକାନ୍ତ ଜେନା, ସତ୍ୟ ଶିଖା ସେଠୀ ପ୍ରମୁଖ ଆଲୋଚନା କରିଥିଲେ ।

## ମିଳୁନି ଭିନ୍ନକ୍ଷମ ଅସହାୟଙ୍କୁ ଭତ୍ତା ଟଙ୍କା

**ତିହିଡି, ୬ ।୩(ସମିସ):** ଭିନ୍ନକ୍ଷମ, ଅସହାୟ ଲୋକଙ୍କ ପାଇଁ ବର୍ଷକୁ କୋଟି କୋଟି ଟଙ୍କାର ଯୋଜନା ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ପ୍ରଣୟନ କରି ଖର୍ଚ୍ଚ କରୁଛନ୍ତି; କିନ୍ତୁ ତିହିଡି ବ୍ଲକରେ ଏହାର ସୁଫଳ ଭିନ୍ନକ୍ଷମମାନଙ୍କୁ ମିଳୁନି । ଏହି ବ୍ଲକରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ପୁରୁଣା ସରକାର ସମୟରେ ଭିନ୍ନକ୍ଷମ, ବିକଳାଙ୍ଗ, ବୃଦ୍ଧ ଓ ଅସହାୟଙ୍କୁ ୧୨ଶହ ଓ ୧ହଜାର ଟଙ୍କା କରି ଭତ୍ତା ମିଳୁଥିଲା । ଗତ ସାଧାରଣ ନିର୍ବାଚନ ବେଳେ ଉକ୍ତ ଭତ୍ତା ରାଶିକୁ ବୃଦ୍ଧି କରି ବିଜେପି ପକ୍ଷରୁ ସାଢେ ୩ହଜାର ଟଙ୍କା ଦେବାକୁ ଘୋଷଣା କରିଥିଲେ । ମାତ୍ର ନିର୍ବାଚିତ ହେବାର ୯ମାସ ହେବା ପୂରଣ ହେଲାଣି ହେଲେ ନୂଆ ସରକାର ଏଯାଏଁ ଭିନ୍ନକ୍ଷମଙ୍କୁ ଭତ୍ତା ଟଙ୍କା ମିଳିନାହିଁ । ନୂଆ ସରକାର ନୂଆ ନିୟମ ଲାଗୁ କଲେ ୮୦ ବର୍ଷରୁ ଅଧିକ ବୃଦ୍ଧବୃଦ୍ଧା ଓ ୮୦ ପ୍ରତିଶତ ଭିନ୍ନକ୍ଷମ, ବିକଳାଙ୍ଗଙ୍କୁ ସାଢେ ୩ହଜାର ଟଙ୍କା ମିଳିବ ବୋଲି ନିୟମ ପ୍ରଣୟନ କଲେ । ତିହିଡି ବ୍ଲକରେ ପାଖାପାଖି ୧୪୮୦ ୮୦ ବର୍ଷରୁ ଅଧିକ ହିତାଧିକାରୀ ଅଛନ୍ତି । ସେଥିମଧ୍ୟରୁ ପାଇଛନ୍ତି ମାତ୍ର ୪ଶହ ହିତାଧିକାରୀ । ସାଢେ ତିନି ହଜାର ଟଙ୍କା ବଳକା ହଜାର ହିତାଧିକାରୀ ବାଦ୍ ପଡିଛନ୍ତି । ଶହେ ପ୍ରତିଶତ, ନବେ ପ୍ରତିଶତ ଭିନ୍ନକ୍ଷମ, ବିକଳାଙ୍ଗଙ୍କୁ ମିଳୁନି ଟଙ୍କା । ସେହିପରି ଅଚକ ପଞ୍ଚାୟତର ଗୀତାଶ୍ରୀ ମୁଦୁଲି, ନୂଆନନ୍ଦର ସୁଭଦ୍ରା ଦାସ, ମହରମପୁରର କୁନା ଜେନା, ସୂର୍ଯ୍ୟମଣି ଦାସ, ନରେଶଚନ୍ଦ୍ର ସେଠୀ ପ୍ରମୁଖ ହିତାଧିକାରୀ ପ୍ରଶାସନର ଅଜବ ନୀତି ପାଇଁ ବାଦ୍ ପଡିଛନ୍ତି । ଶହେ ପ୍ରତିଶତ ଭିନ୍ନକ୍ଷମ ଥାଇ ବି ମିଳୁନି ଟଙ୍କା । ବ୍ଲକ ଅଫିସରୁ ପଞ୍ଚାୟତଠାରୁ ଦୌଡି ଦୌଡି ସେମାନେ ଥକି ପଡିଲେଣି । ଆଜି କାଲି କହି ଦିନ ଗଡୁଛି, ହେଲେ ମିଳୁନି । ସେପଟେ ପ୍ରଶାସନ ଯେଉଁମାନଙ୍କୁ ଭତ୍ତା ଟଙ୍କା ବାଣ୍ଟିବାକୁ ଦାୟିତ୍ୱ ନ୍ୟସ୍ତ କରିଛି, ସେମାନେ ପ୍ରତି ମାସରେ ୨ ଶହ ଟଙ୍କା ଚଲୁ କରୁଥିବା ଅଭିଯୋଗ ବି ଆସିଛି । କେବେ ହିତାଧିକାରୀଙ୍କୁ ଭତ୍ତା ମିଳୁଛି, ଏହା ଦେଖିବାକୁ ରହିଲା ।



## ଗିରିଧାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ



**ବନ୍ତ/ଆଗରପଡ଼ା, ୬।୩(ସମିସ):** ବନ୍ତ ବ୍ଲକ୍ ବାଙ୍ଗୋରପଦୀର ଗିରିଧାରୀ ଉ.ପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ସଭାପତି ସଂଜୀବ ସାହୁଙ୍କ ସଭାପତିତ୍ୱରେ ଓ ଶିକ୍ଷକ ସୁଧୀର କୁମାର ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ବ୍ଲକ୍ ଶିକ୍ଷା ସଂଯୋଜକ ହରେକୃଷ୍ଣ ଆପଟ, ଅତିରିକ୍ତ ଶିକ୍ଷାଧିକାରୀ ପ୍ରମୋଦ ପଣ୍ଡା, ବନ୍ତ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ମିଶ୍ର, ଜାତୀୟ ପୁରସ୍କୃତ ଶିକ୍ଷକ ଅଜୟ ପୃଷ୍ଟି, ଶିକ୍ଷାବିତ୍ ଜଗନ୍ନାଥ ପାତ୍ର, ସରପଞ୍ଚ ମାନରାଣୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ବାର୍ଷିକ ବିବରଣୀ ପାଠ କରିଥିଲେ ପ୍ରଧାନଶିକ୍ଷକ ଅମର ବାରିକ । ଧନ୍ୟବାଦ ଅର୍ପଣ କରିଥିଲେ ସହକାରୀ ଶିକ୍ଷୟିତ୍ରୀ ସୁନୀତି ସାହୁ । ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା । କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥି ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଆରତିରାଣୀ ମହାନ୍ତି, ରଂଜିତ ରାଉତ, ଲାଙ୍ଗୁଳା ଶୁଆରଙ୍କ ସହ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକ ସହଯୋଗ କରିଥିଲେ ।

## ଗୁରୁଶ୍ରୀ ସୁବାସଚନ୍ଦ୍ର ମଲ୍ଲିକଙ୍କୁ 'ବାଣୀପୁତ୍ର' ସମ୍ମାନ

**ଧାମନଗର, ୬ ।୩(ସମିସ):** ଗତ ୫ ତାରିଖ ବାଲେଶ୍ୱର ଜିଲ୍ଲାର ବାହାନଗା, ଅରଡାଠାରେ ଜଗନ୍ନାଥ କଳା ସାହିତ୍ୟ ସମିତିର ସପ୍ତମ ବାର୍ଷିକ ଉତ୍ସବରେ ବିଶିଷ୍ଟ କବି ଦୀନବନ୍ଧୁ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଧାମନଗର ବ୍ଲକ୍ ସାହିତ୍ୟ ସମ୍ମାନ'ରେ ଭୂଷିତ କରାଯାଇଛି । ମୁଖ୍ୟଅତିଥି ସ୍ଥାନୀୟ ବିଧାୟକ ମାଧବ ଧଡା, ମୁଖ୍ୟବକ୍ତା କେନ୍ଦୁଝରର ବିଶିଷ୍ଟ ପଲଗାୟକ ଓ କଥାବାଚକ ହରିହର ପାଣିଗ୍ରାହୀ, ବରେଣ୍ୟ ଅତିଥି ସୁବାସ ମଲ୍ଲିକ ଓ ପରିବେଶବିତ୍ କୃତିବାସ ବେଜ



କଳା ସଂସ୍କୃତି ସଂଘର ଉପସଭାପତି ତଥା ଲୋକସଂସ୍କୃତି ବିଶେଷଜ୍ଞ ଗୁରୁଶ୍ରୀ ସୁବାସ ମଲ୍ଲିକଙ୍କୁ ଅନୁଷ୍ଠାନ ପକ୍ଷରୁ 'ବାଣୀପୁତ୍ର କଳା ପ୍ରମୁଖ ଏହି ଅବସରରେ ତାଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର, ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିବା ଜଣାପଡ଼ିଛି ।

## ଏଏନ୍ ବିବେକାନନ୍ଦ ପବ୍ଲିକ୍ ସ୍କୁଲର ବାର୍ଷିକ ଉତ୍ସବ




**ଦୋବଲ,୬।୩(ସମିସ):** ଦୋବଲ ନିକଟସ୍ଥ ବେଦପୁରସ୍ଥିତ ଏଏନ ବିବେକାନନ୍ଦ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ସଭାପତି ଅତିସ ନନ୍ଦଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧାମନଗର ପୁଲିସ ଏସଡିପିଓ ତ୍ରିଲୋଚନ ସେଠୀ, ମୁଖ୍ୟବକ୍ତା ଦୋବଲ ଏସବିଆଇ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ସମ୍ମାନିତ ଅତିଥି ଶିକ୍ଷା ବିକାଶ ପରିଷଦ ଉତ୍ତର କ୍ଷେତ୍ରର ସମ୍ପାଦକ ସୁଦର୍ଶନ ପ୍ରଧାନ, ଗଣେଶ ପ୍ରସାଦ ରଥ, ପ୍ରୋବଧ ତ୍ରିପାଠୀ, ବିନୟ ମିଶ୍ର, ପ୍ରଧାନଆଚାର୍ଯ୍ୟ କବିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶିଶୁଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରଯାଇଥିଲା । ଶିକ୍ଷୟିତ୍ରୀ ପ୍ରଜ୍ଞା ସାହୁ, ପୁଷ୍ପାରାଣୀ ସାହୁ, ସ୍ମୃତିରେଖା ଦାସ, ଶ୍ରଦ୍ଧାଞ୍ଜଳି ଦଳାଇ, ରୋଜାଲିନ ସାହୁ, ସୁଭଦ୍ରା ଦାସ, ମନୀଷା ଦାସ, ମାମାଲି ଦାସ ପ୍ରମୁଖ ସଭା ପରିଚାଳନା କରିଥିଲେ । ଉପ ପ୍ରଧାନଆଚାର୍ଯ୍ୟ ରଶ୍ମିତା ରାମ ବାର୍ଷିକ ବିବରଣୀ ପାଠ କରିଥିଲେ । ସ୍କୁଲ ସମ୍ପାଦକ ନିରାକାର ଦଳେଇ ଧନ୍ୟବାଦ ଅର୍ପଣ କରିଥିଲେ । ପରେ କୁନି କୁନି ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା । ସେମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୭.୬୫ • ପାଉଣ୍ଡ ୧୧୨.୯୫
- ୟୁରୋ ୯୪.୬୬ • ୟେନ୍ ୦.୫୮

## ସୁନା, ରୁପା ଦର (ଟଙ୍କାରେ)



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୮୦,୬୦୦ (ଭୁବନେଶ୍ୱର)
- ରୁପା : ୧୦୦,୧୫୦ (କେଜି)



## ଷ୍ଟକ୍ ମାର୍କେଟ୍



ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୪,୩୪୦.୦୦
- ନିଫ୍ଟି ୨୨,୫୪୪.୦୦

## ପେଟ୍ରୋଲ-ଡିଜେଲ୍



ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ମହାରାଷ୍ଟ୍ରରେ ଚିନି ଉତ୍ପାଦନରେ ୨୦% ହ୍ରାସ

# ୯୨ ମିଲ୍ ବନ୍ଦ; ମହଙ୍ଗା ହେବ ଚିନି

ନୂଆଦିଲ୍ଲୀ,୬।୩(ଏଜେନ୍ସି)

ଖରାପ ଆଖୁ ଫସଲ ଏବଂ ଚାଷୀଙ୍କର ଇଥାନଲ ପ୍ରତି ଅଧିକ ଆଗ୍ରହ ଯୋଗୁଁ ଆଗାମୀ ଦିନରେ ଘରୋଇ ବଜାରରେ ଚିନି ମୂଲ୍ୟରେ ବୃଦ୍ଧି ସମ୍ଭାବନା ରହିଛି। ଦେଶର ପ୍ରମୁଖ ଚିନି ଉତ୍ପାଦନକାରୀ ରାଜ୍ୟ ମଧ୍ୟରୁ ମହାରାଷ୍ଟ୍ରରେ ଚିନି ଉତ୍ପାଦନରେ ବର୍ତ୍ତମାନ ୨୦% ହ୍ରାସ ଘଟିଛି। ଏହା ବ୍ୟତୀତ ରାଜ୍ୟର ଅନେକ ଚିନି କଳ ମଧ୍ୟ ବନ୍ଦ ହୋଇଯାଇଛି। ଏହାର ପ୍ରଭାବ ଦେଶର ଖୁଚୁରା ବଜାର ଉପରେ ପଡିବାକୁ ଯାଉଛି। ଏଥିଯୋଗୁ ଚିନ୍ତା ଦର ବଢ଼ିବ।



### ● ଆଖୁ ପେଡ଼ା ବିଳମ୍ବରେ ଆରମ୍ଭ

ମହାରାଷ୍ଟ୍ରରେ ଆଖୁ ପେଡ଼ା ଋତୁ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ରାଜ୍ୟରେ ଏ ପର୍ଯ୍ୟନ୍ତ ମାତ୍ର ୭୬ ଲକ୍ଷ ଟନ୍ ଚିନି ଉତ୍ପାଦନ ହୋଇଛି। ଏହି ସଂଖ୍ୟା ଗତବର୍ଷର ଚିନି ଉତ୍ପାଦନ ତୁଳନାରେ ୨୦% କମ୍। ଏହାବ୍ୟତୀତ ଗତବର୍ଷ ଏହି ସମୟ ସୁଦ୍ଧା ୩୭ଟି ଚିନି ମିଲ୍ ବନ୍ଦ ରହିଥିବାବେଳେ ଏବେ ୯୨ ମିଲ୍ ବନ୍ଦ ହୋଇଯାଇଛି। ମହାରାଷ୍ଟ୍ର ଚିନି କମିଶନରେଟ୍ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଚଳିତ ୨୦୨୪-୨୫ ଋତୁରେ ଚିନି ଉତ୍ପାଦନ ୭୬୧.୧୯ ଲକ୍ଷ କ୍ୱିଣ୍ଟାଲ ହୋଇଛି। ଗତବର୍ଷ ସମାନ ସମୟରେ ଉତ୍ପାଦନ ପରିମାଣ ୯୫୧.୭୯ ଲକ୍ଷ କ୍ୱିଣ୍ଟାଲ ରହିଥିଲା। ଅର୍ଥାତ୍ ଗତବର୍ଷ ତୁଳନାରେ ଚଳିତଥର ଉତ୍ପାଦନରେ ପ୍ରାୟ ୨୦.୦୩% ହ୍ରାସ ଘଟିଛି। ଏଥର ମାର୍ଚ୍ଚ ୩ ସୁଦ୍ଧା ରାଜ୍ୟର ଚିନିକଳଗୁଡ଼ିକରେ ୮୧୨.୧୭ ଲକ୍ଷ ଟନ୍ ଆଖୁ ପେଡା ହୋଇଛି। ଗତବର୍ଷ ସମାନ ଋତୁରେ ଏଠାରେ ୯୪୭.୭୮ ଲକ୍ଷ ଟନ୍ ଉତ୍ପାଦନ ହୋଇଥିଲା। ବର୍ତ୍ତମାନ ମହାରାଷ୍ଟ୍ରରେ ୯୨ ଚିନି କଳ ବନ୍ଦ ହୋଇଥିବାବେଳେ ୧୦୮ ଚିନି ମିଲ୍ ଏବେ ବି ଆଖୁ ପେଡିବା କାର୍ଯ୍ୟରେ ନିୟୋଜିତ ଅଛନ୍ତି। ରାଜ୍ୟର ଯେଉଁ ଚିନି ମିଲ୍ ଗଡିକ ସେମାନଙ୍କର କାର୍ଯ୍ୟ ବନ୍ଦ କରିଦେଇଛନ୍ତି ସେମାନଙ୍କ ମଧ୍ୟରେ ସୋଲାପୁରର ୪୦ଟି, କୋଲ୍ହାପୁରର ୧୬ଟି, ପୁଣେର ୧୦ଟି, ନାନ୍ଦେଦରେ ୧୦ଟି, ଛତ୍ରପତି ସମ୍ଭାଜୀ ନଗରରେ ୧୦ଟି ଏବଂ ଅହଲ୍ୟାନଗରରେ ୬ଟି ମିଲ୍ ଅନ୍ତର୍ଭୁକ୍ତ। ଚଳିତ ଋତୁରେ ଚିନି ପୁନରୁଦ୍ଧାର ହାର ୯.୩୭ ପ୍ରତିଶତ ରହିଛି, ଯେତେବେଳେ କି ଗତବର୍ଷ ସମାନ ଋତୁରେ ପୁନରୁଦ୍ଧାର ହାର ୧୦.୦୪% ଥିଲା।

ରାଜ୍ୟରେ ଚିନି ଉତ୍ପାଦନ ସମ୍ପର୍କରେ ବିଶେଷଜ୍ଞମାନେ କହିଛନ୍ତି ଯେ ଏଥର ଆଖୁ ଉତ୍ପାଦନ କମ୍ ହୋଇଛି। ଏହାବ୍ୟତୀତ ଚିନି କଳଗୁଡ଼ିକରେ ଆଖୁ ପେଡିବା ମଧ୍ୟ ବିଳମ୍ବରେ ଆରମ୍ଭ ହୋଇଥିଲା। ଏଥିଯୋଗୁ ଆଖୁ ଅନ୍ୟ ସ୍ଥାନକୁ ନିଆଯାଇଥିଲା, ଯାହା ଫଳରେ ଚିନି ଉତ୍ପାଦନ କମ୍ ହେଲା। ଇସ୍ମା ଅନୁଯାୟୀ, ୨୦୨୪-୨୫ ଋତୁରେ ସାରା ଦେଶରେ ଚିନି ଉତ୍ପାଦନରେ ୧୫ ପ୍ରତିଶତ ହ୍ରାସ ଘଟିବାର ସମ୍ଭାବନା ରହିଛି। ଏହି ଋତୁରେ ଚିନି ଉତ୍ପାଦନ ୨୭୨ ଲକ୍ଷ ଟନ୍ ହେବ ବୋଲି ଆକଳନ କରାଯାଇଛି। ଗତ ୨୦୨୩-୨୪ ଋତୁରେ ମୋଟ ଉତ୍ପାଦନ ୩୨୦ ଲକ୍ଷ ଟନ୍ ଥିଲା। ଦେଶରେ ବାର୍ଷିକ ଚିନି ବ୍ୟବହାର ପ୍ରାୟ ୨୮୦ ଲକ୍ଷ ଟନ୍। ସରକାରଙ୍କ ପାଖରେ ପ୍ରାରମ୍ଭିକ ଷ୍ଟକ୍ ଭାବରେ ପ୍ରାୟ ୬୦ ଲକ୍ଷ ଟନ୍ ଚିନି ଉପଲବ୍ଧ। ଏହାର ଅର୍ଥ ହେଉଛି ଯେ ଏଥର ଦେଶରେ ଚିନି ଉତ୍ପାଦନ ହ୍ରାସ ପାଇଥିଲେ ମଧ୍ୟ, ଚିନି ଅଭାବର ସମସ୍ୟା ଦେଖାଦେବନାହିଁ।

# ମହିଳାଙ୍କ ଦ୍ୱାରା ପରିଚାଳିତ ବେଦାନ୍ତ ଆଲୁମିନିୟମର ସ୍ମେଲ୍‌ଟର ଲାଇନ୍



ଭୁବନେଶ୍ୱର,୬।୩(ସମିସ): ଭାରତର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଝାରସୁଗୁଡାରେ ଏହାର କାର୍ଯ୍ୟରେ ଏକ ସମ୍ପୂର୍ଣ୍ଣ ସ୍ମେଲ୍‌ଟର ଲାଇନକୁ ରୂପାନ୍ତର କରି ଲିଙ୍ଗ ସମାନତା ଏବଂ କର୍ମକ୍ଷେତ୍ର ଅନ୍ତର୍ଭୁକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଘୋଷଣା କରିଛି, ଯାହା କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଏବଂ ରକ୍ଷଣାବେକ୍ଷଣ କରାଯିବ। ଝାରସୁଗୁଡା ସ୍ମେଲ୍‌ଟର ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍‌ଟର ମଧ୍ୟରୁ ଅନ୍ୟତମ। ଏହି ଅଗ୍ରଣୀ ପଦକ୍ଷେପ କର୍ମକ୍ଷେତ୍ରରେ ମହିଳା ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିବା ପାଇଁ ବେଦାନ୍ତ ଆଲୁମିନିୟମର ବ୍ୟାପକ ପ୍ରତିବଦ୍ଧତା ସହିତ ସମନ୍ୱୟ କରେ, ଉତ୍ପାଦନ କ୍ଷେତ୍ର ମଧ୍ୟରେ ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତୀକରଣରେ ଏକ ଅଗ୍ରଣୀ ଭାବରେ ଏହାର ସ୍ଥିତିକୁ ସୁଦୃଢ଼ କରିଛି। ଏହି ପ୍ରୟାସର ଗୁରୁତ୍ୱ ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ବିବିଧତା ଏବଂ ଅନ୍ତର୍ଭୁକ୍ତି ନବସୃଜନ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତାର ପ୍ରମୁଖ ବାହକ। ମୁଖ୍ୟ ଉତ୍ପାଦନ ଭୂମିକାରେ ମହିଳାମାନଙ୍କୁ ଅଧିକ ସୁଯୋଗ ସହିତ ସଶକ୍ତ କରି, ଆମେ କେବଳ ଶିଳ୍ପ ଷ୍ଟେରିଓଟାଇପ୍ ଭାଙ୍ଗିବା ସହିତ ଏକ ସମାନ, ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମକ୍ଷେତ୍ର ମଧ୍ୟ ସୃଷ୍ଟି କରୁଛୁ।

# ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଇଣ୍ଟରନ୍ୟାସନାଲ ଏକ୍ସପୋ ଆରମ୍ଭ



**ଭୁବନେଶ୍ୱର, ୬।୩(ସମିସ):** ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆଜିଠାରୁ ଆରମ୍ଭ ହୋଇଥିବା ତୃତୀୟ ଓଡ଼ିଶା ଖଣି ଓ ଭିତ୍ତିଭୂମି ଆନ୍ତର୍ଜାତିକ ପ୍ରଦର୍ଶନୀ ୨୦୨୫କୁ ଏମଏସଏମଇ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ଏକ୍ସପୋକୁ ଉଦ୍‌ଘାଟନ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କହିଲେ, ବକ୍ସାଇଟ୍, କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଖଣିଜାତ ଦ୍ରବ୍ୟ ଭଳି ଖଣିକ୍ଷେତ୍ରରେ ଓଡ଼ିଶା ସର୍ବାଧିକ। ଖଣିରୁ ଓଡ଼ିଶାକୁ ସର୍ବାଧିକ ରାଜସ୍ୱ ମିଳୁଛି। ଭୁବନେଶ୍ୱରରେ ଏତେ ବଡ଼ ଧରଣର ଖଣି ଏକ୍ସପୋ ରାଜ୍ୟ ପାଇଁ ବେଶ ଲାଭଦାୟକ।

ମାର୍ଚ୍ଚ ୯ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ସମାରୋହରେ ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା, ଫ୍ୟୁଚରେକ୍ସ ଗ୍ରୁପ୍‌ର ଏମ୍‌ଡ଼ି ସ୍ୱାମୀ ପ୍ରେମ ଅନ୍ୱେଷୀ, ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ନାଲକୋର ପୂର୍ବତନ ସିଏମଡି ତଥା ଶିଳ୍ପ ପେସାଦାର ଡ଼ ତପନ କୁମାର ଚାନ୍ଦଙ୍କ ସମେତ ଉଦ୍ୟୋଗ ଜଗତର ବିଶିଷ୍ଟ ବ୍ୟକ୍ତିତ୍ୱମାନେ ଉପସ୍ଥିତ ଥିଲେ। ପିଏଚ୍‌ଡି ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି, ସ୍କିଲ୍ କାଉନସିଲ୍ ଅଫ୍ ମାଇନିଂ ସେକ୍ଟର୍ ଏବଂ ଓସ୍ମିର ମିଳିତ ସହଯୋଗରେ ଫ୍ୟୁଚରେକ୍ସ ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀରେ ଭାରତ ତଥା ଭାରତ ବାହାରେ ଖଣି, ନିର୍ମାଣ ଓ ଭିତ୍ତିଭୂମି ଉଦ୍ୟୋଗର ଅଗ୍ରଣୀ ଅଂଶୀଦାରମାନେ ଏକାଠି ହୋଇଛନ୍ତି। ଚଳିତ ବର୍ଷର ଏକ୍ସପୋରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ ଏବଂ ତାଇୱାନର ପ୍ରତିଯୋଗୀମାନେ ଯୋଗ ଦେଇଛନ୍ତି।

### ୧୭୮ ତମ ଏସ୍‌ଏଲ୍‌ବିସି ବୈଠକ

# ଉଚ୍ଚ ମୁଦ୍ରାସ୍ଫୀତି, କମ୍ ଋଣ ଅଭିବୃଦ୍ଧି ହାରକୁ ନେଇ ଚିନ୍ତା

ଭୁବନେଶ୍ୱର,୬।୩(ଏଜେନ୍ସି): ୨୦୨୪-୨୫ ଆର୍ଥିକବର୍ଷ ପାଇଁ ୨.୧୧ ଲକ୍ଷ କୋଟି ଟଙ୍କାର ବାର୍ଷିକ କ୍ରେଡିଟ୍ ପ୍ଲାନ୍‌ର ଲକ୍ଷ୍ୟ ଶତକଡା ଶହେ ଭାଗ ହାସଲ କରିବାକୁ ହେବ। ଗୃହ,ଶିକ୍ଷା ଏବଂ ରପ୍ତାନି କ୍ଷେତ୍ରକୁ ସମସ୍ତ ବ୍ୟାଙ୍କ ଦ୍ୱାରା ଋଣ ପ୍ରଦାନ ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଉନ୍ନୟନ କମିଶନର ମହିଳା, ଅନୁସୂଚିତ

- ଋଣ-ଜିଏସ୍‌ଡିପି ଅନୁପାତ ବଢ଼ାଇବା ପାଇଁ ବ୍ୟାଙ୍କ ଅଧିକ ଋଣ ଦିଅନ୍ତୁ
- ୨.୧୧ ଲକ୍ଷ କୋଟିର ବାର୍ଷିକ କ୍ରେଡିଟ୍ ପ୍ଲାନ୍ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱ

ଜାତି, ଜନଜାତି ଏବଂ ଦୁର୍ବଳ ବର୍ଗ ସମେତ ସମାଜର ସମସ୍ତ ବର୍ଗକୁ ଋଣ ପ୍ରଦାନରେ ଆଞ୍ଚଳିକ ଅସନ୍ତୁଳନକୁ ହ୍ରାସ କରିବା ଜରୁରୀ। ରାଜ୍ୟର ଋଣ-ଜିଏସଡିପି ଅନୁପାତକୁ ଉନ୍ନତ କରିବା ପାଇଁ ସମସ୍ତ ବ୍ୟାଙ୍କ ଅଧିକ ଋଣ ପ୍ରଦାନ କରିବାକୁ ୧୭୮ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି (ଏସ୍‌ଏଲ୍‌ବିସି) ବୈଠକରେ ଯୋଗଦେଇ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି।

ଶ୍ରୀମତୀ ଗର୍ଗ ବ୍ୟାଙ୍କମାନଙ୍କୁ ନୂତନ ଭାବରେ ଆରମ୍ଭ ହୋଇଥିବା 'ଶୀତଳ ଭଣ୍ଡାର ପାଇଁ ଆର୍ଥିକ ସହାୟତା' ଯୋଜନାକୁ ସମର୍ଥନ କରିବାକୁ ଅନୁରୋଧ କରିଥିଲେ, ଯାହାର ଲକ୍ଷ୍ୟ ହେଉଛି ଅମଳ ପରବର୍ତ୍ତୀ କ୍ଷତିକୁ କମ କରିବା ଏବଂ କୃଷକଙ୍କ ଦ୍ୱାରା ଅଭାବୀ ବିକ୍ରିକୁ ରୋକିବା। ବୈଠକରେ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏସ.ପି. ମହାନ୍ତି ତାଙ୍କ ଭାଷଣରେ ଓଡ଼ିଶାରେ ଉଚ୍ଚ ମୁଦ୍ରାସ୍ଫୀତି, ଜାତୀୟ ସ୍ତର ତୁଳନାରେ ରାଜ୍ୟରେ କମ ଋଣ ଅଭିବୃଦ୍ଧି ହାର ଏବଂ ସାରା ରାଜ୍ୟରେ ଆର୍ଥିକ ସ୍ୱାକ୍ଷରତା ଏବଂ ସାଇବର ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆରବିଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ସରକାରୀ ଯୋଜନାରେ ଘରୋଇ କ୍ଷେତ୍ରର ବ୍ୟାଙ୍କଗୁଡ଼ିକର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ନୂତନ ଭାବରେ ଆରମ୍ଭ ହୋଇଥିବା ଶୀତଳ ଭଣ୍ଡାରକୁ ଆର୍ଥିକ ସହାୟତା ଯୋଜନା ବିଷୟରେ ବିସ୍ତୃତ ଭାବରେ ଅବଗତ କରାଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଏଲ୍‌ବିସିର ସଂଯୋଜକ, ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀ, ନାବାର୍ଡ, ରିଜର୍ଭ ବ୍ୟାଙ୍କ ଏବଂ ସମସ୍ତ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।



# ଜିଇଏଫ୍ ଫୁଡ୍ସ ଇଣ୍ଡିଆ-ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍ସ ଯୌଥ ଉଦ୍ୟୋଗ

ଭୁବନେଶ୍ୱର,୬।୩(ସମିସ) : ଜେମିନି ଏଡିବୁଲ୍ସ ଆଣ୍ଡ ଫ୍ୟାଟ୍ସ (ଜିଇଏଫ୍) ଫୁଡ୍ସ ଇଣ୍ଡିଆ ଲିମିଟେଡ୍ ଏବଂ ଇଣ୍ଡିଆ-ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍ସ ମଧ୍ୟରେ ଏକ ଯୌଥ ଉଦ୍ୟୋଗ ପ୍ରତଷ୍ଠା ହୋଇଯାଇଛି। ମସଲା,ମିଲ୍ ମିକ୍ସ ଏବଂ ଆହୁରି ଅନେକ ସାମଗ୍ରୀର ଆବଣ୍ଟନ ଲକ୍ଷ୍ୟ ନେଇ ଏହି ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି। ଏ ସମ୍ପର୍କରେ ଜେମିନି ଏଡିବୁଲ୍ସ ଆଣ୍ଡ ଫ୍ୟାଟ୍ସ ଇଣ୍ଡିଆ ଲିମିଟେଡର ଗ୍ରୁପ ଉପସଭାପତି ଅକ୍ଷୟ ଚୌଧୁରୀ କହିଛନ୍ତି ଯେ, ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍ସ ସହ ହାତ ମିଳାଇ ଜିଇଏଫ୍ ଫୁଡ୍ସ ଇଣ୍ଡିଆ ଲିମିଟେଡର ଶୁଭାରମ୍ଭ କରିବା ନେଇ ଆମେ ବେଶ ଆନନ୍ଦିତ। ଏହା ଉପରେ ଶ୍ରୀ ଅନ୍ନପୂର୍ଣ୍ଣା ଫୁଡ୍ସର ମ୍ୟାନେଜିଂ ପାର୍ଟନର୍ ତଥା ଜିଇଏଫ୍ ଫୁଡ୍ସ ଇଣ୍ଡିଆ ପ୍ରା. ଲିମିଟେଡର ସିଇଓ ବିଜୟ ପ୍ରସାଦ କହିଛନ୍ତି ଯେ, ଜିଇଏଫ୍ ଇଣ୍ଡିଆ ସହ ଏହି ସହଯୋଗିତା ଗ୍ରାହକମାନଙ୍କୁ ସ୍ୱାସ୍ଥ୍ୟକର ଏବଂ ସୁସ୍ୱାଦୁ ମସଲା ଯୋଗାଇବ।




# ଟିପିସିଓଡିଏଲ୍ ଲାଇନମ୍ୟାନ୍ ଜାତୀୟ ସ୍ତରରେ ସମ୍ମାନିତ

ଭୁବନେଶ୍ୱର,୬।୩(ସମିସ): ଟିପିସିଓଡିଏଲ୍ ଲାଇନମ୍ୟାନ ଲଡ୍ଡୁ କିଶୋର ପ୍ରଧାନ ନୂଆଦିଲ୍ଲୀରେ ଅନୁଷ୍ଠିତ ଲାଇନ୍‌ମ୍ୟାନ୍ ଦିବସ ୨୦୨୫ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟୁତ୍ କର୍ତ୍ତୃପକ୍ଷ (ସିଇଏ)ଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଏହି ଜାତୀୟ ସ୍ତରର କାର୍ଯ୍ୟକ୍ରମରେ ଚାରି ଉଚ୍ଚ ପ୍ରଦର୍ଶନ କରୁଥିବା ଡିସକମ୍ ଏବଂ ପାଞ୍ଚ ଜଣ ସର୍ବୋତ୍ତମ ଲାଇନମ୍ୟାନଙ୍କୁ ସମ୍ମାନିତ କରାଯାଇଛି। ଶ୍ରେଷ୍ଠ ୫ ଲାଇନମ୍ୟାନଙ୍କ ମଧ୍ୟରେ ଟିପିସିଓଡିଏଲ ଲାଇନମ୍ୟାନ୍ ଲଡ୍ଡୁ କିଶୋର ପ୍ରଧାନ ଓଡ଼ିଶାର ଏକମାତ୍ର ଲାଇନମ୍ୟାନ ଭାବେ ସମ୍ମାନିତ ହୋଇଛନ୍ତି। ଲଡ୍ଡୁ କିଶୋର ଭୁବନେଶ୍ୱର -୨ ସର୍କଲର ବାଲୁଗାଁ ଡିଭିଜନ ଅନ୍ତର୍ଗତ ଟାଙ୍ଗୀ ସେକ୍ସନରେ ଲାଇନମ୍ୟାନ୍ - ସି ଭାବେ କାର୍ଯ୍ୟ କରୁଛନ୍ତି। ଲାଇନମ୍ୟାନ୍ ଭାବେ ତାଙ୍କର ୨୦ ବର୍ଷର ଦୀର୍ଘ ଅଭିଜ୍ଞତା ରହିଛି। ସୁରକ୍ଷାକୁ ଗୁରୁତ୍ୱ ଦେଇ ସେ ଏକ ଡିସଚାର୍ଜ ରଡ୍ ତିଆରି କରିଛନ୍ତି, ଯାହା ସ୍ୱଳ୍ପ ସମୟ ଓ କମ୍ ପ୍ରୟାସରେ ବିଦ୍ୟୁତ୍ ସମ୍ବନ୍ଧୀୟ କାର୍ଯ୍ୟ କରାଯାଇ ପାରିବ।



# ଡ୍ରିମ୍ସରେ 'ଓଡିଶା ହେଲ୍‌ଥ ଭିଜନ୍ -୨୦୩୬'




**ଭୁବନେଶ୍ୱର,୬।୩(ସମିସ)** : ଟାଙ୍ଗୀସ୍ଥିତ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଓଡିଶା ହେଲଥ୍ ଭିଜନ-୨୦୩୬' ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଉଦ୍‌ଘାଟନ କରିଛନ୍ତି। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ପୌରହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରକାଶ କୁମାର ସେଠୀ, ସମ୍ମାନିତ ବକ୍ତା ଭାବେ ବରିଷ୍ଠ ରାଜନୀତିଜ୍ଞ ସମୀର କୁମାର ମହାନ୍ତି, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଅନ୍ୟତମ ଅତିଥି ଭାବେ 'ମା' ଜାନକୀ ସ୍ୱାସ୍ଥ୍ୟ ମିଶନ'ର ଉପଦେଷ୍ଟା ସଜ୍ଜନ ଶର୍ମା ଯୋଗଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ 'ଓଡିଶା ହେଲ୍‌ଥ୍ ଭିଜନ -୨୦୩୬'ର ସଂଗଠନ ସଂପାଦକ ଅଜିତ୍ କୁମାର ଦାସ, ମେଡିକାଲ କଲେଜ 'ଡିନ୍' ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରାଧ୍ୟାପିକା ଡ. ଅନୁରେଖା ନାୟକ ଓ ଡା. ଦୁର୍ଗା ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ବିଭିନ୍ନ ଅଧିବେଶନରେ ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡା. ଶ୍ୟାମା କାନୁନ୍‌ଗୋ, ଡା. ଶିଶୁଶଙ୍କର ମିଶ୍ର, ଡା. ଶକ୍ତି ପ୍ରସାଦ ଦାସ, ଡା. ମାୟା ପାଢୀ, ଡା. ନିରୁପମା ଚୟନୀ, ଡା. କୌଶିକ ମିଶ୍ର, ଡା. ପ୍ରଦୀପ ପାଣି, ଡା. ଜ୍ୟୋତି ପ୍ରକାଶ ପରିଜା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନ ପକ୍ଷରୁ ସହ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ ଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ଅଶୋଧିତ ତୈଳ ଦର ୭୦ ଡଲାର ତଳକୁ ଖସିଲା

ନୂଆଦିଲ୍ଲୀ,୬।୩(ଏଜେନ୍ସି)

ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ହ୍ରାସ ପାଇଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ଏବେ ୭୦ ଡଲାର ତଳକୁ ଖସିଯାଇଛି। ଅକ୍ଟୋବର ପରେ ଏହା ପ୍ରଥମ ଥର ଯେତେବେଳେ କି ତେଲ ଦର ୨%ରୁ ଅଧିକ ହ୍ରାସ ପାଇଛି। ବିଦେଶୀ ବଜାରରେ ଦୁର୍ବଳ

### ବଢୁଛି ବାଣିଜ୍ୟ ଯୁଦ୍ଧ ଆଶଙ୍କା

ଚାହିଦା ଯୋଗୁଁ ଅଶୋଧିତ ତୈଳ ମୂଲ୍ୟ କ୍ରମାଗତ ଭାବେ ହ୍ରାସ ପାଇଛି। ବର୍ତ୍ତମାନ ଆସୁଥିବା ଅନେକ ସଙ୍କେତ ଯାହା ଦର୍ଶାଉଛି ଯେ ଅଶୋଧିତ ତୈଳର ମୂଲ୍ୟରେ ଆଗାମୀ ଦିନରେ ଆହୁରି ହ୍ରାସ ଘଟିବ। ଏହି କାରଣରୁ ଦେଶରେ ମଧ୍ୟ ଖାଉଟି ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ହ୍ରାସ ଆଶା ରଖିଛନ୍ତି।

ବୁଧବାର ବ୍ରେଣ୍ଟ କ୍ରୁଡ୍ ଫ୍ୟୁଚର୍ସ ମୂଲ୍ୟ ୦.୩ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପିଛା ଏହା ୭୦.୮୦ ଡଲାର ହୋଇଛି। ଏହି ସମୟରେ ଆମେରିକାର ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ (ଡବ୍ଲ୍ୟୁଟିଆଇ) ଅଶୋଧିତ




ତୈଳ ମୂଲ୍ୟ ୦.୯ ପ୍ରତିଶତ ହ୍ରାସ ପାଇ ପ୍ରତି ବ୍ୟାରେଲ ୬୭.୬୮ ଡଲାର ହୋଇଛି। ବର୍ତ୍ତମାନ ଆମେରିକା ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ଶେଷ କରିବା ଉପରେ ଧ୍ୟାନ ଦେଇଛି। ଏପରି ପରିସ୍ଥିତିରେ, ଆମେରିକା ରୁଷ ଉପରେ ଲଗାଇଥିବା କିଛି ପ୍ରତିବନ୍ଧକକୁ କୋହଳ କରିପାରେ। ରୁଷ ପାଇଁ କୋହଳ କରାଯାଇପାରୁଥିବା ପ୍ରତିବନ୍ଧକର ଏକ ତାଲିକା ପ୍ରସ୍ତୁତ କରିବାକୁ ଟ୍ରମ୍ପ ପ୍ରଶାସନ ବୈଦେଶିକ ଏବଂ ଅର୍ଥ ମନ୍ତ୍ରଣାଳୟକୁ କହିଛି। ଯଦି ଏହା ହୁଏ, ତେବେ ରୁଷରୁ ତେଲ ଯୋଗାଣ ବୃଦ୍ଧି ପାଇପାରେ। ଏପରି ପରିସ୍ଥିତିରେ ତେଲ ଦର ହ୍ରାସ ପାଇପାରେ। ଅପରପକ୍ଷେ ଓପେକ୍ ପ୍ଲସ୍ ଏହାର ତୈଳ ଉତ୍ପାଦନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ରଏଟର୍ସର ଏକ ରିପୋର୍ଟ ଅନୁଯାୟୀ, ଓପେକ୍ ପ୍ଲସ୍ ଏପ୍ରିଲରେ ପ୍ରତିଦିନ ୧୩୮,୦୦୦ ବ୍ୟାରେଲ ତୈଳ ଉତ୍ପାଦନ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛି। ୨୦୨୨ ପରେ ପ୍ରଥମ ଥର ପାଇଁ ତୈଳ ଉତ୍ପାଦନରେ ଏହି ବୃଦ୍ଧି ଘଟୁଛି।

ବିଦେଶୀ ବଜାରରେ ଅଶୋଧିତ ତୈଳର ମୂଲ୍ୟ କମିବା ପରେ, ଆଶା କରାଯାଉଛି ଯେ ଭାରତୀୟ ତୈଳ କମ୍ପାନୀଗୁଡ଼ିକ ମଧ୍ୟ ଏ ସମ୍ପର୍କରେ କିଛି ନିଷ୍ପତ୍ତି ନେଇପାରିବେ। କାରଣ ଏବେ ଅଶୋଧିତ ତେଲର ମୂଲ୍ୟ ହ୍ରାସ ପାଇଛି ଏବଂ ଆଗାମୀ ସମୟରେ ଆହୁରି ହ୍ରାସ ପାଇବାର ସଙ୍କେତ ମିଳୁଛି। ଏପରି ପରିସ୍ଥିତିରେ, ଦେଶରେ ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ହ୍ରାସ ପାଇପାରେ କୁହାଯାଉଛି। ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟରେ ବଡ଼ ହ୍ରାସ ହୋଇପାରେ। ଯଦି ଏହା ହୁଏ, ତେବେ ଦେଶରେ ମୁଦ୍ରାସ୍ଫୀତି ମଧ୍ୟ କିଛି ପରିମାଣରେ ନିୟନ୍ତ୍ରଣ କରାଯାଇପାରିବ।




## ସକାଳର ସ୍ୱାସ୍ଥ୍ୟ

# କମ୍ପ୍ୟୁଟର ଭିଜନ ସିଣ୍ଡ୍ରୋମ୍

**କରୋନା ମହାମାରୀ ସମୟରୁ ୱାର୍କ ଫ୍ରମ୍ ହୋମ୍ କାର୍ଯ୍ୟଧାରା ଆରମ୍ଭ ହୋଇଥିଲା । ସେବେଠୁ ଲୋକେ ଫୋନ୍, ଲାପ୍‌ଟପ୍ ତଥା କମ୍ପ୍ୟୁଟର ସ୍କ୍ରିନ୍‌ରେ ଅଧିକ ସମୟ କାମ କରିବା ଆରମ୍ଭ କରିଥିଲେ । ଘଣ୍ଟା ଘଣ୍ଟା ମୋବାଇଲ୍ ଫୋନ୍ ବ୍ୟବହାର ଦ୍ୱାରା ଅନେକଙ୍କଠାରେ ଏବେ 'କମ୍ପ୍ୟୁଟର ଭିଜନ୍ ସିଣ୍ଡ୍ରୋମ' ଦେଖିବାକୁ ମିଳୁଛି । ତେଣୁ ସମୟ ପୂର୍ବରୁ ଏହାର ଚିକିତ୍ସା କରାଇବା ନିହାତି ଆବଶ୍ୟକ ।**



ଦୈନିକ ୮ ରୁ ୧୨ ଘଣ୍ଟା କମ୍ପ୍ୟୁଟର ସାମ୍ନାରେ ବସିବା ଦ୍ୱାରା ଆଖି ଉପରେ ପ୍ରଭାବ ପଡ଼ିଥାଏ । ଏହି କାରଣରୁ ସ୍ପଷ୍ଟ ନ ଦିଶିବା, ଆଖି ଶୁଖିଯିବା, ଲାଲ୍ ପଡ଼ି କୁଣ୍ଡାଇ ହେବା, ପାଣି ଗଡ଼ିବା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଯାଏ । ତେଣୁ ସ୍କ୍ରିନ୍‌ରେ କାମ ସମୟରେ ଆଣ୍ଟିଗ୍ଲେୟର ଲେନ୍ସ ବ୍ୟବହାର କରନ୍ତୁ । ନଚେତ୍ କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍ ସ୍କ୍ରିନ୍‌ରେ ଆଣ୍ଟିଗ୍ଲେୟର ସୀସା ଲଗାଇପାରିବେ । କାମରୁ ୫ରୁ ୧୦ ମିନିଟ୍ ବ୍ରେକ୍ ନେଇ ଆଖିକୁ ସୁରକ୍ଷିତ ରଖିପାରିବେ ।

**ବ୍ୟାୟାମ ବିକଳ୍ପ:** ଆଖି ସମ୍ପ୍ରସାରଣ ପାଇଁ ବ୍ୟାୟାମ କରନ୍ତୁ । ସ୍କ୍ରିନ୍, ବଲ୍‌ବ, ଟ୍ୟୁବ୍‌ଲାଇଟ୍ ଆଦି ଆଲୋକ ଯେପରି ସିଧାସଳଖ ଆଖି ଉପରେ ନ ପଡ଼ିବ, ସେଥିପ୍ରତି ସଚେତନ ରୁହନ୍ତୁ । କମ୍ପ୍ୟୁଟର କିମ୍ବା ଲାପ୍‌ଟପ୍‌ରେ କାମ କରିବା ସମୟରେ ଲାଇଟ୍ ଲିଭାନ୍ତୁନି । ଚକ୍ଷୁ ସମସ୍ୟା ହେଲେ, ଡାକ୍ତରଙ୍କ ପରାମର୍ଶରେ ଚଷମା ବ୍ୟବହାର କରିପାରିବେ । ଆଖି ଶୁଖିଲା ଲାଗି ଆଇଡ୍ରପ୍ ବିକଳ୍ପ ମଧ୍ୟ ରହିଛି । ସେହିପରି ଏହି ସମସ୍ୟା ଦୂରେଇବାକୁ ଡେସ୍କଟପ୍, ଲାପଟପ୍, ମୋବାଇଲ୍‌କୁ ଆଖିଠାରୁ ଦେଢ଼ଫୁଟ ଦୂରରେ ରଖନ୍ତୁ । ଅଧ ଘଣ୍ଟାରେ କମ୍ପ୍ୟୁଟର ପାଖରୁ ଉଠି ଆଖିକୁ ଦୁଇ ମିନିଟ୍ ବନ୍ଦ କରିବା ଦ୍ୱାରା ଏହାକୁ ଏଡ଼ାଇ ଦେଇ ହେବ ।

# ଜୀବନଶୈଳୀ ପରିବର୍ତ୍ତନରେ ନିୟନ୍ତ୍ରଣ ହେବ ପିସିଓଏସ୍

**ଆଜିକାଲିର ଜୀବନଶୈଳୀ, କାର୍ଯ୍ୟଚାପ, ଅତ୍ୟଧିକ ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ, ପ୍ରୋସେସ୍‌ଡ୍ ଖାଦ୍ୟ, ବିଳମ୍ବିତ ରାତି ଯାଏଁ ଚେଇଁବା, ଓଜନ ବୃଦ୍ଧି ଆଦି କାରଣରୁ କମ୍ ବୟସରୁ ମହିଳାଙ୍କର ହରମୋନାଲ ପରିବର୍ତ୍ତନ ସମସ୍ୟା ଦେଖାଯାଉଛି । ଯାହାଫଳରେ ଏବେ ଭାରତରେ ବହୁ ମହିଳା ପଲିସିଷ୍ଟିକ୍ ଓଭାରୀ ସିଣ୍ଡ୍ରୋମ୍ (ପିସିଓଏସ୍)ରେ ପୀଡ଼ିତ । ଏହି ପରିପ୍ରେକ୍ଷୀରେ ରୋଗର କାରଣ, ଲକ୍ଷଣ ଓ ଚିକିତ୍ସା ପଦ୍ଧତି କ'ଣ ରହିଛି ତାହା ସମ୍ପର୍କରେ ଜାଣିବା ।**

ପିସିଓଏସ୍ ପୀଡ଼ିତାଙ୍କୁ ନିଜର ଜୀବନଶୈଳୀ ପରିବର୍ତ୍ତନ କରିବାକୁ ପ୍ରଥମେ ପରାମର୍ଶ ଦେଉ । ଏହାବାଦ୍ ୧୬ରୁ ୧୮ ବର୍ଷ କିଶୋରୀଙ୍କୁ ଓଭାରିଆନ୍ ଆଣ୍ଟି ଅକ୍ସିଡାଣ୍ଟ ଏବଂ କୋଲେକାଲସିଫେରୋଲ ଔଷଧ ଦିଆଯାଏ । ରୋଗ ଭଲ ନ ହେଲେ, ଓସିପିଲ ଦିଆଯାଏ । ସେହିପରି ଗର୍ଭଧାରଣ ରୋକିବାକୁ କିମ୍ବା ମାସିକ ଧର୍ମ ନିୟମିତ କରିବାକୁ ଏହି ଔଷଧ ଦିଆଯାଇଥାଏ । ଏଣ୍ଡ୍ରୋଜେନସ୍ତର ଅଧିକ ହେଲେ ଆଣ୍ଟି ଏଣ୍ଡ୍ରୋଜେନ ଔଷଧ ଓ ଗର୍ଭଧାରଣର ସମସ୍ୟା ଦୂର ପାଇଁ ଓଭୁଲୋଜେନ୍ ଦିଆଯାଏ । ମାୟୋଆଓନସିଟଲ ଏବଂ ମେଟଫରମିନ୍‌କୁ ବ୍ୟବହାର କରି ରୋଗ ନିୟନ୍ତ୍ରଣ କରିହେବ ।

- ଡା. ଦେବେନ୍ଦ୍ର କୁମାର ନାଏକ,
ଏମ୍ଏସ୍, (ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ)
ଆସିଷ୍ଟାଣ୍ଟ ପ୍ରଫେସର, ଭୀମଭୋଇ ମେଡିକାଲ କଲେଜ, ବଲାଙ୍ଗୀର

ମହିଳାଙ୍କ ମଧ୍ୟରେ ପିସିଓଏସ୍ ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଏହା ମହିଳାଙ୍କ ପ୍ରଜନନ ପ୍ରକ୍ରିୟାକୁ ପ୍ରଭାବିତ କରେ । କିଶୋରାବସ୍ଥାରୁ ଆରମ୍ଭ ହୋଇ ସମୟ କ୍ରମେ ଏହାର ଲକ୍ଷଣରେ ପରିବର୍ତ୍ତନ ଆସିଥାଏ ।

**ଲକ୍ଷଣ ଓ କାରଣ:** କୌଣସି କାରଣରୁ ଯଦି ଶରୀରରେ ଅତ୍ୟଧିକ ଏଣ୍ଡ୍ରୋଜେନ୍ ହରମୋନ୍ ମାତ୍ରା ବଢ଼ିଯାଏ, ସେତେବେଳେ ଡିମ୍ବାଶୟରେ ଥିବା ଡିମ୍ବାଣୁ ବିକଶିତ ହୋଇପାରେ ନାହିଁ, ସେଥିରେ ଛୋଟ ଛୋଟ ସିଷ୍ଟ ତିଆରି ହେବାରେ ଲାଗେ । ଏହାର ପ୍ରଭାବରୁ ଅନିୟମିତ ମାସିକ ଧର୍ମ, କିମ୍ବା ଅତ୍ୟଧିକ ରକ୍ତସ୍ରାବ, ଚେହେରାରେ କେଶ ଉଠିବା, ମୋଟାପା, ଓଜନବୃଦ୍ଧି, ଅବସାଦ, ଚିନ୍ତା, କେଶ ଝଡ଼ିବା, ଗର୍ଭଧାରଣରେ ସମସ୍ୟା ଆଦି ଲକ୍ଷଣ ଦେଖାଯାଇଥାଏ ।

**ଗମ୍ଭୀର ରୋଗ ଆଶଙ୍କା:** ପିସିଓଏସ୍ ସମସ୍ୟା ଗମ୍ଭୀର ହେଲେ ମହିଳାମାନେ ଅନ୍ୟ ରୋଗ ଯଥା- ଟାଇପ୍-୨ ମଧୁମେହ, ଓଜନ ବୃଦ୍ଧି, ଉଚ୍ଚ ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ, ହୃଦ୍‌ସମ୍ବନ୍ଧୀୟ ସମସ୍ୟା, ଗର୍ଭାଶୟ କର୍କଟରେ ଶିକାର ହେବାର ଆଶଙ୍କା ଅଧିକ ରହିଥାଏ ।

**ସନ୍ତୁଳିତ ଖାଦ୍ୟପେୟକୁ ଗୁରୁତ୍ୱ:** ମହିଳାମାନେ ଉପଯୁକ୍ତ ଚିକିତ୍ସା, ସନ୍ତୁଳିତ ଖାଦ୍ୟ (ସୁଷମ ଖାଦ୍ୟ) ଖାଦ୍ୟରେ କମ୍ ଲୁଣ, ମସଲା ଓ ତେଲ ବ୍ୟବହାର କରିବା ଆବଶ୍ୟକ । ଚିନ୍ତାମୁକ୍ତ ରହିବାକୁ ନିୟମିତ ଯୋଗ, ବ୍ୟାୟାମ କରିପାରିବେ । ଶରୀରରେ ଭିଟାମିନ୍ ଡି ଓ ବି-୧୨ ଅଭାବରୁ ବି ଏହି ସମସ୍ୟା ହୁଏ । ତେଣୁ ମହିଳାମାନେ ଦୈନିକ ସୂର୍ଯ୍ୟକିରଣରେ କିଛି ସମୟ ବିତାଇବା ନିହାତି ଆବଶ୍ୟକ । ସେହିପରି ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ସେବନ କରିବା ଅନୁଚିତ । ବିଶେଷ କଥା ହେଉଛି, ରାତିରେ ୭ରୁ ୮ ଘଣ୍ଟା ଶୋଇବା ନିହାତି ଆବଶ୍ୟକ ।





# କୋଷ୍ଠକାଠିନ୍ୟର ହୋମିଓପ୍ୟାଥି ଚିକିତ୍ସା

**ଅନିୟମିତ ଜୀବନଶୈଳୀ, ଗରିଷ୍ଠ ଭୋଜନ ସହିତ ଅତି ଭୋଜନ, ହୀନ ଭୋଜନ, ଅସମୟ ଭୋଜନ ଆଦି କାରଣରୁ ପାଚନଅଗ୍ନି ପ୍ରଭାବିତ ହୋଇ କୋଷ୍ଠକାଠିନ୍ୟ ହୋଇଥାଏ । ଏଥିଯୋଗୁଁ ଅଗ୍ନିମାନ୍ଦ୍ୟ ହେବା ସହିତ ଭୋକ କମିଯାଏ । ଶରୀରରେ ଅନ୍ୟାନ୍ୟ ଲକ୍ଷଣ ପ୍ରକାଶ ପାଏ । ତେଣୁ ଏହାର ନିରାକରଣ ପାଇଁ ହୋମିଓପ୍ୟାଥି ଚିକିତ୍ସା ପଦ୍ଧତି ରହିଛି ।**



କୋଷ୍ଠକାଠିନ୍ୟ ହେଲେ ଅଗ୍ନିମାନ୍ଦ୍ୟ ସହିତ ଭୋକ କମିଯାଏ, ମନ ଉପରେ ପ୍ରଭାବ ପଡ଼ିଥାଏ । ତେଣୁ ଏହାର ନିରାକରଣ ପାଇଁ ଉପଯୁକ୍ତ ସମୟରେ ସଠିକ ମାତ୍ରାରେ ସନ୍ତୁଳିତ ଭୋଜନ ଗ୍ରହଣ ସହିତ ଖାଇବାବେଳେ ଅଳ୍ପ ଅଳ୍ପ ଜଳପାନ କଲେ ଉପକାର ହୁଏ ।

ଖାଦ୍ୟରେ ସମସ୍ତ ଗୁଣର ଖାଦ୍ୟ ପଦାର୍ଥ ଯଥା- ମଧୁର, ଅମ୍ଳ, ଲବଣ, କଟୁତିକ୍ତ କଷାୟ, ଛଅରସ ବିଶିଷ୍ଟ ଭୋଜନ ସହ ପୁଷ୍ଟିସାର, ସ୍ନେହସାର, ଧାତବଲବଣ, ଜୀବସାର ଇତ୍ୟାଦି ଆବଶ୍ୟକ ମାତ୍ରାରେ ଗ୍ରହଣ କରିବା ଆବଶ୍ୟକ । ତେବେ କୋଷ୍ଠକାଠିନ୍ୟରେ ବ୍ୟବହାର ହେଉଥିବା ହୋମିଓପ୍ୟାଥିକ୍ ଔଷଧ ଗୁଡ଼ିକ ହେଉଛି ଆଲୁମିନା, ସଲଫର, ଥୁଜା, ସାଇଲିସିଆ, ପ୍ଲମ୍ବମ ମେଟ, ଇଗଲ ଫେଲିଆ, ନକ୍ସ ଭୋମିକା । ଏହି ସବୁ ଔଷଧକୁ ଚିକିତ୍ସକଙ୍କ ପରାମର୍ଶରେ ସେବନ କରିବା ଜରୁରି ବୋଲି ଚିକିତ୍ସକ ମତ ଦିଅନ୍ତି ।

# ବୟସ ଅନୁସାରେ ସ୍ୱାସ୍ଥ୍ୟ ପରୀକ୍ଷା

**ବୟସ ବଢ଼ିଲେ ମହିଳାଙ୍କର ମାନସିକ ଓ ଶାରୀରିକ ପରିବର୍ତ୍ତନ ଘଟିଥାଏ । ଏହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଏ । ତେଣୁ ମହିଳାମାନେ ନିୟମିତ ବ୍ୟବଧାନରେ ନିଜର ରକ୍ତ, ଚକ୍ଷୁ, ହୃତ୍‌ପିଣ୍ଡ, ଦାନ୍ତ, ରକ୍ତଶର୍କରା ଏବଂ ଯକୃତ୍ ଆଦି ପାଇଁ ପରୀକ୍ଷା କରାଇନେବା ନିହାତି ଆବଶ୍ୟକ । ତେବେ କେଉଁ ବୟସରେ କ'ଣ ପରୀକ୍ଷା କରିବାର ଆବଶ୍ୟକତା ରହିଛି, ସେ ବିଷୟରେ ଜାଣିବା ।**

**୧୨ରୁ ୩୦:** ସାଧାରଣତଃ ଏହି ବୟସରେ ମହିଳାମାନଙ୍କଠାରେ ହିମୋଗ୍ଲୋବିନ୍ କମ୍, ମେଦବହୁଳତା, ଥାଇରଏଡ୍, ମାନସିକ ଅବସାଦ, ଋତୁସ୍ରାବଜନିତ ସମସ୍ୟା ଅଧିକ ମାତ୍ରାରେ ଦେଖାଯାଇଥାଏ । ତେଣୁ ଏହି ବୟସରେ ମହିଳାମାନେ ସିବିସି ରକ୍ତପରୀକ୍ଷା, ଥାଇରଏଡ୍ ପରୀକ୍ଷା ବର୍ଷକୁ ଥରେ ନିହାତି କରିବା ଆବଶ୍ୟକ । ଯେହେତୁ ମେଦବହୁଳତା ସମସ୍ୟାରୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ତେଣୁ ମହିଳାମାନେ ବଡ଼ିମାକ୍ସ ଇଣ୍ଡେକ୍ସ କରିବା କଥା । ସେହିପରି ବାପା ମା' କିମ୍ବା ପରିବାରରେ ବଂଶାନୁଗତ ରୋଗ ଥିଲେ ଜେନେଟିକ୍ ସ୍କ୍ରିନିଂ କରିବାକୁ ଭୁଲିବେନି । ଏହି ଟେଷ୍ଟରୁ କର୍କଟ ପରି ଗମ୍ଭୀର ରୋଗ ବିଷୟରେ ଜଣାପଡ଼ିଥାଏ ।

**୩୫ରୁ ୪୫:** ପୁରୁଷଙ୍କ ତୁଳନାରେ ମହିଳାଙ୍କଠାରେ ହୃଦ୍‌ଘାତର ଆଶଙ୍କା ଅଧିକ । ମଧୁମେହ, ଅତ୍ୟଧିକ ଋତୁସ୍ରାବ, ଆଣ୍ଠୁଗଣ୍ଠି ଦରଜ, ପିଠି ଦରଜ, ଅଣ୍ଟାବିନ୍ଧା ଓ ବେକ ଦରଜ ଆଦି ସାଧାରଣ ଲକ୍ଷଣ ଦେଖାଯାଏ । ତେଣୁ ୩୫ରୁ ୪୦ ବର୍ଷ ପରେ ମହିଳାମାନେ ରକ୍ତଚାପ, ରକ୍ତଶର୍କରା ଓ ମଧୁମେହ, କୋଲେଷ୍ଟ୍ରଲ ଟେଷ୍ଟ ୬ମାସରୁ ବର୍ଷେ ମଧ୍ୟରେ ଯାଞ୍ଚ କରିବା ଜରୁରି । ସେହିପରି ହୃଦ୍‌ସମ୍ବନ୍ଧୀୟ ଟେଷ୍ଟ କରିବା ଆବଶ୍ୟକ । ଏହାଦ୍ୱାରା ହାଇପରକୋଲେଷ୍ଟ୍ରୋଲେମିୟା ଏବଂ ହାଇପରଟ୍ରାଫିକ କାର୍ଡିଓମାୟୋପେଥି ଆଦି ବଂଶାନୁଗତ ରୋଗ ବିଷୟରେ ଜଣା ପଡ଼ିଥାଏ । ଉଚ୍ଚ କୋଲେଷ୍ଟ୍ରଲ ଯୋଗୁ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ପରି ସମସ୍ୟା ଉପୁଜୁଛି, ତେଣୁ ପ୍ରତି ବର୍ଷ ଲିପିଡ୍ ପ୍ରୋଫାଇଲ୍ ଟେଷ୍ଟ କରିପାରିବେ । ଯେଉଁମାନଙ୍କର ପୂର୍ବରୁ ଉଚ୍ଚ କୋଲେଷ୍ଟ୍ରଲ ରହିଛି, ସେମାନେ ପ୍ରତି ୬ ମାସରେ ଥରେ ଏହି ପରୀକ୍ଷା କରିବା ନିହାତି ଆବଶ୍ୟକ ।

**୪୫ରୁ ୫୫:** ସାଧାରଣତଃ ୪୫ ଡେଇଁଲେ ମହିଳାଙ୍କ ସ୍ମରଣ ଶକ୍ତି ହ୍ରାସ ପାଇବାରେ ଲାଗେ । ଏହି ବୟସରେ ମହିଳାଙ୍କଠାରେ ଜରାୟୁ କର୍କଟ, ସ୍ତନକର୍କଟ ଆଦି ଜଟିଳ ରୋଗ ଦେଖାଯାଏ । ତେଣୁ ୪୫ ବର୍ଷ ପରେ ଜରାୟୁ କର୍କଟ ସମ୍ବନ୍ଧୀୟ ସ୍କ୍ରିନିଂ କରିବା ଜରୁରି । ପ୍ରତି ତିନି ବର୍ଷରେ ଥରେ ପ୍ୟାପ୍‌ସ୍ମିୟର ଟେଷ୍ଟ ମାଧ୍ୟମରେ ଅସ୍ୱାଭାବିକ ବୃଦ୍ଧି ପାଇଥିବା କୋଷଗୁଡ଼ିକୁ ଚିହ୍ନଟ କରାଯାଏ । ସେହିପରି ସ୍ତନକର୍କଟ ଆଶଙ୍କା ଦୂର କରିବାକୁ ବର୍ଷକୁ ଥରେ ମେମୋଗ୍ରାଫି ଟେଷ୍ଟ ଜରୁରି । ଡା. ଶିବାନୀ ଦେବୀଙ୍କ କହିବାନୁସାରେ ଜଣେ ଘରେ ସେଲ୍‌ଫ ବ୍ରେଷ୍ଟ ଏକ୍‌ଜାମିନେସନ୍ କରିପାରିବେ ।

**୫୫ରୁ ୬୦:** ବୟସ ୫୦ ଛୁଇଁଲେ ମହିଳାମାନଙ୍କ ରୋଗପ୍ରତିରୋଧକ ଶକ୍ତି ହ୍ରାସପାଏ । ଚାଲିବାକୁ ବଳ ପାଏନି । ଆଣ୍ଠୁଗଣ୍ଠିଯନ୍ତ୍ରଣା ବା ଅଷ୍ଟିଓପୋରୋସିସ୍ ଦେଖାଯାଏ । ହାଡ଼ ଫମ୍ପାହୋଇ ଯନ୍ତ୍ରଣା ହୁଏ । ସାମାନ୍ୟ ଆଘାତରେ ହାଡ଼ ଭାଙ୍ଗିଯାଏ । ତେଣୁ ସେମାନେ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ସହ କ୍ୟାଲ୍‌ସିୟମ୍, ଭିଟାମିନ୍ ଡି ଏବଂ ବି ୧୨ ଅଭାବ ରହିଛି ନାହିଁ, ସେଥିପାଇଁ ପରୀକ୍ଷା କରିପାରିବେ । ସେହିପରି ଅନ୍ୟ ଟେଷ୍ଟମଧ୍ୟରେ ପେଲ୍‌ଭିକ୍ ଅଲଟ୍ରାସାଉଣ୍ଡ କରିବା କଥା ।





# ଲକ୍ଷଣରୁ ଜାଣନ୍ତୁ ଡିହାଇଡ୍ରେସନ୍

**ମନୁଷ୍ୟ ଶରୀର ପାଇଁ ଜଳ ଅତି ଗୁରୁତ୍ୱପୂର୍ଣ୍ଣ । ଶରୀରରେ ଜଳୀୟଅଂଶ କମିଗଲେ ଡିହାଇଡ୍ରେସନ୍ ଦେଖାଦିଏ । ବିଭିନ୍ନ କାରଣରୁ ଡିହାଇଡ୍ରେସନ୍ ବା ଜଳଶୁଷ୍କତା ହୋଇଥାଏ । ଏହାଦ୍ୱାରା ରକ୍ତସଞ୍ଚାଳନ ଠିକ୍ ଭାବେ ହୋଇପାରେନି । ସାଧାରଣତଃ ଖରାଦିନେ ଏହି ସମସ୍ୟା ଅଧିକ ଦେଖାଯାଏ । ତେଣୁ ଡିହାଇଡ୍ରେସନ୍ ହେବା ଦ୍ୱାରା ଶରୀରରେ ଭିନ୍ନ ଭିନ୍ନ ଲକ୍ଷଣ ଦେଖାଯାଇଥାଏ ।**

ଜଣେ ସୁସ୍ଥ ଲୋକ ଦିନକୁ ପାଖାପାଖି ୪ ରୁ ୫ଲିଟର ପାଣି ପିଇବା ଜରୁରି । ହେଲେ ଅଧିକାଂଶ ଆବଶ୍ୟକତା ଅନୁଯାୟୀ ପାଣି ପିଅନ୍ତିନି । ଯାହାଫଳରେ ଖରାଦିନେ ଶରୀରର ଜଳୀୟଅଂଶ କମିଯାଇ ଡିହାଇଡ୍ରେସନ୍ ହୋଇଥାଏ । ଅଂଶୁଘାତ, ତରଳଝାଡ଼ା, ଅତ୍ୟଧିକ ଝାଳ ବୋହିବା ଆଦି କାରଣରୁ ମଧ୍ୟ ଡିହାଇଡ୍ରେସନ୍ ଦେଖା ଦେଇଥାଏ । ଏହାର ପ୍ରାରମ୍ଭିକ ଅବସ୍ଥାରେ ପରିସ୍ରାରେ ରଙ୍ଗ ପରିବର୍ତ୍ତନ ହୋଇଥାଏ । ଶୋଷ ଲାଗିଥାଏ, ପରିସ୍ରାର ବେଗ କମ୍ ହୁଏ । ଓଠ ଓ ମୁହଁ ଶୁଷ୍କ ଲାଗିବା, ମୁଣ୍ଡ ବିନ୍ଧା, ମୁଣ୍ଡ ବୁଲାଇବା, ଥକାପଣ, ରକ୍ତଚାପ କମ୍ ହେବା, ବାନ୍ତି, ଡାଇରିଆ, ମାଂସପେଶୀ ଯନ୍ତ୍ରଣା, ତ୍ୱଚା ଲାଲ୍ ପଡ଼ିଯିବା ଆଦି ଲକ୍ଷଣ ଦେଖାଯାଏ । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ଯଥେଷ୍ଟ ମାତ୍ରାରେ ତରଳ ପଦାର୍ଥ ପିଇବା ଆବଶ୍ୟକ ।







ତେଣୁ ଖରାଦିନେ ଦୈନିକ ନିର୍ଦ୍ଦିଷ୍ଟ ପରିମାଣର ପାଣି ପିଅନ୍ତୁ । ବାହାରକୁ ଯିବା ବେଳେ ଓଆରଏସ୍ ପିଇବା, ସାଲାଡ, ଫଳ, ତରଭୁଜ, ଆଦି ସେବନ କରିବା ଉଚିତ । ଏସବୁ ବାଦ୍ ଯଦି ସ୍ଥିତି ଗମ୍ଭୀର ହେଉଛି, ସେ କ୍ଷେତ୍ରରେ ଡାକ୍ତରଙ୍କ ପରାମର୍ଶ କ୍ରମେ ଚିକିତ୍ସାରେ ରୁହନ୍ତୁ । ଦିନକୁ ଅଳ୍ପ ଅଳ୍ପ କରି ପାଣି ପିଇପାରିବେ । ହାତ ଏବଂ ତ୍ୱଚାରେ ପାଣିର ଅଭାବ ବିଷୟରେ ଜାଣିବାକୁ ସ୍କିନ୍ ପିଞ୍ଚ୍ ଟେଷ୍ଟ କିମ୍ବା ସ୍କିନ୍ ଟର୍ଗର ଟେଷ୍ଟ, ପରିସ୍ରା ପରୀକ୍ଷା କରିପାରିବେ । ପ୍ରତିଦିନ ଏକ ଗ୍ଲାସ୍ ବେଲପଣା, ପଇଡ଼ପାଣି, ଓଆର୍‌ଏସ୍ ପାଣି ଆଦି ପିଇପାରିବେ ।

# ଉପକାରୀ ନିମ୍ବ

**ନିମ୍ବ ଗଛ ପରିବେଶ ପାଇଁ ଯେତିକି ଭଲ, ସ୍ୱାସ୍ଥ୍ୟ ପାଇଁ ଆହୁରି ଉପକାରୀ । ଏହି ଗଛର ପ୍ରତ୍ୟେକ ଅଂଶ ଯଥା- ଫୁଲ, ଫଳ, ଛେଲିରେ ଔଷଧୀୟ ଗୁଣ ଭରିରହିଛି । ନିମ୍ବରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟିଫଙ୍ଗାଲ, ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଥାଏ । ତେଣୁ ଏହା ବିଭିନ୍ନ ରୋଗ ନିୟନ୍ତ୍ରଣ ପାଇଁ ବେଶ୍ ଉପଯୋଗୀ ।**

ଫୁସ୍‌ଫୁସ୍ ବିଷାକ୍ତକରଣ ଦୂର ପାଇଁ ନିମ୍ବପତ୍ର ଅଧିକ ପ୍ରଭାବୀ କୁହାଯାଏ । ସେହିପରି ନିମ୍ବ ପତ୍ରରେ ଥିବା ଔଷଧୀୟ ଗୁଣ ଯୋଗୁଁ ଏହାକୁ ଡାକ୍ତରଙ୍କ ପରାମର୍ଶରେ ସେବନ ଦ୍ୱାରା ରକ୍ତଶର୍କରା କମ୍ ହୁଏ । ନିମ୍ବପତ୍ରରେ ଆଣ୍ଟିମେଲେରିଆଲ ଗୁଣ ମିଳିଥାଏ, ତେଣୁ ଏହା ମେଲେରିଆ ପାଇଁ ବହୁତ ଉପଯୋଗୀ । ଆୟୁର୍ବେଦରେ ପେଟର ଘା' କିମ୍ବା ଗ୍ୟାଷ୍ଟ୍ରିକ୍ ସମସ୍ୟା ପାଇଁ ନିମ୍ବପତ୍ର ବେଶ୍ ଉପଯୋଗୀ । ଏହା ଶରୀରୁ ବିଷାକ୍ତ ପଦାର୍ଥ ବାହାର କରିପାରେ ।

**ଯକୃତ୍ ଏବଂ ହୃଦପିଣ୍ଡକୁ ହିତ:** ନିମ୍ବପତ୍ର ଯକୃତ୍‌କୁ ଡିଟକ୍ସ କରିବାରେ କାମ କରିଥାଏ । ଏହା ଅହିତକର କୋଲେଷ୍ଟ୍ରଲକୁ କମ୍ କରେ । ନିମ୍ବ ପତ୍ରକୁ ନଖଉଷୁମ ପାଣିରେ ଫୁଟାଇ ଏହାକୁ କେଶମୂଳରେ ଗାଧୋଇବା ଅଧଘଣ୍ଟା ପୂର୍ବରୁ ଲଗାଇ ସ୍ନାନକଲେ, ରୁପି ସମସ୍ୟା ଦୂର ହୁଏ । କାଛୁ, କୁଣ୍ଡିଆ ଆଦି ଚର୍ମରୋଗ ଥିଲେ, ଏହି ପତ୍ରକୁ କଞ୍ଚାହଳଦୀରେ ବାଟି ଲେପନ କଲେ ଉପଶମ ମିଳେ ।

**ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି:** ନିମ୍ବପତ୍ର ଶରୀରର ପ୍ରତିରକ୍ଷା ପ୍ରଣାଳୀକୁ ବଢ଼ାଇଥାଏ । ତେଣୁ ସକାଳେ ଖାଲି ପେଟରେ ନିମପତ୍ର, ତୁଳସୀପତ୍ର ଏବଂ ଗୁଡୁଚିପତ୍ରକୁ ସେବନ ଦ୍ୱାରା ଏହା ପ୍ରାକୃତିକ ରୂପେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ନିମ୍ବ ପତ୍ର ଓ ଫୁଲରେ ପ୍ରଚୁରମାତ୍ରାରେ ପ୍ରୋଟିନ୍, କ୍ୟାଲସିୟମ ଏବଂ ଆମିନୋଏସିଡ୍ ଥିବାରୁ ଏହା ପାଚନ ପ୍ରକ୍ରିୟାକୁ ସକ୍ରିୟ ରଖେ ।



ଭାରତ ବିପକ୍ଷ ଆଇସିସି ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ହାରିନି ନ୍ୟୁଜିଲାଣ୍ଡ







ନୂଆଦିଲ୍ଲୀ,୬।୩ (ଏଜେନ୍ସି): ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଆଇସିସି ଦ୍ୱାରା ପରିଚାଳିତ ଚାମ୍ପିଅନ୍ସ ଟ୍ରଫି ଦିନିକିଆ କ୍ରିକେଟର ଫାଇନାଲ ମୁକାବିଲା ହେବ। ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ମାର୍ଚ୍ଚ ୯ ତାରିଖ ରବିବାର ଫାଇନାଲ ଖେଳାଯିବ। ଏଥିଲାଗି ଉଭୟ ଦଳର ଖେଳାଳି, କର୍ମକର୍ତ୍ତା ଓ ସମର୍ଥକଙ୍କ ମଧ୍ୟରେ ପ୍ରବଳ ଉତ୍କଣ୍ଠା ପ୍ରକାଶ ପାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଫାଇନାଲ ମୁକାବିଲା ହେଉଥିବାରୁ ବିଶ୍ୱକ୍ରିକେଟ ପ୍ରେମୀ ଏହାକୁ ଅପେକ୍ଷା କରି ରହିଛନ୍ତି। ଏବେ ମଧ୍ୟ ଉଭୟ ଦଳ ଜବରଦସ୍ତ ଫର୍ମରେ ରହିଛନ୍ତି। ଦୁବାଇରେ ଭାରତର ସ୍ପିନ୍ ଜାଲକୁ ଅଲରାଉଣ୍ଡ ସଫଳତା ପାଉଥିବା ନ୍ୟୁଜିଲାଣ୍ଡ କିପରି ହଟାଇବ ତାହାକୁ ନେଇ ରଣନୀତି ପ୍ରସ୍ତୁତ ହୋଇଛି।

## ପ୍ରତିଶୋଧ ଅପେକ୍ଷାରେ ଉଭୟ ଦଳ

ଏହି ମ୍ୟାଚ୍‌ରେ ଉଭୟ ଦଳ ପ୍ରତିଶୋଧ ଅପେକ୍ଷାରେ ରହିଛନ୍ତି। ୨୦୨୩ ଦିନିକିଆ ବିଶ୍ୱକପ୍ ଏବଂ ଏବେ ଦୁବାଇରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟର ଲିଗ୍ ମ୍ୟାଚ୍‌ରେ ଭାରତଠାରୁ ନ୍ୟୁଜିଲାଣ୍ଡ ପରାଜିତ ହୋଇଛି। ଦୁଇ ବର୍ଷରେ ଖେଳାଯାଇଥିବା ଆଇସିସି ନକ୍‌ଆଉଟରେ ଡବଲ ପରାଜୟର ପ୍ରତିଶୋଧ ନେବାକୁ ନ୍ୟୁଜିଲାଣ୍ଡ ବଦ୍ଧ ପରିକର। ଅନ୍ୟପକ୍ଷରେ ଭାରତ ମଧ୍ୟ ପରାଜୟର ପ୍ରତିଶୋଧ ଅପେକ୍ଷା ରହିଛି। ୨୦୦୦ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ଓ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଉଭୟଙ୍କ ମୁକାବିଲା ହୋଇଥିଲା। ଉଭୟ ଫାଇନାଲରେ ନ୍ୟୁଜିଲାଣ୍ଡ ନିକଟରୁ ଭାରତ ପରାଜିତ ହୋଇଥିଲା। ଏହି ପରାଜୟର ପ୍ରତିଶୋଧ ନେବା ଲକ୍ଷ୍ୟରେ ଗୌତମ ଗମ୍ଭୀର ଓ ରୋହିତ ଶର୍ମା ଅପେକ୍ଷାରେ ରହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ଆଇସିସି ନକ୍‌ଆଉଟ ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ପରସ୍ପର ସହ ୪ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ନ୍ୟୁଜିଲାଣ୍ଡ ୩ଥର ଓ ଭାରତ ମାତ୍ର ଥରେ ବା ୨୦୨୩ ଦିନିକିଆ ବିଶ୍ୱକପ୍ ସେମିଫାଇନାଲ ମୁକାବିଲାରେ ବିଜୟୀ ହୋଇଛି।

## ରେକର୍ଡ ଭାଙ୍ଗିବା ଅପେକ୍ଷାରେ ଭାରତ

ଉଭୟ ଦେଶ ଦୀର୍ଘଦିନ ହେବ ଆଇସିସି ଟୁର୍ଣ୍ଣାମେଣ୍ଟରେ ଖେଳିଆସୁଥିଲେ ମଧ୍ୟ ଫାଇନାଲରେ ମାତ୍ର ତୃତୀୟଥର ଲାଗି ଭେଟାଭେଟି ହେବାକୁ ଯାଉଛନ୍ତି। ଦୁବାଇରେ ଚାମ୍ପିଅନ୍ସ ଟ୍ରଫି ଫାଇନାଲ ହେବ ତୃତୀୟ ଲଢ଼େଇ। ପୂର୍ବରୁ ଦୁଇଦଳ ମଧ୍ୟରେ ଦୁଇଥର ଫାଇନାଲରେ ମୁକାବିଲା ହୋଇଛି ଏବଂ ଦୁଇଟିଯାକ ମୁକାବିଲାରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଛି। ସଂଯୋଗର କଥା ଏହିକି ଯେ, ଆଇସିସି ଟୁର୍ଣ୍ଣାମେଣ୍ଟରେ ଯେଉଁ ଦୁଇଟି ଟାଇଟଲ ନ୍ୟୁଜିଲାଣ୍ଡ ବିଜୟୀ ହୋଇଛି, ସେହି ଫାଇନାଲରେ ଭାରତକୁ ହରାଇ ଟାଇଟଲ ଜିତିଛି। ଉଭୟଙ୍କ ମଧ୍ୟରେ ୨୦୨୦ରେ ଅନୁଷ୍ଠିତ ଆଇସିସି ଚାମ୍ପିଅନ୍ସ ଟ୍ରଫି ଫାଇନାଲରେ ମୁକାବିଲା ହୋଇଥିଲା। ଏଥିରେ ଭାରତ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲେ ମଧ୍ୟ କ୍ରିସ କେର୍ଣ୍ଣସଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ଏହାକୁ ହାସଲ କରି ପ୍ରଥମ ଆଇସିସି ଟାଇଟଲ ଜିତିଥିଲା। ସେହିପରି ଏହାର ୨୦ ବର୍ଷ ପରେ ଅର୍ଥାତ୍ ୨୦୨୧ରେ ଅନୁଷ୍ଠିତ ବିଶ୍ୱଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଉଭୟ ଦଳ ଦ୍ୱିତୀୟ ଥର ଭେଟାଭେଟି ହୋଇଥିଲେ। ଏହାକୁ ମଧ୍ୟ ନ୍ୟୁଜିଲାଣ୍ଡ ୮ ୱିକେଟରେ ଜିତି ଦ୍ୱିତୀୟ ଟାଇଟଲ ବିଜୟୀ ହୋଇଥିଲା।

### ଫାଇନାଲର ସଂକ୍ଷିପ୍ତ ବିବରଣୀ

**ଆଇସିସି ନକ୍‌ଆଉଟ**

| | | |
|---|---|---|
| ଭେନ୍ୟୁ | : | ନାଇରୋବି |
| ତାରିଖ | : | ଅକ୍ଟୋବର ୧୫, ୨୦୦୦ |
| ଫର୍ମାଟ | : | ଦିନିକିଆ |
| ଫଳାଫଳ | : | ନ୍ୟୁଜିଲାଣ୍ଡ ୪ ୱିକେଟରେ ବିଜୟୀ |
| ଶ୍ରେଷ୍ଠ ଖେଳାଳି | : | କ୍ରିସ୍ କେର୍ଣ୍ଣସ, ନ୍ୟୁଜିଲାଣ୍ଡ |

**ସ୍କୋର ବୋର୍ଡ**

ଭାରତ : ୨୬୪/୬, ୫୦ ଓଭର (ସୌରଭ ଗାଙ୍ଗୁଲି-୧୧୭, ସଚିନ ତେନ୍ଦୁଲକର-୬୯, ରାହୁଲ ଦ୍ରାବିଡ଼-୨୨, ସ୍କଟ ଷ୍ଟାଇରିସ୍-୨/୫୩)।

ନ୍ୟୁଜିଲାଣ୍ଡ : ୨୬୫/୬, ୪୯.୪ ଓଭର (କ୍ରିସ କେର୍ଣ୍ଣସ-୧୦୨ ନଟ୍‌ଆଉଟ, କ୍ରିସ୍ ହାରିସ୍-୪୬, ନାଥନ ଆସ୍‌ଲେ-୩୭, ଅଜିତ ଅଗରକର-୩/୨୭, ଅନୀଲ କୁମ୍ବଲେ-୨/୫୫)।

**ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍**

| | | |
|---|---|---|
| ଭେନ୍ୟୁ | : | ସାଉଥାମ୍ପଟନ |
| ତାରିଖ | : | ଜୁନ୍ ୧୮-୨୩, ୨୦୨୧ |
| ଫର୍ମାଟ | : | ଟେଷ୍ଟ |
| ଫଳାଫଳ | : | ନ୍ୟୁଜିଲାଣ୍ଡ ୮ ୱିକେଟରେ ବିଜୟୀ |
| ଶ୍ରେଷ୍ଠ ଖେଳାଳି | : | କାଏଲ ଜାମିସନ, ନ୍ୟୁଜିଲାଣ୍ଡ |

**ସ୍କୋର ବୋର୍ଡ**

ଭାରତ ପ୍ରଥମ ଇନିଂସ : ୨୧୭/୧୦ (ରାହାଣେ-୪୯, କୋହଲି-୪୪, ରୋହିତ-୩୪, ଜାମିସନ-୫/୩୧) ଓ ଦ୍ୱିତୀୟ ଇନିଂସ : ୧୭୦ (ପନ୍ତ-୪୧, ରୋହିତ-୩୦, ସାଉଦୀ-୪/୪୮, ବୋଲ୍ଟ-୩/୩୯, ଜାମିସନ-୨/୩୦)।

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ : ୨୪୯/୧୦ (କନୱେ-୫୪, ୱିଲିୟମସନ-୪୯, ଲାଥମ-୩୦, ସାଉଦୀ-୩୦, ସାମି-୪/୭୬, ଈଶାନ୍ତ-୩/୪୮) ଓ ଦ୍ୱିତୀୟ ଇନିଂସ : ୧୪୦/୨ (ୱିଲିୟମସନ-୫୨ ନଟ୍‌ଆଉଟ, ଟେଲର-୪୭ ନଟ୍‌ଆଉଟ, ଅଶ୍ୱିନ-୨/୧୭)।

■ କେର୍‌ଙ୍କୁ ୫ ୱିକେଟ; ମାଥ୍ୟୁସ୍‌ଙ୍କ ଅର୍ଦ୍ଧଶତକ

# ମୁମ୍ବାଇର ଚତୁର୍ଥ ବିଜୟ

ଲକ୍ଷ୍ନୌ,୬।୩ (ଏଜେନ୍ସି): ଆମେଲିଆ କେର୍‌ଙ୍କ ୫ ୱିକେଟ ଓ ହେଲୀ ମାଥ୍ୟୁସ୍ (୪୬ବଲ୍‌ରେ ୬୮ରନ୍) ଅର୍ଦ୍ଧଶତକ ବଳରେ ଏଠାରେ ଗୁରୁବାର ଅନୁଷ୍ଠିତ ମହିଳା ପ୍ରିମିୟର ଲିଗ୍‌ର ଷୋଡଶ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହା ଫଳରେ ଦଳ ୭ମ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ହାସଲ କରି ପଏଣ୍ଟ ଟେବଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ଏହି ମ୍ୟାଚ୍‌ରେ ଜର୍ଜିଆ ଭୋଲ୍ ୩୩ ବଲ୍‌ରେ ୫୫ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ୟୁପି ୱାରିୟର୍ଜ ୯ ୱିକେଟରେ ୧୫୦ ରନ୍ କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସ ୧୮.୩ ଓଭରରେ ୪ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଦଳ ପକ୍ଷରୁ ହେଲୀ ମାଥ୍ୟୁସ ୪୬ ବଲ୍ ଖେଳି ୮ ଚୌକା ଓ ୨ଛକା ସହ ସର୍ବାଧିକ ୬୮ ରନ୍ କରିଥିଲେ। ନାଟ ସିଭର ବ୍ରଣ୍ଟ ୩୭ ରନ୍ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ୟୁପି ଇନିଂସରେ ୩୮ ରନ୍ ଦେଇ ୫ଟି ୱିକେଟ ନେଇଥିବା ମୁମ୍ବାଇର କେର୍‌ଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିୟର୍ଜ ଦମ୍‌ଦାର ଆରମ୍ଭ କରିଥିଲା। ଅଷ୍ଟ୍ରେଲୀୟ ଓପନିଂ ଯୋଡି ଗ୍ରେସ୍ ହାରିସ୍ ଓ ପ୍ରଥମଥର ଓପନ କରିଥିବା ଜର୍ଜିଆ ଭୋଲ୍ ପ୍ରଥମ ୱିକେଟରୁ ୮ ଓଭରରେ ୭୪ ରନ୍ ଉଠାଇ ଏକ ବଡ଼ ସ୍କୋରର ମୂଳଦୁଆ ପକାଇଥିଲେ। ୨୫ ବଲ୍‌ରେ ୨୮ ରନ୍ କରି ହାରିସ୍ ଆଉଟ ହେବା ପରେ ଭୋଲଙ୍କ ରନ ସଂଗ୍ରହ ହାର କମି ନ ଥିଲା। କିନ୍ତୁ ଏକାଦଶ ଓଭରରେ ସ୍କୁପ୍ କରିବାକୁ ଯାଇ ଭୋଲ ଆଉଟ ହେବା ପରେ ସବୁକିଛି ବଦଳି ଯାଇଥିଲା। ଭୋଲ ୩୩ ବଲ୍ ଖେଳି ୧୨ ଚୌକା ସହ ୫୫ ରନ୍ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ଦୀପ୍ତି ଶର୍ମା ଗୋଟିଏ ପଟେ ତିଷ୍ଠି ରହିଥିଲେ ମଧ୍ୟ ତାଙ୍କୁ ଉପଯୁକ୍ତ ସହାୟତା ମିଳି ନ ଥିଲା। ଦ୍ରୁତ ରନ୍ ସଂଗ୍ରହ କରିବାକୁ ଯାଇ ସେ ୨୫ ବଲ୍‌ରୁ ୨୭ ରନ୍ କରି ଆଉଟ ହୋଇଯାଇଥିଲେ। ଶେଷ ଭାଗରେ ସୋଫି ଇକ୍ଲେଷ୍ଟୋନ୍‌ଙ୍କ ୧୧ ବଲରୁ ୧୬ ରନ୍ କରିବା ଫଳରେ ଦଳ ଦେଢ଼ଶ ରନ୍ ପୂରଣ କରିଥିଲା। ମୁମ୍ବାଇ ପକ୍ଷରୁ ନ୍ୟୁଜିଲାଣ୍ଡ ଲେଗ୍ ସ୍ପିନର ଆମେଲିଆ କେର ଏଠାରେ ଶ୍ରେଷ୍ଠ ବୋଲିଂ କରି ୩୮ ରନ୍‌ରେ ୫ ୱିକେଟ ନେବା ଫଳରେ ଏକଦା ୨୦୦ ରନ୍ ଅତିକ୍ରମ କରିବା ଅବସ୍ଥାରେ ଥିବା ୟୁପି ୧୫୦ ରନ୍‌ରେ ଅଟକି ଥିଲା। ହେଲୀ ମାଥ୍ୟୁସ ୨ଟି ୱିକେଟ ନେଇଥିଲେ।

## ଅବସରରୁ ଫେରିଲେ ସୁନୀଲ ଛେତ୍ରୀ

ନୂଆଦିଲ୍ଲୀ, ୬।୩ (ଏଜେନ୍ସି): ଭାରତୀୟ ଫୁଟବଲ ଲିଜେଣ୍ଡ ସୁନୀଲ ଛେତ୍ରୀ ଅବସରରୁ ଫେରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ଗୁରୁବାର ଅଲ ଇଣ୍ଡିଆ ଫୁଟବଲ ଫେଡେରେସନ (ଏଆଇଏଫ୍ଏଫ୍) ସୂଚନା ଦେଇଛି। ଭାରତୀୟ ଫୁଟବଲ ଦଳକୁ ସହାୟତା କରିବା ପାଇଁ ସେ ୪୦ ବର୍ଷ ବୟସରେ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ମାସରେ ସେ ଭାରତ ପାଇଁ ବନ୍ଧୁତ୍ୱପୂର୍ଣ୍ଣ ଫିଫା ମ୍ୟାଚ୍ ଖେଳିବେ। ୨୦୦୫ରେ ସେ ଅନ୍ତର୍ଜାତୀୟ ଫୁଟବଲରେ ପଦାର୍ପଣ କରିଥିଲେ। ସେ ୧୫୧ଟି ମ୍ୟାଚ୍ ଖେଳି ୯୪ଟି ଗୋଲ ସ୍କୋର କରିଛନ୍ତି। ଭାରତୀୟ ମୁଖ୍ୟ କୋଚ୍ ମାନୋଲୋ ମାର୍କେଜ ମାର୍ଚ୍ଚ ମାସରେ ଖେଳାଯିବାକୁ ଥିବା ମ୍ୟାଚ୍ ପାଇଁ ଏକ ୨୬ ଜଣିଆ ଦଳ ଘୋଷଣା କରିଛନ୍ତି। ଏଥିରେ ସୁନୀଲଙ୍କୁ ସ୍ଥାନ ମିଳିଛି। ଗତବର୍ଷ ଜୁନ୍ ୬ରେ କୋଲକାତାରେ କୁଏତ୍ ବିପକ୍ଷ ଫିଫା ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିସାରିବା ପରେ ସେ ଅବସର ଘୋଷଣା କରିଥିଲେ।

## ମା’ ହେବେ ବିନେଶ ଫୋଗତ

ଜିନ୍ଦ,୬।୩(ଏଜେନ୍ସି): ଜଣାଶୁଣା ମହିଳା କୁସ୍ତିଯୋଦ୍ଧା ବିନେଶ ଫୋଗତ ଖୁବ୍‌ଶୀଘ୍ର ମା’ ହେବାକୁ ଯାଉଛନ୍ତି। ଏନେଇ ସେ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ ସେୟାର କରିଛନ୍ତି ଓ ଏଥିରେ ତାଙ୍କୁ ସ୍ୱାମୀ ସୋମବୀର ରାଠୀଙ୍କ ସହ ଦେଖିବାକୁ ମିଳିଛି। ‘ଆମ ପ୍ରେମ କାହାଣୀ ଏକ ନୂଆ ଅଧ୍ୟାୟରେ ପ୍ରବେଶ କରିବାକୁ ଯାଉଛି’ ବୋଲି ସେ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ଏଥିସହ ସେ ଏକ ଶିଶୁର ପାଦଚିହ୍ନ ଓ ପ୍ରେମର ସଙ୍କେତ ସେୟାର କରିଛନ୍ତି। ବିନେଶଙ୍କ ଶ୍ୱଶୁର ରାଜପାଲ ରାଠୀ ଏ ନେ ସୂଚନା ଦେଇଛନ୍ତି। ଖୁବ୍‌ଶୀଘ୍ର ଆମ ଘର ଖୁସି ଓ ଆନନ୍ଦରେ ପୂରି ଉଠିବ ବୋଲି ସେ କହିଛନ୍ତି। ବିନେଶ ୩ ମାସର ଗର୍ଭବତୀ ଅଛନ୍ତି ବୋଲି ସେ କହିଛନ୍ତି। ତାରକା କୁସ୍ତିଯୋଦ୍ଧା ସାକ୍ଷୀ ମଲିକ ଓ ବଜରଙ୍ଗ ପୁନିଆ ମଧ୍ୟ ଏଥିପାଇଁ ବିନେଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



## ‘ସାମି ଏନର୍ଜି ଡ୍ରିଙ୍କ୍ ପିଇ ଅପରାଧ କରିନାହାନ୍ତି’

ନୂଆଦିଲ୍ଲୀ,୬।୩(ଏଜେନ୍ସି): ଦ୍ରୁତବୋଲର ମହମ୍ମଦ ସାମି ଚଳିତ ଚାମ୍ପିଅନ୍ସ ଟ୍ରଫି ଖେଳିବା ଅବସରରେ ଏନର୍ଜି ଡ୍ରିଙ୍କ୍ ଅର୍ଥାତ ଶକ୍ତିବର୍ଦ୍ଧକ ପାନୀୟ ପିଇବାକୁ ନେଇ ନୂଆ ବିବାଦ ସୃଷ୍ଟି ହୋଇଛି। ତାଙ୍କୁ ଏଥିପାଇଁ ଉତ୍ତରପ୍ରଦେଶ ବରେଲିର ଜଣେ ମୌଲାନା ତଥା ଅଲ ଇଣ୍ଡିଆ ମୁସ୍‌ଲିମ ଜମାତ ଅଧ୍ୟକ୍ଷ ଶାହାବୁଦ୍ଦିନ ରିଜଭି ନିନ୍ଦା କରିଛନ୍ତି। ସୋସିଆଲ ମିଡିଆରେ ଭିଡିଓ ଜାରି କରି ରମଜାନ ଚାଲିଥିବା ବେଳେ ସାମି ରୋଜା ନ ରଖି ଏଭଳି ପାନୀୟ ପିଇବା ଅପରାଧ ଓ ସାମି ଏଭଳି କରିବା ଆଦୌ ଉଚିତ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଅଲ ଇଣ୍ଡିଆ ମୁସଲିମ୍ ପର୍ସନାଲ ଲ ବୋର୍ଡ (ଏଆଇଏମ୍‌ପିଏଲ୍‌ବି) ସଦସ୍ୟ ମୌଲାନା ଖାଲିଦ ରସିଦ ଫରଙ୍ଗି ମାହିଲ ସାମିଙ୍କୁ ସମର୍ଥନ କରିଛନ୍ତି। ରମଜାନରେ ସବୁ ମୁସଲମାନ ରୋଜା ରଖିବା ବାଧ୍ୟତାମୂଳକ। ତେବେ ଯଦି କୌଣସି ବ୍ୟକ୍ତି ଅସୁସ୍ଥ ଥିବେ କିମ୍ବା ଯାତ୍ରା କରୁଥିବେ ତେବେ ତାଙ୍କ ପାଖରେ ରୋଜା ନ ରଖିବାର ବିକଳ୍ପ ରହିଛି।




## ପାରା ଭଲିବଲ ଖେଳାଳି ଚୟନ ଆଜିଠାରୁ

ଭୁବନେଶ୍ୱର,୬।୩ (ସମିସ): ଦ୍ୱାଦଶ ବରିଷ୍ଠ ସିଟିଂ ଭଲିବଲ ନ୍ୟାସନାଲ ଚାମ୍ପିଅନସିପ୍ ଲାଗି ପାରା ସ୍ପୋର୍ଟ୍ସ ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଶୁକ୍ରବାର ଓ ଶନିବାର ଦୁଇଦିନ ଧରି ଖେଳାଳି ଚୟନ କରାଯିବ। କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ପୁରୁଣା କାର୍ଯ୍ୟାଳୟ ପରିସରରେ ଏହି ଚୟନ ପ୍ରକ୍ରିୟା ଆସନ୍ତାକାଲି ପୂର୍ବାହ୍ଣରୁ ଆରମ୍ଭ ହେବ।

ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଟେନିସ

## ଉଦିତ-ଜୟପ୍ରକାଶ ଫାଇନାଲ

ଭୁବନେଶ୍ୱର,୬।୩(ସମିସ): ଟପ୍ ସିଡ୍ ହରିୟାଣାର ଉଦିତ କାମ୍ବୋଜ ଏବଂ ଦ୍ୱିତୀୟ ସିଡ୍ ତାମିଲନାଡୁର ଓଟି ଜୟପ୍ରକାଶଙ୍କ ମଧ୍ୟରେ ମେଜର ସନ୍ଦୀପ ମହାପାତ୍ର ସ୍ମାରକୀ ଏଆଇଟିଏ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଏକକ ଫାଇନାଲ ମୁକାବିଲା ହେବ। ଗଗୁରୁକୂଳ ଟେନିସ ଏକାଡେମୀ ଓ ରିସର୍ଟଠାରେ ଗୁରୁବାର ଅନୁଷ୍ଠିତ ସେମିଫାଇନାଲରେ ଉଦିତ୍‌ଙ୍କ ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକର ଦୀପକ ଏ’ ମ୍ୟାଚ୍ ଅଧାର ଓହରିଯାଇଥିଲେ। ଫଳରେ ଉଦିତ ଫାଇନାଲକୁ ଉନ୍ନୀତ ହୋଇଥିଲେ। ଅନ୍ୟ ସେମିଫାଇନାଲରେ ଜୟପ୍ରକାଶ ୬-୨, ୬-୩ ସିଧାସଳଖ ସେଟ୍‌ରେ ଟ୍ରେନିଂ ପାର୍ଟନର ପଶ୍ଚିମବଙ୍ଗର ଅବିନାଂଶୁ ବୋର୍ଥାକୁରଙ୍କୁ ପରାସ୍ତ କରିଥିଲେ। ରବିବାର ପୂର୍ବାହ୍ଣରେ ଫାଇନାଲ ମୁକାବିଲା ଖେଳାଯିବ।

ପୁରୁଷ ଯୁଗଳରେ ଏକାଡେମୀ ପ୍ରତିଷ୍ଠାତା ଚିନ୍ମୟ ପ୍ରଧାନ ଓ ତାଙ୍କ ତାମିଲନାଡୁ ପାର୍ଟନର କାଭିନ କାର୍ତ୍ତିକ ଫାଇନାଲକୁ ଉନ୍ନୀତ ହୋଇଛି। ଫାଇନାଲରେ ଏହି ଯୋଡି ତାମିଲନାଡୁର ଓଟି ଜୟପ୍ରକାଶ ଓ କର୍ଣ୍ଣାଟକର ଶେଖ ମହମ୍ମଦ୍ ଇଫତିକରଙ୍କ ଯୋଡିଙ୍କୁ ଭେଟିବେ। ଗୁରୁବାର ଖେଳାଯାଇଥିବା ସେମିଫାଇନାଲରେ ଚିନ୍ମୟ-କାର୍ତ୍ତିକଙ୍କ ଯୋଡି ୬-୩, ୩-୬, ୧୧-୯ ସେ ଉଦିତ-ଅଂଶୁମାନଙ୍କ ଯୋଡିଙ୍କୁ ହରାଇଥିଲେ। ଦ୍ୱିତୀୟ ସେମିରେ ଇଫତିକର-ଜୟପ୍ରକାଶଙ୍କ ଯୋଡି ୬-୩, ୪-୬, ୧୦-୦ରେ ୟୁପିର ଆନନ୍ଦ ଗୁପ୍ତା ଓ ଏମ୍‌ପିର ଦୀପ ମୁନୀମଙ୍କ ଯୋଡିଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଥିଲେ। ଶୁକ୍ରବାର ଫାଇନାଲ ସହ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜିତ ହେବ ବୋଲି ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଥିବା ଏଆଇଟିଏ ସୁପରଭାଇଜର ପ୍ରବୀଣ ନାୟକ ଜଣାଇଛନ୍ତି।



ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ

# ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ

ଭୁବନେଶ୍ୱର,୬।୩(ସମିସ): ମହେନ୍ଦ୍ର ଜେନା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରଥମ ଦଳ ଭାବେ ଫାଇନାଲ ରେ ପ୍ରବେଶ କରିଛି। ଗୁରୁବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପରାମାଉଣ୍ଟ ୨୩ ରନରେ ସହିଦ ସ୍ପୋର୍ଟିଂକୁ ପରାସ୍ତ କରି ଅଗ୍ରଗତି କରିଛି। ରବିବାର ଖେଳାଯିବାକୁ ଥିବା ଫାଇନାଲ ମୁକାବିଲାରେ ପରାମାଉଣ୍ଟ ଦ୍ୱିତୀୟ ସେମିଫାଇନାଲର ବିଜେତା ଆୟୋଜକ ଟାଉନକ୍ଲବ କିମ୍ବା ପ୍ରଗତି ସ୍ପୋର୍ଟିଂକୁ ଭେଟିବ। ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ପୁରୁଣା ଭୁବନେଶ୍ୱରସ୍ଥିତ ମୂଳା ପଡିଆରେ ଅନୁଷ୍ଠିତ ପ୍ରଥମ ସେମିରେ ଟସ୍ ହାରି ପାରାମାଉଣ୍ଟ ୩୩.୪ ଓଭରରେ ୧୮୮ ରନକରି ଅଲଆଉଟ ହୋଇଥିଲା। ପ୍ରଥମ ଦଳର ଦେବାଶିଷ ସାମନ୍ତରାୟ ସର୍ବାଧିକ ୭୧, ସୁଦର୍ଶନ ସ୍ୱାଇଁ ୩୮, ବିଦ୍ୟାଧର ବେହେରା ୧୮, ସାଇ ଶୁଭମ ୧୫ ରନ ସଂଗ୍ରହ କରିଥିଲେ। ବୋଲିଂରେ ସହିଦ ସ୍ପୋର୍ଟିଂର ସୁଶୀଲ ବାରିକ ସର୍ବାଧିକ ୫, ଶୁଭମ ଶତ୍ରୁଜିତ ଓ ସୌମ୍ୟରଞ୍ଜନ ମହାନ୍ତି ୨ଟି ଲେଖାଏ, ପାର୍ଥ ସାରଥୀ ନାୟକ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ୧୮୯ ରନ ଟାର୍ଗେଟର ପିଛା କରି ସହିଦ ସ୍ପୋର୍ଟିଂ ୩୫ ଓଭରରେ ୭ ୱିକେଟ ହରାଇ ୧୬୫ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ଦଳ ତରଫରୁ ଅବିନାଶ ଦାସ ୪୪, ସୁଶୀଲ ବାରିକ ୪୦, ପାର୍ଥ ସାରଥୀ ନାୟକ ୨୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ପାରାମାଉଣ୍ଟ ପାଇଁ ସାଇ ଶୁଭମ ଓ ସ୍ୱୟମ ସାର୍ଥକ ରାଉତରାୟ ୨ଟି ଲେଖାଏ, ବିଦ୍ୟାଧର ବେହେରା ଓ ଏସ୍‌କେ ନକିବ ସବିର ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ଦେବାଶିଷ ସାମନ୍ତରାୟଙ୍କୁ ଟାଉନ୍‌କ୍ଲବର ବରିଷ୍ଠ ସଦସ୍ୟ ପ୍ରମୋଦ କୁମାର ଦାସ ପୁରସ୍କୃତ କରିଥିଲେ।



ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ

## କେସିଙ୍ଗା କ୍ୱାର୍ଟରରେ

ବ୍ରହ୍ମପୁର,୬।୩(ସମିସ): ଏଠାରେ ଚାଲିଥିବା ୧୫ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ‘ପୁଲ-ବି’ର ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଆଲ୍ଫା ରାଇଜିଂ ଷ୍ଟାର କ୍ଲବକୁ ହରାଇ କେସିଏ କେସିଙ୍ଗା ଦଳ ପ୍ରି କ୍ୱାର୍ଟର ଫାଇନାଲକୁ ଉନ୍ନିତ ହୋଇଛି। ୪୦ଓଭର ବିଶିଷ୍ଟ ଏହି ମ୍ୟାଚରେ ଆଲ୍ଫା ରାଇଜିଂ ଷ୍ଟାର ଦଳ ପ୍ରଥମେ ବ୍ୟାଟିଂ କରି ୨୮.୬ଓଭରରେ କରିଥିଲା ମାତ୍ର ୧୧୩ରନ୍। ଦଳ ପକ୍ଷରୁ ଅଭିଜିତ ହୋତା ବ୍ୟକ୍ତିଗତ ସର୍ବାଧିକ ୨୭ରନ୍ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଶାଶ୍ୱତ ମହାନ୍ତି ୬ଓଭର ବୋଲିଂ କରି ୨୮ ରନ୍ ବିନିମୟରେ ୪ଟି ୱିକେଟ ଅକ୍ତିଆର କରିଥିଲେ। ସେହିଭଳି ଦଳ ପକ୍ଷରୁ କରନଦୀପ ସାଗୁ ଓ ଆଶୁତୋଷ ରାୟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୧୪ରନ୍‌ର ବିଜୟ ଲକ୍ଷ୍ୟ ନେଇ ଦ୍ୱିତୀୟରେ ବ୍ୟାଟିଂ କରି କେସିଙ୍ଗା ଦଳ ୨୪.୫ଓଭରରେ ୫ୱିକେଟ ହରାଇ ୧୧୯ ରନ୍ ସଂଗ୍ରହ କରି ବିଜୟ ଲାଭ କରିଥିଲା। ଦଳ ପକ୍ଷରୁ ସ୍ୱପ୍ନସୁନ୍ଦର ଭୂୟାଁ ୩୬ରନ୍ ସଂଗ୍ରହ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ଥିବା ବେଳେ ଶାଶ୍ୱତ ମହାନ୍ତି ୩୧ ଓ ଦୀପକ ପରିଡା ୧୧ଟି ବଲରୁ ଦ୍ରୁତ ୨୦ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ବୋଲର ଦୀନେଶ ରାଉତ ସର୍ବାଧିକ ୩ଟି ୱିକେଟ ଅକ୍ତିଆର କରିଥିବା ବେଳେ ସମୀର ସାହୁ ଓ ଅଭିଜିତ ହୋତା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ। ମ୍ୟାଚକୁ କେସିଙ୍ଗା ଦଳ ୫ୱିକେଟରେ ବିଜୟ ଲାଭ କରିଥିବା ବେଳେ ଦଳର ଶାଶ୍ୱତ ମହାନ୍ତିଙ୍କୁ ଅଲରାଉଣ୍ଡ ସଫଳତା ପାଇଁ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା। ଶୁକ୍ରବାର ପ୍ରି କ୍ୱାର୍ଟର ଫାଇନାଲ ମ୍ୟାଚ କେସିଏ (କେସିଙ୍ଗା) ବନାମ ଆଲ୍ଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଖେଳାଯିବ।

■ ତମାଣ୍ଡୋ କପ୍ ଟି-୨୦ କ୍ରିକେଟ

## ସେମିରେ ସାଇ-ଏମ୍ଏମ୍‌ସିସି




ଭୁବନେଶ୍ୱର,୬।୩ (ସମିସ): ଏଠାରେ ଚାଲିଥିବା ତମାଣ୍ଡୋ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନ୍ ଅପ୍ ଚୂଡାନ୍ତ ହୋଇଯାଇଛି। ମାର୍ଚ୍ଚ ୯ ତାରିଖ ରବିବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ସାଇ ଏକାଦଶ ସହ ସମ୍ବଲପୁରର ଏମ୍ଏମ୍‌ସିସିର ମୁକାବିଲା ହେବ। ସେହିପରି ମାର୍ଚ୍ଚ ୧୦ ତାରିଖ ସୋମବାର ହେବାକୁ ଥିବା ଦ୍ୱିତୀୟ ସେମିଫାଇନାଲରେ ଆୟୋଜକ ତମାଣ୍ଡୋ କ୍ରିକେଟ କ୍ଲବ୍ ସହ କଟକର ଆଇକନିକ୍ ଏକାଦଶ ଭେଟିବ। ତମାଣ୍ଡୋ କ୍ରିକେଟ କ୍ଲବ୍ ପଡ଼ିଆରେ ମାର୍ଚ୍ଚ ୧୨ତାରିଖ ବୁଧବାର ଫାଇନାଲ ମୁକାବିଲା ଖେଳାଯିବ। ଶୁକ୍ରବାର ଓ ଶନିବାର ଏହି ଟୁର୍ଣ୍ଣାମେଣ୍ଟର ବିଶ୍ରାମ ଦିବସ ରହିଛି।

ଗୁରୁବାର ଖେଳାଯାଇଥିବା ଶେଷ ଲିଗ୍ ମ୍ୟାଚ୍‌ରେ ସାଇ ଏକାଦଶ ୧୯ ରନ୍‌ରେ ଟେମ୍ପଲସିଟି ଷ୍ଟାର୍ସକୁ ପରାସ୍ତ କରିଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରି ସାଇ ଏକାଦଶ ୬ ୱିକେଟରେ ୧୭୦ ରନ୍ କରିଥିଲା। ଜବାବରେ ଟେମ୍ପଲସିଟି ସମାନ ୨୦ ଓଭର ଖେଳି ୮ ୱିକେଟରେ ୧୫୧ ରନ୍ କରିବାକୁ ସମର୍ଥ ହୋଇଥିଲା। ବିଜୟୀ ଦଳ ପକ୍ଷରୁ ୪ ଓଭର ବୋଲିଂ କରି ୧୯ ରନ୍ ବିନିମୟରେ ୩ଟି ୱିକେଟ ନେଇଥିବା ବିପ୍ଳବ ସାମନ୍ତରାୟଙ୍କୁ ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଶିବଶକ୍ତି କ୍ଲବ୍‌ର ସମ୍ପାଦକ ସୁକାନ୍ତ କୁମାର ପଟ୍ଟନାୟକ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS